

ଅନନ୍ତ ଅମ୍ବାନୀଙ୍କୁ 'ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ପୁରସ୍କାର' ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 257 | ଭାଗ ୩୩ | ସଂଖ୍ୟା ୨୫୭ | Wednesday 10 December 2025 | Page 8 Rs. 5.00 | ● ଭୁବନେଶ୍ୱର ବୁଧବାର ୧୦ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ସୂର୍ଯ୍ୟ ବ୍ରିଗେଡ୍‌ଙ୍କ ବାରବାଟୀ ବିଜୟ





## ହାର୍ଦ୍ଦିକଙ୍କ ବିସ୍ଫୋରଣ ପରେ ବୋଲର୍‌ଙ୍କ କମାଲ

## ଦକ୍ଷିଣ ଆଫ୍ରିକା ୭୪ ରନ୍‌ରେ ସୀମିତ

## ଭାରତ ୧-୦ରେ ସିରିଜ ଆଗୁଆ

କଟକ,୯।୧୨(ସଂଚାର ବ୍ୟୁରୋ): ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ପରେ ବୋଲରଙ୍କ ଘାତକ ବୋଲିଂ। ବାରବାଟୀରେ ଖେଳା ଯାଇଥିବା ପ୍ରଥମ ଟି-୨୦ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୧୦୧ ରନରେ ହରାଇଛି। ସହଜ ବିଜୟ ସହ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି ଟିମ୍ ଇଣ୍ଡିଆ। ଭାରତ ପ୍ରଥମେ ବ୍ୟାଟିଂ କରି ପାଣ୍ଡ୍ୟାଙ୍କ ବିସ୍ଫୋରକ ୫୯ ରନ ବଲରେ ୬ ଓ୍ୱିକେଟ୍ ହରାଇ ୧୭୫ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୨.୩ ଓଭରରେ ୭୪ ରନରେ ଅଲଆଉଟ୍ ହୋଇଛି। ଏଥିସହ ବାରବାଟୀରେ ଭାରତ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ବିଜୟ ହାସଲ କରିଛି।

୧୭୬ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଦକ୍ଷିଣ ଆଫ୍ରିକାର ଆରମ୍ଭ ନୈରାଶ୍ୟଜନକ ଥିଲା। ଦଳ ନିୟମିତ ବ୍ୟବଧାନରେ ଓ୍ୱିକେଟ୍ ହରାଇ ଚାଲିଥିଲା। ଅର୍ଶଦୀପ ସିଂ ଡିକକଙ୍କୁ ଖାତା ଖୋଲିବାକୁ ଦେଇ ନ ଥିଲେ। ଏହା ପରେ ଟ୍ରିଷ୍ଟନ ଷ୍ଟବ୍ସ(୧୪ ରନ)ଙ୍କୁ ପାଭିଲିୟନ ପଠାଇଥିଲେ। ମଧ୍ୟକ୍ରମରେ ବ୍ରେଭିସ ୨୨ ରନ କରିଥିଲେ। ଫରେରା ୧୨ ରନ ଓ ଡେଭିଡ ମିଲର ୧ ରନ କ୍ରିଜରେ ତିଷ୍ଠିପାରି ନ ଥିଲେ। ମାର୍କୋ ଜନସେନ ୧୨ ରନ କରିବାକୁ ସମର୍ଥ ହୋଇଥିଲେ। ହେଲେ କୌଣସି ବ୍ୟାଟର ବଡ଼ ଇନିଂସ ଖେଳିବାରେ ସମର୍ଥ ହୋଇ ନ ଥିଲେ। ଶେଷରେ ଦକ୍ଷିଣ ଆଫ୍ରିକା ୧୨.୩ ଓଭରରେ ୭୪ ରନରେ ଅଲଆଉଟ୍ ହୋଇଛି। ବୋଲିଂରେ ଅର୍ଶଦୀପ ସିଂ ୧୪ ରନ ଦେଇ ୨ଟି ଓ ବୁମରା ୩ ଓଭରରେ ୧୭ ରନ ଦେଇ ୨ଟି ଓ୍ୱିକେଟ୍ ନେଇଥିଲେ। ସେହିପରି ବରୁଣ ଚକ୍ରବର୍ତ୍ତୀ ୩ ଓଭରରେ ୧୯ ରନ ଦେଇ ୨ଟି ଓ୍ୱିକେଟ୍ ଓ ଅକ୍ଷର ପଟେଲ୍ ୨ ଓଭରରେ ମାତ୍ର ୭ ରନ ଦେଇ ୨ଟି ଓ୍ୱିକେଟ୍ ଅକ୍ତିଆର କରିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ବ୍ୟାଟିଂ ପରେ ବୋଲିଂରେ ମଧ୍ୟ ଗୋଟିଏ ଓ୍ୱିକେଟ୍ ନେଇଛନ୍ତି। ଶିବମ ଦୁବେଙ୍କୁ ଗୋଟିଏ ସଫଳତା ମିଳିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତକୁ ପ୍ରଥମ ଓଭରରେ ଝଟକା ଲାଗିଥିଲା। ଶୁଭମନ ଗିଲ୍(୪ ରନ) ବଡ଼ ସଟ୍ ଖେଳିବାକୁ ଯାଇ ଲୁଙ୍ଗି ଏନଗିଡିଙ୍କ ➪ପୃଷ୍ଠା-୬

### ଟିମ୍ ଇଣ୍ଡିଆକୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

କଟକ,୯।୧୨(ସଂଚାର ବ୍ୟୁରୋ): ବାରବାଟୀ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ବିରୋଧରେ ଟିମ ଇଣ୍ଡିଆର ଚମତ୍କାର ବିଜୟ ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅଭିନନ୍ଦନ ଜଣାଇଛନ୍ତି। ବାରବାଟୀରେ ଦର୍ଶକଙ୍କ ଉତ୍ସାହ ଓ ଆମ ଖେଳାଳିଙ୍କ ଦୃଢ଼ ମନୋବଳ ଦେଶବାସୀଙ୍କୁ ଖୁସି କରିଛି ବୋଲି ସେ କହିଛନ୍ତି। ଦଶନ୍ଧୀ ଧରି ବାରବାଟୀର ଅଭୁଲା ମୁହୂର୍ତ୍ତ ଓ ଆଜିର କ୍ରିକେଟ କୋଳାହଳ ପୁରୁଣା ସ୍ମୃତିକୁ ପୁଣି ଜୀବନ୍ତ କରିପକାଇଛି। ଏଠାକାର ପ୍ରସ୍ତୁତି ଓ ମ୍ୟାଚ ଆୟୋଜନକୁ ସେ ପ୍ରଶଂସା କରିଛନ୍ତି। କ୍ରୀଡ଼ା ପ୍ରଶାସନ, କ୍ରୀଡ଼ା କର୍ମକର୍ତ୍ତା ତଥା ସ୍ୱେଚ୍ଛାସେବୀମାନଙ୍କ ସମନ୍ୱୟ ଯୋଗୁଁ ଏଭଳି ସଫଳତା ମିଳିଛି। ଏହା ଓଡ଼ିଶା ଓ ଭାରତ ପାଇଁ ଏକ ବିଶେଷ ଖୁସିର ମୁହୂର୍ତ୍ତ ବୋଲି ସେ ପ୍ରକାଶ କରିଛନ୍ତି।

ଧର୍ମେନ୍ଦ୍ରଙ୍କୁ ଭେଟିଲେ ସାଉଦି ଆରବ ଶିକ୍ଷାମନ୍ତ୍ରୀ

# ଶିକ୍ଷା ଓ ଗବେଷଣାରେ ମଜଭୂତ ହେବ ସହଯୋଗ



## ପରସ୍ପରର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ସ୍ଥାପନ ନେଇ ଚର୍ଚ୍ଚା

## ସାଉଦି ଛାତ୍ରଛାତ୍ରୀଙ୍କୁ ଭାରତରେ ଅଧ୍ୟୟନ ପାଇଁ ଆମନ୍ତ୍ରଣ

ନୂଆଦିଲ୍ଲୀ,୯।୧୨(ସଂଚାର ବ୍ୟୁରୋ): ସାଉଦି ଆରବର ଶିକ୍ଷା ମନ୍ତ୍ରୀ ଓ୍ୱାଇ.ବି ଅବଦୁଲ୍ଲା ଅଲ୍-ବେନିଆନ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରିଛନ୍ତି। ଶିକ୍ଷା ଏବଂ ଗବେଷଣାରେ ଭାରତ-ସାଉଦି ଆରବ ସହଯୋଗକୁ ଆହୁରି ମଜବୁତ କରିବା ଦିଗରେ ଉଭୟ ମନ୍ତ୍ରୀ ଚର୍ଚ୍ଚା କରିଛନ୍ତି। ଏହି ଆଲୋଚନା କାଳରେ ଦୁଇ ଦେଶ ମଧ୍ୟରେ ଶିକ୍ଷା, ଉଦ୍ଭାବନ ତଥା ଗବେଷଣା କ୍ଷେତ୍ରରେ ସହଯୋଗକୁ ଆହୁରି ଗଭୀର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦୁଇ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ➪ପୃଷ୍ଠା-୬

ବିଧାୟକମାନଙ୍କୁ ସରକାରଙ୍କ ନୂଆବର୍ଷ ଭେଟି

# ତିନିଗୁଣ ବଢ଼ିଲା ଦରମା ଓ ଭତ୍ତା



## ୨୦୨୪ ଜୁନ ୫ରୁ ପିଛିଲା ଭାବେ ଲାଗୁ ହେବ

ଭୁବନେଶ୍ୱର,୯।୧୨(ସଂଚାର ବ୍ୟୁରୋ): ମନ୍ତ୍ରୀ, ବିଧାୟକଙ୍କ ଦରମା ଓ ଭତ୍ତା ସହ ପୂର୍ବତନ ବିଧାୟକଙ୍କ ପେନସନ ପ୍ରାୟ ଅଢେଇଗୁଣା ବଢ଼ିଛି। ଆଜି ବିଧାନସଭାରେ ସର୍ବସମ୍ମତ କ୍ରମେ ଏ ସମ୍ପର୍କିତ ଚାରୋଟି ବିଲ ଗୃହିତ ହୋଇଛି। ଏହି ବର୍ଦ୍ଧିତ ଦରମା, ଭତ୍ତା ଓ ପେନସନ ପିଛିଲା ଭାବେ ଗତ ୨୦୨୪ ଜୁନ ୫ ତାରିଖରୁ ଲାଗୁ ହେବ।

ଏଣିକି ବିଧାନସଭାର ସବୁ ବିଧାୟକଙ୍କ ଦରମା ମାସକୁ ୩୫ ହଜାରରୁ ୯୦ ହଜାର ବୃଦ୍ଧି ପାଇଛି। ବିରୋଧୀ ଦଳ ନେତା ଓ ସରକାରୀ ମୁଖ୍ୟ ସଚେତକ ମାସକୁ ୪୦ ହଜାର ବଦଳରେ ୯୬ ହଜାର ଟଙ୍କା ପାଇବେ। ଉପମୁଖ୍ୟ ସଚେତକଙ୍କ ଦରମା ୩୬ ହଜାରରୁ ୯୨ ହଜାରକୁ ବୃଦ୍ଧି ପାଇଛି। ଦରମା ବ୍ୟତୀତ ବିଧାୟକଙ୍କ ନିର୍ବାଚନମଣ୍ଡଳୀ ଓ ସଚିବାଳୟ ଭତ୍ତା ବାବଦରେ ମାସକୁ ମିଳିବ ୭୫ ହଜାର ଟଙ୍କା। ପୂର୍ବରୁ ଏ ବାବଦରେ ସେମାନେ ପାଉଥିଲେ ୨୦ ହଜାର ଟଙ୍କା। ଏଥିସହ ଏଣିକି ସେମାନଙ୍କୁ ବୈଠକ ଭତ୍ତା ବାବଦରେ ଦୈନିକ ୧୫ ଶହ ବଦଳରେ ୩ ହଜାର ଟଙ୍କା ମିଳିବ। ରାଜ୍ୟ ବାହାରକୁ ଗଲେ ଦୈନିକ ୨ ହଜାର ବଦଳରେ ୧୦ ହଜାର ଟଙ୍କା ଭତ୍ତା ମିଳିବ। ଗସ୍ତ ଖର୍ଚ୍ଚ ବାବଦରେ ଜଣେ ବିଧାୟକ ନିଜ କାର୍‌ରେ କିମ୍ବା ଭଡ଼ା କାରରେ ଯାତାୟାତ କଲେ ରାଜ୍ୟ ଭିତରେ କିମି ପିଛା ୨୫ ଟଙ୍କା ଓ ରାଜ୍ୟ ବାହାରେ କିମି ପିଛା ୩୫ ଟଙ୍କା ଦିଆଯିବ। ପୂର୍ବରୁ ଏ ବାବଦରେ ଯଥାକ୍ରମେ ୧୫ ଓ ୨୦ ଟଙ୍କା ମିଳୁଥିଲା। ଏହି ଅତିରିକ୍ତ ପରିବହନ ଭତ୍ତା ପୂର୍ବରୁ ୧୫ ହଜାର ଦିଆଯାଉଥିବା ବେଳେ ଏବେ ମାସକୁ ୫୦ ହଜାର ଟଙ୍କା ମିଳିବ। ବହି ଓ ପତ୍ରିକା କିଣିବାକୁ ମାସିକ ୧୦ ହଜାର ଟଙ୍କା ଦିଆଯିବ। ବିଦ୍ୟୁତ ➪ପୃଷ୍ଠା-୬

### ପୂର୍ବତନ ବିଧାୟକଙ୍କୁ ୮୦ ହଜାର ପେନସନ

**ବିଜ୍ଞପ୍ତି ପ୍ରକାଶ ଦିନରୁ ପେନସନ ପାଇଁ ଯୋଗ୍ୟ**

**ବଢ଼ିଲା ଚିକିତ୍ସା ଓ ଗସ୍ତ ଖର୍ଚ୍ଚ**

ବିଧାୟକମାନଙ୍କ ଅବସର ପରେ ପେନସନ ପରିମାଣ ମାସିକ ୮୦ ହଜାରକୁ ବୃଦ୍ଧି କରାଯାଇଛି। ପୂର୍ବରୁ ୩୫ ହଜାର ଟଙ୍କା ପେନସନ ବାବଦରେ ମିଳୁଥିଲା। ପୂର୍ବ ନିୟମ ଅନୁସାରେ, ଗୋଟିଏ ବର୍ଷ ବିଧାୟକ ଭାବେ କାର୍ଯ୍ୟ କରିଥିଲେ ମାସିକ ୩୫ ହଜାର ମିଳୁଥିଲା। ପରବର୍ତ୍ତୀ ଅଧିକ କାର୍ଯ୍ୟକାଳ ଅନୁସାରେ ପେନସନ ପରିମାଣ ବଢୁଥିଲା। ଏଥିସହ ପେନସନ ପାଇଁ ରହିଥିବା ଗୋଟିଏ ବର୍ଷର କାର୍ଯ୍ୟକାଳ ନିୟମରେ ସଂଶୋଧନ କରାଯାଇଛି। ଏଣିକି ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ ଜଣେ ବିଧାୟକ ପେନସନ ପାଇବାକୁ ଯୋଗ୍ୟ ହେବେ। ପାଞ୍ଚ ବର୍ଷ ବିଧାୟକ ହେବା ପରେ ପରବର୍ତ୍ତୀ ଯେତେ ଅଧିକ ବର୍ଷ ➪ପୃଷ୍ଠା-୬

'ବନ୍ଦେ ମାତରମ'ର ୧୫୦ ପୂର୍ତ୍ତି ଉତ୍ସବ ପାଳିବ ଓଡ଼ିଶା

# ସ୍କୁଲ, କଲେଜ, ସାଂସ୍କୃତିକ ଅନୁଷ୍ଠାନରେ ସମୂହ ଗାନ



ଭୁବନେଶ୍ୱର,୯।୧୨(ସଂଚାର ବ୍ୟୁରୋ): 'ବନ୍ଦେ ମାତରମ' ଜାତୀୟ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ଉତ୍ସବକୁ ରାଜ୍ୟବ୍ୟାପୀ ପାଳନ କରାଯିବ। ଆଜି ଏନେଇ ବିଧାନସଭାରେ ସର୍ବସମ୍ମତ କ୍ରମେ ସଙ୍କଳ୍ପ ଗୃହୀତ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆଗତ ଏହି ସଙ୍କଳ୍ପକୁ ଉଭୟ ବିଜେଡି ଓ କଂଗ୍ରେସ ସମର୍ଥନ କରିଥିଲେ। କିନ୍ତୁ ୧୫୦ ପୂର୍ତ୍ତି ଉତ୍ସବ ପାଳନ ନାଁରେ ହେଉଥିବା ବିଭାଜନ ଚକ୍ରାନ୍ତକୁ କଂଗ୍ରେସ ନିନ୍ଦା କରିଥିଲା।

ସଙ୍କଳ୍ପ ଆଲୋଚନାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଥିଲେ ଯେ, ବନ୍ଦେ ମାତରମ କେବଳ ଏକ ଗୀତ ନୁହେଁ, ଏହା ଏକ ସାମୂହିକ ସ୍ମୃତି ଓ ସାଂସ୍କୃତିକ ଶକ୍ତି। ସ୍ୱାଧୀନତାର ବନ୍ଦେ ମାତରମ୍ ପରି କାଳଜୟୀ ଗୀତ ଆମ ହୃଦୟରେ ଦେଶ ପ୍ରେମର ଗଭୀର ଅନୁଭବ ସୃଷ୍ଟି କରେ। ବ୍ରିଟିଶ ଶାସନର ଶିକୁଳିରେ ବନ୍ଧା ହେଉଥିଲେ, ନ ହେଲେ ହସି ହସି ଫାଶୀ ଖୁଣ୍ଟରେ ଝୁଲି ପଡୁଥିଲେ। ବନ୍ଦେ ମାତରମ୍ର ୧୫୦ତମ ବର୍ଷ ପୂର୍ତ୍ତି ୨୦୨୬ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଏକ ବର୍ଷ ଧରି ଦେଶବ୍ୟାପୀ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାର ସେହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଏବଂ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା, ପ୍ରତ୍ୟେକ ବିଦ୍ୟାଳୟ, ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ, ପ୍ରତ୍ୟେକ ସଂସ୍କୃତିକ କେନ୍ଦ୍ରରେ ବନ୍ଦେ ମାତରମ୍ ଉତ୍ସବ କରାଯିବ। ମହାଭାରତୀୟତାର ମନ୍ତ୍ର ୧୪୦ କୋଟି ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାକୁ ଏହା ଏକ ପ୍ରୟାସ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଏହି ସଙ୍କଳ୍ପକୁ ସ୍ୱାଗତ କରି ବିଜେଡିର ସମର୍ଥନ ଘୋଷଣା କରିଥିଲେ। ସେ କହିଥିଲେ ଭାରତ ଏକ ଜାତି ନୁହେଁ, ଏହା ମହାନ ସଂସ୍କୃତିର ଆଧାର। 'ବନ୍ଦେ ମାତରମ' ଭାରତର ଆତ୍ମା ଓ ପରିଚୟ। ବନ୍ଦେ ମାତରମ ବିଭାଜନର ନୁହେଁ, ଯୋଡିବାର ସଙ୍ଗୀତ। ଏହାକୁ ନେଇ ବିଭେଦ ସୃଷ୍ଟି କରାନଯାଉ। କିନ୍ତୁ ବନ୍ଦେ ମାତରମର ସମ୍ପୂର୍ଣ୍ଣ ଗୀତକୁ ସମ୍ବିଧାନ ସ୍ୱୀକୃତି ଦେଇନି। କେବଳ ଦୁଇଟି ପଦକୁ ହିଁ ସ୍ୱୀକୃତି ମିଳିଛି।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ମଧ୍ୟ ଏହି ସଙ୍କଳ୍ପକୁ ସମର୍ଥନ କରିଥିଲେ। କିନ୍ତୁ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ପାଇଁ ବିଜେପି ଏବେ କାହିଁକି ଅଣ୍ଟାଭିଡିଛି ତାକୁ ନେଇ ସେ ପ୍ରଶ୍ନ କରିଥିଲେ। ଆଗକୁ ପଶ୍ଚିମବଙ୍ଗ ନିର୍ବାଚନ ଥିବାରୁ ବିଜେପି ଏହାକୁ ଏକ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି ବୋଲି ସେ କହିଥିଲେ। ଏହି ସଙ୍ଗୀତ ଗାନ ➪ପୃଷ୍ଠା-୬

# ସିଏଜି ଧରାଇଦେଲା ସତ



## ଚୁଲିକୁ ଯାଇଥିଲା ପ୍ରାଥମିକ ଶିକ୍ଷା ବ୍ୟବସ୍ଥା

## ବଜେଟ ଅର୍ଥ ଖର୍ଚ୍ଚ ହୋଇପାରୁନଥିଲା

## ସ୍କୁଲରେ ନଥିଲା ଆବଶ୍ୟକ ଭିତ୍ତିଭୂମି

ଭୁବନେଶ୍ୱର,୯।୧୨(ସଂଚାର ବ୍ୟୁରୋ): ବ୍ୟାପକ ଅବ୍ୟବସ୍ଥାରେ ଚାଲିଥିଲା ରାଜ୍ୟର ପ୍ରାଥମିକ ଶିକ୍ଷା। ବଜେଟ ଖର୍ଚ୍ଚ ହୋଇନପାରିବ, ନାମଲେଖା ହାର ହ୍ରାସ ପାଇବା, ଆବଶ୍ୟକ ଶ୍ରେଣୀଗୃହର ଅଭାବ ସର୍ବୋପରି ମାଗଣା ପାଠ୍ୟପୁସ୍ତକ ଓ ସାଇକେଲ ମଧ୍ୟ ସବୁ ଛାତ୍ରଛାତ୍ରୀଙ୍କ ପାଖରେ ପହଁଚିପାରିନଥିଲା। ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟରେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଉପରେ ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ରିପୋର୍ଟରୁ ଏହା ଜଣାପଡ଼ିଛି। ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ରିପୋର୍ଟକୁ ଗୃହରେ ଉପସ୍ଥାପନ କରିଛନ୍ତି।

୨୦୧୮ରୁ ୨୦୨୩ ମଧ୍ୟରେ ସିଏଜି ୬ଟି ଜିଲ୍ଲାର ୧୨ଟି ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ନମୂନା ଭାବେ ଗ୍ରହଣ କରିଥିଲେ। ସେଥିରୁ ଜଣାପଡିଛି ଯେ, ଏହି ସମୟ ମଧ୍ୟରେ ବଜେଟ ପ୍ରାବଧାନର ୪୪ ପ୍ରତିଶତ ଖର୍ଚ୍ଚ ହେଉଥିବା ବେଳେ ୧୨ ପ୍ରତିଶତ ସଞ୍ଚୟ ପ୍ରତିବର୍ଷ ଫେରିଯାଉଥିଲା। ସେହିଭଳି ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ମୋଟ ନାମଲେଖା ଅନୁପାତ ଜାତୀୟ ସ୍ତରରେ ବୃଦ୍ଧି ପାଉଥିବା ବେଳେ ରାଜ୍ୟରେ କ୍ରମାଗତ ➪ପୃଷ୍ଠା-୬

ରାଷ୍ଟ୍ରପତିଙ୍କ କଥା ମାନିଲେ ବିଧାୟକ

# ବିନା ହଟ୍ଟଗୋଳରେ ସରିଲା ଶୀତ ଅଧିବେଶନ



ଭୁବନେଶ୍ୱର,୯।୧୨(ସଂଚାର ବ୍ୟୁରୋ): ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓଡିଶା ବିଧାନସଭାରେ ଭାବ ବିହ୍ୱଳ ହୋଇ ଯେଉଁ ପରାମର୍ଶ ଦେଇଥିଲେ ତାହାକୁ ବିଧାୟକମାନେ ଅକ୍ଷରେ ଅକ୍ଷରେ ପାଳନ କରିଥିବା ଲକ୍ଷ୍ୟ କରାଯାଇଛି। ଶୀତ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଉପସ୍ଥିତ ସଦସ୍ୟମାନଙ୍କୁ ଲୋକଙ୍କ ପାଇଁ କାମ କରିବା ଓ ଶୃଙ୍ଖଳିତ ଆଚରଣ ପାଇଁ ଯେଉଁ ପରାମର୍ଶ ଦେଇଥିଲେ ପୂରା ଅଧିବେଶନରେ ତାହା ପରିଲକ୍ଷିତ ହୋଇଥିଲା।

ଶୀତ ଅଧିବେଶନରେ ଧାନମଣ୍ଡି ଖୋଲିବାରେ ବିଳମ୍ବ, ଅନ୍ୱେଷାରେ ନାମଲେଖା ବନ୍ଦ ହେବା, ଖାଲି ପଡ଼ିଥିବା ପଦପଦବୀରେ ନିଯୁକ୍ତି, ମାନବ ଚାଲାଣ ଠାରୁ ଆରମ୍ଭ କରି ମାଲକାନଗିରିରେ ଗୃହଦାହ ପ୍ରସଙ୍ଗ ଉଠିଥିଲେ ବି ସଦସ୍ୟମାନେ ଅତ୍ୟନ୍ତ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିଲେ। ପୂର୍ବଭଳି ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହୋ ହଲ୍ଲା କରିବା, ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବା, ବଂଇଶୀ, ଘଣ୍ଟା ବଜାଇବା ଆଦି ଏଥର ଦେଖିବାକୁ ମିଳିନଥିଲା। ପୂର୍ବ ଅଧିବେଶନରେ ସାଧାରଣତଃ ପ୍ରଶ୍ନକାଳ ଆରମ୍ଭରୁ ➪ପୃଷ୍ଠା-୬

### ୧୮ ଦିନ ପୂର୍ବରୁ ସରିଲା ବିଧାନସଭା

ଚଳିତ ବର୍ଷର ସବୁଠାରୁ ବଡ ଅଧିବେଶନ ଥିବା ଶୀତ ଅଧିବେଶନ ୧୮ଟି କାର୍ଯ୍ୟ ଦିବସ ପୂର୍ବରୁ ଶେଷ ହୋଇଛି। ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ମୋଟ୍ ୨୯ଦିନ ଗୃହକାର୍ଯ୍ୟ ଚାଲିବାପାଇଁ ସ୍ଥିର ହୋଇଥିବାବେଳେ ଏହା କିନ୍ତୁ ୧୧ଟି କାର୍ଯ୍ୟଦିବସ ପରେ ଅନିର୍ଦ୍ଧିଷ୍ଟ ପାଇଁ ମୁଲତବି ରହିଛି। ଏହି ୧୧ଟି କାର୍ଯ୍ୟ ଦିବସରେ ୨୮ଟି ତାରକା ପ୍ରଶ୍ନ ଉପରେ ଗୃହରେ ଆଲୋଚନା ହୋଇଥିବା ବେଳେ ୨୯୯୫ଟି ଅଣତାରକା ପ୍ରଶ୍ନ ଉତ୍ତର ବିଭାଗୀୟ ମନ୍ତ୍ରୀମାନେ ଲିଖିତ ଭାବେ ଗୃହରେ ରଖିଛନ୍ତି। ଏହି ସମୟ ମଧ୍ୟରେ ୩୧ଟି କାଗଜ, ୪ଟି ବାର୍ଷିକ ରିପୋର୍ଟ, ୩ଟି କମିଟି ରିପୋର୍ଟ ଗୃହରେ ଉପସ୍ଥାପିତ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ୪ଟି ବିବୃତ୍ତି ରଖିଛନ୍ତି। ସେହିଭଳି ୭ଟି ବିଲ୍ ଗୃହର ଅନୁମୋଦନ ଲାଭ କରିଥିବାବେଳେ ଅଧିବେଶନର ଶେଷ ଦିନରେ ଗୃହରେ ସିଏଜି ରିପୋର୍ଟ ଉପସ୍ଥାପନ ହୋଇଥିଲା। ଏଥିସହ ଅଧିବେଶନ କାଳରେ ୨ଟି ସରକାରୀ ସଙ୍କଳ୍ପ ଗୃହର ପାରିତ ହୋଇଛି।


## ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ

Mail :- sancharodisha@gmail.com
Whatsapp :- +91 8093008776

## ବୟସକୁ ଚଞ୍ଚକତା କରି ଭତ୍ତା ହାତେଇ ନେଇଥିବା ଅଭିଯୋଗ

**କେନ୍ଦ୍ରାପଡ଼ା,୯।୧୨(ସଂଚାର ବ୍ୟୁରୋ):** ଭୋଟର ତାଲିକାରେ ବୟସକୁ ଚଞ୍ଚକତା ପୂର୍ବକ ବୃଦ୍ଧି କରି ଭତ୍ତା ହାତେଇ ନେଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ ଅଧିନ ବସପୁର ଗ୍ରାମର ମହନ୍ତି ଚରଣ ନାୟକଙ୍କ ପୁଅ କୈଳାସ ଚନ୍ଦ୍ର ନାୟକ ଓ ତାଙ୍କ ପତ୍ନୀ ରଞ୍ଜିତା ନାୟକଙ୍କ ବୟସ ୨୦୨୩ମସିହା ଭୋଟର ତାଲିକାରେ ପାଟକୁରା ବିଧାନସଭା କ୍ଷେତ୍ରର ୧୧୩ନମ୍ବର ବୁଥରେ ଘର ନମ୍ବର-୩୦ରେ ୪୭ ବର୍ଷ ଥିବା ରେକର୍ଡ ରହିଛି । କିନ୍ତୁ ଉଭୟ ପତିପତ୍ନୀ ସେମାନଙ୍କ ବୟସ ୨୦୨୪ମସିହା ଭୋଟର ତାଲିକାରେ ଚଞ୍ଚକତା କରି ଯଥାକ୍ରମେ ୬୧ ଓ ୬୦ ବର୍ଷ କରିବେବା ସହ ଦୁଇଜଣ ଯାକ ବାର୍ଦ୍ଧକ୍ୟ ଭତ୍ତା ହାତେଇ ନେଉଥିବା ଅଭିଯୋଗ ହୋଇଛି । ଅଭିଯୋଗକାରୀ ସୁମନ୍ତ ସ୍ବାଇଁ, ଅକ୍ଷୟ କୁମାର ନାଥ, ରଞ୍ଜନ ନାୟକ, ରାଜେନ୍ଦ୍ର ଦାସ, ସୁକାନ୍ତ କୁମାର ମହାରଣା, ସୁଜିତ ରଣା ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଏସମ୍ପର୍କରେ ଲିଖିତ ଅଭିଯୋଗ କରିବା ସହିତ ଏହି ଘଟଣାର ବିଧିବଦ୍ଧ ତଦନ୍ତ କରାଯିବାକୁ ଦାବି କରିଛନ୍ତି ।

## ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ, ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱ

**କେନ୍ଦ୍ରାପଡ଼ା, ୯।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ମଲିକ, ନବକ୍ରାନ୍ତ ଜେନା (ସାଧାରଣ), ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ସୁପର ଭାଇଜର, ଜିଲ୍ଲା ରାଜସ୍ୱ ଅଧିକାରୀ, ଅବକାରୀ ଅଧୀକ୍ଷକ, ପୂର୍ତ୍ତ ଓ ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ବାଲି ସୈରାତ, ଖଣି ଖାଦାନ ଗୁଡିକର ରାଜସ୍ୱ ଆଦାୟ, ବେଆଇନ ଭାବରେ ଚାଲିଥିବା ମାଟି ଉଠାଣ ବନ୍ଦ କରିବା,ରାଜସ୍ୱ ମାମଲା ଫଏସଲା ଯଥା-ଜବରଦଖଲ ଉଚ୍ଛେଦ, ବସୁନ୍ଧରା ସର୍ଭେ, ଖଜଣା ଆଦାୟ, (ଖାତା) ଜମିପଟ୍ଟା ସଂଶୋଧନ, ଦାଖଲ, ଖାରଜ ମାମଲା ଫଏସଲା, ବିଭିନ୍ନ ଲାଇନ ଡିପାଟମେଣ୍ଟ ର ମାଗିଥିବା ଜାଗାକୁ ଚିହ୍ନଟ କରି ସେମାନଙ୍କୁ ପ୍ରଦାନ କରିବା, ଜିଲ୍ଲାରେ ବସବାସ କରୁଥିବା ଭୂମିହୀନଙ୍କୁ ଚିହ୍ନଟ କରି ପଟ୍ଟା ପ୍ରଦାନ ଆଦି ସମ୍ପର୍କରେ ଆଲୋଚନା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଜିତ ଏହି ବୈଠକରେ ଜିଲ୍ଲାର ସମସ୍ତ ଲାଇନ ଡିପାଟମେଣ୍ଟ ର ଅଧିକାରୀ ଉପସ୍ଥିତ ଥିଲେ ।

# ନିଶ୍ଚିନ୍ତକୋଇଲି ବ୍ଲକରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

### ପାଠପଢ଼ା ଛାଡ଼ି ଶିକ୍ଷକ ଅନ୍ୟାନ୍ୟ କାମରେ ବ୍ୟସ୍ତ
### ଭେଣ୍ଡିଆ ପୁଅ ସାଜିଛି ଶିକ୍ଷକ
### ମଧାହ୍ନଭୋଜନରେ ଅନିୟମିତତା ଅଭିଯୋଗ



**ନିଶ୍ଚିନ୍ତକୋଇଲି,୯।୧୨ (ସଂଚାର ବ୍ୟୁରୋ):** ଯେଉଁଠି କେନ୍ଦ୍ର ଓ ରାଜ୍ୟ ସରକାର ଶୈକ୍ଷିକ ବିକାଶ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦରମାକୁ ବୃଦ୍ଧି କରିବାରେ ଲାଗିଛନ୍ତି ଏବଂ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବଢ଼ାଇବା ପାଇଁ ମଧାହ୍ନ ଯୋଜନା ବ୍ୟବସ୍ଥା କରିଛନ୍ତି ତାହା ଆଜି କେତେଦୂର ସଫଳ ରୂପାୟନ ହେଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନିଶ୍ଚିନ୍ତକୋଇଲି ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନ କାକୁଡ଼ିଆପଡ଼ା ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରେ।

ଏହି ବିଦ୍ୟାଳୟରେ କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସେକ୍ ଗୋଲାମ୍ ମେହେନ୍ଦୀ ହୁସେନ୍ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବାକୁ ନଆସି ଅନେକ ସମୟ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ରହୁଥିବାର ନଜିର ରହିଛି। ଏପରିକି ତାଙ୍କ ବଦଳରେ ସେ ତାଙ୍କର ଭେଣ୍ଡିଆ ପୁତ୍ରକୁ ଶିକ୍ଷକ ସଜେଇ ଛାତ୍ରଛାତ୍ରୀଙ୍କୁ ପାଢ଼ ପଢ଼ିବା ପାଇଁ ଛାଡ଼ି ଦେଇ ନିଜେ ଅନୁପସ୍ଥିତ ରହୁଛନ୍ତି। ଏହି ଶିକ୍ଷକ ଜଣକ ଏହିପରି ଭାବରେ ବହୁତ ଦିନ ବିଦ୍ୟାଳୟକୁ ନଆସି ନିଜର ଘରୋଇ କାର୍ଯ୍ୟ, ଶିକ୍ଷକ ସଂଘ ପାଇଁ ରାଜନୀତି କରୁଥିବା ମଧ ଦେଖିବା ପାଇଁ ମିଳିଛି।

ଅନ୍ୟପଟେ ବିଦ୍ୟାଳୟରେ ପୂର୍ବରୁ ବହୁବାର ମଧାହ୍ନଭୋଜନରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ଆଜି ଆମ ପ୍ରତିନିଧି ଖବର ସଂଗ୍ରହ କରିବାକୁ ଯାଇ ଦେଖିବାକୁ ପାଇଲୁ ଯେ ମାତ୍ର ୨୫ ରୁ ୩୦ ଜଣ ଭିତରେ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଉପସ୍ଥିତ ଥିଲା ବେଳେ ବିଦ୍ୟାଳୟ ମଧାହ୍ନ ଭୋଜନ ଉପସ୍ଥାପନା ଖାତାରେ ୯୦ଜଣ ଉପସ୍ଥାନ ଦର୍ଶାଇ ମଧାହ୍ନ ଭୋଜନ ଅର୍ଥକୁ ହରିଲୁଟ କରାଯାଉଛି। ଏପରିକି ଏହି ଘଟଣା ସମ୍ପର୍କରେ ଆମ ପ୍ରତିନିଧି ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଅନୁପସ୍ଥିତିକୁ ଦେଖି ଫୋନ୍ କରିବାରୁ ସେ ବିଦ୍ୟାଳୟର ଏକ ବ୍ୟାଙ୍କ ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟାଙ୍କ ଯାଇଥିଲେ ବୋଲି ମତପ୍ରକାଶ କରିଥିଲେ।

ତେବେ ଏଠାରେ ପ୍ରଶ୍ନ ଉଠେ ଯଦି ଜଣେ ଶିକ୍ଷକ କୌଣସି କାର୍ଯ୍ୟରେ ବିଦ୍ୟାଳୟ ଛାଡ଼ି ବାହାରକୁ ଯାଏ ସିଏ କଣ ତାର ଭେଣ୍ଡିଆ ପୁତ୍ର ଆଉ ଝିଅକୁ ତା ସ୍ଥାନରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବାକୁ ଛାଡ଼ି ଦେଇପାରେ କି ? ଯାହାକି ସରକାରୀ ନିୟମରୁ ସମ୍ପୂର୍ଣ୍ଣ ବାହାରେ ବୋଲି ବହୁ ବୁଦ୍ଧିଜୀବୀ ମହଲରେ ମଧ କୁହାଯାଇଛି। ତେବେ ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରନ୍ତା ଏବଂ ଏହିଭଳି ଦୁର୍ନୀତି କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଭୟ କରନ୍ତେ। ତେବେ ଦେଖିବାକୁ ବାକି ରହିଲା ଏହି ଘଟଣାରେ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## କୁତରଙ୍ଗ ହାଇସ୍କୁଲରେ ଶିକ୍ଷକ ଅଭାବ, ଜିଲ୍ଲାପାଳଙ୍କୁ ଭେଟିଲେ ଅଭିଭାବକ



**କେନ୍ଦ୍ରାପଡା, ୯।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତରଙ୍ଗ ଗ୍ରାମ ପଞ୍ଚାୟତର ହାଇସ୍କୁଲ ରେ ଶିକ୍ଷକ ଅଭାବ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠ ପଢାରେ ବାଧା ସୃଷ୍ଟି ହୋଇଛି । ୧୯୮୦ ମସିହାରୁ ସ୍ଥାପିତ ହୋଇଥିବା ଏହି ହାଇସ୍କୁଲ ରେ ୧୦୦ ରୁ ଅଧିକ ଛାତ୍ରଛାତ୍ରୀ ଅଧୟନ କରୁଛନତି । ପରିତାପ ର ବିଷୟ ଯେ, ମାତ୍ର ୨ଜଣ ଶିକ୍ଷକ ସ୍କୁଲରେ ଥିବାବେଳେ ଛାତ୍ରଛାତ୍ରୀଙ୍କ ପାଠ ପଢା ବ୍ୟାହତ ହେଉଛି । ୨ ଜଣ ଶିକ୍ଷକଙ୍କ ମଧରୁ ଆଗାମୀ ମାର୍ଚ୍ଚ ମାସରେ ଜଣେ ଶିକ୍ଷକ ଅବସର ନେବେ । ତେଣୁ ତୁରନ୍ତ ଏହି ହାଇସ୍କୁଲରେ ସମସ୍ତ ବିଷୟର ଶିକ୍ଷକଙ୍କୁ ନିଯୁକ୍ତି ଦେବାପାଇଁ ସରପଂଚ ଚିରଂଜନ ଜେନାଙ୍କ ନେତୃତ୍ୱରେ ବିଦ୍ୟାଳୟ ମିଟିର ସଭାପତି ରାଜନ ପ୍ରସାଦ ଥାଟୋଇଙ୍କ ସମେତ ଅଭିମନ୍ୟୁ ମହାନ୍ତି, ସଂଜୀବ କୁମାର ଥାଟୋଇ, ସମିତି ସଭ୍ୟ ଅକ୍ଷୟ କୁମାର ସାହୁ, ରଂଜନ କୁମାର ଜେନା, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ଶିକ୍ଷକ ନିଯୁକ୍ତି କରିବା ପାଇଁ ଦାବି କରିଛନ୍ତି ।

### ପୂର୍ବତନ ୱାର୍ଡ ସଭ୍ୟଙ୍କୁ ଅପହରଣ ପରେ ହତ୍ୟା ଘଟଣା
## ଅଭିଯୁକ୍ତ ମହିଳାଙ୍କୁ କୋର୍ଟ ଚାଲାଣ

**ରାଜନଗର,୯।୧୨ (ସଂଚାର ବ୍ୟୁରୋ):** ପୂର୍ବତନ ୱାର୍ଡସଭ୍ୟ ବଳରାମ ସେଠୀଙ୍କୁ ଅପହରଣ ପରେ ହତ୍ୟା ଘଟଣାରେ ସସପେନ୍ସ ବଢ଼ିବାରେ ଲାଗିଛି। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କିଏ ? ଆଜି କୋର୍ଟ ଚାଲାଣ ହୋଇଥିବା ମହିଳା ନାଁ ବିଘ୍ନେଶ୍ୱର ନାଁ ଆଉ କିଏ ତାହାକୁ ନେଇ ଚର୍ଚ୍ଚା ଆଲୋଚନା ବଢ଼ିବାରେ ଲାଗିଛି। ଗତକାଲି ପୁଲିସ ପକ୍ଷରୁ ମାଆ, ଝିଅ ଓ ପୁଅ ତିନି ଜଣ ମିଳିମିଶି ହତ୍ୟା କରିଛନ୍ତି ବୋଲି ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା। ମାତ୍ର ଆଜି ସକାଳୁ ପୁଲିସ କାଙ୍କଦିଆ ଗାଁର ବିଘ୍ନେଶ୍ୱର ମଲ୍ଲିକଙ୍କୁ ଉଠାଇ ଆଣିଛି। କାଙ୍କଦିଆ ଜଙ୍ଗଲ ପାଖ ବରଗଛ ନିକଟରେ ହତ୍ୟାକାଣ୍ଡରେ ବିଘ୍ନେଶ୍ୱର ସାମିଲ ଥିଲେ ବୋଲି ସୂଚନା ରହିଛି।

> **ବିଘ୍ନେଶ୍ୱରଙ୍କୁ ଉଠାଇ ଆଣିଲା ପୁଲିସ**
>
> **ଥାନାରେ ବିଘ୍ନେଶ୍ୱର ଓ ଭାଗ୍ୟଧରଙ୍କୁ ଜେରା**



ଅଭିଯୁକ୍ତ ମହିଳା ଜାମିନୀ ସ୍ୱାଇଁ ପୁଲିସ ପାଖରେ ଏହା ସ୍ୱୀକାର କରିବା ପରେ ପୁଲିସ ଆଜି ସକାଳୁ ବିଘ୍ନେଶ୍ୱରଙ୍କୁ ଉଠାଇ ଆଣି ପଚରାଉଚରା କରୁଛି। ଆଜି ପୁଲିସ ପକ୍ଷରୁ ଅଭିଯୁକ୍ତ ମହିଳା ଜାମିନୀ ସ୍ୱାଇଁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ରଙ୍ଗ ମିସ୍ତ୍ରୀ ଭାଗ୍ୟଧର ଜେନା ଓ ବିଘ୍ନେଶ୍ୱର ମଲ୍ଲିକଙ୍କୁ ମୁହଁମୁହିଁ ଜେରା କରୁଥିବା ସୂଚନା ମିଳିଛି।

ଡିଆପାରି ଗାଁର ପୂର୍ବତନ ୱାର୍ଡସଭ୍ୟ ବଳରାମ ସେଠୀଙ୍କୁ ଗତମାସ ୩୦ ତାରିଖ ସନ୍ଧ୍ୟା ଠାରୁ ନିଖୋଜ ଥିଲେ। ୮ ତାରିଖରେ କାଙ୍କଦିଆ ଗାଁ ପଛ ଜଙ୍ଗଲ ନିକଟସ୍ଥ କେନାଲ ସମୁଖ ହଂସୁଆ ନଦୀ ପଠାରେ ଥିବା ଜଙ୍ଗଲ ମଧ୍ୟରୁ ବଳରାମଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଉଦ୍ଧାର ବଳରାମଙ୍କ ମୃତ ଦେହରେ ମାଂସ ନଥିବା ବେଳେ କେବଳ କଙ୍କାଳ ଉଦ୍ଧାର ହୋଇଥିଲା।

## କଂଗ୍ରେସର ପୂର୍ବତନ ବ୍ଲକ ଅଧକ୍ଷଙ୍କ ଉପରୁ ଉଠିଲା ନିଲମ୍ବନ ଆଦେଶ

**ନିଶ୍ଚିନ୍ତକୋଇଲି, ୯।୧୨ (ସଂଚାର ବ୍ୟୁରୋ):** ଗତ କିଛି ଦିନ ପୂର୍ବରୁ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଏକ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ପୂର୍ବତନ କଂଗ୍ରେସ ଅଧକ୍ଷ ରମାକାନ୍ତ ବେହେରାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। କିନ୍ତୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟିର ଅଧକ୍ଷ ସୁଜୀତ୍ ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଚିଠି ନଂ-୫୭୪/ ଓସିଡ଼ିଏସି/୨୫ ତା.୦୯.୧୨.୨୦୨୫ରିଖ ଅନୁଯାୟୀ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତିଙ୍କ ଦ୍ୱାରା ନିଶ୍ଚିନ୍ତକୋଇଲି ପୂର୍ବତନ ବ୍ଲକ ଅଧକ୍ଷ ଶ୍ରୀ ରମାକାନ୍ତ ବେହେରାଙ୍କୁ କରାଯାଇଥିବା ନିଲମ୍ବନ ଆଦେଶ କୁ ପ୍ରତ୍ୟାହୃତ କରାଯାଇଛି। ଏହି ନିଲମ୍ବନ ପ୍ରତ୍ୟାହାର କରାଯାଇଥିବା ଶ୍ରୀ ବେହେରା ପିସିସି ସଭାପତି ଭକ୍ତଚରଣ ଦାସ, ସୁଜିତ୍ କୁମାର ପାଢ଼ୀ, ସିଦ୍ଧାର୍ଥ ସ୍ୱରୂପ ଦାସ, ପ୍ରାକ୍ତନ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ସମେତ ମାହାଙ୍ଗା ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବାୟାବାବାଙ୍କ ଜନ୍ମଉତ୍ସବ ପାଇଁ ଶୋଭାଯାତ୍ରା



**ରାଜନଗର, ୯।୧୨ (ସଂଚାର ବ୍ୟୁରୋ):** ସନାତନ ଧର୍ମର ଅନ୍ୟତମ ପରିବ୍ରାଜକ ରାଜନଗର ମାଟିର ଦେବ ପ୍ରତିମ ସୁଯୋଗ୍ୟ ସନ୍ତାନ ଆଧ୍ୟାତ୍ମିକ ଜଗତର ଅନନ୍ୟ ସନ୍ଥ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମମାଟିରେ ୧୨୮ ତମ ଜୟନ୍ତି ପାଳନ ପାଇଁ ଶୋଭାଯାତ୍ରା କରାଯାଇଛି। ଶ୍ରୀମଦ୍ ବାୟାବାବାଙ୍କ ଶ୍ରୀ ବିଗ୍ରହକୁ ସୁସଜ୍ଜିତ ରଥରେ କଳ୍ପତରୁ ସେବାସଂଘ ଗୁଲୁଦିଆ ଶାଖାରୁ ବାହାର କରାଯାଇ ତରପଦା, ଧନେଶ୍ୱରପୁର,ସାନ ବଡ଼ ଗୋପାଳପୁର, ରାଜନଗର ଗାଁ, ବଜାର, ତନ୍ତିପୋଖରୀ, ମହିଁଷାସୁର,ଚଣ୍ଡିଆପଲ୍ଲୀ ପ୍ରଭୃତି ଗାଁ ନାମ ସଂକୀର୍ତନ ମାଧ୍ୟମରେ ପରିକ୍ରମା କରାଯାଇଥିଲା। ଶ୍ରୀମଦ୍ ବାବାଙ୍କ ଜନ୍ମୋତ୍ସବ ଉପଲକ୍ଷେ ୪ର୍ଥ ପ୍ରହର ନାମ ଯଜ୍ଞ ପାଇଁ ଆଜି ସଂଧ୍ୟାରେ ଶୁଭାଧିବାସ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୁଲୁଦିଆ ଚଣ୍ଡିଆପଲ୍ଲୀ କଳ୍ପତରୁ ସେବା ସଂଘର ସଂପାଦକ ସନାତନ ନାୟକ, ସର୍ବେଶ୍ୱର ବିଶ୍ୱାଳ,ବ୍ରହ୍ମାନନ୍ଦ ବିଶ୍ୱାଳ, ଗଣେଶ୍ୱର ପ୍ରଧାନ, ନିତ୍ୟାନନ୍ଦ ସାହୁ, ଚିତ ରଂଜନ ସାହୁ, ମହେଶ୍ୱର ବାରିକ, ଜ୍ୟୋତିବ୍ରତ ନାୟକ, ସତ୍ୟ ରଂଜନ ସାହୁ, ଅକ୍ଷୟ କୁମାର ନାୟକ, ଅମର କୁମାର ଜେନା, ମହେନ୍ଦ୍ର କୁମାର ନାୟକ, ଦିବ୍ୟ ରଂଜନ ସାହୁ, ରଂଜନ କୁମାର ପ୍ରଧାନ,ସରୋଜ କୁମାର ବିଶ୍ୱାଳ ଓ ଅଲେଖ କୁମାର ପରିଡ଼ା ସମେତ ଶହ ଶହ ବାୟାପ୍ରେମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ଶିକ୍ଷକ ସଂଘର ବିକ୍ଷୋଭ ପାଇଁ ପ୍ରସ୍ତୁତି ବୈଠକ



**ମହାକାଳପଡା, ୯।୧୨ (ସଂଚାର ବ୍ୟୁରୋ):** ପ୍ରାଥମିକ ଶିକ୍ଷକ ସଂଘ (ଏକ୍ସ କାଡର) ଶିକ୍ଷକ ଶିକ୍ଷୟତ୍ରୀଙ୍କ ବିଭିନ୍ନ ଦାବି ପୂରଣ ପାଇଁ ଆସନ୍ତା ୧୫ ଡିସେମ୍ବରରେ ହେବାକୁ ଥିବା ବିକ୍ଷୋଭ ଓ ଧାରଣାକୁ ସଫଳ କରିବା ଉଦ୍ଦେଶ୍ୟରେ ମହାକାଳପଡା ବ୍ଲକ କେୟାରବାଙ୍କ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଦେବବ୍ରତ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଶିକ୍ଷକ ସଂଘର ବିଭିନ୍ନ ଦାବି ବେତନ ବୃଦ୍ଧି, ପଦୋନ୍ନତି, ସେବା ନିୟମାବଳୀ ଏକ୍ସ କାଡର ଉଚ୍ଛେଦ, ଇତ୍ୟାଦି ବିଷୟରେ ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ ପାଇଁ ରାଲି ଓ ଧାରଣା ଆବଶ୍ୟକ ବୋଲି ବୈଠକରେ ଅଭିମତ ବ୍ୟକ୍ତ ହୋଇଥିଲା। ବକ୍ତାମାନେ ଶିକ୍ଷକଙ୍କ ଦୀର୍ଘ ଦିନର ସମସ୍ୟା, ଅବହେଳିତ ଦାବି ଓ ନ୍ୟାୟସଙ୍ଗତ ଦାବି ପୂରଣ ଆବଶ୍ୟକତା ଉପରେ ଜୋର ଦେଇ, ଆଗାମୀ ରାଲିରେ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ନିବେଦନ ରଖିଥିଲେ। ବୈଠକ ସମାପ୍ତିରେ ଆନ୍ଦୋଳନକୁ ସଫଳ କରିବା ପାଇଁ ସମସ୍ତଙ୍କ ସମନ୍ୱୟ ଓ ଏକତାର ଆହ୍ୱାନ କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ସଂପାଦକ କୈଳାଶ ଚନ୍ଦ୍ର ରାଉତରାୟ, କାର୍ଯ୍ୟକାରୀ ସଭାପତି ଅମରେନ୍ଦ୍ର ମହାନ୍ତି, ମହାକାଳପଡା ବ୍ଲକ ସଭାପତି ସନ୍ତୋଷ କୁମାର ବାରିକ , ବ୍ଲକ ସମ୍ପାଦକ ମହେନ୍ଦ୍ର କୁମାର ସ୍ୱାଇଁ, ମାର୍ଶାଘାଇ ବ୍ଲକ ସଂଗଠକ ଶ୍ରୀଚନ୍ଦନ ଓଝା, ଧନେଶ୍ୱର ନାଥ ଶର୍ମା, ରାଜନଗର ବ୍ଲକ ସଂଗଠକ ବିରଞ୍ଚି ନାରାୟଣ ମିଶ୍ର, ତ୍ରିଲୋଚନ ନାୟକ , ଗୋପୀନାଥ ସାହୁ , ପଞ୍ଚାନନ ମଣ୍ଡଳ , ଭାଗବତ ମାଇତି, ପ୍ରତିଭା ସେନାପତି , ଚପଳା ବିଶ୍‌ୱାଳ , ସୁଶାନ୍ତ କୁମାର ଦାସ , ରଞ୍ଜିତ କୁମାର ସ୍‌ୱାଇଁ , ଗୋପବନ୍ଧୁ ସ୍‌ୱାଇଁ , ଗୁରୁଚରଣ ସାହୁ , ଦୁର୍ଲଭ ଚରଣ ଜେନା , ବ୍ରହ୍ମାନନ୍ଦ ନାୟକ , ଦିଲ୍ଲୀପ କୁମାର ସାହୁ , ସୌଦାମିନୀ ଦାସ , ପ୍ରମୋଦ ଧାଡ଼ା , ହରେନ୍ଦ୍ର ମଣ୍ଡଳ , ବାବୁଲି ଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଏଏନଏମ୍ ଦିଦି ଶିଶୁକୁ ଖାଲି ସିରିଞ୍ଜ ଫୋଡିବା ଘଟଣା
## ପଦକ୍ଷେପ ଗ୍ରହଣ କଲେ ମୁଖ୍ୟ ଚିକିତ୍ସା ଅଧିକାରୀ

**ମହାକାଳପଡ଼ା,୯।୧୨(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡକୁଳ ଗ୍ରାମପଞ୍ଚାୟତର ନିମାଇଁ ଚରଣ ସ୍ୱାଇଁଙ୍କ ପୁଅ ସୁବାଷ ସ୍ୱାଇଁ ଗତ ୩ ଡିସେମ୍ବର ଦିନ ତାଙ୍କ ତିନି ମାସର କନ୍ୟା ସନ୍ତାନକୁ ଟୀକାକରଣ ନିମନ୍ତେ ତାଙ୍କ ଗ୍ରାମର ରାଉତ ସାହି ଅଙ୍ଗନବାଡ଼ି କେନ୍ଦ୍ରକୁ ନେଇଥିଲେ। ସେଠାରେ ଟୀକାକରଣ କାର୍ଯ୍ୟରେ ନିୟୋଜିତ ଥିବା ଏଏନଏମ୍ ପ୍ରଭାତୀ ପରିଡା ଟୀକା ପାଇଁ ଉଦ୍ଦିଷ୍ଟ ଔଷଧ ସିରିଞ୍ଜରେ ନଭରି ପବନ ଭରା ଖାଲି ସିରିଞ୍ଜ ଶିଶୁକୁ ଫୋଡିଥିବା ସୁବାଷ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମନୋରଞ୍ଜନ ରାଉତ ଓ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରା ପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କୁ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଭାବେ ଜଣାଇଥିଲେ। ଏଏନଏମ୍ ଦିଦି ତାଙ୍କ ଆଖିକୁ ଭଲଭାବରେ ଦିଶୁନଥିବାରୁ ଏମିତି ହୋଇଥାଇପାରେ ବୋଲି ଗଣମାଧମକୁ ଜଣାଇଥିଲେ। ଘଟଣାର ସବିଶେଷ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ସିଡିଏମଓ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରାପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଡିଏମଓଙ୍କ ନିର୍ଦ୍ଦେଶ ପରେ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ମହାକାଳପଡ଼ା ତରଫରୁ ତଦନ୍ତ କରି ଦିଦିଙ୍କ ଉପରେ ପଦକ୍ଷେପ ନିଆଯାଇଛି। ୧୦ ଡିସେମ୍ବରରେ ବଡ଼କୁଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପକେନ୍ଦ୍ର ଅନ୍ତର୍ଗତ ଦହିମାଛ ଗ୍ରାମରେ ଟୀକାକରଣ ଅଧିବେଶନର ସୁଗମ ଆୟୋଜନ ପାଇଁ ପ୍ରଭାତୀ ପରିଡାଙ୍କ ବଦଳରେ ମଧୁସ୍ମିତା ସେଠିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଦୃଷ୍ଟି ସମସ୍ୟା ଯୋଗୁଁ, ସେ ଅଧିବେଶନ ସ୍ଥାନରେ ହିତାଧିକାରୀଙ୍କୁ ଟୀକାକରଣ ବଦଳରେ ଆବଶ୍ୟକୀୟ କାଗଜପତ୍ର କାର୍ଯ୍ୟ ପାଇଁ ତାଙ୍କର ସମର୍ଥନ ପ୍ରଦାନ କରିବାକୁ ନିର୍ଦ୍ଦେଶ କରାଯାଇଛି।

## ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ବନ୍ଧପୁର ଗାଁ



**ରାଜନଗର, ୯।୧୨ (ସଂଚାର ବ୍ୟୁରୋ):** ସ୍ୱାଧୀନତାର ୭୮ ବର୍ଷ ପରେ ବି ଉପକୂଳ ଓଡିଶାରେ ଏପରି ଗାଁ ଥାଇପାରେ ଆଖିରେ ଦେଖିଲେ ବିଶ୍ୱାସ କରି ହେବ ନାହିଁ। ନାଁ ଅଛି ରାସ୍ତା, ନାଁ ଅଛି ଅଙ୍ଗନବାଡି କି ବିଦ୍ୟାଳୟ। ବିପଦଜନକ ଭାବେ ବାଉଁଶ ଚାରରେ କୁନି କୁନି ଛାତ୍ରଛାତ୍ରୀ ପାର ହୋଇ ବିଦ୍ୟାଳୟକୁ ଆସିବାର ଚିତ୍ର ଅତ୍ୟନ୍ତ ଭୟଙ୍କର। ଗାଁରେ କୋଠାଘର ନଥିବା ବେଳେ ପାଇଖାନା ମଧ୍ୟ ନାହିଁ। ଏହା ପଶ୍ଚିମ ଓଡିଶା କି ଆଦିବାସୀ ବହୁଳ ଗାଁ ନୁହେଁ ଉପକୂଳ ଓଡିଶାରେ ସର୍ବନିମ୍ନ ସୁବିଧା ନଥିବା କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ବନ୍ଧପୁର ଗାଁ। ଏହି ଗାଁର ଅବସ୍ଥା ଓ ଲୋକଙ୍କ ଜୀବନ ଶୈଳୀ ସମ୍ପର୍କରେ ଜାଣିବା ପରେ ଗାଁରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାମାନେ ପହଞ୍ଚି ସେବା ଯୋଗାଇଛନ୍ତି ।

ପ୍ରଥମେ ଗାଁକୁ ବୁଲି ଦେଖିବା ପରେ ଲୋକଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଲୋକଙ୍କୁ ଶୀତ ଦିନ ପାଇଁ ବସ୍ତ୍ର ବଣ୍ଟନ କରିଥିଲେ। ଯେଉଁ ବାଉଁଶ ପୋଲଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା, ସେଚ୍ଛାସେବୀମାନେ ଭଙ୍ଗା ବାଉଁଶ ପୋଲର ମରାମତି କରିଥିଲେ। ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ସହ ଅଭୟ ବେହେରା, ଦେବେନ୍ଦ୍ର ନାୟକ, ତପନ କୁମାର ନାଥ, କାଳନ୍ଦୀ ମଲ୍ଲିକ ଓ ଅକ୍ଷୟ କୁମାର ଭଳ ସାମିଲ ଥିଲେ ।

ବ୍ରାହ୍ମଣସାହି ପଞ୍ଚାୟତର ରାଜସ୍ୱ ଗାଁ ବନ୍ଧପୁର। ଏହି ଗାଁରେ ୫୦ରୁ ଅଧିକ ପରିବାର ବସବାସ କରନ୍ତି। ଗାଁକୁ ଯିବାକୁ ରାସ୍ତା ନଥିବା ବେଳେ ବିଲ ହିଡରେ ଯାଆସ କରନ୍ତି। ବର୍ଷା ଦିନେ ୫୦ ପରିବାରର ଲୋକେ ଘରୁ ବାହାରି ପାରନ୍ତି ନାହିଁ।

## ଆଦର୍ଶ ଶିକ୍ଷକଙ୍କୁ ଭାଗବତ ମହାନ୍ତି ସ୍ମୃତି ସମ୍ମାନ




**କେନ୍ଦ୍ରାପଡା,୯।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଆଦର୍ଶ ଶିକ୍ଷକ ଭ୍ରମର ରାଉତଙ୍କୁ ଭାଗବତ ପ୍ରସାଦ ମହାନ୍ତି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଶ୍ରୀ ରାଉତ ଜିଲ୍ଲାରେ ଶିକ୍ଷକ ସଂଘ ଓ ସଂଗଠନକୁ ଦିଗଦର୍ଶନ ଦେଇ ଶିକ୍ଷାର ବିକାଶ ପାଇଁ ତାଙ୍କର ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ଆୟୋଜିତ ସ୍ୱର୍ଗତଃ ମହାନ୍ତିଙ୍କ ଷଷ୍ଠ ସ୍ମୃତି ସମାରୋହରେ ଶ୍ରୀ ରାଉତଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଷଣ୍ଢମୃତ



**ମାର୍ଶାଘାଇ, ୯।୧୨ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ବଛରାଇ ପଞ୍ଚାୟତ ବାଲିକୁଦା କୁଳସାହି ଗ୍ରାମରେ ମଙ୍ଗଳବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। କ୍ଷେତ ତାରବାଡ଼ରେ ଦିଆଯାଇଥିବା କରେଣ୍ଟ ସଂସ୍ପର୍ଶରେ ଆସି ଏକ ଷଣ୍ଢର ମୃତ୍ୟୁ ଘଟିଛି। ତରବରିଆ ଭାବରେ କ୍ଷେତ ମାଲିକ ଜେସିବି ଦ୍ୱାରା ଏକ ଗାତ ଖୋଳି ଷଣ୍ଢର ମୃତଦେହକୁ ପୋତିବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ । ଖବରପାଇ ନୂଆପଡ଼ା ବିଦ୍ୟୁତ ସେକ୍ସନ ଯନ୍ତ୍ରୀ ପ୍ରଶାନ୍ତ ବେହେରା ଏବଂ କର୍ମଚାରୀମାନେ ପହଞ୍ଚି ତାରବାଡ଼ରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବା ସହିତ ପାଟକୁରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବେଆଇନ ଭାବେ କରେଣ୍ଟ ଚାର୍ଜ କରାଯାଇଥିବା ତାର ଏବଂ ଷଣ୍ଢର ମୃତଦେହକୁ ଜବତ କରିଥିଲେ ।

ପାଟକୁରା ଆଇଆଇସି ମହମ୍ମଦ ଜାମସେଦ, ସବଇନିସ୍ପେକ୍ଟର ଦିପ୍ତୀରେଖା ରାଉତ ଉପସ୍ଥିତ ରହି ତଦନ୍ତ ଜାରି ରଖିଛନ୍ତି। ଗ୍ରାମରେ ଉତ୍ତେଜନା ଲାଗି ରହିଥିବା ବେଳେ କ୍ଷେତରେ ତାରବାଡ଼ ବୁଲାଇ କରେଣ୍ଟ ଚାର୍ଜ କରିଥିବା ବ୍ୟକ୍ତି ଫେରାର ହୋଇଯାଇଥିବା ଜଣାପଡିଛି । ମାର୍ଶାଘାଇ ପ୍ରାଣୀଚିକିତ୍ସାଳୟର ଡାକ୍ତର ବିନୟ କୁମାର ସାହୁ, ଅଭିଜିତ ପ୍ରଧାନ ଓ କର୍ମଚାରୀମାନେ ମୃତଦେହକୁ ବ୍ୟବଚ୍ଛେଦ କରିବା ପରେ ବଜରଙ୍ଗ ଦଳର କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ଶୁଭାଂଶୁ ଶେଖର ରାଉତ ରିଙ୍କୁ ଏବଂ ଗ୍ରାମର ଯୁବକମାନେ ମିଶି ଷଣ୍ଢର ମୃତଦେହକୁ ସମାଧି ଦେଇଥିଲେ। ଦୋଷୀ ବ୍ୟକ୍ତିପ୍ରତି ଆଇନ ଅନୁଯାୟୀ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ବେଆଇନଭାବେ ବିଦ୍ୟୁତ ସଂଯୋଗକୁ ବିଚ୍ଛିନ୍ନ କରିବା ଏବଂ ବେଆଇନଭାବେ ଜବରଦଖଲ ଉଚ୍ଛେଦ କରାଯିବା ନେଇ ଦାବୀ ହେଉଛି ।

## ବିମ୍ବାଧରଙ୍କ ପାଇଁ ଆବାସ ଯୋଜନା ସାତସପନ

**ମହାକାଳପଡ଼ା,୯।୧୨(ସଂଚାର ବ୍ୟୁରୋ):** ଜଣେ ୭୬ ବର୍ଷିୟ ବୃଦ୍ଧଙ୍କୁ ଆଜି ପର୍ଯ୍ୟନ୍ତ ସରକାରଙ୍କ ପ୍ରଦତ୍ତ ଆବାସ ଯୋଜନା ଗୃହ ପହଞ୍ଚି ପାରିନାହିଁ। ଜନପ୍ରତିନିଧି ମାନଙ୍କ ଗଦା ଗଦା ପ୍ରତିଶ୍ରୁତି ପ୍ରତାରଣା ପାଲଟୁଛି। ଯାହା ଫଳରେ ୪ ପ୍ରାଣୀ ଭଙ୍ଗା ଚାଳ ଛପର ଘରେ ଜୀବନ କାଟୁଛନ୍ତି। ଏମିତି ଏକ ଘଟଣା ସାମ୍ନାକୁ ଆସିଛି କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅମେଇପାଳ ଗ୍ରାମରୁ।

ସେହି ଗ୍ରାମର ୭୬ ବର୍ଷିୟ ବୃଦ୍ଧ ବିମ୍ବାଧର ମହାନ୍ତି ତାଙ୍କର ୭୦ ବର୍ଷିୟା ମାନସିକ ଭାରସାମ୍ୟ ହରାଇଥିବା ରୋଗୀଣା ପତ୍ନୀ ନିରୁପମା ମହାନ୍ତି ଓ ଗୋଟିଏ ଝିଅ ଓ ଗୋଟେ ପୁଅକୁ ନେଇ ଅଭାବି ସଂସାର ଚଳାଇ ଆସୁଛନ୍ତି। ବିମ୍ବାଧରଙ୍କର ବିଶେଷ ଜମିବାଡି ନାହିଁ। ଦିନଥିଲା ସେ ମୁଲ ମଜୁରି ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଏବେ ବୟଷର ଅପରାହ୍ନରେ ସେ ଆଗଭଳି ଆଉ ମୁଲମଜୁରି ଲାଗି ପାରୁନାହାନ୍ତି। ଅର୍ଥାଭାବରୁ ମୁଣ୍ଡ ଗୁଞ୍ଜିଥିବା ଛାଳ ଛପର ଘରଟି ଭାଙ୍ଗିରୁଜି ଗଲାଣି। ଘରର କାନ୍ଥ ଭାଙ୍ଗିପଡ଼ି ପେଟଇ ପଡିଥିବା ବେଳେ ତିନି ବର୍ଷ ହେବ ଘରର ଛପର ହୋଇନି। ଛପର ଉପରେ ଛିଣ୍ଡା ଜରିପାଲ ଖଣ୍ଡିଏ ପଡିଛି।

ନିର୍ବାଚନ ସମୟରେ କେତେ ଧୋବଧୋବଳିଆ ବିମ୍ବାଧରଙ୍କ ଭଙ୍ଗା ଚାଳ ଛପର ଘରର କବାଟ ପିଟି ଭୋଟ୍ ଭିକ୍ଷା କରନ୍ତି। ନିର୍ବାଚନରେ ବିଜୟୀ ହେଲେ ଆବାସ ଯୋଜନାରେ ପକ୍କା ଘର ଖଣ୍ଡିଏ ଯୋଗାଇ ଦେବାକୁ ନେତାଙ୍କ ଗଦା ଗଦା ପ୍ରତିଶ୍ରୁତି ପ୍ରତାରଣାରେ ପରିବର୍ତ୍ତନ ହୋଇଯାଏ। ପ୍ରଶାସନ ମଧ୍ୟ ଏ ପରିବାର ପ୍ରତି ଆଖିବୁଜି ଦେଇଥିବା ସେ ଅଭିଯୋଗ କରିଛନ୍ତି। ସବୁଆଡୁ ନିରାଶ ହେବା ପରେ ଶେଷରେ ନିଜର ଭାଗ୍ୟକୁ ଆଦରି ସେହି ଭଙ୍ଗା ଚାଳ ଛପର ଘରେ ରହିବାକୁ ବାଧ୍ୟ ହେଉଛନ୍ତି। ତୁରନ୍ତ ପ୍ରଶାସନ ଏହି ଖବର ଉପରେ ଦୃଷ୍ଟି ଆକର୍ଷଣ କରି ବିମ୍ବାଧରଙ୍କ ପରିବାର ପାଇଁ ଆବାସ ଯୋଜନାରେ ପକ୍କା ଘର ଖଣ୍ଡିଏ ଯୋଗାଇ ଦେବାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ଦାବି କରିଛନ୍ତି ସଦସ୍ୟ ମାନେ।

> **ଭଙ୍ଗା ଛପର ଘରେ ୪ ପ୍ରାଣୀ**
>
> **ପ୍ରତାରଣା ପାଲଟୁଛି ପ୍ରତିଶ୍ରୁତି**



## ଧର୍ମପରାୟଣ ବୃଦ୍ଧ ଚନ୍ଦ୍ରମଣୀଙ୍କ ମୃତ୍ୟୁରେ ଶୋକ



**ନିଶ୍ଚିନ୍ତକୋଇଲି, ୯।୧୨ (ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଉମର ଗ୍ରାମ ପଞ୍ଚାୟତ ଓସ୍ତପୁର ଗ୍ରାମର ଆଦର୍ଶ ଧର୍ମପରାୟଣ ଶତାୟୁ ବୃଦ୍ଧ ସ୍ୱର୍ଗତ ଚନ୍ଦ୍ରମଣୀ ବେହେରାଙ୍କ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୩ ବର୍ଷ ହୋଇଥିଲା। ତାଙ୍କ ମର ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ନାଳିପଡ଼ିଆ ଗ୍ରାମ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କର ପୁତ୍ର ନିତ୍ୟାନନ୍ଦ, ଜୟନ୍ତ, ବନ୍ଧୁବାନ୍ଧବ ଆତ୍ମୀୟସ୍ୱଜନ ଉପସ୍ଥିତ ଥିବା ବେଳେ ପୁତ୍ର ଗୌରାଙ୍ଗ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଗଭୀର ଶୋକବ୍ୟକ୍ତ ପ୍ରକାଶ କରିଛନ୍ତି।

# କୃଷି ବିକାଶ ସୁଦୃଢ଼ ପାଇଁ ଦୁଇଟି ଚୁକ୍ତି ସ୍ୱାକ୍ଷରିତ



ଭୁବନେଶ୍ୱର,୯ା୧୨(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ରାଜ୍ୟର କୃଷି ପରିସ୍ଥିତିରେ କୃଷି ପ୍ରକଳ୍ପକୁ ଆଗକୁ ବଢ଼ାଇବା ଏବଂ ଡିଜିଟାଲ ପରିବର୍ତ୍ତନ ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ରାଜ୍ୟରେ ଅଦା, ହଳଦୀ ଓ ଶ୍ରୀଅନ୍ନ ମୂଲ୍ୟ ଶୃଙ୍ଖଳ ବିକାଶକୁ ସୁଦୃଢ଼ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ହେଫର୍ ଇଣ୍ଟରନ୍ୟାସନାଲ ମଧ୍ୟରେ ପ୍ରଥମ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପଦକ୍ଷେପ ଓଡ଼ିଶାରେ ଅଦା, ହଳଦୀ ଓ ଶ୍ରୀ ଅନ୍ନ ଉତ୍ପାଦକମାନଙ୍କ ପାଇଁ ଆୟ ବୃଦ୍ଧି ଏବଂ ମୂଲ୍ୟ ଶୃଙ୍ଖଳ ବିକାଶ, କୃଷି ଆଧୁନିକୀକରଣ ଏବଂ ବଜାର ସଂଯୋଗକୁ ପ୍ରୋତ୍ସାହିତ କରିବ।

ଓଡ଼ିଶାର ଡିଜିଟାଲ ମୋବାଇଲ୍ ଆଧାରିତ ସମ୍ପ୍ରସାରଣ ସେବା, କୃଷି ସମୃଦ୍ଧି ହେଲ୍ପଲାଇନ୍‌ର ପରିଚାଳନା, ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ଏବଂ ମେସର୍ସ ତତ୍ତ୍ୱ ଟେକ୍ନୋଲୋଜି ଲିମିଟେଡ୍ ମଧ୍ୟରେ ଦ୍ୱିତୀୟ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମତ୍ସ୍ୟ ଓ ପ୍ରାଣିସମ୍ପଦ ତଥା ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କୃଷକଙ୍କ ଲାଭ ତଥା କୃଷି ପ୍ରଗତି ଓ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଗ୍ରହଣ ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ମତ୍ସ୍ୟ ଓ ପ୍ରାଣିସମ୍ପଦ ମନ୍ତ୍ରୀ ଶ୍ରୀ ମଲ୍ଲିକ କିପରି ବାସ୍ତବ ସମୟ ଆଧାରିତ ପଶୁପାଳନ ପରାମର୍ଶ ଚାଷୀ ଓ ପଶୁପାଳନକାରୀଙ୍କୁ ସାହାଯ୍ୟ କରୁଛି, ତା' ଉପରେ ଆଲୋକପାତ କରିଥିଲେ।

ସେହିପରି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି ଯେ କୃଷି ସମୃଦ୍ଧି ହେଲ୍ପଲାଇନ୍ କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ଟୋଲ୍-ଫ୍ରି ନମ୍ବର ଆଧାରିତ ପରାମର୍ଶ ସେବା। ବର୍ତ୍ତମାନ ଏହି ପ୍ଲାଟଫର୍ମରେ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ସାମିଲ ଅଛନ୍ତି ଓ ୭୦ ପ୍ରକାରର ଫସଲ, ୧୧ ପ୍ରକାରର ପଶୁପାଳନ ଏବଂ ୩ ପ୍ରକାରର ମତ୍ସ୍ୟଚାଷ ପ୍ରଣାଳୀ ଉପରେ ପରାମର୍ଶ ପ୍ରଦାନ କରାଯାଉଛି। ଏହାର ସ୍ଥାପନା ପରଠାରୁ ଏଯାଏ ୧୫ କୋଟି ୧୫ ଲକ୍ଷ ୩୭ ହଜାର ୯୪୧ ଫସଲ ପରାମର୍ଶ, ୪୦ କୋଟି ୮୮ ଲକ୍ଷ ୨୨ ହଜାର ୨୩୫ ପଶୁପାଳନ ପରାମର୍ଶ, ୫ କୋଟି ୩୨ ଲକ୍ଷ ୬୯ ହଜାର ୨୨୬ ମତ୍ସ୍ୟପାଳନ ଏବଂ ୨୬ କୋଟି ୪ ଲକ୍ଷ ୧୯ ହଜାର ୧୦୭ ପାଣିପାଗ ସମ୍ବନ୍ଧୀୟ ପରାମର୍ଶ ଚାଷୀ ଓ ପ୍ରାଣିପାଳକଙ୍କୁ ପଠାଇଛି। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟପାଳନ, ପଶୁପାଳନ ନିର୍ଦ୍ଦେଶକ, ହେଫର୍ ପ୍ରକଳ୍ପ ଓ ମେସର୍ସ ତତ୍ତ୍ୱ ଟେକ୍ନୋଲୋଜିର ପ୍ରତିନିଧି, କୃଷି ଏବଂ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।



କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭା ନିକଟରେ ଥିବା ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରୁଛନ୍ତି।

# ନୟାଗଡ଼ ପ୍ରତି ବୈମାତୃକ ମନୋଭାବ କାହିଁକି ?

## ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଲେ ଅରୁଣ ସାହୁ



ଭୁବନେଶ୍ୱର,୯ା୧୨(ସଂଚାର ବ୍ୟୁରୋ): ନୟାଗଡ଼ ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ବିଧାୟକ ଅରୁଣ ସାହୁ। ରାଜ୍ୟ ସରକାର ଏବେ ସବୁ ଜିଲ୍ଲାରେ ଜିଲ୍ଲାପାଳ କାର୍ଯ୍ୟାଳୟର ନବକଳେବର କରିବାକୁ ଯାଉଛନ୍ତି। ଏଥିରେ ଜନସଂଖ୍ୟା, ପ୍ରଶାସନିକ କାର୍ଯ୍ୟଭାର ଆଦିକୁ ବିଚାରକୁ ନେଇ ଜିଲ୍ଲାଗୁଡ଼ିକୁ ୩ ଭାଗରେ ବିଭକ୍ତ କରାଯାଇଛି। ଆଉ ଏହି ବର୍ଗରେ ନୟାଗଡ଼କୁ ଛୋଟ ବର୍ଗରେ ରଖାଯାଇଛି। ନୟାଗଡ଼ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ମନୋଭାବକୁ ନେଇ ସେ ବାଚସ୍ପତିଙ୍କ ହସ୍ତକ୍ଷେପ ଦାବି କରିଥିଲେ। ଶୂନ୍ୟ କାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଥିଲେ ଯେ ବଡ଼ ବର୍ଗ ସହରରେ ରହିଛନ୍ତି ସମ୍ବଲପୁର, ପୁରୀ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ଗଞ୍ଜାମ। ସେହିପରି ମଧ୍ୟମ ବର୍ଗ ସହରରେ ରହିଛନ୍ତି କନ୍ଧମାଳ, ରାୟଗଡ଼ା, ବାଲେଶ୍ୱର, ଯାଜପୁର, ବଲାଙ୍ଗୀର, ଖୋର୍ଦ୍ଧା, କଳାହାଣ୍ଡି, ଭଦ୍ରକ, ବରଗଡ଼, କେନ୍ଦ୍ରାପଡ଼ା, କୋରାପୁଟ, ଅନୁଗୁଳ, ନବରଙ୍ଗପୁର, ଢେଙ୍କାନାଳ ଓ ଜଗତସିଂହପୁର। ସେପଟେ ଛୋଟ ବର୍ଗ ସହରରେ ରହିଛନ୍ତି ନୟାଗଡ଼, ମାଲକାନଗିରି, ନୂଆପଡ଼ା, ସୋନପୁର, ଝାରସୁଗୁଡ଼ା, ଗଜପତି, ବୌଦ୍ଧ ଓ ଦେବଗଡ଼। ପ୍ରସ୍ତାବିତ ନବକଳେବର ପ୍ରକଳ୍ପ ଅନୁଯାୟୀ ୨ ଲକ୍ଷ ୭୦ ହଜାର ବର୍ଗଫୁଟ ଜମିରେ ବଡ଼, ୧ ଲକ୍ଷ ୫୦ ହଜାର ବର୍ଗଫୁଟ ଜମିରେ ମଧ୍ୟମ ଓ ଏକ ଲକ୍ଷ ବର୍ଗଫୁଟ ଜମିରେ ନିର୍ମାଣ ହେବ କ୍ଷୁଦ୍ର ଜିଲ୍ଲାପାଳ କାର୍ଯ୍ୟାଳୟ।

ନୟାଗଡ଼ରେ ନା ଅଛି ଖଣି ନା ପାଣି। କେବଳ ଜଙ୍ଗଲ ସମ୍ପଦ ଉପରେ ନୟାଗଡ଼ ଜିଲ୍ଲା ନିର୍ଭରଶୀଳ। ନୟାଗଡ଼ ଦେଇ ମହାନଦୀ ଯାଉଥିଲେ ବି ଏବେ ଧିରେ ଧିରେ ସେଥିରେ ମଧ୍ୟ ପାଣି କମିଲାଣି। ସେ ଭିତରେ ନୟାଗଡ଼ବାସୀ ନିଜ ଗୋଡ଼ରେ ନିଜେ ଛିଡ଼ା ହେବାକୁ ଏବେ ବି ସଂଘର୍ଷ କରୁଛନ୍ତି। ଅନ୍ୟ ଜିଲ୍ଲା ପରି ନୟାଗଡ଼ ପ୍ରାଚୁର୍ଯ୍ୟରେ ଭରପୂର ନୁହେଁ। ତେଣୁ ଗୋଟେ ଜିଲ୍ଲାକୁ ଆଗକୁ ବଢ଼ିବାକୁ ସୁଯୋଗ ଦିଆଯିବାର ଆବଶ୍ୟକତା ରହିଛି। ବିଧାନସଭାର ସର୍ବୋଚ୍ଚ ଆସନରେ ବସିଥିବା ବାଚସ୍ପତି ମଧ୍ୟ ନୟାଗଡ଼ ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଛନ୍ତି। ତେଣୁ ସେ ଏଥିରେ ହସ୍ତକ୍ଷେପ କରିବାକୁ ଶ୍ରୀ ସାହୁ ଦାବି କରିଛନ୍ତି।



# ବିଧାନସଭା ଖବର

## ରାଜ୍ୟରେ ଲାଗୁହେବ ପେଶା ଆଇନ

**ଭୁବନେଶ୍ୱର,୯ା୧୨(ସଂଚାର ବ୍ୟୁରୋ):** ରାଜ୍ୟରେ ଖୁବଶୀଘ୍ର ପେଶା ଆଇନ ଲାଗୁ ହେବ। ଏନେଇ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି ଯେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ। ଏବେ ସରକାର ଆଇନ କାର୍ଯ୍ୟକାରୀ ନେଇ ତର୍ଜମା କରୁଛନ୍ତି। ପେଶା ଆଇନ ୧୯୯୬କୁ ଆଧାର କରି ରାଜ୍ୟ ସରକାରଙ୍କ ଦ୍ୱାରା ଚିଠା ନିୟମାବଳୀ ପ୍ରସ୍ତୁତ କରାଯାଇଛି। ପ୍ରାରମ୍ଭିକ ଘୋଷଣାପତ୍ରର ଚିଠାକୁ ଜନସାଧାରଣଙ୍କ ଆପତ୍ତି ଓ ପ୍ରସ୍ତାବ ପାଇଁ ଗତ ୨୦୨୩ ନଭେମ୍ବର ୧୩ ତାରିଖରେ ପ୍ରକାଶ କରାଯାଇଛି। ଏହି ସମସ୍ତ ଆପତ୍ତି ତଥା ପ୍ରସ୍ତାବକୁ ୨୦୨୪ ଅଗଷ୍ଟ ୭ରୁ ୧୭ ତାରିଖ ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସମ୍ପୃକ୍ତ ବ୍ୟକ୍ତି ଓ ସଂସ୍ଥାଗୁଡ଼ିକର ଶୁଣାଣି କରାଯାଇଥିଲା। ଗତ ଅଗଷ୍ଟ ୩୦ ତାରିଖରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଅଂଶୀଦାର ବିଭାଗ ସହ ଏକ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ସମସ୍ତ ସମ୍ପୃକ୍ତ ବିଭାଗକୁ ସେମାନଙ୍କ ସମ୍ପୃକ୍ତ କ୍ଷେତ୍ରରେ ଚିଠା ପେଶା ନିୟମର ସମୀକ୍ଷା ଓ ଗଠନମୂଳକ ମତାମତ ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିବା ବିଭାଗୀୟ ମନ୍ତ୍ରୀ କହିଛନ୍ତି।

## ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡର ସାନି ତଦନ୍ତ ଦାବି

ଆଜି ଶୂନ୍ୟକାଳରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସ୍ୱରସ୍ୱତୀ ହତ୍ୟାକାଣ୍ଡ ମାମଲାର ପୁନଃ ତଦନ୍ତ ଦାବି କରିଛନ୍ତି ବିଜେପି ବିଧାୟକ ପ୍ରକାଶ ସେଠୀ। ୨୦୦୮ରେ ଲକ୍ଷ୍ମଣାନନ୍ଦ ସ୍ୱରସ୍ୱତୀଙ୍କୁ ହତ୍ୟା କରାଯାଇଥିଲା। ସେତେବେଳେ ତଦନ୍ତକୁ ନେଇ ଅନେକ ପ୍ରଶ୍ନ ଉଠିଥିଲା। ତେଣୁ ଏହି ହତ୍ୟାକାଣ୍ଡ ମାମଲାର ପୁନଃ ତଦନ୍ତ ପାଇଁ ସରକାର କିଛି ବ୍ୟବସ୍ଥା କରୁଛନ୍ତି କି ବୋଲି ବିଧାୟକ ଶ୍ରୀ ସେଠୀ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସ୍ୱରସ୍ୱତୀଙ୍କୁ ନ୍ୟାୟ ମିଳିବାର ଆବଶ୍ୟକତା ରହିଛି। ଯିଏ ପ୍ରକୃତ ଦୋଷୀ ତାଙ୍କୁ ଦଣ୍ଡ ମିଳିବା ଦରକାର। ଏବେ ଏହି ମାମଲାର ସ୍ଥିତି କ'ଣ ରହିଛି, ସେନେଇ ଗୃହରେ ସୂଚନା ଦିଆଯିବା ସକାଶେ ସେ ଦାବି କରିଛନ୍ତି।

## ୭୭.୧୦ ପ୍ରତିଶତ ଲୋକଙ୍କ ଘରକୁ ମିଳୁଛି ପିଇବା ପାଣି

ରାଜ୍ୟରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବକୁ ନେଇ ବିଧାନସଭାରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ। ସେ କହିଛନ୍ତି, ଓଡ଼ିଶା ସମେତ ଝାଡ଼ଖଣ୍ଡ ଭଳି ରାଜ୍ୟରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳୁଛି। କାମରେ ଅବହେଳା କରୁଥିବା ଦେଶର ପ୍ରାୟ ୬୫୩ଟି ଏଜେନ୍ସି ବିରୋଧରେ କେନ୍ଦ୍ର ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିସାରିଛନ୍ତି। ଗୃହରେ ଉତ୍ତର ରଖି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ କହିଛନ୍ତି ଯେ ୭୭.୧୦ ପ୍ରତିଶତ ଲୋକଙ୍କ ଘରେ ପହଞ୍ଚି ସାରିଛି ପିଇବା ପାଣି। ୮୮.୬୬ ଲକ୍ଷ ପରିବାରରୁ ୬୮.୩୬ ଲକ୍ଷ ଘରେ ପାଣି ପହଞ୍ଚିଛି। ୧୫ ହଜାର ୪୨୦ ଗାଁକୁ ସିଙ୍ଗଲ ଓ ମଲ୍ଟି ପ୍ରୋଜେକ୍ଟ ଜରିଆରେ ପାଣି ଦିଆଯାଉଛି। ପରିବାର ସହ ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ପାନୀୟ ଜଳ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ବିଗତ ସରକାର କେବଳ ବସୁଥିଲେ, କିନ୍ତୁ ବର୍ତ୍ତମାନର ସରକାର ପ୍ରକଳ୍ପ ଶେଷ କରି ଉଦ୍‌ଘାଟନ କରିବା ଲକ୍ଷ୍ୟରେ ଅଛନ୍ତି। ଯଦି କୌଣସି ସଂସ୍ଥା ଖରାପ କାମ କରନ୍ତି, ତେବେ ସେମାନଙ୍କୁ ଦଣ୍ଡିତ କରାଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

## ଘରୋଇ ହସ୍ପିଟାଲରେ ହେଉଛି ଅଧିକ ସିଜରିଆନ ଡେଲିଭରି

ଘରୋଇ ହସ୍ପିଟାଲରେ ଅଧିକ ହେଉଛି ସିଜରିଆନ ଡେଲିଭରି। ୫ ବର୍ଷରେ ରାଜ୍ୟରେ ମୋଟ୍ ୩୦ ଲକ୍ଷ ୮ହଜାର ୩୮୩ ପ୍ରସବ ହୋଇଛି ବୋଲି ଆଜି ବିଧାନସଭା ଶୀତକାଳୀନ ଅଧିବେଶନରେ ଲିଖିତ ଉତ୍ତର ରଖିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ସରକାରୀ ହସ୍ପିଟାଲରେ ସର୍ବାଧିକ ୨୩ ଲକ୍ଷ ୬୯ ହଜାରରୁ ଉର୍ଦ୍ଧ୍ୱ ପ୍ରସବ ହୋଇଛି। ସରକାରୀ ହସ୍ପିଟାଲରେ ୧୯ ଲକ୍ଷ ୫୯ ହଜାର ୯୧୮ ନର୍ମାଲ ଡେଲିଭରି ଓ ୪ ଲକ୍ଷ ୯ ହଜାର ୭୧୮ ସିଜରିଆନ ଡେଲିଭରି ହୋଇଛି। ସେହିପରି ଘରୋଇ ହସ୍ପିଟାଲରେ ୧ ଲକ୍ଷ ୪୮ ହଜାର ୨୪୨ ନର୍ମାଲ ଡେଲିଭରି ହୋଇଥିବା ବେଳେ ୪ ଲକ୍ଷ ୯୦ ହଜାର ୫୦୫ ସିଜରିଆନ ଡେଲିଭରି ହୋଇଛି ବୋଲି ମନ୍ତ୍ରୀ ବିଧାନସଭାରେ ତଥ୍ୟ ଉପସ୍ଥାପନ କରିଛନ୍ତି।

## ୫ ବର୍ଷରେ ପ୍ରାଣ ହରାଇଛନ୍ତି ୫୧୮ ଦାଦନ

ଗତ ୫ ବର୍ଷ ମଧ୍ୟରେ ୫୧୮ ଜଣ ଦାଦନଙ୍କ ଜୀବନ ଯାଇଛି। ଦେଶ ଓ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିବା ଏହି ସମସ୍ତ ଶ୍ରମିକଙ୍କର ମୃତ୍ୟୁ ହୋଇଛି ବୋଲି ଆଜି ଗୃହରେ ଲିଖିତ ଉତ୍ତର ରଖିଛନ୍ତି ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ବିଧାନସଭାରେ ଶ୍ରମ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ, ଗତ ୫ ବର୍ଷ ମଧ୍ୟରେ ପ୍ରାଣହାନୀ ଘଟିଥିବା ଶ୍ରମିକଙ୍କ ମଧ୍ୟରେ ସର୍ବାଧିକ କଳାହାଣ୍ଡି ଜିଲ୍ଲାରୁ ହୋଇଥିବା ବେଳେ ଏହି ସଂଖ୍ୟା ୬୦ ରହିଛି। ସେହିପରି ଦ୍ୱିତୀୟରେ ଗଞ୍ଜାମ ଜିଲ୍ଲା ରହିଛି, ଯେଉଁଠାରୁ ବାହାର ଦେଶକୁ କାମ କରିବାକୁ ଯାଇ ୫୬ ଜଣ ଦାଦନ ଶ୍ରମିକ ପ୍ରାଣ ହରାଇଛନ୍ତି। ଏହାଛଡ଼ା ବଲାଙ୍ଗୀର ଜିଲ୍ଲାରୁ ୩୮ ଜଣ, କନ୍ଧମାଳରୁ ୩୪ ଜଣ, ନବରଙ୍ଗପୁରରୁ ୩୫ ଜଣ, ରାୟଗଡ଼ାରୁ ୩୪ ଜଣ ଦାଦନ ଶ୍ରମିକ ପ୍ରାଣ ହରାଇଥିବା ବେଳେ ୩୯୫ଟି ମୃତ ଶରୀରକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ବୋଲି ଶ୍ରୀ ସିଂ ଖୁଣ୍ଟିଆଙ୍କ ସୂଚନା ଦେଇଛନ୍ତି।

## ଦୂର ହେବ ଭୁବନେଶ୍ୱରର ଜଳବନ୍ଦୀ ସମସ୍ୟା

ସମାଧାନ ହେବ ଭୁବନେଶ୍ୱରର ଜଳ ବନ୍ଦୀ ସମସ୍ୟା। ୧୧ଟି ପ୍ରାକୃତିକ ଡ୍ରେନରୁ ହଟିବ ଜବରଦଖଲ। ଇସ୍କନ ମନ୍ଦିର ସାମ୍ନାରେ ଆଉ ଜମିବ ନାହିଁ ପାଣି। ଏଥିପାଇଁ ନଗର ଉନ୍ନୟନ ବିଭାଗ ପ୍ରସ୍ତୁତ କରିଛି ଖସଡ଼ା। ଇସ୍କନରୁ ବେହେରା ସାହି ପାଖ ଡ୍ରେନ ନିର୍ମାଣ ପାଇଁ ୧୫ କୋଟି ୬୬ ଲକ୍ଷ ୧୪ ହଜାର ୬୬୫ ଟଙ୍କାର ଅର୍ଥ ବ୍ୟୟ ବରାଦ ହୋଇଛି। ସେହିଭଳି ବମିଖାଲ ଡ୍ରେନ ପାଇଁ ୮ କୋଟି ୪୧ ଲକ୍ଷ ବ୍ୟୟ ବରାଦ ହୋଇଥିବା ବେଳେ ଏହି ୨ଟି ଡ୍ରେନ ନିର୍ମାଣ ପରେ ଭୁବନେଶ୍ୱରରେ ୩୦ ପ୍ରତିଶତ ଜଳବନ୍ଦୀ ସମସ୍ୟା ଦୂର ହେବ ବୋଲି ଆଜି ପ୍ରଶ୍ନକାଳରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି।

## ବିଧାନସଭାରେ କାନ୍ତକବିଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୭ା୧୨(ସଂଚାର ବ୍ୟୁରୋ): ଓଡ଼ିଶାର ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାରସ୍ୱତ ସାଧକ ଓ ସମ୍ପାଦକ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ୧୯୩୦ର ଲବଣ ସତ୍ୟାଗ୍ରହ କାନ୍ତକବିଙ୍କ ଜୀବନ ଉପରେ ଗଭୀର ପ୍ରଭାବ ପକାଇଥିଲା। ସେହି ସମୟରେ ସାଧାରଣ ଜନତାଙ୍କୁ ଏହି ସବୁ ଆନ୍ଦୋଳନରେ ଯୋଗଦାନ ପାଇଁ ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ ଏବଂ ସେମାନଙ୍କୁ ଜାତୀୟତା ପ୍ରତି ଆକର୍ଷିତ କରିବା ପାଇଁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର କଲମର ସାହାଯ୍ୟ ନେଇଥିଲେ। ଗଳ୍ପ, ଉପନ୍ୟାସ, ନାଟକ ଓ କବିତାମାନ ରଚନା କରି ଲୋକମାନଙ୍କ ମଧ୍ୟରେ ଦେଶପ୍ରେମ ବଢ଼ାଇବାରେ ସେ ଲାଗି ପଡ଼ିଲେ। କାନ୍ତକବିଙ୍କ ରଚିତ ଦେଶାତ୍ମବୋଧକ କବିତାମାନ ଲୋକମାନଙ୍କୁ ଏକଜୁଟ କରିବାରେ ସାହାଯ୍ୟ କଲା। ସାଧାରଣ ଜନତାଙ୍କୁ ଇଂରେଜମାନଙ୍କ ବିରୋଧରେ ଲଢ଼ିବାକୁ ଏବଂ ସ୍ୱାଧୀନତା ପ୍ରାପ୍ତ କରିବାକୁ ସେ କବିତାକୁ ନିଜର ଅସ୍ତ୍ର ଭାବରେ ବ୍ୟବହାର କରିଥିଲେ ବୋଲି ଆଜି ବିଧାନସଭା ପରିସରରେ ଅନୁଷ୍ଠିତ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ଫକୀର ନାୟକ ଓ ରଘୁନାଥ ମାଛ ଓ ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଧାନସଭା ପାର୍ଶ୍ୱବର୍ତ୍ତୀ କାନ୍ତକବିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ସମ୍ପ୍ରଦାୟିକ ରୂପ ନେଲାଣି ମାଲକାନଗିରି ହିଂସା

# ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ଦାବିକଲେ ରଣେନ୍ଦ୍ର



**ଭୁବନେଶ୍ୱର,୯ା୧୨(ସଂଚାର ବ୍ୟୁରୋ):** ମାଲକାନଗିରିରେ ସୃଷ୍ଟି ହୋଇଥିବା ଉତ୍ତେଜନା ଏବେ ସାମ୍ପ୍ରଦାୟିକ ହିଂସାର ରୂପ ନେଲାଣି। ରାଜ୍ୟର ଗୋଟିଏ ଅଂଶ ଏବେ ଜଳୁଛି। ସେଠାରେ ଗାଁ ଛାଡି ଲୋକେ ଅନ୍ୟତ୍ର ଶରଣାର୍ଥୀ ସାଜିଛନ୍ତି। ସରକାର ଏ ସମ୍ପର୍କରେ ବିଧାନସଭାରେ ସ୍ପଷ୍ଟ କରିବା ଉଚିତ। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏନେଇ ଗୃହକୁ ଏକ ବିବୃତି ମାଧ୍ୟମରେ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜଣାଇବା ଉଚିତ ବୋଲି ଦାବି କରିଛନ୍ତି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଥିଲେ ଯେ ମାଲକାନଗିରି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ଏଠାରେ ପ୍ରାୟ ଅଢେଇ ଲକ୍ଷ ପରିବାର ହେଉଛନ୍ତି ଆଦିବାସୀ। ଏବେ ସାରା ରାଜ୍ୟରେ ବାଂଲାଦେଶୀ ଅନୁପ୍ରବେଶକାରୀ ବୋଲି କହି ସରକାର ଏକ ଆତଙ୍କର ବାତାବରଣ ସୃଷ୍ଟି କରିଛନ୍ତି। ଯାହାର ଫଳସ୍ୱରୂପ ଯିଏ ବଙ୍ଗାଳୀ କହୁଛି, ତାକୁ ବାଂଲାଦେଶୀ କହି ଆକ୍ରମଣ କରାଯାଉଛି। ମାଲକାନଗିରିରେ ମଧ୍ୟ ଏହିଭଳି ଉତ୍ତେଜନାର ସୂତ୍ରପାତ ହୋଇଛି ବୋଲି ସେ କହିଥିଲେ।

କିଛି ମାସ ତଳେ ମଣିପୁର ଜଳିଲା ଭଳି ଏବେ ମାଲକାନଗିରି ଜଳୁଛି। ଏହାର ତୁରନ୍ତ ସମାଧାନ କରାନଗଲେ ଦ୍ୱିତୀୟ କନ୍ଧମାଳ ପରିସ୍ଥିତି ସୃଷ୍ଟି ହେବ ବୋଲି ସେ ସତର୍କ କରାଇଦେଇଛନ୍ତି। ପୁଲିସ ମଧ୍ୟ ହାତ ଟେକିଦେଇଛି। ଗୃହ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏନେଇ ଗୃହରେ ବିବୃତି ଦେବାକୁ ସେ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ଏଥିସହ ବିଧାନସଭାର ଏକ ପ୍ରତିନିଧି ଦଳ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିବାକୁ ମଧ୍ୟ ସେ ଦାବି କରିଥିଲେ।

### ଜୀ ସାର୍ଥକର ନୂଆ ଚଳଚ୍ଚିତ୍ର

## 'ସାହା ହେବେ ମୋତେ ମା ମଙ୍ଗଳା'ର ଅଡିଓ ରିଲିଜ୍




**ଭୁବନେଶ୍ୱର,୯ା୧୨(ସଂଚାର ବ୍ୟୁରୋ):** ଜୀ ସାର୍ଥକର ନୂଆ ଚଳଚ୍ଚିତ୍ର 'ସାହା ହେବେ ମୋତେ ମା ମଙ୍ଗଳା'ର ୱାର୍ଲ୍ଡ ଟିଭି ପ୍ରିମିୟର ଆସନ୍ତା ରବିବାର ସନ୍ଧ୍ୟା ସାଢ଼େ ୬ଟାରେ ଅନୁଷ୍ଠିତ ହେବ। ଆଜି ଏହାର ଅଡିଓ ରିଲିଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜୀ ସାର୍ଥକ ମାର୍କେଟିଂ ହେଡ୍ ବିଶ୍ୱ ରଞ୍ଜନ ବରାଳ, ପ୍ରୋଗ୍ରାମିଂ ମ୍ୟାନେଜର ଦିବ୍ୟ ସାମଲ, ନିର୍ଦ୍ଦେଶକ ଅଜୟ କୁମାର ସିଂହ, ସଂଳାପ ଲେଖକ ପ୍ରିୟବ୍ରତ ପଣ୍ଡା, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ଅଭିନେତା ପ୍ରଶାନ୍ତ ପାତ୍ର, ନାୟକ ତୁଷାର, କୁନି କଳାକାର ଦିବ୍ୟାଂଶା ଉପସ୍ଥିତ ଥିଲେ। କ୍ଷୀରୋଦ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ଓ ଅଜୟ ସିଂଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସାମାଜିକ ଜୀବନରେ ଭକ୍ତିର ଶକ୍ତି କିପରି ଆମକୁ ସୁବୁବେଳେ ରକ୍ଷା କରେ, ତା' ଉପରେ ପର୍ଯ୍ୟବସିତ ହୋଇଛି। ପ୍ରିୟବ୍ରତ ପଣ୍ଡାଙ୍କ ଲିଖିତ ଏହି ଫିଲ୍ମରେ ତୁଷାର ଓ ସିମରନ୍ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର ଗୀତଗୁଡ଼ିକ ଡ. ନିର୍ମଳ ନାୟକ ଲେଖିଥିବା ବେଳେ ପ୍ରଶାନ୍ତ ପାଢ଼ୀ ଏହାକୁ ସଙ୍ଗୀତରେ ସଜାଇଛନ୍ତି।

# ଆନ୍ଧ୍ର ଚାଲିଯିବ କି କୋଟିଆ ?



- କଂଗ୍ରେସ ବିଧାୟକ ଦଳ ନେତାଙ୍କ ଉଦବେଗ
- ଓଡ଼ିଆ ଅସ୍ମିତା ବିରୋଧରେ ଉସକାଉଛନ୍ତି ଏଜେଣ୍ଟ୍

**ଭୁବନେଶ୍ୱର,୯ା୧୨(ସଂଚାର ବ୍ୟୁରୋ):** କୋଟିଆରେ ଦିନକୁ ଦିନ ବଢୁଛି ଆନ୍ଧ୍ରର ଦାଦାଗିରି। ଗତକାଲି ପୁଣି ଥରେ କୋଟିଆରେ ଲାଗିଥିବା ଓଡ଼ିଶାର ବୋର୍ଡକୁ ଭାଙ୍ଗିଦେଇଛନ୍ତି ଆନ୍ଧ୍ରର କିଛି ଅନୁପ୍ରବେଶକାରୀ। ଏପରିକି କୋଟିଆରେ ୨୦ ପରିବାର। ପାଇଁ ଆନ୍ଧ୍ର ଜଣେ ଜଣେ ଏଜେଣ୍ଟ ନିଯୁକ୍ତ କରିଛି। ସେମାନେ ଓଡ଼ିଶା ଓ ଓଡ଼ିଆ ଅସ୍ମିତା ବିରୋଧରେ ଲୋକଙ୍କୁ ଉସକାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ।

ଆଜି ଶୂନ୍ୟକାଳରେ ସେ ଏହି ପ୍ରସଙ୍ଗ ଉଠାଇଥିଲେ। କୋଟିଆ ଆନ୍ଧ୍ରକୁ ଚାଲିଯିବ କି ବୋଲି ମଧ୍ୟ ସେ ପ୍ରଶ୍ନ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ୧୯୬୯ରେ କୋଟିଆ ସୀମା ବିବାଦକୁ ନେଇ ଓଡ଼ିଶା ପକ୍ଷରୁ ସୁପ୍ରିମକୋର୍ଟରେ ମାମଲା ରୁଜୁ କରାଯିବା ପରେ ଅନୁପ୍ରବେଶ ବନ୍ଦ ଥିଲା। କିନ୍ତୁ ଗତ ୧୦/୧୨ ବର୍ଷ ହେଲା ଅନୁପ୍ରବେଶ ବଢ଼ିଯାଇଛି। କୋଟିଆର ଆଦିବାସୀମାନଙ୍କୁ ଆନ୍ଧ୍ର ପ୍ରଶାସନ ଚାଉଳ, ଡାଲି, ରାସନ, ପୋଷାକ ଆଦି ବାଣ୍ଟୁଛି। ଆଉ ଏଥିରେ ମାଧ୍ୟମ ସାଜୁଛନ୍ତି କିଛି ଆନ୍ଧ୍ରର ଏଜେଣ୍ଟ। ସେମାନେ ଓଡ଼ିଶା ସରକାରଙ୍କ ବିରୋଧରେ କୋଟିଆବାସୀଙ୍କ ମନରେ ବିଷ ଭରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ।

ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ କୋରାପୁଟକୁ ଘନ ଘନ ଗସ୍ତ କରୁଛନ୍ତି। ସେମାନେ ବାରମ୍ବାର କହୁଛନ୍ତି ଯେ କୋଟିଆ ଓଡ଼ିଶାର। ଏହାକୁ ଓଡ଼ିଶାଠାରୁ କେହି ବି ଛଡ଼ାଇ ନେଇପାରିବେ ନାହିଁ। କିନ୍ତୁ ପ୍ରକୃତ ପକ୍ଷେ ତାହା କାର୍ଯ୍ୟକାରୀ ହେଉନାହିଁ। କୋଟିଆକୁ ଅନୁପ୍ରବେଶର ମାତ୍ରା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ସରକାର ଏହାକୁ ଗୁରୁତର ସହ ନିଅନ୍ତୁ, ନହେଲେ କେଉଁଦିନ କୋଟିଆ ଆନ୍ଧ୍ରରେ ମିଶିଯାଇଥିବ ତା' କହିହେବନି ବୋଲି ବିଧାୟକ ଶ୍ରୀ କାଡାମ୍ କହିଥିଲେ।

### ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର ସଫଳତାକୁ ସ୍ୱୀକୃତି

# ଡିଏଭି ବେଦାନ୍ତର ୨୨ ଜଣ ଛାତ୍ରଛାତ୍ରୀ ସମ୍ମାନିତ




**ଲାଞ୍ଜିଗଡ଼,୯ା୧୨(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ଶିକ୍ଷା ଓ ଯୁବ ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ଲାଞ୍ଜିଗଡ଼ର ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନକୁ ସ୍ୱୀକୃତି ପ୍ରଦାନ କରିଛି। ବେଦାନ୍ତ ଛାତ୍ରବୃତ୍ତି ପୁରସ୍କାର ଅଧୀନରେ ୨୦୨୪-୨୫ ଶିକ୍ଷାବର୍ଷରେ ମୋଟ ୨୨ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ଲାଞ୍ଜିଗଡ଼ ବିଡିଓ ଅନିମେଶ ପ୍ରଧାନ ଯୋଗ ଦେଇଥିଲେ। ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀର ଟପ୍ପରମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିବା ବେଳେ କୌଣସି ବିଷୟରେ ୯୦ ପ୍ରତିଶତରୁ ଅଧିକ ନମ୍ବର ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଏହାଛଡ଼ା ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଟପ୍ପରମାନଙ୍କୁ ମଧ୍ୟ ୮ ହଜାର ଟଙ୍କା ସହ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ବେଦାନ୍ତ ଛାତ୍ରବୃତ୍ତି ପୁରସ୍କାର ମାଧ୍ୟମରେ, ଆମେ ଉତ୍କର୍ଷତାକୁ ସ୍ୱୀକୃତି ଦେବା, ଲକ୍ଷ୍ୟ ହାସଲ ପାଇଁ ଅନୁପ୍ରାଣିତ କରିବା ଏବଂ ଯୁବ ମସ୍ତିଷ୍କକୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ।

## ଓଡିଶା ପ୍ରତିନିଧିମଣ୍ଡଳୀର ପାଞ୍ଚଦିନିଆ ପୋଲାଣ୍ଡ ଗସ୍ତ

**ଭୁବନେଶ୍ୱର,୯ା୧୨(ସଂଚାର ବ୍ୟୁରୋ):** ଭାରତ ନିର୍ବାଚନ ଆୟୋଗ (ଇସିଆଇ)ଙ୍କୁ ପ୍ରତିନିଧିତ୍ୱ କରି ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ପାଞ୍ଚଜଣିଆ ପ୍ରତିନିଧିମଣ୍ଡଳୀଙ୍କ ପୋଲାଣ୍ଡ ଗସ୍ତ ସମାପ୍ତ ହୋଇଛି। ବିଶ୍ୱର ବିଭିନ୍ନ ଲୋକତନ୍ତ୍ର ସହ ସମ୍ପର୍କ ଓ ସହଯୋଗ ସୁଦୃଢ଼ କରିବା ସହ ପରସ୍ପର ମଧ୍ୟରେ ଜ୍ଞାନକୌଶଳର ବିନିମୟ ଦ୍ୱାରା ନିର୍ବାଚନ ପରିଚାଳନା ପ୍ରଣାଳୀକୁ ଅଧିକ ଉନ୍ନତ କରିବା ଏହି ଗସ୍ତର ଲକ୍ଷ୍ୟ। ଅଧିକାରୀମାନଙ୍କ ଏଭଳି ଅନ୍ତର୍ଜାତୀୟ ଅଭିଜ୍ଞତା ଓଡ଼ିଶାର ନିର୍ବାଚନ, ଭୋଟର ତାଲିକା ପରିଚାଳନା ଆଦି କ୍ଷେତ୍ରରେ ବହୁ ମାତ୍ରାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ପ୍ରତିନିଧିମଣ୍ଡଳୀକୁ ଅତିରିକ୍ତ ଶାସନ ସଚିବ ତଥା ଜାତୀୟ ସ୍ତରର ମାଷ୍ଟର ଟ୍ରେନର ଶତ୍ରୁଘ୍ନ କର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ, ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅମ୍ରିତ ଋତୁରାଜ, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ ମନୋରଞ୍ଜନ ସାହୁ, ବୁଥ ସ୍ତରୀୟ ଅଧିକାରୀ ଚିନ୍ମୟ କୁମାର ସୀତ ପ୍ରତିନିଧିତ୍ୱ କରିଥିଲେ।

ପୋଲାଣ୍ଡ୍ ରାଜଧାନୀ ୱାରସଠାରେ ପ୍ରତିନିଧିମଣ୍ଡଳୀ ଭାରତୀୟ ଦୂତାବାସରେ ଭାରତୀୟ ମିଶନର ମୁଖ୍ୟଙ୍କୁ ସାକ୍ଷାତ କରିବା ସହ ଦୁଇ ଜଣ ନିର୍ବାଚନ କମିଶନର (ନ୍ୟାୟାଧୀଶ) ଓ ଇଣ୍ଟରନ୍ୟାସନାଲ ରିଲେସନ ନିର୍ଦ୍ଦେଶକଙ୍କ ସହ ୯୦ ମିନିଟରୁ ଅଧିକ ସମୟ ଧରି ନିର୍ବାଚନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ବୈଠକ ଉଭୟ ଗଣତନ୍ତ୍ରର ଶ୍ରେଷ୍ଠ ପଦକ୍ଷେପ ଓ ନିର୍ବାଚନ ପରିଚାଳନାର ଉନ୍ନତିକରଣ ଉପରେ ବିଶେଷ ଭାବେ କେନ୍ଦ୍ରୀଭୂତ ଥିଲା।

# ନେତାଙ୍କ ଦରମା ବଢ଼ିଲା, କର୍ମଚାରୀଙ୍କ ଆଶା ବି ବଢ଼ିଲା

ଭୁବନେଶ୍ୱର,୯ା୧୨: ଓଡ଼ିଶାର ବିଧାୟକଙ୍କ ସମେତ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବାଚସ୍ପତି ଆଦିଙ୍କ ଦରମା ଓ ଭତ୍ତା ପ୍ରାୟ ୩ଗୁଣ ବଢ଼ିଥିବାବେଳେ ସରକାରୀ କର୍ମଚାରୀ ଓ ଶ୍ରମଜୀବୀମାନେ ସେମାନଙ୍କ ବେତନ ଓ ମଜୁରୀ ଆନୁପାତିକ ହାରରେ ବୃଦ୍ଧି ପାଇବାରେ ବୋଲି ଆଶା ରଖିଛନ୍ତି।

ଏଠାରେ ଉଲ୍ଲେଖନୀୟ ଯେ, ରାଜ୍ୟ ବିଧାନସଭାରେ ଆଗତ ବିଲ୍ ଆଧାରରେ ବିଧାନସଭାର ସଦସ୍ୟ ଓ ବାଚସ୍ପତି, ଉପବାଚସ୍ପତିଙ୍କ ସମେତ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ସଚେତକ ଆଦିଙ୍କ ବେତନ ଓ ଭତ୍ତା ଆଦି ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ବେତନ ଓ ଭତ୍ତା ପିଛିଲା ଭାବେ ୨୦୨୪ ଜୁନ୍ ୫ ତାରିଖରୁ ଲାଗୁ ହେବ ଏବଂ ନିର୍ବାଚିତ ପ୍ରତିନିଧିମାନେ ପିଛିଲା ତାରିଖରୁ ଅବଶିଷ୍ଟ ପଇସା ମଧ୍ୟ ପାଇବେ। ଏବେ ବିଧାୟକମାନଙ୍କ ବେତନ ୩୫ ହଜାରରୁ ୯୦ ହଜାର ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ସେମାନଙ୍କ ନିର୍ବାଚନମଣ୍ଡଳୀ ଭତ୍ତା ୨୦ରୁ ୭୫ ହଜାର ଟଙ୍କାକୁ, ଗସ୍ତ ଭତ୍ତା ୧୦ରୁ ୫୦ ହଜାର ଟଙ୍କାକୁ ବଢ଼ିଛି। ଏହାଛଡା ସେମାନଙ୍କ ପାଇଁ ଚିକିତ୍ସା ଭତ୍ତା, ସ୍ୱାସ୍ଥ୍ୟବୀମା, ଫୋନ୍ ଭତ୍ତା, ଖବରକାଗଜ କିଣିବା ପାଇଁ ପଇସା ଆଦି ମଧ୍ୟ ସରକାର ବହନ କରିଥାନ୍ତି। ଏମିତିକି ବିଧାୟକମାନଙ୍କୁ ମଧ୍ୟ ବିଦ୍ୟୁତ୍ ବିଲ୍ ପଇଠରେ କମ୍ ଅର୍ଥ ଦେବାକୁ ପଡିଥାଏ।

ପୂର୍ବତନ ବିଧାୟକମାନଙ୍କ ସର୍ବନିମ୍ନ ପେନ୍‌ସନ ୩୦ ହଜାରରୁ ୮୦ ହଜାର ଟଙ୍କାକୁ ବଢ଼ାଯାଇଛି। ଦିନଟିଏ ପାଇଁ ବିଧାୟକ ଥିଲେ ବି ଜଣେ ସର୍ବନିମ୍ନ ପେନ୍‌ସନ ପାଇପାରିବେ। ଯେଉଁମାନେ ୫ବର୍ଷରୁ ଅଧିକ ସମୟ ଧରି ବିଧାୟକ ରହିଛନ୍ତି ସେମାନଙ୍କୁ ଅଧିକ ପ୍ରତ୍ୟେକ ବର୍ଷ ଲାଗି ଆଉ ୩୦୦୦ ଟଙ୍କା କରି ଅଧିକ ପେନ୍‌ସନ ମିଳିବ। ଏମାନଙ୍କ ପାଇଁ ବି ଚିକିତ୍ସା ଭତ୍ତା, ସ୍ୱାସ୍ଥ୍ୟବୀମା, ଗସ୍ତଖର୍ଚ୍ଚ ଆଦିର ବ୍ୟବସ୍ଥା ଅଛି। ପ୍ରଥମ ଥର ନିର୍ବାଚିତ ହୋଇ ମୃତ୍ୟୁବରଣ କରିଥିବା ବିଧାୟକଙ୍କ ପରିବାରକୁ ଏକାକଳୀନ ଅନୁକମ୍ପା ରାଶି ୨୫ ଲକ୍ଷ ଟଙ୍କା ଦେବା ଲାଗି ମଧ୍ୟ ନୂଆ ବ୍ୟବସ୍ଥାରେ ରହିଛି।

ବାଚସ୍ପତିଙ୍କ ବେତନ ୪୦,୫୦୦ରୁ ୯୮ ହଜାର ଟଙ୍କାକୁ ବଢ଼ିଥିବା ବେଳେ ତାଙ୍କର ଗାଡ଼ି ଭତ୍ତା ୧୭ ହଜାର ଟଙ୍କାରୁ ୮୯ ହଜାର ଟଙ୍କା ଓ ଅତିଥି ଚର୍ଚ୍ଚା ଭତ୍ତା ୪୦ ହଜାରରୁ ୧ ଲକ୍ଷ ୮୧ ହଜାର ଟଙ୍କାକୁ ବଢ଼ାଯାଇଛି। ଏହାଛଡା ବାଚସ୍ପତି, ଉପବାଚସ୍ପତି, ସଚେତକ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବିଧାୟକଙ୍କ ଲାଗି ବି ଆଉ କେତେକ ଭତ୍ତା ରହିଛି।

ଉପବାଚସ୍ପତିଙ୍କ ମାସିକ ବେତନ ୩୮ ହଜାରରୁ ୯୪ ହଜାର ଟଙ୍କାକୁ ବଢାଯାଇଥିବା ବେଳେ ତାଙ୍କ ମୋଟର ଗାଡି ଭତ୍ତା ବି ୧୭ ରୁ ୮୫ ହଜାର ଓ ଅତିଥି ଚର୍ଚ୍ଚା ଭତ୍ତା ୪୦ ହଜାର ଟଙ୍କାରୁ ୧ ଲକ୍ଷ ୭୭ ହଜାର ଟଙ୍କାକୁ ବଢାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ମାସିକ ବେତନ ୪୧ ହଜାରରୁ ୧ ଲକ୍ଷ ଟଙ୍କାକୁ ବଢାଯାଇଥିବା ବେଳେ ତାଙ୍କର ଯାନବାହାନ ଭତ୍ତା ୧୭ ହଜାରରୁ ୯୧ ହଜାର ଟଙ୍କା ଓ ଅତିଥି ଚର୍ଚ୍ଚା ଭତ୍ତା ମଧ୍ୟ ୪୦ ହଜାର ଟଙ୍କାରୁ ୧ଲକ୍ଷ ୮୩ହଜାର ଟଙ୍କାକୁ ବଢ଼ିଛି। ଉପମୁଖ୍ୟମନ୍ତ୍ରୀମାନେ ଏଣିକି ସେମାନଙ୍କ ବେତନ ୪୦,୫୦୦ ପରିବର୍ତ୍ତେ ମାସିକ ୯୮ ହଜାର ଟଙ୍କା ପାଇବେ ଓ ଏହାଛଡା ୮୯ହଜାର ଟଙ୍କାର ଯାନବାହାନ ଭତ୍ତା ଓ ୧ ଲକ୍ଷ ୮୧ ହଜାର ଟଙ୍କା ଅତିଥି ଚର୍ଚ୍ଚା ଭତ୍ତା ମଧ୍ୟ ପାଇପାରିବେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live


ସମ୍ପାଦକୀୟ

SANCHAR
ସଂଚାର

ବୁଧବାର ୧୦ ଡିସେମ୍ବର ୨୦୨୫, ଭୁବନେଶ୍ୱର

Wednesday 10 December 2025, Bhubaneswar




# ଇଣ୍ଡିଗୋ କ୍ରାଇସିସ୍ ଏକ ଷଡ଼ଯନ୍ତ୍ର

ଭାରତର ଆକାଶମାର୍ଗରେ ଇଣ୍ଡିଗୋର ଏହି ବର୍ତ୍ତମାନର ସଙ୍କଟ କେବଳ ଏକ ଅପରିଚାଳିତ ଘଟଣା ନୁହେଁ, ଏହା ଏକ ବଡ଼ ରାଜନୈତିକ ଓ ବ୍ୟବସାୟିକ ଷଡଯନ୍ତ୍ରର ପରିଚାୟକ। ୨୦୨୫ ଡିସେମ୍ବରରେ ଆରମ୍ଭ ହୋଇଥିବା ଏହି ବିପର୍ଯ୍ୟୟରେ ୩,୪୦୦ରୁ ଅଧିକ ଫ୍ଲାଇଟ୍ ବାତିଲ ହୋଇଛି, ଯାହା ଦେଶର ଲକ୍ଷାଧିକ ଯାତ୍ରୀଙ୍କୁ ପ୍ରଭାବିତ କରିଛି।



ବିବାହ ମୃତ୍ୟୁକାଳରେ ଏହା ଅଧିକ ବେଦନାଦାୟକ ହୋଇଥିବା ଦେଖିବାକୁ ମିଳିଛି। କିନ୍ତୁ ପରଦା ପଛରେ କଣ ଚାଲୁଛି? ଏହା କେବଳ ନୂତନ ଏଫଡିଏଲଟି (ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେସନ୍) ନିୟମରୁ ଅନଭିଜ୍ଞତାର ଫଳ, ନା ଏକ ପୂର୍ବନିର୍ଦ୍ଧାରିତ ଏଜେଣ୍ଡା?

ପ୍ରଥମେ ଦେଖନ୍ତୁ ଇଣ୍ଡିଗୋର ଭୂମିକା। ଭାରତର ସବୁଠାରୁ ବଡ଼ ଏୟାରଲାଇନ୍ ଭାବେ ୬୦ ପ୍ରତିଶତରୁ ଅଧିକ ବଜାର ଆଧିପତ୍ୟ ଧରି ରଖିଥିବା ଏହି କମ୍ପାନୀ ନୂତନ ନିୟମକୁ ସମ୍ପୂର୍ଣ୍ଣ ଭାବେ ଅନଭିଜ୍ଞ ହୋଇଛି। ନଭେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହୋଇଥିବା ଏଫଡିଏଲଟି ନିୟମରେ ପାଇଲଟଙ୍କ ବିଶ୍ରାମ ସମୟ ବଢ଼ାଇ ଉଡାଣ କ୍ଲାନ୍ତିକୁ ମେଣ୍ଟାଇବାକୁ ଲକ୍ଷ୍ୟ ରଖାଯାଇଥିଲା । କିନ୍ତୁ ଇଣ୍ଡିଗୋର ଲୋ-କଷ୍ଟ ମଡେଲ୍ ଅନୁସାରେ କ୍ୱାଣ୍ଟ ମାନ୍ପାର୍ ପ୍ଲାନିଂ ଓ ପୁଲ୍ ନହୋଇଥିବା ପାଇଲଟ ନିୟୋଗ ଏହାକୁ ଅନିୟନ୍ତ୍ରିତ କରିଦେଇଛି। ଏହା କେବଳ ଅବହେଳା ନୁହେଁ, ଏହା ଲାଭମୁଖୀ ନୀତିର ପରାକ୍ରମ। ସିଇଓ ପିଟର୍ ଏଲ୍ବର୍ସ ଅପରାଧ ସ୍ୱୀକାର କରିଛନ୍ତି, କିନ୍ତୁ କଣ ଏହା ଏକ ରଣନୀତିକ ପଦକ୍ଷେପ ନୁହେଁ? ଅନ୍ୟ ଏୟାରଲାଇନମାନେ ଏହି ନିୟମକୁ ସହଜରେ ଅନୁସରଣ କରିଛନ୍ତି, ତେବେ ଇଣ୍ଡିଗୋ କାହିଁକି ନୁହେଁ? ଏହା ସମ୍ଭବତଃ ତାଙ୍କ ମନୋପଲିକୁ ଜାରି ରଖିବାକୁ ଚେଷ୍ଟା, ଯାହା ଅନ୍ୟ ପ୍ରତିଦ୍ୱନ୍ଦୀଙ୍କୁ ଅସୁବିଧାରେ ପକାଇବାକୁ ଟାର୍ଗେଟ କରାଯାଇଥିଲା।

ପରଦା ପଛରେ ଆଉ ଏକ ଏଜେଣ୍ଡା ଅଛି – ନିୟାମକ ସଂସ୍ଥା ଡିଜିସିଏର ଭୂମିକା। ସଙ୍କଟ ଆରମ୍ଭ ହେବା ପୂର୍ବରୁ ନିୟମ କାର୍ଯ୍ୟକାରୀ ହୋଇଥିଲା, କିନ୍ତୁ କାହିଁକି ଇଣ୍ଡିଗୋକୁ ପୂର୍ବାନୁମତି ଦିଆଗଲା ନାହିଁ? ଡିସେମ୍ବର ୫ରେ ସେମାନେ ଏଫଡିଏଲଟିରୁ ଅସ୍ଥାୟୀ ଛାଡ଼ ଦେଇଛନ୍ତି, ଯାହା ଫେଡରେସନ୍ ଅଫ୍ ଇଣ୍ଡିଆନ୍ ପାଇଲଟ୍ସ ଦ୍ୱାରା ସୁରକ୍ଷା ବିରୋଧୀ ବୋଲି ନିନ୍ଦା କରାଯାଇଛି । ଏହା କେବଳ ସରକାରୀ ସହଯୋଗୀତାର ନିର୍ଦ୍ଦେଶ, ନା ଇଣ୍ଡିଗୋର ଆଧିପତ୍ୟକୁ ସୁରକ୍ଷିତ ରଖିବା ଏକ ରାଜନୈତିକ ଚାଲ? ବିପକ୍ଷ ନେତା ରାହୁଲ ଗାନ୍ଧୀ ଏହାକୁ 'ସରକାରୀ ମନୋପଲି ମଡେଲ୍'ର ବିଫଳତା ବୋଲି ଆଖ୍ୟା ଦେଇଛନ୍ତି, ଯାହା ସତ୍ୟ ବୋଲି ଅନୁମାନ କରାଯାଉଛି। ଏବେ ସରକାର ଇଣ୍ଡିଗୋର ଶୀତକାଳୀନ ସିଡ୍ୟୁଲ ୫ ପ୍ରତିଶତ କମାଇ ଅନ୍ୟ ଏୟାରଲାଇନସକୁ ସ୍ଲଟ୍ ଦେଉଛନ୍ତି – ଏହା କେବଳ ସଂଶୋଧନ ନୁହେଁ, ଏହା ଏକ ନୀତିଗତ ପ୍ରତିଦ୍ୱନ୍ଦୀତା ସୃଷ୍ଟିର ପ୍ରୟାସ। ଏୟାର ଡେକ୍କାନ ପ୍ରତିଷ୍ଠାତା ଜି.ଆର୍. ଗୋପୀନାଥ୍ କହିଛନ୍ତି, ଏହି ଦୋମୁହାଁ ନୀତିରେ ଇଣ୍ଡିଗୋର ଆଧିପତ୍ୟ ପ୍ରତି ଦୀର୍ଘକାଳୀନ ବିପଦ ସୃଷ୍ଟି କରୁଛି। କଣ ଏହା ଏକ ବଡ଼ ଷଡଯନ୍ତ୍ର, ଯେଉଁଥିରେ ପ୍ରତିଦ୍ୱନ୍ଦୀମାନେ ଓ ରାଜନୈତିକ ଦଳମାନଙ୍କ ହାତ ରହିଛି କି ବୋଲି ପ୍ରଶ୍ନ ଉଠୁଛି।

ଯାତ୍ରୀମାନଙ୍କ ପାଇଁ ଏହା ଏକ ବିପର୍ଯ୍ୟୟ। ଲକ୍ଷାଧିକ ଲୋକ କ୍ଷୁବ୍ଧ ହୋଇଛନ୍ତି, ଫେୟାର୍ ବୃଦ୍ଧି ହୋଇଛି, ଏବଂ ରେଳପଥରେ ଅତିରିକ୍ତ କୋଚ୍ ଯୋଡ଼ାଯାଇଛି। କିନ୍ତୁ ଏହାର ମୂଳ କାରଣ ହେଉଛି ବ୍ୟବସ୍ଥାର ଅନିୟନ୍ତ୍ରଣ। ପାଇଲଟ୍ ୟୁନିୟନମାନେ ବର୍ଷ ବର୍ଷର ଅନ୍ୟାୟର ବିରୋଧରେ ଆନ୍ଦୋଳନ କରୁଛନ୍ତି, ଯାହା ସରକାର ଦ୍ୱାରା ଦମନ କରାଯାଉଛି। ଏହି ସଙ୍କଟରୁ ଆମେ ଶିଖିବା ଉଚିତ୍: ଆଧିପତ୍ୟ ଓ ଲାଭ ପାଇଁ ସୁରକ୍ଷା ସହ ସାଲିସ ଓ ଯାତ୍ରୀଙ୍କ ଅଧିକାର କ୍ଷୁର୍ଣ୍ଣ ହେବା ଉଚିତ ନୁହେଁ। ଡିଜିସିଏ ମଧ୍ୟ ଏହାର ନିରୀକ୍ଷଣ ସହ ସରକାର ନ୍ୟାୟସଙ୍ଗତ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବା ଉଚିତ୍। ଇଣ୍ଡିଗୋର ସିଇଓ କହୁଛନ୍ତି ସଙ୍କଟ ନିୟନ୍ତ୍ରଣରେ, କିନ୍ତୁ ପରଦା ପଛରେ ଚାଲିଥିବା ଷଡଯନ୍ତ୍ର ପଦାକୁ ଆସିବା ଜରୁରୀ। ନହେଲେ, ଆକାଶମାର୍ଗ ଆହୁରି ଅନେକ ବିପର୍ଯ୍ୟୟର ଶିକାର ହେବ ଏଥିରେ ସନ୍ଦେହ ନାହିଁ।

# ଯେତେ ବିଙ୍କ ସେତେ ଅଙ୍କ

## ଡ଼. ମନୋଜ କୁମାର ମହାନ୍ତି



ପ୍ରତ୍ୟେକ ସାହିତ୍ୟ ସଭାର ଆୟୋଜନ ଏକପ୍ରକାର ସ୍ୱତନ୍ତ୍ର। ବିଶେଷକରି ରବିବାର ଦିନ ଆୟୋଜିତ ସାହିତ୍ୟ ଆସରର ଅବସରର ଆନନ୍ଦ ସମ୍ପୂର୍ଣ୍ଣ ନିଆରା। ଜିଲ୍ଲା ସଂସ୍କୃତ ଭବନରେ ରବିବାର ଅପରାହ୍ଣରେ ଜଣେ ପ୍ରତିଷ୍ଠିତ ଶିକ୍ଷାବିତଙ୍କ ଆୟୋଜିତ ପୁସ୍ତକ ଲୋକାର୍ପଣ ଉତ୍ସବର ଏକ ଭବ୍ୟସଭାରେ ମୋର ଉପସ୍ଥିତି ଏକ ସୁନ୍ଦର ଅନୁଭୂତି। ଯଦିଓ ନିମନ୍ତ୍ରଣ ପତ୍ରରେ କାର୍ଯ୍ୟସୂଚୀ ତଥା ସମୟ ନିର୍ଘଣ୍ଟ ହୋଇଥିଲା କିନ୍ତୁ ସଭାଟି ଆରମ୍ଭ ହେଲା ଦେଢ଼ଘଣ୍ଟା ବିଳମ୍ବରେ। କାରଣ ସଭାପାଇଁ ନିମନ୍ତ୍ରିତ ପ୍ରତ୍ୟେକ ଅତିଥିମାନେ ଜଣେଜଣେ ବିଶିଷ୍ଟବ୍ୟକ୍ତି। ଭାରତର ସମୟାନୁବର୍ତ୍ତିତା ସହ ଆମେ ସମସ୍ତେ ଜଡ଼ିତ। ଉଚ୍ଚ ପଦପଦବୀରେ ଅଧିଷ୍ଠିତ ବ୍ୟକ୍ତିମାନଙ୍କର ଏକପ୍ରକାର ମନରସ୍ଥିତି ଦୀର୍ଘଦିନ ଧରି ବସା ବାନ୍ଧିସାରିଛି। ସେମାନଙ୍କ ଚାଲିଚଳନ ହାବଭାବ ଦେଖି ସାଧାରଣଜନତାଙ୍କର ମଧ୍ୟ ସେଇପ୍ରକାରର ପରିଭାଷାର ପ୍ରତିଫଳନ ହେବାରେ ଲାଗିଛି। ପ୍ରାୟ ଆମ ସମସ୍ତଙ୍କର ଏସବୁ ନିତିଦିନିଆ ଘଟଣା। ଆମେ ସମସ୍ତେ କୁହାଳିଆ। ଅନ୍ୟକୁ କହିବାରେ ଆମେ ଯେତେ ସମୟାନୁବର୍ତ୍ତୀ ଓ ଆଗଭର କିନ୍ତୁ କର୍ମକ୍ଷେତ୍ରରେ ତାହା ଦୁର୍ବଳ ତଥା ଶିଥିଳ। ଧିରେଧିରେ ଜଣେପରେଜଣେ ସଭାକକ୍ଷକୁ ପ୍ରବେଶ କରୁଥାନ୍ତି। ସବୁ ଦର୍ଶକଙ୍କୁ ମିଶାଇଲେ ବେଶୀ ନହେଲେବି କୋଡ଼ିଏ ଜଣ ଷାଠିଏ ବର୍ଷରୁ ଅଧିକ ବରିଷ୍ଠ ନାଗରିକ ତଥା ବାକି ଆଠଦଶ ଜଣ ସେଇ ପଇଁତିରିଶରୁ ପଇଁଚାଳିଶି ବୟସ ମଧ୍ୟରେ ଉପସ୍ଥିତ ଶ୍ରୋତା ଓ ଦର୍ଶକ। ସେମାନଙ୍କ ମଧ୍ୟରୁ ମୁଁ ଜଣେ। ସଭାରେ ଉପସ୍ଥିତଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଜିଲ୍ଲାପାଳଠାରୁ ଆରମ୍ଭ କରି ବିଶିଷ୍ଟ ଶିକ୍ଷାବିତଙ୍କ ଉପସ୍ଥିତ ସଭାର ଆକର୍ଷଣବିନ୍ଦୁ। ବ୍ୟସ୍ତତା ସକାଶେ ଜିଲ୍ଲାପାଳ ସ୍ୱଳ୍ପସମୟ ମଧ୍ୟରେ ପୁସ୍ତକର ଲୋକାର୍ପଣ ପରେପରେ ଅଳ୍ପ କେଇଧାଡ଼ିରେ ସଭାଟିକୁ ସମ୍ବୋଧନ କରି ବାହାରିଗଲେ। ପ୍ରତ୍ୟେକ ସାହିତ୍ୟ ଓ ପୁସ୍ତକ ଲୋକାର୍ପଣ ସଭା ପ୍ରକୃତରେ ସମୟ-ସାପେକ୍ଷ। କାରଣ କୌଣସି ବିଜ୍ଞବ୍ୟକ୍ତିମାନଙ୍କର ଯେତେବେଳେ ମେଳିହୁଏ ଏବଂ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଚର୍ଚ୍ଚା ଆରମ୍ଭ ହୁଏ ତାକୁ ସମୟରେ ବାନ୍ଧିରଖି ହୁଏନା। କଥାରେ ଅଛି ଭାଷା ସାହିତ୍ୟର କୌଣସି ପରିସୀମା ନାହିଁ। ପ୍ରତ୍ୟେକ ସଭାରେ 'ଚା' ଜଳଖିଆ ଏକ ସାଧାରଣ ପରମ୍ପରା। ସଭା ଭାବ୍ୟ ହେଉକି ସାଧାରଣ କିନ୍ତୁ ସଭାରେ ସାଧାରଣଜନତାଙ୍କୁ ବାନ୍ଧିରଖିବାପାଇଁ ଶବ୍ଦ ଯେତିକି ଜରୁରୀ ତାସହ 'ଚା' ଜଳଖିଆର ମଧ୍ୟ ବ୍ୟବସ୍ଥା ଅତ୍ୟନ୍ତ ସୁଖଦପୂର୍ଣ୍ଣ। ସାଧାରଣ ସଭାରେ ଜଳଖିଆ ନହେଲେବି କପେ 'ଚା' ଓ ଦିଖଣ୍ଡ ବିସ୍କୁଟ ହେଲେ ତାହା ମଧ୍ୟ ଗ୍ରହଣୀୟ। ସଭା ଆରମ୍ଭର କିଛି ସମୟ ବ୍ୟବଧାନରେ ମଞ୍ଚାସୀନ ଅତିଥିମାନଙ୍କୁ 'ଚା' ପରସାଗଲା। ମଞ୍ଚତଳେ ବସିଥିବା ଦର୍ଶକମାନଙ୍କୁ ମଧ୍ୟ। ମଞ୍ଚାସୀନ ଅତିଥିମାନଙ୍କୁ ଶଙ୍ଖ ମଳମଳ ଝଟକୁଥିବା କପ୍-ପ୍ଲେଟରେ ଚା ପରିସିବା ଏକ ସ୍ୱଚ୍ଛସୁନ୍ଦର ପରିବେଶର ପରିକଳ୍ପନା। ଅର୍ଥାତ 'ଚା' ପିଇସାରିବା ପରେ ତାକୁ ନେଇ ଧୋଇପୋଛି ପୁଣି ସୁରକ୍ଷିତ ସ୍ଥାନରେ ରଖିହେବ। କିନ୍ତୁ ମଞ୍ଚତଳେ ବା ସମ୍ମୁଖରେ ବସିଥିବା ଶ୍ରୋତାଙ୍କ ପାଇଁ କାଗଜ କପ୍ ଦ୍ୱାରା 'ଚା' ପରିସିବା ନିଶ୍ଚିତଭାବେ ଏକ ଦୂଷିତ ପରିବେଶର ନିଦର୍ଶନ। 'ଚା' ପିଇବା ପରେ ବସିଥିବା ଶ୍ରୋତାଙ୍କ ଆଚରଣବିଧି ଠିକ୍-ଠାକ୍ ଲାଗୁ ନଥିଲା। କେହି 'ଚା' ପିଇସାରି 'ଚା' କପଟିକୁ ମୋଡ଼ିମାଡ଼ି କୋଣକୁ ଧିରେକରି ଫିଙ୍ଗୁ ଦେଉଥାଏ ତ ଆଉ କେହି 'ଚା' କପକୁ ବସିଥିବା ଚେୟାର ତଳକୁ ଫୋପାଡି ଦେଉଥାଆନ୍ତି। କେହି ଜଣେ ଉଠିପଡ଼ି ବାହାର ଡ଼ଷ୍ଟବିନରେ ସୁରକ୍ଷିତ ଢ଼ଙ୍ଗରେ ପକାଇବାପାଇଁ ଇଚ୍ଛା ପ୍ରକାଶ ନଜର ଆସୁନଥାଏ। ମୋର 'ଚା' ପିଇବା ଅଭ୍ୟାସର ଦୀର୍ଘଦିନ ହେବ ଅନ୍ତ ହୋଇ ସାରିଛି। ଅନ୍ତତଃ ସେ ସମୟରେ ମୁଁ ଏଭଳି କାର୍ଯ୍ୟର ସମାଲୋଚନାରୁ ଦୂରରେ। ସଭାରେ ସଭାପତିଙ୍କ ଆହ୍ୱାନକ୍ରମେ ମଞ୍ଚାସୀନ ଅତିଥିଗଣ ଜଣଙ୍କ ପରେ ଜଣେ ଆସି ସେମାନଙ୍କ ଅଭିଭାଷଣ ପ୍ରଦାନ କରୁଥାନ୍ତି। ଜ୍ଞାନୀଗୁଣି ବ୍ୟକ୍ତିମାନଙ୍କ ତଥ୍ୟଭିତ୍ତିକ ଶବ୍ଦ ମାଧୂର୍ଯ୍ୟରେ ମୁଁ ସମ୍ପୂର୍ଣ୍ଣ ବିମୋହିତ। ତତ୍ ସହିତ ମଞ୍ଚାସୀନ ଅତିଥିମାନଙ୍କ ଆଚରଣକୁ ମୁଁ ଯତ୍ନ ସହକାରେ ନିରୀକ୍ଷଣ କରୁଥାଏ ଅତି ଶୃଙ୍ଖଳିତ ଭାବରେ।

'ଚା' ଯୋଗାଣରେ ଥିବା ଲୋକଟି ଦ୍ୱିତୀୟ ପର୍ଯ୍ୟାୟର 'ଚା' ଆଣି ମଞ୍ଚାସିନ ଅତିଥିମାନଙ୍କୁ ଆପ୍ୟାୟିତ କରୁଥିବା ସମୟରେ କିଛି ଅତିଥିମାନଙ୍କର 'ଚା'ପ୍ରତି ଅନାଗ୍ରହତା ସହ ଆଉ କେତେକଙ୍କର ଆନ୍ତରିକତା ଦେଖିବାକୁ ମିଳେ। 'ଚା' ଆମ ସମସ୍ତଙ୍କର ଦୈନିକ ଅଭ୍ୟାସ। ସକାଳ ଓ ସଞ୍ଜବେଳେ ପୁଣି କିଛି ଲୋକଙ୍କର ମଧ୍ୟାହ୍ନରେ 'ଚା' ପିଇବା ଆମ ସମସ୍ତଙ୍କର ଏକ ଦୁର୍ବଳ ଅଭ୍ୟାସ କହିଲେ ଅତ୍ୟୁକ୍ତି ହେବନାହିଁ। ଖାଲି ସେତିକି ନୁହେଁ 'ଚା' ଅମଲିଦାର 'ଚା' ବିନା କିଛି କରିପାରନ୍ତି ନାହିଁ ଏକ ନିଶା କହିଲେ ଭୁଲ୍ ହେବନି। ଅତିଥିମାନଙ୍କୁ 'ଚା' ଯାଚିବା ଏକ ଆତିଥେୟତା ତଥା ଭାରତୀୟ ପରମ୍ପରା। ସେ ଖିରାବେଳ ହେଉକି ଶୋଇବାବେଳ। 'ଚା'ପ୍ରତି ଆଗ୍ରହ ଦେଖାଉଥିବା ମଞ୍ଚାସୀନ ଅତିଥିଜଣକ ପୋଖତ ପାନୁଆ। ପ୍ରବଳ ଚୋବାନ୍ତି ତାହା ସଭା ଆରମ୍ଭରୁ ଜଣାପଡୁଥିଲା। ସେ ଜଣେ ସୁସାହିତ୍ୟିକ, ଲେଖକ ଏବଂ ସୁବକ୍ତା। ଅନେକ ସାହିତ୍ୟ ସଭା ତଥା ଅନ୍ୟାନ୍ୟ ମଞ୍ଚରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଭାଷା ଓ ସାହିତ୍ୟକୁ ଉପସ୍ଥାପନ କରି ଅନ୍ୟକୁ ଆକର୍ଷଣ କରିବାରେ ସେ ଆଗଧାଡିରେ। ଭାଷଣ ସମୟରେ ନିଜର ଆତ୍ମଗରିମା ଓ ଜୟଗାନକୁ ଅତି ସୁନ୍ଦରଭାବେ ନିଜେ ଉପସ୍ଥାପନ କରିବାରେ କୌଣସି ଅସୁବିଧା ସୃଷ୍ଟିହୁଏନି। ଜାତଦେଖା ପୁଣି କଦଳୀବିକା ଏହା ଆମ ସ୍ୱଭାବ। ବେଳେବେଳେ ନିଜ ଢ଼ୋଲ ନିଜେ ପିଟିବା ବୁଦ୍ଧିମାନର ପରିଚୟ। ବୁଦ୍ଧିମାନ ଲୋକ ହିଁ ନିଜଦ୍ୱାରା ପ୍ରଚାରିତ ହେବାକୁ ଭଲପାଏ। ପ୍ରଚାର ପ୍ରସାର ଦ୍ୱାରା ମଣିଷର ଏକରକମ ପରିଚୟ ସୃଷ୍ଟିହୁଏ। ପାନ ଚୋବାଉଥିବା ଅତିଥିଙ୍କୁ ସମ୍ମାନପୂର୍ବକ 'ଚା' ଯାଚିବା ଏବଂ କାଳବିଳମ୍ବ ନକରି ଅତିଥିବକ୍ତା 'ଚା' ଗ୍ରହଣକଲେ। ହେଲେ ପାନଚୋବା ସରିନି ତାସହ 'ଚା' ନିଶା। ମଞ୍ଚାସୀନ ଅତିଥି ଚୋବାଉଥିବା ପାନଛେପକୁ ଢ଼ୋକିଦେଲେ କିନ୍ତୁ ପାନର ଛେଦରାକୁ କାଢ଼ି ନିଜେ ବସିଥିବା ଟେବୁଲ୍ ତଳକୁ ନିର୍ଭୟରେ ଫିଙ୍ଗିଦେଲେ। ବଡ ଆଶ୍ଚର୍ଯ୍ୟ ଲାଗିଲା ଗୁଣୀଜ୍ଞାନୀ ବୟସ୍କଙ୍କ ନିକଟରେ ଏସବୁ ମଧ୍ୟ ପ୍ରତିଫଳିତ ହୋଇଥାଏ କି ? ସେ ସମ୍ପୂର୍ଣ୍ଣ ଶାରିରୀକ ସୁସ୍ଥ ମଣିଷ। ଅଳ୍ପଦିନ ହେବ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି କିନ୍ତୁ ବାର୍ଦ୍ଧକ୍ୟତାର କୌଣସି ଅକ୍ଷମତାର ଗନ୍ଧବାସ୍ନା ନାହିଁ। ସେ ଚାହିଁଥିଲେ ବେସିନ୍ କିମ୍ବା ଡ଼ଷ୍ଟବିନ୍ ବ୍ୟବହାର କରିପାରିଥାନ୍ତେ। 'ଚା' ପିଇସାରି ନିଜ ପାଳିର ବକ୍ତବ୍ୟ ରଖିଲେ। ଗ୍ରୀକ୍ ଦାର୍ଶନିକ ସକ୍ରେଟିସଙ୍କ ନୈତିକ ଜୀବନ ଉପରେ ସେ ଆଲୋକପାତ କଲେ। ସକ୍ରେଟିସ ଜଣେ ଗପୁଡ଼ା ପ୍ରକୃତିର ବ୍ୟକ୍ତିଥିଲେ। ବାଟେଘାଟେ, ହାଟବଜାରେ ଯିଏ ମିଳିଲା ତାସହ ଜ୍ଞାନଚର୍ଚ୍ଚା ଆରମ୍ଭ କରନ୍ତି ସତ କିନ୍ତୁ ଜ୍ଞାନ ଚର୍ଚ୍ଚାର ଶେଷହେବାର କୌଣସି ନିର୍ଘଣ୍ଟ ନଥାଏ। ଭିନ୍ନଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସେ ଯୋଗଦେବାକୁ ଆଗ୍ରହ ପ୍ରକାଶ କରୁଥିଲେ କାରଣ ସେ ବାସ୍ତବ ଜ୍ଞାନ ବିଷୟରେ ଆଲୋଚନାପାଇଁ ଅଧିକଲୋକଙ୍କ ଉପସ୍ଥିତ ଲୋଡୁଥିଲେ। ଅର୍ଥାତ ସାଧାରଣ ଜନତାରୁ ଉଚ୍ଚବର୍ଗ ତଥା ଯୁବଗୋଷ୍ଠୀଙ୍କୁ ବହୁମାତ୍ରାରେ ସଚେତନ କରାଇବା ଲକ୍ଷ୍ୟରେ ସେ ସମସ୍ତ ଆଲୋଚନା କରୁଥିଲେ। ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ଅତ୍ୟଧିକ ମଦ୍ୟପାନ କରୁଥିଲେ ମଧ୍ୟ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁନଥିଲେ। ସଦା ଭଦ୍ର ତଥା ଶାନ୍ତସରଳ ସ୍ୱଭାବ ଆଚରଣ ପ୍ରଦର୍ଶନ କରୁଥିଲେ। ସକ୍ରେଟିସ ଏକ ନିର୍ଦ୍ଦିଷ୍ଟ ପୋଷାକକୁ ବହୁଦିନଧରି ପରିଧାନ ସହ ନିଜ ଶାରୀରିକ ସ୍ୱଚ୍ଛତାକୁ ଏତେଟା ଗୁରୁତ୍ୱ ଦେଉନଥିଲେ କିନ୍ତୁ ସର୍ବସାଧରଣ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ପ୍ରତି ସେ ବହୁ ସଚେତନ ଥିଲେ। କିନ୍ତୁ ଆମମାନଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ। ଆମେ ନିଜକୁ ଅଧିକ ସ୍ୱଚ୍ଛ ଓ ପରିଷ୍କାର ପାଇଁ ସଦାସର୍ବଦା ଯତ୍ନଶୀଳ କିନ୍ତୁ ସର୍ବସାଧାରଣ ଜାଗାକୁ ଅପରିସ୍କାର ନଷ୍ଟଭ୍ରଷ୍ଟ କରି କଦାଗାର ବିଭତ୍ସ କରିବାରେ ବ୍ୟସ୍ତ। ଆମେ ଯେତେ ଶିକ୍ଷିତ ସଭ୍ୟ ବୋଲି ନିଜକୁ ପରିଚୟ ଦିଅନ୍ତି କିନ୍ତୁ ଆମ ଆଚରଣରେ ସେତିକି ଅଜ୍ଞାନତା ତଥା ଅସଭ୍ୟତା ପ୍ରଦର୍ଶିତ ହେଉଛି। ନୈତିକ ତଥା ଆଦର୍ଶଗତ ଉପଦେଶ, ଅଭିଭାଷଣ ଦେବାରେ ଆମେ ଯେତିକି ଆନନ୍ଦ ଅନୁଭବ କରନ୍ତି ସେତେଟା କାର୍ଯ୍ୟକ୍ଷେତ୍ରରେ ଦେଖିବାକୁ ମିଳୁନି। ଏହା ସ୍ପଷ୍ଟ ଯେ ଯିଏ ଯେତେ ବିଙ୍କ ସିଏ ସେତେ ଅଙ୍କ।


**ଦର୍ଶନ ବିଭାଗୀୟ ମୂଖ୍ୟ, ବି.ଏନ.ଏମ.ଏ ମହାବିଦ୍ୟାଳୟ, ଭଦ୍ରକ, ମୋବାଇଲ୍: ୮୮୯୫୩୪୧୦୩୩**


# ମାନବାଧିକାର ଦିବସର ଗୁରୁତ୍ୱ!

## ଅସିତ ମହାନ୍ତି



ପ୍ରତିବର୍ଷ ଡିସେମ୍ବର ୧୦ ତାରିଖରେ ପାଳନ କରାଯାଉଥିବା ମାନବାଧିକାର ଦିବସ, ୧୯୪୮ ମସିହାରେ ମାନବାଧିକାରର ସାର୍ବଜନୀନ ଘୋଷଣାପତ୍ର ଗ୍ରହଣ କରିବାର ସ୍ମୃତିରେ ପାଳନ କରାଯାଏ। ଏହା ବିଶ୍ୱକୁ ସମସ୍ତ ଲୋକଙ୍କ ଅନ୍ତର୍ନିହିତ ମର୍ଯ୍ୟାଦା ଏବଂ ସମାନ ଅଧିକାର ମନେ ପକାଇବା ପାଇଁ ଉଦ୍ଦିଷ୍ଟ। ତଥାପି, ଦଶନ୍ଧି ଧରି ପ୍ରଗତି ସତ୍ତ୍ୱେ, ମାନବାଧିକାର ଉଲ୍ଲଂଘନ ସମଗ୍ର ବିଶ୍ୱରେ ବ୍ୟାପକ ଭାବରେ ରହିଛି, ପୁରୁଣା ଏବଂ ନୂତନ ରୂପରେ ପ୍ରକାଶିତ ହେଉଛି ଯାହା ଏହି ଦିନ ବଜାୟ ରଖିବାକୁ ଚାହୁଁଥିବା ଆଦର୍ଶକୁ ଚ୍ୟାଲେଞ୍ଜ କରେ।

ଆଜିର ବିଶ୍ୱରେ, ମାନବାଧିକାର ଉଲ୍ଲଂଘନ ହେଉଛି ଏପରି ଉପାୟରେ ଯାହା ନିରନ୍ତର ଐତିହାସିକ ଅନ୍ୟାୟ ଏବଂ ଉଦୀୟମାନ ବିଶ୍ୱ ସଙ୍କଟ ଉଭୟକୁ ପ୍ରତିଫଳିତ କରେ। ସବୁଠାରୁ ସ୍ପଷ୍ଟ ଉଲ୍ଲଂଘନ ମଧ୍ୟରୁ ଗୋଟିଏ ହେଉଛି ଅଭିବ୍ୟକ୍ତିର ସ୍ୱାଧୀନତାର ନିରନ୍ତର ଦମନ। ଅନେକ ଦେଶରେ, ସାମ୍ବାଦିକ, କର୍ମୀ ଏବଂ ସାଧାରଣ ନାଗରିକମାନେ ସରକାର କିମ୍ବା ଶକ୍ତିଶାଳୀ ପ୍ରତିଷ୍ଠାନ ବିରୁଦ୍ଧରେ କହିବା ପାଇଁ ଭୟ, କାରାଦଣ୍ଡ କିମ୍ବା ହିଂସାର ସମ୍ମୁଖୀନ ହୁଅନ୍ତି। ଡିଜିଟାଲ୍ ନିରୀକ୍ଷଣର ବୃଦ୍ଧି ଏହି ସମସ୍ୟାରେ ଏକ ନୂତନ ଦିଗ ଯୋଡ଼ିଛି, କାରଣ ରାଜ୍ୟ ଏବଂ କର୍ପୋରେସନଗୁଡ଼ିକ ଅନଲାଇନ୍ କାର୍ଯ୍ୟକଳାପ ଉପରେ ନଜର ରଖନ୍ତି, ସୂଚନାର ପ୍ରବେଶକୁ ସୀମିତ କରନ୍ତି ଏବଂ ଭିନ୍ନ ମତ ପ୍ରକାଶ କରନ୍ତି। ସାର୍ବଜନୀନ ଘୋଷଣାପତ୍ରରେ ନିହିତ ବାକ୍ ମୁକ୍ତତାର ପ୍ରତିଶ୍ରୁତି, ସ୍ୱେଚ୍ଛାଚାରୀ ପ୍ରବୃତ୍ତି ଏବଂ ପ୍ରଯୁକ୍ତିବିଦ୍ୟା ନିୟନ୍ତ୍ରଣ ଦ୍ୱାରା କ୍ରମାଗତ ଭାବରେ ଦୁର୍ବଳ ହେଉଛି।

ସଂଘର୍ଷ ଅଞ୍ଚଳରେ ଅଧିକାରର କ୍ଷୟ ହେଉଛି ଗମ୍ଭୀର ଚିନ୍ତାର ବିଷୟ। ଗାଜା, ୟୁକ୍ରେନ, ସୁଦାନ ଏବଂ ୟେମେନ ଭଳି ଅଞ୍ଚଳରେ ଯୁଦ୍ଧ ଯୋଗୁଁ ବହୁ ସଂଖ୍ୟକ ବିସ୍ଥାପନ, ନିର୍ବିଚାର ହତ୍ୟା ଏବଂ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରାଯାଇଛି। ଅଣ-ଯୁଦ୍ଧକାରୀଙ୍କୁ ସୁରକ୍ଷା ଦେବାକୁ ଚାହୁଁଥିବା ଅନ୍ତର୍ଜାତୀୟ ମାନବିକ ଆଇନ ନିୟମିତ ଭାବରେ ଉଲ୍ଲଂଘନ ହେଉଛି। ଶରଣାର୍ଥୀ ଏବଂ ଆଭ୍ୟନ୍ତରୀଣ ବିସ୍ଥାପିତ ବ୍ୟକ୍ତିମାନେ ପ୍ରାୟତଃ ଖାଦ୍ୟ, ଆଶ୍ରୟ ଏବଂ ସ୍ୱାସ୍ଥ୍ୟସେବାର ଅଭାବରେ ଭୟଙ୍କର ପରିସ୍ଥିତି ସହ୍ୟ କରନ୍ତି। ଏହି ଜନସଂଖ୍ୟାର ଦୁର୍ଦ୍ଦଶା ଦର୍ଶାଏ ଯେ ରାଜନୈତିକ କିମ୍ବା ସାମରିକ ଉଦ୍ଦେଶ୍ୟ ହାସଲ ପାଇଁ ଜୀବନ, ସୁରକ୍ଷା ଏବଂ ମର୍ଯ୍ୟାଦାର ଅଧିକାରକୁ କିପରି ବଳି ଦିଆଯାଏ। ଏହା ବ୍ୟତୀତ, ସଂଘର୍ଷରେ ଅନାହାର, ଯୌନ ହିଂସା ଏବଂ ବାଧ୍ୟତାମୂଳକ ନିଯୁକ୍ତିର ଅସ୍ତ୍ରୀକରଣ ଯୁଦ୍ଧ ସମୟରେ ମାନବାଧିକାର ପ୍ରତି ନିଷ୍ଠୁର ଅବମାନନାକୁ ଉଲ୍ଲେଖ କରେ। ଆର୍ଥିକ ଅସମାନତା ମଧ୍ୟ ଆଧୁନିକ ଯୁଗରେ ମାନବାଧିକାରର ଏକ ଗଭୀର ଉଲ୍ଲଂଘନକୁ ପ୍ରତିନିଧିତ୍ୱ କରେ। କେତେକ ଅଭୂତପୂର୍ବ ସମ୍ପତ୍ତି ଉପଭୋଗ କରୁଥିବା ବେଳେ, କୋଟି କୋଟି ଲୋକ ଦାରିଦ୍ର୍ୟ, କ୍ଷୁଧା ଏବଂ ମୌଳିକ ସେବାର ଅଭାବ ସହିତ ସଂଘର୍ଷ କରୁଛନ୍ତି। ମାନବତାର ଏକ ବିଶାଳ ଅଂଶ, ବିଶେଷକରି ବିକାଶଶୀଳ ଦେଶଗୁଡ଼ିକରେ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଉତ୍ତମ କାର୍ଯ୍ୟର ଅଧିକାରରୁ ବଞ୍ଚିତ। କୋଭିଡ-୧୯ ମହାମାରୀ ଏହି ଅସମାନତାକୁ ପ୍ରକାଶ ଏବଂ ଗଭୀର କରିଛି, କାରଣ ଉପେକ୍ଷିତ ସମ୍ପ୍ରଦାୟଗୁଡ଼ିକ ଅପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ଚାକିରି ହରାଇବା ଏବଂ ଟୀକା ଅସମାନତାର ଶିକାର ହୋଇଥିଲେ। ଧନୀ ରାଷ୍ଟ୍ରଗୁଡ଼ିକରେ ମଧ୍ୟ, ପଦ୍ଧତିଗତ ଭେଦଭାବ ସଂଖ୍ୟାଲଘୁମାନଙ୍କୁ ଆର୍ଥିକ କଷ୍ଟର ସମ୍ମୁଖୀନ ହେବାକୁ ଅସମାନ କରିଦେଇଛି। ଏପରି ଅସମାନତାର ସ୍ଥାୟୀତ୍ୱ ସମସ୍ତ ଲୋକଙ୍କୁ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ ଉପଯୁକ୍ତ ଜୀବନଧାରଣର ମାନଦଣ୍ଡ ପାଇବାର ହକଦାର ବୋଲି ନୀତିକୁ ଦୁର୍ବଳ କରିଦିଏ।

ଜଳବାୟୁ ପରିବର୍ତ୍ତନ ମାନବାଧିକାର ଉଲ୍ଲଂଘନର ଏକ ନୂତନ ସୀମା ଭାବରେ ଉଭା ହୋଇଛି। ସମୁଦ୍ର ସ୍ତର ବୃଦ୍ଧି, ଅତି ପାଣିପାଗ ଘଟଣା ଏବଂ ପରିବେଶଗତ ଅବକ୍ଷୟ ଲକ୍ଷ ଲକ୍ଷ ଲୋକଙ୍କ ଜୀବନଜୀବିକାକୁ ବିପଦରେ ପକାଇଛି, ବିଶେଷକରି ଛୋଟ ଦ୍ୱୀପ ରାଜ୍ୟ ଏବଂ ଆଫ୍ରିକା ଏବଂ ଏସିଆର ମରୁଡ଼ି ପ୍ରବଣ ଅଞ୍ଚଳଗୁଡ଼ିକରେ। ଏକ ସୁରକ୍ଷିତ ଏବଂ ସ୍ଥାୟୀ ପରିବେଶର ଅଧିକାରକୁ ମୌଳିକ ଭାବରେ କ୍ରମାଗତ ଭାବରେ ସ୍ୱୀକୃତି ଦିଆଯାଉଛି, ତଥାପି ବିଶ୍ୱବ୍ୟାପୀ ନିଷ୍କ୍ରିୟତା ଏବଂ ପ୍ରାକୃତିକ ସମ୍ପଦର ଶୋଷଣ ଭବିଷ୍ୟତ ପିଢ଼ିକୁ ବିପଦରେ ପକାଇ ଚାଲିଛି। ପରିବେଶର ରକ୍ଷକ ଭାବରେ କାର୍ଯ୍ୟ କରୁଥିବା ଆଦିବାସୀ ସମ୍ପ୍ରଦାୟମାନେ, ଖଣି, କାଠ କାଟିବା କିମ୍ବା ଶିଳ୍ପ ପ୍ରକଳ୍ପ ପାଇଁ ସେମାନଙ୍କ ଜମିକୁ ଶୋଷଣ କରାଯାଉଥିବାରୁ ବିସ୍ଥାପନ ଏବଂ ସାଂସ୍କୃତିକ କ୍ଷୟର ସମ୍ମୁଖୀନ ହୁଅନ୍ତି। ଜଳବାୟୁ ସଙ୍କଟ କେବଳ ଏକ ପରିବେଶଗତ ସମସ୍ୟା ନୁହେଁ ବରଂ ଏକ ମାନବାଧିକାର ଜରୁରୀକାଳୀନ ପରିସ୍ଥିତି ମଧ୍ୟ, କାରଣ ଏହା ଦାରିଦ୍ର୍ୟ,




ପ୍ରବାସ ଏବଂ ସଂଘର୍ଷକୁ ବୃଦ୍ଧି କରେ। ଭେଦଭାବ ମାନବାଧିକାରର ଆଉ ଏକ ବ୍ୟାପକ ଉଲ୍ଲଂଘନ ହୋଇ ରହିଛି। ଜାତିଭେଦ, ଲିଙ୍ଗବାଦ, ବିଦେଶୀ ଭୟ ଏବଂ ସମଲିଙ୍ଗୀ ଭୟ ଆଇନ ଅନୁଯାୟୀ ବ୍ୟକ୍ତିମାନଙ୍କୁ ସମାନ ସୁଯୋଗ ଏବଂ ସୁରକ୍ଷା ପ୍ରଦାନ କରିବାରୁ ବଞ୍ଚିତ କରିଆସୁଛି। ବିଶ୍ୱର ଅନେକ ସ୍ଥାନରେ ମହିଳାମାନେ ଏବେ ବି ଶିକ୍ଷା, ନିଯୁକ୍ତି ଏବଂ ଶାରୀରିକ ସ୍ୱାୟତ୍ତତା ଉପରେ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ଲିଙ୍ଗ-ଭିତ୍ତିକ ହିଂସା ବ୍ୟାପକ ରହିଛି, ଲକ୍ଷ ଲକ୍ଷ ମହିଳା ଏବଂ ବାଳିକା ବାଲ୍ୟବିବାହ ଏବଂ ମହିଳା ଯୌନାଙ୍ଗ କାଟିବା ଭଳି ନିର୍ଯ୍ୟାତନା, ଉତ୍ପୀଡ଼ନ ଏବଂ କ୍ଷତିକାରକ ଅଭ୍ୟାସର ଶିକାର ହେଉଛନ୍ତି। ସେହିପରି, ଅନେକ ଦେଶରେ ଖଏଇଞ୍ଜଛ+ ବ୍ୟକ୍ତିବିଶେଷ ନିର୍ଯ୍ୟାତନା, ଅପରାଧୀକରଣ ଏବଂ ସାମାଜିକ ବହିଷ୍କାରର ସମ୍ମୁଖୀନ ହେଉଛନ୍ତି। ପ୍ରବାସୀ ଏବଂ ଶରଣାର୍ଥୀମାନଙ୍କୁ ପ୍ରାୟତଃ ଦ୍ୱିତୀୟ ଶ୍ରେଣୀର ମଣିଷ ଭାବରେ ବ୍ୟବହାର କରାଯାଏ, ଅମାନବୀୟ ପରିସ୍ଥିତିରେ ଅଟକ ରଖାଯାଏ କିମ୍ବା ପ୍ରବେଶକୁ ସମ୍ପୂର୍ଣ୍ଣ ଭାବରେ ମନା କରାଯାଏ। ଏହି ପ୍ରକାରର ଭେଦଭାବ ପ୍ରକାଶ କରେ ଯେ ମାନବାଧିକାରର ସାର୍ବଜନୀନତାକୁ କେତେ ଗଭୀର ଭାବରେ ପୋତି ପକାଇଛି। ଡିଜିଟାଲ୍ ଯୁଗ ମଧ୍ୟ ନୂତନ ଚ୍ୟାଲେଞ୍ଜ ଆଣିଛି। କୃତ୍ରିମ ବୁଦ୍ଧିମତ୍ତା, ମୁଖମଣ୍ଡଳ ଚିହ୍ନଟକରଣ ଏବଂ ବଡ଼ ତଥ୍ୟର ଅପବ୍ୟବହାର ଗୋପନୀୟତା, ସ୍ୱାୟତ୍ତତା ଏବଂ ନ୍ୟାୟ ବିଷୟରେ ଚିନ୍ତା ସୃଷ୍ଟି କରେ। ଆଲଗୋରିଦମ୍ ପକ୍ଷପାତକୁ ସ୍ଥାୟୀ କରିପାରେ, ଯାହା ଦ୍ୱାରା ନିଯୁକ୍ତି, ପୋଲିସିଂ ଏବଂ ସେବାଗୁଡ଼ିକର ପ୍ରବେଶ ଭଳି କ୍ଷେତ୍ରରେ ପକ୍ଷପାତପୂର୍ଣ୍ଣ ଫଳାଫଳ ଆସିଥାଏ। ସାଇବରଗୁଲିଂ, ଅନଲାଇନ୍ ଉତ୍ପୀଡ଼ନ ଏବଂ ଡିଜିଟାଲ୍ ପ୍ଲାଟଫର୍ମରେ ପିଲାମାନଙ୍କ ଶୋଷଣ ଭର୍ଚୁଆଲ୍ କ୍ଷେତ୍ରରେ ବ୍ୟକ୍ତିମାନଙ୍କର ଦୁର୍ବଳତାକୁ ଆହୁରି ଉଜ୍ଜ୍ୱଳ କରିଥାଏ। ପ୍ରଯୁକ୍ତିବିଦ୍ୟା ସଶକ୍ତ କରିବାର ସମ୍ଭାବନା ଥିବା ବେଳେ, ଏହାର ଅନିୟନ୍ତ୍ରିତ ବ୍ୟବହାର ପ୍ରାୟତଃ ପୂର୍ବ ଦଶନ୍ଧିଗୁଡ଼ିକରେ ଅକଳ୍ପନୀୟ ଅଧିକାର ଉଲ୍ଲଂଘନର କାରଣ ହୁଏ।

ମାନବାଧିକାର ରକ୍ଷାକାରୀମାନେ ନିଜେ ଆକ୍ରମଣର ଶିକାର ହେଉଛନ୍ତି। ସମଗ୍ର ମହାଦେଶରେ, ଯେଉଁମାନେ ନ୍ୟାୟ, ସମାନତା ଏବଂ ଦାୟିତ୍ୱ ପାଇଁ ସମର୍ଥନ କରନ୍ତି ସେମାନେ ଉତ୍ପୀଡ଼ନ, କାରାଦଣ୍ଡ କିମ୍ବା ହତ୍ୟାର ସମ୍ମୁଖୀନ ହୁଅନ୍ତି। ଅଧିକାର ସୁରକ୍ଷା ପାଇଁ ଅତ୍ୟାବଶ୍ୟକ ସେମାନଙ୍କର କାର୍ଯ୍ୟକୁ ଅସ୍ପଷ୍ଟ ଆଇନ ଅଧୀନରେ ଅପରାଧୀ କରାଯାଇଛି କିମ୍ବା ପ୍ରଚାର ଦ୍ୱାରା ଅଣଦେଖା କରାଯାଇଛି। ନାଗରିକ ସମାଜ ପାଇଁ ସଙ୍କୁଚିତ ସ୍ଥାନ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଦୁର୍ବଳ କରେ ଏବଂ ଦୁର୍ବଳ ସମ୍ପ୍ରଦାୟଗୁଡ଼ିକୁ ସୁରକ୍ଷା ବିନା ଛାଡିଦିଏ। ଏହି ରକ୍ଷାକାରୀଙ୍କ ସାହସ ପ୍ରତିକୂଳ ପରିବେଶରେ ମାନବାଧିକାରକୁ ଜୀବିତ ରଖିବା ପାଇଁ ଚାଲିଥିବା ସଂଘର୍ଷକୁ ଗୁରୁତ୍ୱ ଦିଏ। ମାନବାଧିକାର ଦିବସରେ ପ୍ରତିଫଳନ କରିବା ସମୟରେ, ଏହା ସ୍ପଷ୍ଟ ହୋଇଯାଏ ଯେ ଆଜି ଉଲ୍ଲଂଘନ କୌଣସି ଏକକ ଅଞ୍ଚଳ କିମ୍ବା ପ୍ରସଙ୍ଗରେ ସୀମିତ ନୁହେଁ। ଏଗୁଡ଼ିକ ରାଜନୈତିକ ଦମନ, ଆର୍ଥିକ ଅନ୍ୟାୟ, ପରିବେଶଗତ ବିନାଶ ଏବଂ ସାମାଜିକ ବୈଷମ୍ୟକୁ ବ୍ୟାପି ରହିଛି। ମାନବିକ ମର୍ଯ୍ୟାଦା ପ୍ରତି ଅବମାନନା ଏବଂ ସାର୍ବଭୌମ ଘୋଷଣାପତ୍ରରେ ଉଲ୍ଲେଖିତ ନୀତିଗୁଡ଼ିକୁ ପାଳନ କରିବାରେ ଅନୁଷ୍ଠାନଗୁଡ଼ିକର ବିଫଳତା ସେମାନଙ୍କୁ ଏକତ୍ରିତ କରେ। ତଥାପି, ଏହି ଦିବସ ପାଳନ ମଧ୍ୟ ସ୍ଥିରତାର ସ୍ମରଣକାରୀ ଭାବରେ କାର୍ଯ୍ୟ କରେ। ସାରା ବିଶ୍ୱରେ, ନ୍ୟାୟ ପାଇଁ ଆନ୍ଦୋଳନ ବୃଦ୍ଧି ପାଉଛି, ଯୁବ ଜଳବାୟୁ କର୍ମୀଙ୍କଠାରୁ ମହିଳା ଅଧିକାର ପ୍ରବକ୍ତା, ଦୁର୍ନୀତିକୁ ଉନ୍ମୋଚନ କରୁଥିବା ସାମ୍ବାଦିକଙ୍କଠାରୁ ସମାନତା ଦାବି କରୁଥିବା ସମ୍ପ୍ରଦାୟ ପର୍ଯ୍ୟନ୍ତ। ସେମାନଙ୍କର ପ୍ରୟାସ ମାନବାଧିକାର ଦିବସର ଆତ୍ମାକୁ ପ୍ରତିପାଦିତ କରେ, ଯାହା ନିଶ୍ଚିତ କରେ ଯେ ମର୍ଯ୍ୟାଦା ଏବଂ ସ୍ୱାଧୀନତା ପାଇଁ ସଂଘର୍ଷ ଚାଲିଛି।

ପରିଶେଷରେ, ଆଜି ମାନବାଧିକାର ଉଲ୍ଲଂଘନ ସାମୂହିକ କାର୍ଯ୍ୟାନୁଷ୍ଠାନର ଜରୁରୀ ଆବଶ୍ୟକତାକୁ ଉଜ୍ଜ୍ୱଳ କରିଥାଏ। ସରକାରଗୁଡ଼ିକୁ ଦାୟୀ କରାଯିବା ଆବଶ୍ୟକ, କର୍ପୋରେସନଗୁଡ଼ିକୁ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବା ଆବଶ୍ୟକ, ଏବଂ ବ୍ୟକ୍ତିମାନଙ୍କୁ ସମସ୍ତଙ୍କ ଅଧିକାର ରକ୍ଷା କରିବାରେ ସତର୍କ ରହିବା ଆବଶ୍ୟକ। ମାନବାଧିକାର ଦିବସ କେବଳ ଏକ ସ୍ମୃତିଚାରଣ ନୁହେଁ; ଏହା ବିବେକକୁ ଆହ୍ୱାନ। ଏକ ବିଶ୍ୱରେ ଯେଉଁଠାରେ ଉଲ୍ଲଂଘନ ଜାରି ରହିଛି, ସମାନତା, ନ୍ୟାୟ ଏବଂ ମର୍ଯ୍ୟାଦାର ଆଦର୍ଶ ଉଭୟ ଭଙ୍ଗୁର ଏବଂ ଅତ୍ୟାବଶ୍ୟକ ରହିଛି। ପ୍ରତିଭା ଯେକୌଣସି ସ୍ଥାନରେ ଉଭା ହୋଇପାରେ ବୋଲି ରାମାନୁଜନଙ୍କ ଅନ୍ତର୍ଦୃଷ୍ଟିକୁ ସମ୍ମାନ କରିବା ପାଇଁ, ଆମକୁ ଏହି ସତ୍ୟକୁ ମଧ୍ୟ ସମ୍ମାନ କରିବାକୁ ପଡ଼ିବ ଯେ ଅଧିକାର ସମସ୍ତଙ୍କର, ସବୁଠି, ବ୍ୟତିକ୍ରମ ବିନା। ତେବେ ହିଁ ସାର୍ବଭୌମ ଘୋଷଣାପତ୍ରର ଦୃଷ୍ଟିକୋଣ ବାସ୍ତବତାର ନିକଟତର ହୋଇପାରିବ।


**ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ**
**ସୁଜନପୁର, ଯାଜପୁର**
**ମୋବାଇଲ୍: ୯୪୩୭୨୮୮୦୨୮**


# କର୍ଣ୍ଣାଟକରେ ନେତୃତ୍ୱ ବିବାଦ

## ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)



ଦେଶର ସର୍ବପୁରାତନ ଜାତୀୟ ରାଜନୈତିକ ଦଳ କଂଗ୍ରେସର ସ୍ଥିତି ଗତ ୨୦୧୪ ସାଧାରଣ ନିର୍ବାଚନ ପରଠାରୁ କ୍ରମଶଃ ଦୁର୍ବଳ ହୋଇ ଉତର ଏବଂ କେନ୍ଦ୍ରୀୟ ଭାରତରେ ନିଜର ସଭା ହରାଇଥିବା ବେଳେ ଦକ୍ଷିଣ ଭାରତର ଦୁଇଟି ରାଜ୍ୟରେ ତଥା କର୍ଣ୍ଣାଟକ ଏବଂ ତେଲେଙ୍ଗନାରେ କ୍ଷମତାସୀନ ରହିଛି। ଇତି ମଧ୍ୟରେ କର୍ଣ୍ଣାଟକରେ କ୍ଷମତାର ଅଢେଇ ବର୍ଷ ପରେ ଏବେ ଦଳରେ ଦୁଇ ପ୍ରମୁଖ ନେତାଙ୍କ ମଧ୍ୟରେ ଆରମ୍ଭ ହୋଇଥିବା କ୍ଷମତା ଲଢେଇ ଦଳ ଓ ସରକାରଙ୍କୁ ଅସ୍ଥିରତା ମଧ୍ୟକୁ ଠେଲି ଦେବା ଆଶଙ୍କାକୁ ଅଣଦେଖା କରାଯାଇନପାରେ। ମୁଖ୍ୟମନ୍ତ୍ରୀ ସିଦ୍ଧାରମେୟା ଓ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବଶଙ୍କର ମଧ୍ୟରେ କ୍ଷମତା ଲଢେଇ ଏବେ ପଦାରେ ଗଡୁଛି। ଉପ-ମୁଖ୍ୟମନ୍ତ୍ରୀ ଶିବଶଙ୍କର ମୁଖ୍ୟମନ୍ତ୍ରୀ ଚୌକି ପାଇଁ ଆଶାୟୀ ଥିବାବେଳେ ସିଦ୍ଧାରମେୟା ଚୌକି ଛାଡିବାକୁ ପ୍ରସ୍ତୁତ ନୁହଁନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୩ରେ ଯେତେବେଳେ ଉଭୟ ନେତା ବର୍ତମାନର ପଦବୀରେ କ୍ଷମତାସୀନ ହୋଇଥିଲେ, ସେତେବେଳେ ସେମାନଙ୍କ ମଧ୍ୟରେ ଅଢେଇ ବର୍ଷ ପରେ କ୍ଷମତା ପୁନଃ ବଣ୍ଟନ ପାଇଁ ରାଜିନାମା ହୋଇଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ କ୍ଷମତା ହସ୍ତାନ୍ତର ନେଇ କ'ଣ ହୋଇଥିଲା, ତାହା କେବେଳ ଉଭୟ ନେତାଙ୍କୁ ଜଣା। ଏ ନେଇ କଂଗ୍ରେସର ହାଇକମାଣ୍ଡ କି ଦଳର ଅନ୍ୟକୌଣସି ନେତା ମୁହାଁ ଖୋଲିନାହାଁନ୍ତି। ଏହା ନିଶ୍ଚିତ ଯେ, ଶିବଶଙ୍କର ନେତୃତ୍ୱରେ କର୍ଣ୍ଣାଟକରେ କଂଗ୍ରେସ ବିପୁଳ ବିଜୟ ହାସଲ କରିଥିଲା। ତେଣୁ ଶିବଶଙ୍କର ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ଥିଲେ। ଆହୁରି ମଧ୍ୟ ଶିବଶଙ୍କର ବିଭିନ୍ନ ମାମଲା ଓ ଜେଲର ସମ୍ମୁଖୀନ ହୋଇ ମଧ୍ୟ କେବେହେଲେ କଂଗ୍ରେସର ହାତ ଛାଡି ନାହାଁନ୍ତି। ନିଜର ସାଂଗଠନିକ ଏବଂ ପରିଚାଳନା ଗତ ଦକ୍ଷତା ପାଇଁ ଦଳର ନେତା ଓ କର୍ମୀମାନଙ୍କର ତାଙ୍କ ପ୍ରତି ବେଶ ଆସ୍ଥାବାନ। ଏପରିକି ମଧ୍ୟ କର୍ଣ୍ଣାଟକ ବାହାରେ ମଧ୍ୟ ସେ କଂଗ୍ରେସ କର୍ମୀଙ୍କ ଦ୍ୱାରା ବେଶ ଆଦୃତ। ଅନ୍ୟପକ୍ଷରେ ବିଭିନ୍ନ କାରଣ ଯୋଗୁଁ ସିଦ୍ଧରମେୟାଙ୍କ ଗୁରୁତ୍ୱକୁ ମଧ୍ୟ ଅସ୍ୱୀକାର କରାଯାଇନପାରେ। ସାମାଜିକ ନ୍ୟାୟର ଜଣେ ଚମ୍ପିଆନ ଭାବେ ତଳସ୍ତରରେ ତାଙ୍କର ଦବ୍‌ଦବା ବେଶ ସୁଦୃଢ଼ ରହିଛି। ଶ୍ରୀ ଶିବଶଙ୍କର କର୍ଣ୍ଣାଟକର ପ୍ରଭାବଶାଳୀ ଭୋକାଲିଙ୍ଗା ସମ୍ପ୍ରଦାୟର ହୋଇଥିବାବେଳେ ସିଦ୍ଧାରମେୟାଙ୍କୁ ହଟାଇ ତାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇଥିଲେ, ତଳସ୍ତରରେ କଂଗ୍ରେସ ଆସ୍ଥା ହରାଇବା ଭୟ ହାଇକମାଣ୍ଡଙ୍କୁ ଘାରିଛି। ଏହା ବ୍ୟତୀତ ସିଦ୍ଧାରମେୟା ଜଣେ ନିର୍ମଳ ଭାବମୂର୍ତ୍ତୀ ସମ୍ପନ୍ନ ଅନୁଭିବ ନେତା ଭାବେ ପରିଚିତ। କହିବା ବାହୁଲ୍ୟ କର୍ଣ୍ଣାଟକ କଂଗ୍ରେସର ନେତୃତ୍ୱ ବିବାଦ ଦଳର ହାଇକମାଣ୍ଡଙ୍କ ନିକଟରେ ପହଁଚିଥିବା ସତ୍ତ୍ୱେ କୌଣସି ଚୂଡାନ୍ତ ନିଷ୍ପତି ନେଇପାରିନାହାଁନ୍ତି। କର୍ଣ୍ଣାଟକ କଂଗ୍ରେସ ବସ୍ତୁତ ଦୁଇଭାଗ ହୋଇଯାଇଥିବା ସତ୍ତ୍ୱେ ହାଇକମାଣ୍ଡ ନୀରବ। ଏହା ହିଁ ହେଉଛି ଦଳର ଅଚଳାବସ୍ଥା ବୋଲି କୁହାଯାଇପାରେ। ମୁଖ୍ୟମନ୍ତ୍ରୀ ଉପ-ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ କ୍ଷମତା ଲଢେଇ କେବଳ ଦଳରେ ନୁହେଁ, ସରକାରରେ ଅସ୍ଥିରତା ବଢ଼ାଇବାରେ ସହାୟକ ହୋଇଛି ବୋଲି କୁହାଯାଇପାରେ। ଏହା ସତ୍ୟ ଯେ, କଂଗ୍ରେସରେ ନେତୃତ୍ୱ ପରିବର୍ତ୍ତନ ବିଦ୍ରୋହ ଓ ଅନ୍ତଃ-କନ୍ଦଳ ଏକ ପୁରୁଣା ଭୋଗ ଭାବେ ଜଣାଶୁଣା। ଅତୀତରେ ଦୀର୍ଘ ୫ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି କଂଗ୍ରେସ ରାଜ୍ୟଗୁଡିକରେ ଶାସନ କରିଥିବାବେଳେ ଦଳରେ ନେତୃତ୍ୱ ପରିବର୍ତ୍ତନ ଦାବି ସାଙ୍ଗକୁ ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ବିଭାଜନ ପାଇଁ କଂଗ୍ରେସ କ୍ରମଶଃ ଦୁର୍ବଳ ହରାଇଛି। ସାଂଗଠନିକ ସ୍ଥିର ଭୃଶୁଡି ପଡ଼ିଛି ଯେଉଁଥିପାଇଁ କି କଂଗ୍ରେସ ୨୦୧୪ଠାରୁ ଲଗାତର କ୍ଷମତା ହରାଇବାରେ ଲାଗିଛି। ଗତ ବର୍ଷ ହରିଆନାରେ ଜିତୁ ଜିତୁ ଦଳ ପରାଜିତ ହୋଇଥିଲା। ଗତ ୨୦୧୪ ସାଧାରଣ ନିର୍ବାଚନ ପରଠାରୁ ବର୍ତମାନ ସୁଦ୍ଧା କଂଗ୍ରେସ ୯୫ ଥର ପରାଜିତ ହୋଇଥିବାବେଳେ ଏବେ ହିମାଚଳ ପ୍ରଦେଶ, କର୍ଣ୍ଣାଟକ ଓ ତେଲେଙ୍ଗାନାରେ କଂଗ୍ରେସ ସରକାର ରହିଛି। ଉଲ୍ଲେଖଯୋଗ୍ୟ ଯେ, ଏହି ତିନୋଟି ରାଜ୍ୟରେ ଦଳ ରାଜ୍ୟବାସୀଙ୍କୁ ଆର୍ଦଶ ଶାସନ ଦେବା ପରିବର୍ତେ ଏବେ କ୍ଷମତା ଲଢେଇରେ ବ୍ୟସ୍ତ। ଯାହାକି ଜନସାଧାରଣଙ୍କ ଉପରେ ନକରାତ୍ମକ ପ୍ରଭାବ ପକାଇବା ଯୋଗୁଁ ଦଳର ସାଧାରଣ ଲୋକଙ୍କ ନିକଟରେ ଆସ୍ଥା ହରାଇବା ସାର ହେଉଛି। କଂଗ୍ରେସ ହାଇକମାଣ୍ଡ ଏହାର ତୁରନ୍ତ ସମାଧାନ କରିବା ଜରୁରୀ। ଅନ୍ୟଥା ଦଳକୁ ବହୁମୂଲ୍ୟ ଦେବା ଆଶଙ୍କାକୁ ଅଗ୍ରାହ୍ୟ କରାଯାଇନପାରେ।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**



## ଜାକର୍ତ୍ତାରେ ଭୟଙ୍କର ଅଗ୍ନିକାଣ୍ଡ

# ଚାଲିଗଲା ୨୦ ଜୀବନ

ଜାକର୍ତ୍ତା,୯।୧୨: ଗୋଆ ପରେ ଏବେ ଜାକର୍ତ୍ତାରେ ଘଟିଲା ବଡ଼ ଦୁର୍ଘଟଣା। ମଙ୍ଗଳବାର ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାରେ ଏକ ସାତ ମହଲା କୋଠାରେ ଅଗ୍ନିକାଣ୍ଡ ଘଟି ଅତି କମରେ ୨୦ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅଗ୍ନିଶମ କର୍ମଚାରୀମାନେ କିଛି ଘଣ୍ଟାର ଅପରେସନ ପରେ ନିଆଁକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଛନ୍ତି। ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନଥିବାରୁ କାରଣ ଖୋଜିବାରେ ଲାଗିପଡ଼ିଛନ୍ତି କର୍ତ୍ତୃପକ୍ଷ। ସେଣ୍ଟ୍ରାଲ୍ ଜାକର୍ତ୍ତା ପୁଲିସର ମୁଖ୍ୟ ସୁସାତ୍ୟୋ ପୂର୍ନୋମୋ କଣ୍ଡ୍ରୋ କହିଛନ୍ତି ଯେ, ନିଆଁ ଲାଗିଛି ବୋଲି ଖବର ମିଳିବା ପରେ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଏବେ ଅନେକ ଉଦ୍ୟମ ପରେ ନିଆଁ ଲିଭାଇ ଦିଆଯାଇଛି ଏବଂ କୋଠା ଭିତରେ ଫସି ରହିଥିବା ପୀଡିତଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି। ମଧ୍ୟାହ୍ନ ସମୟରେ କୋଠାର ପ୍ରଥମ ମହଲାରେ ନିଆଁ ଲାଗିଥିଲା ଏବଂ ତା'ପରେ ଉପର ମହଲାକୁ ନିଆଁ ବ୍ୟାପି ଯାଇଥିଲା। ସେହି ସମୟରେ କିଛି କର୍ମଚାରୀ କୋଠା ଭିତରେ ମଧ୍ୟାହ୍ନ ଭୋଜନ କରୁଥିଲେ ଏବଂ ଅନ୍ୟମାନେ ଅଫିସ୍ ଛାଡି ଚାଲିଯାଇଥିଲେ। ଏବେ, ଆମେ ପୀଡିତମାନଙ୍କୁ ସୁରକ୍ଷିତ ବାହାରକୁ ଆଣିବା ଏବଂ ଅଗ୍ନି ଶୀତଳୀକରଣ କରିବା ଉପରେ ଧ୍ୟାନ ଦେଉଛୁ।

ଏହି କୋଠାଟି ଟେରା ଡ୍ରୋନ୍ ଇଣ୍ଡୋନେସିଆର କାର୍ଯ୍ୟାଳୟ, ଯାହା ଖଣି କ୍ଷେତ୍ରରୁ କୃଷି କ୍ଷେତ୍ର ପର୍ଯ୍ୟନ୍ତ ଗ୍ରାହକମାନଙ୍କ ସହିତ ଆକାଶ ମାର୍ଗର ସର୍ଭେ କାର୍ଯ୍ୟକଳାପ ପାଇଁ ଡ୍ରୋନ୍ ଯୋଗାଇଥାଏ। କମ୍ପାନିର ୱେବସାଇଟ୍ ଅନୁଯାୟୀ, ଏହି କମ୍ପାନି ଜାପାନୀ ଡ୍ରୋନ୍ ଫାର୍ମ ଟେରା ଡ୍ରୋନ୍ କର୍ପୋରେସନର ଇଣ୍ଡୋନେସିଆନ୍ ୟୁନିଟ୍ ଥିଲା। ପ୍ରକାଶଥାଉ କି, ଗତ ମାସରେ ହଂକଂର ସାତଟି ଉଚ୍ଚ କୋଠାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୧୬୦ଜଣଙ୍କର ମୃତ୍ୟୁ ହୋଇଥିଲା।

## ଏସ୍ଆଇଆର୍ ବିତର୍କରେ ରାହୁଲ: ସିଜେଆଇ ପ୍ରସଙ୍ଗରେ ଉଠାଇଲେ ପ୍ରଶ୍ନ

# ସିଇସି ଚୟନ କମିଟିରୁ କାହିଁକି ହଟିଲେ ?

### ସରକାରଙ୍କୁ ୩ ପ୍ରଶ୍ନ କରି ଦେଲେ ପରାମର୍ଶ

ନୂଆଦିଲ୍ଲୀ, ୯।୧୨: ନିର୍ବାଚନୀ ସଂସ୍କାର ପ୍ରସଙ୍ଗରେ ଆଜିଠାରୁ ଲୋକସଭାରେ ଆରମ୍ଭ ହୋଇଛି ବିତର୍କ। ଦେଶର ବିଭିନ୍ନ ରାଜ୍ୟରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର ଉପରେ ଆଲୋଚନା ପାଇଁ ବିରୋଧୀ ଜିଦ ଧରିବାରୁ ଆଜିଠାରୁ ଲୋକସଭାରେ ଆଲୋଚନା ଆରମ୍ଭ ହୋଇଛି। ଆଜି ଏହି ପ୍ରସଙ୍ଗରେ ନିଜର ମତ ରଖିବା ବେଳେ କେନ୍ଦ୍ରକୁ ମନଇଚ୍ଛା ସମାଲୋଚନା କରିଛନ୍ତି। ସରକାରଙ୍କୁ ୩ ପ୍ରଶ୍ନବାଣରେ ଘାଇଲା କରିବା ସହ ୩ ପରାମର୍ଶ ମଧ୍ୟ ଦେଇଛନ୍ତି ରାହୁଲ ଗାନ୍ଧୀ। କେନ୍ଦ୍ରର କ୍ଷମତାସୀନ ନରେନ୍ଦ୍ର ମୋଦି ସରକାର କାହିଁକି ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ କମିଶନରଙ୍କୁ ବାଛୁଥିବା ପ୍ୟାନେଲରୁ ପ୍ରଧାନ ବିଚାରପତିଙ୍କୁ ହଟାଇବାକୁ ଏତେ ବ୍ୟସ୍ତ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି।

ରାହୁଲ କହିଛନ୍ତି, ଚୟନ ପ୍ୟାନେଲରୁ କାହିଁକି ପ୍ରଧାନ ବିଚାରପତିଙ୍କୁ ହଟାଗଲା ? କ'ଣ ଆପଣମାନଙ୍କ ସିଜେଆଇଙ୍କ ଉପରେ ବିଶ୍ୱାସ କରନ୍ତି ନାହିଁ ? ରାହୁଲ ଗାନ୍ଧୀଙ୍କ କହିବା କଥା ଯେ, ସେ ବିରୋଧୀ ଦଳ ନେତା ଭାବେ ଚୟନ ପ୍ୟାନେଲରେ ଅଛନ୍ତି। କିନ୍ତୁ ଏଠାରେ ତାଙ୍କ ସ୍ୱରର କିଛି ମହତ୍ତ୍ୱ ନାହିଁ। କାରଣ ୩ ଜଣିଆ ପ୍ୟାନେଲର ଗୋଟିଏ ପାର୍ଶ୍ୱରେ ପ୍ରଧାନମନ୍ତ୍ରୀ ମୋଦି ଥିବା ବେଳେ ଅନ୍ୟପଟେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ରହିଛନ୍ତି। ସେ କହିଛନ୍ତି, ଚୟନ ପ୍ୟାନେଲରୁ କାହିଁକି ସିଜେଆଇଙ୍କୁ ହଟାଇ ଦିଆଗଲା ? ଏହା ପଛର ଉଦ୍ଦେଶ୍ୟ କ'ଣ ? ଉକ୍ତ ପ୍ୟାନେଲରେ ମୋର କୌଣସି ସ୍ୱର ନାହିଁ। ୨୦୨୩ରେ କେନ୍ଦ୍ର ସରକାର ଗୋଟିଏ ଆଇନ ବଳରେ ନିର୍ବାଚନ କମିଶନରମାନଙ୍କୁ ବାଛୁଥିବା



କମିଟିରୁ ସିଜେଆଇକୁ ହଠାଇ ଦେଇଥିଲେ। ସିଜେଆଇଙ୍କ ବଦଳରେ ୩ ଜଣିଆ କମିଟିରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ସାମିଲ କରାଯାଇଥିଲା। ଏହାକୁ ନେଇ ବିବାଦ ହୋଇଥିଲେ ହେଁ କେନ୍ଦ୍ର ସରକାର ନିଜ ଜିଦରେ ଅଟଳ ରହିଥିଲେ। ଆଜି ରାହୁଲ ଗାନ୍ଧୀ ଲୋକସଭାରେ ଉକ୍ତ ପ୍ରସଙ୍ଗ ଉଠାଇଛନ୍ତି।

ନିଜର ପରବର୍ତ୍ତୀ ପ୍ରଶ୍ନକୁ ଯାଇ ରାହୁଲ ଗାନ୍ଧି ଆଉ ଗୋଟିଏ ଆଇନ କଥା ଉଠାଇଛନ୍ତି। ନିଜର କାର୍ଯ୍ୟକାଳ ମଧ୍ୟରେ ନେଇଥିବା ପଦକ୍ଷେପ ପାଇଁ କୌଣସି ନିର୍ବାଚନ କମିଶନର ପରବର୍ତ୍ତୀ ଅବସ୍ଥାରେ ଦଣ୍ଡିତ ହୋଇପାରିବେ ନାହିଁ ବୋଲି କେନ୍ଦ୍ର ସରକାର ଆଇନ ପ୍ରଣୟନ କରିଛନ୍ତି। ଏହା ଉପରେ ମଧ୍ୟ ରାହୁଲ ଗାନ୍ଧି ପ୍ରଶ୍ନ ଉଠାଇଛନ୍ତି। ଏପରି ଆଇନ ପ୍ରଣୟନ କରିବାରୁ କାରଣ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନରଙ୍କୁ ନିୟନ୍ତ୍ରଣ କରିବାର ଫଳ କ'ଣ ମିଳୁଛି ବୋଲି ମଧ୍ୟ ରାହୁଲ ଗାନ୍ଧି ପ୍ରଶ୍ନ କରିଛନ୍ତି। ଏଥିସହ ଦାବି କରିଛନ୍ତି ଯେ, ମୁଖ୍ୟ ନିର୍ବାଚନ କମିଶନର ଜାଣିଶୁଣି ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସୂଚୀ ଆଧାରରରେ ନିର୍ବାଚନ ତାରିଖ ପ୍ରସ୍ତୁତ କରୁଛନ୍ତି।

ନିଜର ଭୋଟ ଚୋରି ପ୍ରସଙ୍ଗ ମଧ୍ୟ ଲୋକସଭାରେ ଉଠାଇଛନ୍ତି ରାହୁଲ ଗାନ୍ଧି। ଭୋଟ ଚୋରିଠାରୁ ବଡ଼ ଦେଶଦ୍ରୋହ କାମ କିଛି ନଥିବା ସେ କହିଛନ୍ତି। ସେ କହିଛନ୍ତି, ଜଣେ ବ୍ରାଜିଲ ମହିଳା ହରିୟାଣା ଭୋଟର ତାଲିକାରେ ୨୨ଥର ସ୍ଥାନ ପାଇଥିଲେ। ଆଉ ଜଣେ ମହିଳାଙ୍କ ନାଁ ୨୦୦ ଥର ତାଲିକାରେ ରହିଥିଲା। ହରିୟାଣା ନିର୍ବାଚନକୁ ଚୋରି କରାଯାଇଛି। ମୁଁ ଏହାକୁ ବାରମ୍ବାର କହି ଚାଲିଛି। କିନ୍ତୁ କୌଣସି ବି ସ୍ଥାନରେ ନିର୍ବାଚନ କମିଶନ ମୋ ପ୍ରଶ୍ନର ଉତ୍ତର ଦେଉ ନାହାନ୍ତି। ଲକ୍ଷାଧିକ ନକଲି ଭୋଟର କାହିଁକି ତାଲିକାରେ ରହିଛନ୍ତି ବୋଲି ଇସି ମୋତେ କହୁନାହାନ୍ତି। ଇସିଙ୍କ ପାଖରେ ଏସବୁ ପ୍ରଶ୍ନର ଉତ୍ତର ନାହିଁ। ଆପଣ ସବୁ ପ୍ରତିଷ୍ଠାନକୁ ଦଖଲ କରି ନେଇଛନ୍ତି। କେମିତି ଇସି ନିଜ ସୀମା ବାହାରକୁ ଯାଇ କାମ କରୁଛନ୍ତି, ତା'ର ପ୍ରମାଣ ମୁଁ ଦେଇଛି।

ନିର୍ବାଚନୀ ସଂସ୍କାର ଖୁବ ସିଧା। କିନ୍ତୁ କେହି ବି ଏହାକୁ ଚାହୁଁ ନାହାନ୍ତି। ସରକାର ସଂସ୍କାର ଚାହୁଁ ନାହାନ୍ତି। ବିଜେପି ଏବେ ଆଇନ ପ୍ରସ୍ତୁତ କରି ନିର୍ବାଚନ କମିଶନଙ୍କୁ ସବୁଥିରୁ ସୁରକ୍ଷା ଦେଉଛି। ହେଲେ ବ୍ୟସ୍ତ ହୁଅନ୍ତୁ ନାହିଁ, ଆମେ ସବୁ କିଛି ବଦଳାଇବୁ। ଆମେ ଆପଣମାନଙ୍କୁ ଖୋଜି ବାହାର କରିବୁ। ନିର୍ବାଚନୀ ସଂସ୍କାର ଉପରେ ୩ ପରାମର୍ଶ ଦେଇ ରାହୁଲ ଗାନ୍ଧି କହିଛନ୍ତି ଯେ, ନିର୍ବାଚନର ଗୋଟିଏ ମାସ ପୂର୍ବରୁ ମେସିନ ଚିହ୍ନଟ କରିପାରୁଥିବା ଭୋଟର ତାଲିକା ସମସ୍ତ ରାଜନୀତିକ ଦଳଗୁଡ଼ିକୁ ଦିଆଯାଉ। ନିର୍ବାଚନ ବୁଥର ସିସିଟିଭି ଫୁଟେଜ ଧ୍ୱଂସ କରିବାକୁ ପ୍ରଣୟନ ହୋଇଥିବା ଆଇନକୁ ପ୍ରତ୍ୟାହାର କରିବାକୁ ରାହୁଲ ଗାନ୍ଧୀ ଦାବି କରିଛନ୍ତି। ଏଥିସହ ଇଭିଏମର ଆର୍କିଟେକଚର କ'ଣ ଥିଲା ଓ ମେସିନକୁ ପରିଚାଳନା କେମିତି କରାଯାଏ, ତା'ର ତଥ୍ୟ ଦେବାକୁ ରାହୁଲ ଗାନ୍ଧି କହିଛନ୍ତି।

## ରାଜ୍ୟସଭାରେ 'ବନ୍ଦେ ମାତରମ' ମହାବିତର୍କ

# ବିରୋଧୀଙ୍କୁ କଟାକ୍ଷ କଲେ ଗୃହମନ୍ତ୍ରୀ

ନୂଆଦିଲ୍ଲୀ, ୯।୧୨: 'ବନ୍ଦେ ମାତରମ'କୁ ନେଇ ରାଜ୍ୟସଭାରେ ଜୋରଦାର ବିତର୍କ ହୋଇଛି। ବିତର୍କରେ ବର୍ଷିଛନ୍ତି ଗୃହମନ୍ତ୍ରୀ ଅମିତ ଶାହ। ବିରୋଧୀଙ୍କୁ କଟାକ୍ଷ କରି କହିଲେ ଯିଏ 'ବନ୍ଦେ ମାତରମ'ର ମହିମା ଜାଣନ୍ତିନି ସେମାନେ ନିର୍ବାଚନ ସହ ଯୋଡନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଉପରେ ବର୍ଷିଥିଲେ। ଶାହ କହିଥିଲେ, ନେହେରୁ ବନ୍ଦେ ମାତରମ୍ କୁ ଦୁଇ ଭାଗ କରିଥିଲେ।

ତୁଷ୍ଟିକରଣ ପାଇଁ ବନ୍ଦେ ମାତରମ୍ କୁ ବିରୋଧ କରାଯାଇଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯେତେବେଳେ ଦେଶ ବନ୍ଦେ ମାତରମ୍ ର ୧୦୦ ତମ ବାର୍ଷିକୀ ପାଳନ କରୁଥିଲା । ସେତେବେଳେ



ଦେଶ ଜରୁରୀକାଳୀନ ପରିସ୍ଥିତିରେ ପଡ଼ିଥିଲା। ଅମିତ ଶାହଙ୍କ ମନ୍ତବ୍ୟ ଉପରେ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା। ଗୃହରେ ହଟ୍ଟଗୋଳ ହୋଇଥିଲା। ଗୃହମନ୍ତ୍ରୀ କହିଛନ୍ତି, ଇଂରେଜ ଗୁଲାମ ସମୟରେ, 'ବନ୍ଦେ ମାତରମ୍' ଗୀତ ଘୋର ଅନ୍ଧକାର ମଧ୍ୟରେ ସ୍ୱାଧୀନତା ପାଇଁ ଲଢ଼ିବା ପାଇଁ ଲୋକଙ୍କ ମନରେ ଭାବନା ଜାଳି ଦେଇଥିଲା। ଯେତେବେଳେ 'ବନ୍ଦେ ମାତରମ୍' ୧୦୦ ବର୍ଷ ପୂରଣ କଲା। ସେତେବେଳେ ସମଗ୍ର ଦେଶକୁ ଗୃହବନ୍ଦୀ କରାଯାଇଥିଲା। ଗତକାଲି ଯେତେବେଳେ ଗୃହରେ ୧୫୦ତମ ବାର୍ଷିକୀ ଉପରେ ଆଲୋଚନା ଆରମ୍ଭ ହୋଇଥିଲା। ସେତେବେଳେ ଗାନ୍ଧୀ ପରିବାରର ସଦସ୍ୟମାନେ ଅନୁପସ୍ଥିତ ଥିଲେ। 'ବନ୍ଦେ ମାତରମ୍'ର ବିରୋଧ ନେହେରୁଙ୍କଠାରୁ ଆଜି ପର୍ଯ୍ୟନ୍ତ କଂଗ୍ରେସ ନେତୃତ୍ୱର ରକ୍ତରେ ରହିଛି। କଂଗ୍ରେସ ଦଳର ଜଣେ ନେତା ଲୋକସଭାରେ କହିଥିଲେ ଯେ, 'ବନ୍ଦେ ମାତରମ୍' ଉପରେ ଏବେ ଆଲୋଚନା କରିବାର କୌଣସି ଆବଶ୍ୟକତା ନାହିଁ।

# ଅନନ୍ତ ଅମ୍ବାନୀଙ୍କୁ 'ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ପୁରସ୍କାର'

ନୂଆଦିଲ୍ଲୀ/ୱାଶିଂଟନ,୯।୧୨: ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ପଶୁ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁକ୍ତରାଷ୍ଟ୍ର ଆମେରିକାରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ପୁରସ୍କାର ସମାରୋହରେ ଅନନ୍ତ ଅମ୍ବାନୀଙ୍କୁ 'ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ବନତାରା ମାଧ୍ୟମରେ ପ୍ରାଣୀମାନଙ୍କର ଉଦ୍ଧାର, ଚିକିତ୍ସା, ପୁନର୍ବାସ ଏବଂ ସଂରକ୍ଷଣରେ ତାଙ୍କର ନେତୃତ୍ୱ ପାଇଁ ଅନନ୍ତ ଅମ୍ବାନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସଫଳତା ସହିତ, ଅନନ୍ତ ଅମ୍ବାନୀ ଏକ ବିଶେଷ ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି। ସେ ଏହି ସମ୍ମାନ ପାଇବାରେ ସବୁଠାରୁ କମ୍ ବୟସର ଏବଂ ପ୍ରଥମ ଏସୀୟ ହୋଇଛନ୍ତି। ପୂର୍ବରୁ, ଏହି ପୁରସ୍କାର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡି ଏବଂ ବିଲ୍ କ୍ଲିଣ୍ଟନଙ୍କ ସମେତ ଅନେକ ହଲିଉଡ୍ ସେଲିବ୍ରିଟି ଓ ବିଶ୍ୱ ନେତାଙ୍କୁ ପ୍ରଦାନ କରାଯାଇଛି। ଏହି ସମ୍ମାନ ସହିତ, ବନତାରାର ଉଲ୍ଲେଖନୀୟ କାର୍ଯ୍ୟ ପୁଣି ଥରେ ବିଶ୍ୱସ୍ତରରେ



ଚର୍ଚ୍ଚାରେ ଆସିଛି। ବନତାରା ଆଜି ବିଶ୍ୱର ସବୁଠାରୁ ଅନନ୍ୟ ଏବଂ ବୃହତ୍ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରକଳ୍ପ ମଧ୍ୟରୁ ଅନ୍ୟତମ। ଏହା ଆହତ, ଅସୁସ୍ଥ ଏବଂ ସଂକଟରେ ପଡିଥିବା ପ୍ରାଣୀମାନଙ୍କୁ ନୂତନ ଜୀବନ ଦେବା ସହିତ ବିଲୁପ୍ତ ହେଉଥିବା ପ୍ରଜାତିଗୁଡ଼ିକୁ ବଞ୍ଚାଇବା ଏବଂ ସେମାନଙ୍କୁ ସୁରକ୍ଷିତ ପରିବେଶରେ ଫେରାଇ ଆଣିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି।

ପୁରସ୍କାର ଗ୍ରହଣ କରି ଅନନ୍ତ ଅମ୍ବାନୀ କହିଛନ୍ତି, ଏହି ସମ୍ମାନ ମୋତେ ସମସ୍ତ ଜୀବଜନ୍ତୁଙ୍କ ମଙ୍ଗଳ ପଥରେ ଆହୁରି ଦୃଢ଼ ଭାବରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଉଛି। ପ୍ରାଣୀମାନେ ଆମକୁ ଜୀବନରେ ସନ୍ତୁଳନ ଏବଂ ସମ୍ବେଦନଶୀଳତା ଶିଖାଇଥାନ୍ତି। ବନତାରା ମାଧ୍ୟମରେ, ଆମର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଜୀବଜନ୍ତୁଙ୍କୁ ସମ୍ମାନ, ଯତ୍ନ ଏବଂ ଏକ ଉତ୍ତମ ଜୀବନ ପ୍ରଦାନ କରିବା। ଆମ ପାଇଁ, ସଂରକ୍ଷଣ ଭବିଷ୍ୟତର ବିଷୟ ନୁହେଁ, ବରଂ ଆଜିର ଏକ ଦାୟିତ୍ୱ। କାର୍ଯ୍ୟକ୍ରମର ଆୟୋଜକ ଗ୍ଲୋବାଲ୍ ହ୍ୟୁମାନ୍ ସୋସାଇଟି ଅନନ୍ତ ଅମ୍ବାନୀ ଏବଂ ବନତାରାକୁ ପ୍ରଶଂସା କରି କହିଛନ୍ତି ଯେ, ବନତାରା କେବଳ ଏକ ଉଦ୍ଧାର କେନ୍ଦ୍ର ନୁହେଁ, ବରଂ ପଶୁ ଚିକିତ୍ସା, ଯତ୍ନ ଏବଂ ସଂରକ୍ଷଣକୁ ଏକାଠି ସମନ୍ୱିତ କରୁଥିବା ଏକ ଅନନ୍ୟ ମଡେଲ୍। ବନତାରା ପ୍ରଦର୍ଶିତ କରିଛି ଯେ, ବହୁ ସଂଖ୍ୟାରେ ପଶୁମାନଙ୍କୁ କିପରି ସହାୟତା କରାଯାଇପାରିବ ଏବଂ ଏହି ମଡେଲ୍ ଏବେ ବିଶ୍ୱ ପାଇଁ ଏକ ଉଦାହରଣ ପାଲଟିଛି। ଭାରତରୁ ବନ୍ୟପ୍ରାଣୀ ସଂରକ୍ଷଣ ସହ ଜଡିତ ଅନେକ ବିଶିଷ୍ଟ ବ୍ୟକ୍ତି ଡକ୍ଟର ନୀଲମ୍ ଖରେ, ଡକ୍ଟର ଭି.ବି. ପ୍ରକାଶ ଏବଂ ଡକ୍ଟର କେ.କେ. ଶର୍ମା ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ମା'ର ଜାତି ନେଇପାରିବ ଝିଅ



ନୂଆଦିଲ୍ଲୀ, ୯।୧୨: ଶିକ୍ଷା ସହ ଜଡିତ ଏକ ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ପୁଡୁଚେରୀର ଜଣେ ନାବାଳିକା ଛାତ୍ରୀଙ୍କୁ ତାଙ୍କ ମାଆଙ୍କ ଜାତି ଆଧାରରେ ଅନୁସୂଚିତ ଜାତି ପ୍ରମାଣପତ୍ର ଜାରି କରିବାକୁ କୋର୍ଟ କହିଛନ୍ତି। ତେବେ ଏହି ନିଷ୍ପତ୍ତି ସେତେବେଳେ ସାମ୍ନାକୁ ଆସିଛି ଯେତେବେଳେ ବାପାଙ୍କ ଜାତି ଆଧାରରେ ସନ୍ତାନଙ୍କୁ ଜାତିଗତ ପ୍ରମାଣପତ୍ର ନେଇ ପ୍ରଚଳିତ ନିୟମ ବିରୋଧରେ ଅନେକ ଆବେଦନ ହୋଇଛି।

ରିପୋର୍ଟ ଅନୁସାରେ, ମାଡ୍ରାସ ହାଇକୋର୍ଟ ପଣ୍ଡିଚେରୀର ଜଣେ ଛାତ୍ରୀଙ୍କୁ ମାଆଙ୍କ ଜାତି ଆଧାରରେ ଜାତିଗତ ପ୍ରମାଣ ପତ୍ର ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମକୋର୍ଟରେ ମାମଲା ହୋଇଥିଲା। ସୁପ୍ରିମକୋର୍ଟ ମଧ୍ୟ ମାଡ୍ରାସ ହାଇକୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି। ମାମଲାର ଶୁଣାଣି କରୁଥିବା ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଛାତ୍ରୀଙ୍କ ଶିକ୍ଷା ଲାଭରେ କୌଣସି କ୍ଷତି ନହେଉ ବୋଲି କହିଛନ୍ତି। ଛାତ୍ରୀଙ୍କ ମାଆ ହିନ୍ଦୁ ଆଦି ଦ୍ରାବିଡ ସମୁଦାୟର ଅଟନ୍ତି। ତାଙ୍କର ତିନି ଜଣ ସନ୍ତାନ ରହିଛନ୍ତି। ଏହାମଧ୍ୟରୁ ଦୁଇଜଣ କନ୍ୟା ଏବଂ ଜଣେ ପୁତ୍ର ସନ୍ତାନ। ମହିଳାଜଣଙ୍କ ନିଜ ସନ୍ତାନଙ୍କ ପାଇଁ ଏସସି ପ୍ରମାଣପତ୍ର ଦାବି କରିଥିଲେ। ଶୁଣାଣି ବେଳେ ପ୍ରଧାନ ବିଚାରପତି କହିଛନ୍ତି ଯେ, ଏବେ ସମୟ ବଦଳୁଛି । ମାଆଙ୍କ ଜାତି ଆଧାରରେ ଜାତି ପ୍ରମାଣପତ୍ର ଜାରି କଲେ କିଛି ଅସୁବିଧା ନାହିଁ। ଏହାଦ୍ୱାରା ଭବିଷ୍ୟତରେ ଅନ୍ୟ ଅନୁସୂଚିତ ଜାତିର ମହିଳାଙ୍କ ସନ୍ତାନଙ୍କୁ ମଧ୍ୟ ଏସସି ପ୍ରମାଣପତ୍ର ମିଳିପାରିବ। ପିତା ଉଚ୍ଚ ଜାତିର ହୋଇଥିଲେ ମଧ୍ୟ ମାଆଙ୍କ ଜାତି ଆଧାରରେ ସନ୍ତାନକୁ ପ୍ରମାଣପତ୍ର ମିଳିବ। ତେବେ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରାଳୟର ନିୟମ ଅନୁସାରେ, ଜାତି ପ୍ରମାଣପତ୍ର ଦେବା ସମୟରେ ପିତାଙ୍କ ଜାତି ଏବଂ ବାସସ୍ଥାନକୁ ପ୍ରାଥମିକତା ଦିଆଯିବ। ଏବେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପୂର୍ବ ନିୟମକୁ ଚ୍ୟାଲେଞ୍ଜ୍ କରିଛି। ଯାହା ଆଗାମୀ ଦିନରେ ପୁରୁଣା ନିୟମରେ ପରିବର୍ତ୍ତନ କରିପାରେ।

# ପାକିସ୍ତାନକୁ ୧୧ ହଜାର କୋଟି ଟଙ୍କା ଋଣ ଦେଲା ଆଇଏମ୍ଏଫ୍

ଇସଲାମାବାଦ,୯।୧୨: ପାକିସ୍ତାନର ଆର୍ଥିକ ସଙ୍କଟ ଦୂର କରିବାକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ୧.୨ ବିଲିୟନ ଡଲାର (ପ୍ରାୟ ୧୧,୦୦୦ କୋଟି ଟଙ୍କା) ମଞ୍ଜୁର କରିଛି। ୧ ବିଲିୟନ ଡଲାର ଋଣ ଏବଂ ୨୦୦ ନିୟୁତ ଡଲାର ଜଳବାୟୁ କାର୍ଯ୍ୟକ୍ରମ ଲାଗି ପ୍ରଦାନ କରିଛି ଆଇଏମଏଫ। ଏହି ପାଣ୍ଠି ୨୦୨୪ ମସିହାରେ ଅନୁମୋଦିତ ଏକ ବେଲଆଉଟ୍ କାର୍ଯ୍ୟକ୍ରମର ଅଂଶ। ଏହା ୩୭ ମାସ ପାଇଁ କାର୍ଯ୍ୟକ୍ଷମ ରହିବ। ଏହି ସମୟ ଅବଧିରେ ପାକିସ୍ତାନ ମୋଟ ୭ ବିଲିୟନ ଡଲାର ପାଇବ। ଏହି ଅର୍ଥ କିସ୍ତି ଆକାରରେ ଦେବ ଆଇଏମଏଫ। ପୂର୍ବ ଦୁଇଟି କିସ୍ତିର ସମୀକ୍ଷା କରିବା ପରେ ବାକି ଅର୍ଥ ମଞ୍ଜୁର କରାଯିବ। ମଙ୍ଗଳବାର ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର କାର୍ଯ୍ୟନିର୍ବାହୀ ବୋର୍ଡ ପାକିସ୍ତାନର ଅର୍ଥନୈତିକ କାର୍ଯ୍ୟକ୍ରମର ଦୁଇଟି ସମୀକ୍ଷା ସମାପ୍ତ କରିଛି ଏବଂ ଅତିରିକ୍ତ ୧.୨ ବିଲିୟନ ଡଲାରର ଅତିରିକ୍ତ ପାଣ୍ଠିକୁ ଅନୁମୋଦନ କରିଛି। ଗୋଟିଏ ବର୍ଷ ମଧ୍ୟରେ ପାକିସ୍ତାନ ଆଇଏମଏଫ ପାଖରୁ ମୋଟ ୩.୩ ବିଲିୟନ ଡଲାର ପାଇଛି। ପରବର୍ତ୍ତୀ ପର୍ଯ୍ୟାୟ ଋଣ ପାଇଁ ପାକିସ୍ତାନକୁ କିଛି ସର୍ତ୍ତ ପୂରଣ କରିବାକୁ ପଡିବ। ଯେଉଁଥିରେ ରିଜର୍ଭର ପୁନଃନିର୍ମାଣ, ଟିକସ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକର ସଂସ୍କାର ଅନ୍ତର୍ଭୁକ୍ତ। ପୃଥକ ଭାବରେ ଅନୁମୋଦିତ ପାଣ୍ଠି ଜଳବାୟୁ ପରିବର୍ତ୍ତନ ସହ ଲଢ଼ିବା ଲାଗି ପାକିସ୍ତାନକୁ ଦିଆଯାଇଛି। ଏଥିରେ ବିପର୍ଯ୍ୟୟ ପରିଚାଳନା, ଜଳ ବ୍ୟବହାର ଏବଂ ଜଳବାୟୁ ସମ୍ବନ୍ଧୀୟ ଆର୍ଥିକ ରିପୋର୍ଟିଂକୁ ଉନ୍ନତ କରିବା ପାଇଁ ବ୍ୟବହାର କରାଯିବ। ପାକିସ୍ତାନ ଦଶନ୍ଧୀ ଧରି ଆଇଏମଏଫ ଏବଂ ବନ୍ଧୁ ରାଷ୍ଟ୍ରଙ୍କ ଋଣ ଉପରେ ନିର୍ଭରଶୀଳ। ଏହା ପୂର୍ବରୁ ଗତ ମେ' ମାସରେ ପାକିସ୍ତାନକୁ ଆଇଏମଏଫ ଋଣ ପ୍ରଦାନ କରିଥିଲା। ଆଇଏମଏଫ ବୈଠକରେ ଏହି ନିଷ୍ପତ୍ତି ବିରୋଧରେ ଆପତ୍ତି ଉଠାଇଥିଲା ଭାରତ। ପାକିସ୍ତାନ ଏହି ଅର୍ଥ ଆତଙ୍କବାଦ ବୃଦ୍ଧି କରିବାରେ ବିନିଯୋଗ କରୁଛି ବୋଲି ଭାରତ ଅଭିଯୋଗ କରିଥିଲା

# ବିମାନ ସେବା ସ୍ୱାଭାବିକ ନେଇ ଭିଡିଓ ଜାରିକଲେ ସିଇଓ

## ସୁଧୁରୁଛି ଇଣ୍ଡିଗୋ ସଙ୍କଟ

ନୂଆଦିଲ୍ଲୀ,୯।୧୨: ଇଣ୍ଡିଗୋ ସଙ୍କଟରେ ଆସୁଛି ସୁଧାର। ଧୀରେଧୀରେ ସୁଧୁରୁଛି ଇଣ୍ଡିଗୋ ବିମାନ ସେବାର ସ୍ଥିତି। ବିମାନ ଚଳାଚଳ ଏବଂ ତାକୁ ନେଇ ଉପୁଜିଥିବା ସ୍ଥିତି ଏବେ ସ୍ଥିର ଥିବା ନେଇ କହିଛନ୍ତି ଇଣ୍ଡିଗୋର ସିଇଓ ପିଟର ଏଲବର୍ସ। ଇଣ୍ଡିଗୋର ଅଫିସିଆଲ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ଭିଡିଓ ପୋଷ୍ଟକରି ପିଟର କହିଛନ୍ତି, 'ଇଣ୍ଡିଗୋ ପୁଣି ଥରେ ନିଜ ଗୋଡ଼ରେ ଠିଆ ହୋଇଛି। ଉଡାଣକୁ ନେଇ ଆମର ସମସ୍ତ ଅପରେସନ ସ୍ଥିର ଅଛି। ଲକ୍ଷ ଲକ୍ଷ ଗ୍ରାହକ ସେମାନଙ୍କର ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ ପାଇ ସାରିଛନ୍ତି। ଏଥିସହ ଏହି ଟଙ୍କା ଫେରସ୍ତ କାମ ଆମେ ପ୍ରତିଦିନ କରୁଛୁ। ବିମାନବନ୍ଦରରେ ଫସି ରହିଥିବା ଅଧିକାଂଶ ବ୍ୟାଗ ସବୁକୁ ଗ୍ରାହକଙ୍କ ଘରେ



ପହଞ୍ଚାଇ ଦିଆଯାଇଛି। ଆମେ ଗ୍ରାହକଙ୍କ ସମସ୍ତ ଆବଶ୍ୟକତାକୁ ପୂରଣ କରିବାକୁ ଚେଷ୍ଟା ଚଳାଇଛୁ। ଗତକାଲିଠାରୁ ଆମେ ଆମର ୧୩୮ଟି ଗନ୍ତବ୍ୟ ସ୍ଥଳକୁ ଉଡ଼ାଣ ଆରମ୍ଭ କରିଛୁ। ସରକାରଙ୍କ ସହିତ ପୂର୍ଣ୍ଣ ସହଯୋଗରେ କାମ କରୁଛୁ। ସେପଟେ ଇଣ୍ଡିଗୋର ଫ୍ଲାଇଟ୍ ଅଚଳାବସ୍ଥା ମଧ୍ୟରେ ଏହି କମ୍ପାନି ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି ସରକାର। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ କଠୋର ଆଭିମୁଖ୍ୟ ଗ୍ରହଣ କରି ଇଣ୍ଡିଗୋକୁ ଏହାର ଉଡ଼ାଣ ସୂଚୀ ୫% ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛି। ଏହାର ଅର୍ଥ ହେଉଛି ଇଣ୍ଡିଗୋର ଦୈନିକ ମୋଟ ଉଡ଼ାଣର ୫% ଅନ୍ୟ ବିମାନ କମ୍ପାନୀଗୁଡ଼ିକୁ ଆବଣ୍ଟିତ କରାଯାଇପାରିବ। ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଯାତ୍ରୀମାନେ ଆଶ୍ୱସ୍ତ ହେବାର ସମ୍ଭାବନା ରହିଛି।

ଇଣ୍ଡିଗୋର ଦୈନିକ ପ୍ରାୟ ୨୩୦୦ ଟି ଫ୍ଲାଇଟ ଚଳାଚଳ କରେ। ଏହାର ୫% ହିସାବରେ ପ୍ରାୟ ୧୧୦ରୁ ୧୧୫ଟି ଫ୍ଲାଇଟ୍ ଅନ୍ୟ ବିମାନସେବା କମ୍ପାନିମାନେ ପାଇବେ। ଏହା ଦ୍ୱାରା ଅନ୍ୟ କମ୍ପାନିମାନେ ଉପକୃତ ହେବା ସହ ଇଣ୍ଡିଗୋ ଉପରୁ ବୋଝ ହ୍ରାସ ହେବ। ସରକାରଙ୍କ ଏହି ନିଷ୍ପତ୍ତି ଆସିବା ପରେ ଇଣ୍ଡିଗୋର ସେୟାର ମୂଲ୍ୟ ହ୍ରାସ ପାଇଥିବା ବେଳେ ସ୍ପାଇସଜେଟର ମୂଲ୍ୟ ବୃଦ୍ଧି ପାଇଛି।

# ଜନ୍ମଦିନରେ ସୋନିଆ ଗାନ୍ଧିଙ୍କୁ କୋର୍ଟ ନୋଟିସ୍



### ଜାନୁଆରୀ ୬ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ, ୯।୧୨: କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧିଙ୍କର ଆଜି ୭୯ତମ ଜନ୍ମଦିନ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଜନ୍ମଦିନରେ ସୋନିଆଙ୍କୁ ଏକ ଅଜବ ଉପହାର ମିଳିଛି, ତାହା ହେଉଛି ଏକ କୋର୍ଟ ନୋଟିସ୍। ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ନୋଟିସ୍ ଜାରି କରିଛନ୍ତି। ତାଙ୍କ ବିରୋଧରେ ଏଫଆଇଆର୍ ପଞ୍ଜିକରଣ ପାଇଁ ଏକ ଆବେଦନର ଶୁଣାଣି ସମୟରେ ଏହି ନୋଟିସ୍ ଜାରି କରାଯାଇଛି। କୋର୍ଟ ଏହି ମାମଲାରେ ଦିଲ୍ଲୀ ପୁଲିସଠାରୁ ମଧ୍ୟ ଜବାବ ମାଗିଛନ୍ତି। ଅଭିଯୋଗ ହୋଇଛି ଯେ, ସୋନିଆ ଗାନ୍ଧୀ ଭାରତୀୟ ନାଗରିକ ହେବା ପୂର୍ବରୁ ତାଙ୍କ ନାମ ଭୋଟର ତାଲିକାରେ ସାମିଲ ହୋଇଥିଲା। କୋର୍ଟ ଏହି ମାମଲାରେ ଉଭୟ ପକ୍ଷଙ୍କ ପ୍ରତିକ୍ରିୟା ତଲବ କରିଛନ୍ତି ଏବଂ ପରବର୍ତ୍ତୀ ଶୁଣାଣି ତାରିଖ ଜାନୁଆରୀ ୬ ତାରିଖ ଧାର୍ଯ୍ୟ କରିଛନ୍ତି। ଏହି ମାମଲାର ଶୁଣାଣି ସ୍ୱତନ୍ତ୍ର ବିଚାରପତି ବିଶାଳ ଗୋଗାନେଙ୍କ କୋର୍ଟରେ ହୋଇଥିଲା, ଯେଉଁଠାରେ ଆବେଦନକାରୀ ବିକାଶ ତ୍ରିପାଠିଙ୍କ ପକ୍ଷରୁ ବରିଷ୍ଠ ଓକିଲ ପବନ ନାରଙ୍ଗ ପ୍ରାରମ୍ଭିକ ଯୁକ୍ତି ଉପସ୍ଥାପନ କରିଥିଲେ। ଏହି ଯୁକ୍ତି ଶୁଣିବା ପରେ, କୋର୍ଟ ଏହି ମାମଲାରେ ସୋନିଆ ଗାନ୍ଧୀ ଏବଂ ଦିଲ୍ଲୀ ପୁଲିସଠାରୁ ଶୁଣିବାକୁ ଆବଶ୍ୟକ ମନେ କରିଥିଲେ ଏବଂ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ୨୦୨୫ରେ ୬୭ ସାମ୍ବାଦିକଙ୍କୁ ହତ୍ୟା

## ଇସ୍ରାଏଲ୍ ଫୋର୍ସ ହାତରେ ୨୯ ଜଣଙ୍କ ଜୀବନ ଯାଇଛି

ନୂଆଦିଲ୍ଲୀ, ୯।୧୨: ସାରା ବିଶ୍ୱରେ ସାମ୍ବାଦିକଙ୍କ ପାଇଁ ବର୍ଷ ୨୦୨୫ ଅତ୍ୟନ୍ତ ବିପଦଜ୍ଜନକ ଥିଲା। ଖବର ସଂଗ୍ରହ ବେଳେ ଅନେକ ସାମ୍ବାଦିକ ଜୀବନ ମଧ୍ୟ ହରାଇଛନ୍ତି। ସାରା ଦୁନିଆରେ ସାମ୍ବାଦିକଙ୍କ କାର୍ଯ୍ୟରେ ଉପଜୁଥିବା ଆହ୍ୱାନ ଉପରେ ନଜର ରଖୁଥିବା ରିପୋର୍ଟର୍ସ ୱିଥ୍ଆଉଟ୍ ବୋର୍ଡର ନିଜର ବାର୍ଷିକ ରିପୋର୍ଟ ଜାରି କରିଛି । ୨୦୨୫ରେ ମୋଟ ୬୭ ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି, ଏଥି ମଧ୍ୟରୁ ଗାଜାରେ ଇସ୍ରାଏଲ୍ ଫୋର୍ସଙ୍କ ହାତରେ ୨୯ ଜଣଙ୍କ ଜୀବନ ଯାଇଛି ବୋଲି ସଂସ୍ଥା କହିଛି। ନିଜର ବାର୍ଷିକ ରିପୋର୍ଟରେ ମିଡିଆ ଫ୍ରିଡମ୍ ଗ୍ରୁପ୍ କହିଛି, ୨୦୨୪ରେ ୬୬ ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯାଇଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ବଢ଼ିଛି। ଏଥିରୁ ଅଧିକାଂଶ ଯୁଦ୍ଧ ଓ ଅପରାଧ ନେଟୱାର୍କର ପୀଡ଼ିତ।

ରିପୋର୍ଟରେ ଦାବି କରାଯାଇଛି ଯେ, ୨୦୨୩ରେ ଗାଜା ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇସ୍ରାଏଲୀ ସେନା ପ୍ରାୟ ୨୨୦ ଜଣ ସାମ୍ବାଦିକଙ୍କୁ ହତ୍ୟା କରିଛି। ସେମାନଙ୍କ ମଧ୍ୟରୁ ଅତି କମରେ ୬୫ ଜଣଙ୍କୁ ସେମାନଙ୍କ କାମ ଯୋଗୁଁ କିମ୍ବା କାମ କରୁଥିବା ସମୟରେ ହତ୍ୟା କରାଯାଇଛି ବୋଲି ଉଲ୍ଲେଖ କରାଯାଇଛି। ସେପଟେ କିନ୍ତୁ ସାମ୍ବାଦିକଙ୍କୁ ଟାର୍ଗେଟ୍ କରୁଥିବା ରିପୋର୍ଟକୁ ଇସ୍ରାଏଲ ଖଣ୍ଡନ କରିଆସୁଛି। ସେପଟେ ସାରା ବିଶ୍ୱରେ ୫୦୩ ଜଣ ସାମ୍ବାଦିକଙ୍କୁ ଅଟକ ରଖାଯାଇଛି। ୟୁକ୍ରେନ ଏବଂ ସୁଦାନ ପରି ଅନ୍ୟାନ୍ୟ ସଂଘର୍ଷପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ମଧ୍ୟ ତିନି ଏବଂ ଚାରି ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ମୃତ ୬୭ ଜଣ ମଧ୍ୟରୁ ଅତି କମରେ ୫୩ ଜଣ ଯୁଦ୍ଧ କିମ୍ବା ଅପରାଧିକ ନେଟୱାର୍କର ଶିକାର ହୋଇଥିଲେ।

## ପୁଣି ଆତଙ୍କର ଜାଲ ବୁଣୁଛି ପାକିସ୍ତାନ

# ଭାରତ ବିରୋଧରେ ଆତଙ୍କୀ ଗୋଷ୍ଠୀଙ୍କୁ କରୁଛି ଏକାଠି

ନୂଆଦିଲ୍ଲୀ, ୯।୧୨: ଭାରତ ବିରୋଧରେ ଷଡ଼ଯନ୍ତ୍ର କରୁଛି ପାକିସ୍ତାନ। ପାକିସ୍ତାନର ବାହାୱଲପୁରରେ ଲସ୍କର ଓ ଜୈସର ବଡ଼ ବୈଠକ। ଜାତୀୟ ଗଣମାଧ୍ୟମ ଅନୁଯାୟୀ, ଭାରତ ଉପରେ ଆକ୍ରମଣ କରିବାକୁ ପାକିସ୍ତାନର ଦୁଇ ପ୍ରମୁଖ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବା ଏବଂ ଜୈସ୍-ଏ-ମହମ୍ମଦ ଏକାଠି ହୋଇଛନ୍ତି। ପାକିସ୍ତାନର ପଞ୍ଜାବ ପ୍ରଦେଶର ବାହାବୱପୁରଠାରେ ଏହି ଦୁଇ ସଂଗଠନର ଅନେକ ଆତଙ୍କବାଦୀ ନିକଟରେ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ଭାରତରେ ଆକ୍ରମଣ କରିବା ପାଇଁ ରଣନୀତି ପ୍ରସ୍ତୁତ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପୂର୍ବରୁ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତର ଅପରେସନ୍ ସିନ୍ଦୂରରେ ଧ୍ୱଂସ ହୋଇଥିବା ବାହାୱଲପୁର ପୁଣି ଥରେ ଆତଙ୍କବାଦୀ ଯୋଜନାର କେନ୍ଦ୍ର ପାଲଟିଛି। ଗୁଇନ୍ଦା ରିପୋର୍ଟରେ ଏହି ବୈଠକର ଫଟୋ ସାମ୍ନାକୁ ଆସିଛି। ଲସ୍କରର ଉପମୁଖ୍ୟ ସୈଫୁଲ୍ଲା କସୁରୀ ସହ ଜେଇଏମ୍ ଆତଙ୍କୀମାନେ ଉପସ୍ଥିତ ଥିଲେ। ଏହା ସହିତ ପାକ୍-ଅଧିକୃତ କାଶ୍ମୀର ରାୱଲକୋଟରେ ଆତଙ୍କବାଦୀ ଲଞ୍ଚ୍ ପ୍ୟାଡ୍ ପୁଣି ନିର୍ମାଣ କରାଯାଉଛି ଏବଂ ଡିଜିଟାଲ୍ ମାଧ୍ୟମରେ ଅର୍ଥ ସଂଗ୍ରହ ଚାଲିଥିବା ସୂଚନା ମିଳିଛି। ଏଥିସହ ଲଣ୍ଡନରେ ପାକିସ୍ତାନ ଗୃହମନ୍ତ୍ରୀ ତଥା ପିସିବି ଅଧ୍ୟକ୍ଷ ମହସିନ୍ ନକଭିଙ୍କ ଗାଡ଼ିକୁ ଅଟକାଇଲା ପୁଲିସ୍। ପାକିସ୍ତାନର କାର୍ଯ୍ୟକାରୀ ଗୃହମନ୍ତ୍ରୀ ତଥା ପାକିସ୍ତାନ କ୍ରିକେଟ୍ ବୋର୍ଡ ଅଧ୍ୟକ୍ଷ ମହସିନ୍ ନକଭି ତାଙ୍କ ଲଣ୍ଡନ ଗସ୍ତ ସମୟରେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି।

ବ୍ରିଟିସ୍ ବୈଦେଶିକ କାର୍ଯ୍ୟାଳୟରେ ଅଧିକାରୀମାନଙ୍କୁ ଭେଟିବା ପାଇଁ ଯାଉଥିବା ସମୟରେ ଲଣ୍ଡନ ପୁଲିସ ତାଙ୍କ ଗାଡ଼ିକୁ ଅଟକାଇଥିଲା। ପୁଲିସ ତାଙ୍କ ଗାଡ଼ିର ଡିକି ସମେତ ସମସ୍ତ ଅଂଶକୁ ଭଲ ଭାବରେ ଯାଞ୍ଚ କରିଥିଲା। ପାକିସ୍ତାନୀ ସାମ୍ବାଦିକ ଏହି ଘଟଣାର ଭିଡିଓ ସେୟାର କରି କହିଛନ୍ତି, ନକଭି କୌଣସି ନିଶାଦ୍ରବ୍ୟ କିମ୍ବା ବିସ୍ଫୋରକ ନେଇଯାଉଛନ୍ତି କି ନାହିଁ, ତାହା ଯାଞ୍ଚ କରାଯାଇଛି।

## ବନ୍ଧାହେଲେ ୧୨ ଜୁଆଡ଼ି

**ଜଳେଶ୍ୱର,୯।୧୨(ସଂଚାର ବ୍ୟୁରୋ):** ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନସ୍ଥ ୧ ନମ୍ବର ୱାର୍ଡ ଝାଡ଼େଶ୍ୱରପୁର ଗ୍ରାମରେ ଦୀର୍ଘ ଦିନ ଧରି ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୁଲିସ ଚଢ଼ାଉ କରିଛି। ଚଢ଼ାଉ ସମୟରେ ପୁଲିସ ୧୨ ଜଣକୁ ଗିରଫ କରିଥିବା ବେଳେ ଘଟଣାସ୍ଥଳରୁ ୧୨ ଟି ମୋବାଇଲ, ୯ ଟି ବାଇକ୍, ୪ଟି ତାସପାଲି ଗୋଛା ଜବତ କରାଯାଇଛି। ଝାଡ଼େଶ୍ୱରପୁର ଗ୍ରାମରେ ଏକ ନିର୍ଦ୍ଦିଷ୍ଟ ଘରେ ଦୀର୍ଘ ଦିନ ଧରି ଜୁଆଖେଳ ଚାଲୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଗତକାଲି ରାତି ପାଖାପାଖି ୧୨ଟା ସମୟରେ ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରାଙ୍କ ନିର୍ଦ୍ଦେଶରେ, ଆଇଆଇସି ଅଶୋକ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଏସଆଇ ଚିରଞ୍ଜିବୀ ରାଉତ, ଏଏସଆଇ ଭଗବାନ ଦାସ, ଏଏସଆଇ ଧୀରେନ୍ଦ୍ର ସାମଲଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ସେହି ଘର ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସହ ୧୨ ଜଣ ଜୁଆଡିଙ୍କୁ ଗିରଫ କରିଛି। ସେହିପରି ଘଟଣାସ୍ଥଳରୁ ଜୁଆଡିମାନଙ୍କର ୯ ଟି ସ୍କୁଟି ଓ ବାଇକ୍ ଜବତ ହୋଇଛି।

### ସରକାରଙ୍କୁ ଲୋକୋ ପାଇଲଟଙ୍କ ଚେତାବନୀ

# ରେଳବାଇ ଭୋଗିବ ଇଣ୍ଡିଗୋ ସ୍ଥିତି!




**ନୂଆଦିଲ୍ଲୀ,୯।୧୨:** ନିକଟରେ ଇଣ୍ଡିଗୋ ଏୟାର ଲାଇନ୍ସରେ ଉପୁଜିଥିବା ସଂକଟ କେବଳ ଏଭିଏସନ ନୁହେଁ, ଇଣ୍ଡିଆନ ରେଲୱେର ଲୋକୋ ପାଇଲଟଙ୍କୁ ମଧ୍ୟ ସେମାନେ ଦୀର୍ଘ ସମୟରୁ ଭୋଗିଆସୁଥିବା ସମସ୍ୟା ଦୋହରାଇବାକୁ ସୁଯୋଗ ଦେଇଛି। ଅଲ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ ଆସୋସିଏସନ ଏକ ନିବେଦନରେ କେନ୍ଦ୍ର ସରକାରଙ୍କୁ ଏୟାରଲାଇନ ପାଇଲଟଙ୍କ ନିମନ୍ତେ ଲାଗୁ ଫଟିଗ୍ ରିସ୍କ ମ୍ୟାନେଜମେଣ୍ଟ ସିଷ୍ଟମ (ଏଫ୍‌ଆର୍‌ଏମ୍‌ଏସ୍)କୁ ରେଳବାଇରେ ମଧ୍ୟ ଲାଗୁ କରାଯାଉ ବୋଲି ଦାବି କରିଛି। ଏନେଇ ଆସୋସିଏସନ ପକ୍ଷରୁ କୁହାଯାଇଛି ଯେ ଲୋକୋ ପାଇଲଟଙ୍କ ଉପରେ ବଢୁଥିବା ଡ୍ୟୁଟି ଚାପ ଦେଶରେ ରେଳ ଦୁର୍ଘଟଣାର ବିପଦ ବଢ଼ାଉଛି। ଆସୋସିଏସନ୍ ଦର୍ଶାଇଛି ଯେ ଏ ଦିଗରେ ସରକାର ବିହିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ରେଳବାଇରେ ମଧ୍ୟ ଇଣ୍ଡିଗୋ ଭଳି ପରିସ୍ଥିତି ଉପୁଜିବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ଭାରତୀୟ ରେଳରେ ପେଣ୍ଡିଂ ଲୋକୋ ପାଇଲଟଙ୍କ ନିଯୁକ୍ତି ଓ ଶ୍ରମ ସଂସ୍କାରରେ ବିଳମ୍ବ କାରଣରୁ ଦୀର୍ଘ ସମୟ ଧରି ଲୋକୋ ପାଇଲଟମାନେ ଅସନ୍ତୁଷ୍ଟ ଅଛନ୍ତି। ଏଣୁ ସେମାନେ ଇଣ୍ଡିଗୋ ଏୟାରଲାଇନ୍ସ ସଂକଟରୁ ଶିକ୍ଷା ନେବା ପାଇଁ ରେଳବାଇ ପ୍ରଶାସନଙ୍କୁ ଚେତାଇ ଦେଇଛନ୍ତି। ସେମାନେ କହିଛନ୍ତି ଯେ ଆକାଶରେ ହେଉ କି ରେଳ ଧାରଣା, ଥକିଯାଇଥିବା କ୍ରିଉ ଯାତ୍ରୀ ସୁରକ୍ଷାକୁ ବିପଦରେ ପକାଇବାର ସମ୍ଭାବନା ରହିଛି।

ସେହିପରି ଆସୋସିଏସନ ପକ୍ଷରୁ ଆହୁରି କୁହାଯାଇଛି ଯେ ଦୀର୍ଘ ସମୟରୁ ଲମ୍ବିତ କ୍ରିଉ ପ୍ରବନ୍ଧନରେ ସଂସ୍କାର, ଅଣବୈଜ୍ଞାନିକ ରୋଷ୍ଟର ଓ ଥକ୍କାପଣ ସୃଷ୍ଟି କରିବା ପରି ଦେଉଥିବା ଡ୍ୟୁଟି ନା କେବଳ କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି, ବରଂ ସୁରକ୍ଷା ମାନକଗୁଡ଼ିକୁ ମଧ୍ୟ ଦୁର୍ବଳ କରୁଛି। ଆଧୁନିକ ବିଜ୍ଞାନ ଉପରେ ଆଧାରିତ ନିୟମ ଡ୍ୟୁଟି ଫାଙ୍କିବାର ଦାବି ନୁହେଁ, ବରଂ ସୁରକ୍ଷା ମାନକ ନିମନ୍ତେ ଏକ ବାଧ୍ୟବାଧକତା ବୋଲି କୁହାଯାଇଛି।

ଏ ସଂକ୍ରାନ୍ତରେ ଆସୋସିଏସନ୍‌ର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ପି.ଏନ.ସୋମନ ଗଣମାଧ୍ୟମ ସହ ଆଲୋଚନାରେ କହିଛନ୍ତି ଯେ, ରେଳବାଇକୁ ଏଭିଏସନ ସଂକଟରୁ ଶିକ୍ଷା ନେବା ଦରକାର। ସେ କହିଛନ୍ତି ଯେ, ଏଭିଏସନ କ୍ଷେତ୍ର ତୁଳନାରେ ଟେକ୍ନୋଲୋଜି ଦୃଷ୍ଟିରୁ ରେଳବାଇ ବହୁତ ପଛରେ, ହେଲେ ରେଳବାଇ ଦୈନିକ ଲକ୍ଷଲକ୍ଷ ଯାତ୍ରୀଙ୍କୁ ପରିବହନ ସେବା ଯୋଗାଇ ଦେଉଛି। ଏଥିରେ ଲୋକୋ ପାଇଲଟଙ୍କ ସତର୍କତା ଅତ୍ୟନ୍ତ ଜରୁରି। ଭାରତୀୟ ରେଳରେ ସ୍ୱୀକୃତ ଲୋକୋ ପାଇଲଟଙ୍କ ସଂଖ୍ୟା ୧.୪୭ ଲକ୍ଷ। ହେଲେ ବର୍ତ୍ତମାନ ୧.୧୫ ଲକ୍ଷ ଲୋକୋ ପାଇଲଟ ଏହି କାମ ତୁଲାଉଛନ୍ତି। ଅର୍ଥାତ ୩୦ ହଜାରରୁ ଅଧିକ ପଦବୀ ଖାଲି ପଡିଛି। ତେବେ ରେଳବାଇ ନିକଟରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେବେ ଏହା ପୂରଣ ହେବାକୁ ବେଶ୍ ସମୟ ଲାଗିବ ବୋଲି କୁହାଯାଉଛି।

● ପ୍ରଧାନମନ୍ତ୍ରୀଙ୍କ ସହ ସତ୍ୟ ନାଡେଲାଙ୍କ ବୈଠକ

## ଭାରତରେ ୧.୫ ଲକ୍ଷ କୋଟି ଟଙ୍କା ନିବେଶ



**ନୂଆଦିଲ୍ଲୀ,୯।୧୨:** ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବୈଠକ ପରେ ଭାରତ ପାଇଁ ବଡ଼ ଘୋଷଣା କରିଛନ୍ତି। ସତ୍ୟ ନାଡେଲା କହିଛନ୍ତି ଯେ, ମାଇକ୍ରୋସଫ୍ଟ ଭାରତରେ ୧.୫ ଲକ୍ଷ କୋଟି ଟଙ୍କା ନିବେଶ କରିବ। ଏହା ଏସିଆରେ କମ୍ପାନିର ଆଜି ଯାଏ ସବୁଠୁ ବଡ଼ ନିବେଶ ହେବ। ମାଇକ୍ରୋସଫ୍ଟ ଏକ ବୟାନରେ କହିଛି, ଆଜି ଆମେ ଏସିଆରେ ଆମ ସର୍ବବୃହତ ନିବେଶ ନେଇ ଘୋଷଣା କରୁଛୁ । ୨୦୨୬-୨୦୨୯ ମଧ୍ୟରେ ଚାରି ବର୍ଷରେ ୧୭.୫ ବିଲିୟନ ଡଲାର ନିବେଶ କରାଯିବ। ଦେଶର କ୍ଲାଉଡ୍ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭିତ୍ତିଭୂମି ଏବଂ ବର୍ତ୍ତମାନର ପରିଚାଳନାକୁ ଅଧିକ ମଜଭୁତ କରାଯିବ।

ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲାଙ୍କ ପ୍ରଧାନମନ୍ତ୍ରୀଙ୍କ ସହ ବୈଠକ ପରେ କମ୍ପାନି ପକ୍ଷରୁ ଏହି ଘୋଷଣା କରାଯାଇଛି। ଏହି ବୈଠକରେ ଦୁହେଁ ଦେଶର ଏଆଇ ରୋଡମ୍ୟାପ୍ ଓ ବିକାଶ ପରି ମୁଖ୍ୟ ଏଜେଣ୍ଡା ଉପରେ ଆଲୋଚନା କରିଥିଲେ।

## ସାଇବର ସୁରକ୍ଷା ସଚେତନତା କର୍ମଶାଳା

ବର୍ଷକୁ ୨୫ ହଜାରଙ୍କୁ ଡିଜିଟାଲ ଲିଟିରେସି ଶିକ୍ଷା ଦେବା ଲକ୍ଷ୍ୟ

**ପୁରୀ,୯।୧୨ (ସଂଚାର ବ୍ୟୁରୋ):** ସଂପର୍କ ଅନୁଷ୍ଠାନ ତରଫରୁ ପୁରୀ ଆଇଟିଆଇରେ ସାଇବର ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ସଂପର୍କ ଓ ନିଟ୍ ଫାଉଣ୍ଡେସନର ସହଯୋଗରେ ଆଜି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ, ପୁରୀରେ ସାଇବର ସୁରକ୍ଷା ସଚେତନତା କର୍ମଶାଳା ଆୟୋଜିତ ହୋଇଛି। ସଂପର୍କର ସଚିବ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସ୍ୱାଗତ ଭାଷଣ କରିଥିଲେ ଆଇଟିଆଇ ପୁରୀର ଅଧ୍ୟକ୍ଷ ଇଂଜିନିୟର ପ୍ରମୋଦ କୁମାର ସାମଲ ଓ ପରେ ଉଦବୋଧନ ଦେଇଥିଲେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ । ଯୁବକମାନଙ୍କୁ ସାଇବର ଶୋଷଣ ଓ ଅନଲାଇନ ଅପରାଧରୁ କିପରି ସୁରକ୍ଷା ଦେବା ଯାଇପାରେ ଏହି ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ। ଆସନ୍ତା ୧ ବର୍ଷ ମଧ୍ୟରେ ଓଡ଼ିଶାରେ ଅନ୍ତତଃ ୨୫,୦୦୦ ଯୁବକଙ୍କୁ ଡିଜିଟାଲ ଲିଟରାସି ଜରିଆରେ ସାଇବର ସୁରକ୍ଷା ଓ ସୋସିଆଲ ମିଡିଆ ସମ୍ବନ୍ଧରେ ଶିକ୍ଷା ଦିଆଯିବ ବୋଲି ସଂପର୍କ ଅନୁଷ୍ଠାନ ଲକ୍ଷ୍ୟ ରଖିଛି।

● ରାଜ୍ୟରେ ବୁଡ଼ିବାକୁ ବସିଲାଣି ହସ୍ତତନ୍ତ ଶିଳ୍ପ

## ସପ୍ତାହକୁ ଗୋଟେଦିନ ହସ୍ତତନ୍ତ ପୋଷାକ ବାଧ୍ୟତାମୂଳକ ହେଉ



**ଭୁବନେଶ୍ୱର,୯।୧୨(ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ହସ୍ତତନ୍ତ ଶିଳ୍ପ ବୁଡିଯିବାକୁ ବସିଲାଣି। ଆଜି ବିଧାନସଭାରେ ଏହି ଶିଳ୍ପ ଭବିଷ୍ୟତ ଅନିଶ୍ଚିତତା ଘେରରେ ବୋଲି କହି ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ପ୍ରତିବର୍ଷ ରାଜ୍ୟରେ ବୁଣାକାରଙ୍କ ସଂଖ୍ୟା କମିବାରେ ଲାଗିଛି। ସେ କହିଥିଲେ ଯେ, ଭାରତ ଏକ କୃଷି ପ୍ରଧାନ ଦେଶ ହୋଇଥିବା ବେଳେ ରାଜ୍ୟର ୮୦ ପ୍ରତିଶତ ପରିବାର କୃଷି ଉପରେ ନିର୍ଭରଶୀଳ। କୃଷି ପରେ ରାଜ୍ୟର ସର୍ବାଧିକ ପରିବାର ହସ୍ତତନ୍ତ ଉପରେ ନିର୍ଭରଶୀଳ। ବରଗଡ, ସମ୍ବଲପୁର, ବଲାଙ୍ଗିର, କଟକ, ପୁରୀ ଭଳି ରାଜ୍ୟର ଅର୍ଦ୍ଧାଧିକ ଜିଲ୍ଲାର ବହୁ ସଂଖ୍ୟାର ପରିବାର ଏହି ଶିଳ୍ପ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏହି ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଏହି ଶିଳ୍ପ ନିଜର ସତ୍ତା ହରାଇବାକୁ ଯାଉଛି। ପୂର୍ବରୁ କେନ୍ଦ୍ର ହସ୍ତତନ୍ତ ଶିଳ୍ପକୁ ବ୍ୟବସାୟିକ ସୁବିଧା ଦେବାକୁ ସମବାୟ ସଂସ୍ଥାକୁ ୧୦ ପ୍ରତିଶତ ମାର୍କେଟିଂ ରିହାତି ଦେଉଥିଲେ। ଗତ କିଛିବର୍ଷ ହେଲା ଏହି ଅନୁଦାନକୁ କେନ୍ଦ୍ର ବନ୍ଦ କରିଦେଇଛି। ରାଜ୍ୟ ମଧ୍ୟ ଏହା ପ୍ରତିବଦଳରେ କିଛି ଯୋଜନା କରିନାହାନ୍ତି। ସେପଟେ ପୂର୍ବରୁ ରାଜ୍ୟରେ ୧୩ଟା ସୂତାକଳ ଥିଲା। ଏବେ ଗୋଟେ ହେଲେ ସୂତା କଳ ନାହିଁ। ହସ୍ତତନ୍ତର ମୁଖ୍ୟ ସୂତା ପାଇଁ ବୁଣାକାରଙ୍କୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ତା ସାଙ୍ଗକୁ ପୁଣି ଧୀରେ ଧୀରେ ରାଜ୍ୟରେ ଅନ୍ୟ ରାଜ୍ୟର ହସ୍ତତନ୍ତ ସାମଗ୍ରୀ ବିକ୍ରି ଯୋଗୁ ରାଜ୍ୟର ପାରମ୍ପରିକ ବସ୍ତ୍ର ପ୍ରତି ଚାହିଦା କମୁଛି। ବର୍ତ୍ତମାନର ବିଜେପି ସାଂସଦ ଅପରାଜିତା ଷଡଙ୍ଗୀ ଯେତେବେଳେ ବରଗଡ ଜିଲ୍ଲାପାଳ ଥିଲେ ସେ ତାଙ୍କ ଜିଲ୍ଲାରେ ସବୁ ସରକାରୀ କର୍ମଚାରୀ ପ୍ରତି ସୋମବାର ହସ୍ତତନ୍ତ ପୋଷାକ ପିନ୍ଧିବାକୁ ବାଧ୍ୟତାମୂଳକ କରିଥିଲେ। ରାଜ୍ୟ ସରକାର ମଧ୍ୟ ଏଭଳି ଏକ ନୀତି କରିବାକୁ ସେ ପ୍ରସ୍ତାବ ଦେଇଥିଲେ।




## ଇସ୍କନ ମନ୍ଦିରରୁ ଚୋରି ଗୋପାଳ ମୂର୍ତ୍ତି ଉଦ୍ଧାର

**କୋଲକାତା,୯।୧୨(ସଂଚାର ବ୍ୟୁରୋ):** କୋଲକାତାର ଇସ୍କନ ମନ୍ଦିର ପରିସରରୁ ଚୋରି ହୋଇଥିବା ଦୁଇଟି ପିତ୍ତଳ ଗୋପାଳ ମୂର୍ତ୍ତି ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ଗୋଟିଏ ମୂର୍ତ୍ତିରୁ ଦୁଇଟି ଚୋରି ସୁନା ହାର ଏବଂ ଏକ ରୂପା କଟିବନ୍ଧ ମିଳିଛି। ତଦନ୍ତ କରିବା ପରେ, ପୁଲିସ କୋଲକାତାର ଜଣେ ମହିଳା ଭକ୍ତଙ୍କୁ ସନ୍ଦିଗ୍ଧ ଭାବରେ ଚିହ୍ନଟ କରିଛି। ତାଙ୍କ ଘରେ ଚଢାଉ କରିବା ପରେ ସମସ୍ତ ଚୋରି ଜିନିଷ ଉଦ୍ଧାର କରାଯାଇଛି।

ଗତ ଶୁକ୍ରବାର ରାତି ପ୍ରାୟ ୮ଟା ସମୟରେ ଇସ୍କନ ମନ୍ଦିର ପରିସରରୁ ଗୋପାଳଙ୍କ ଦୁଇଟି ପିତ୍ତଳ ମୂର୍ତ୍ତି ଗାଏବ ହୋଇଯାଇଥିଲା। ପ୍ରତ୍ୟେକ ମୂର୍ତ୍ତିର ବେକରେ ପ୍ରାୟ ତିନି ଗ୍ରାମ ଓଜନର ସୁନା ହାର ଥିଲା। ଘଟଣା ପରେ ତୁରନ୍ତ ମନ୍ଦିର କର୍ତ୍ତୃପକ୍ଷ ଶେକ୍ସପିୟର ସରଣୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକାରୀ ପ୍ରଥମେ ଅଭିଯୁକ୍ତଙ୍କୁ ଚିହ୍ନଟ କରିପାରି ନ ଥିଲେ ମଧ୍ୟ ଥାନାକୁ ଖବର ଦେବା ମାତ୍ରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା।

## ମେଟ୍ରୋ କାମ ବନ୍ଦ, କୋଲକାତା ହାଇକୋର୍ଟ କ୍ଷୁବ୍ଧ

**କୋଲକାତା,୯।୧୨(ସଂଚାର ବ୍ୟୁରୋ):** ଚିଙ୍ଗଡିହାଟାରେ ମେଟ୍ରୋ କାମରେ ପୁଣି ଜଟିଳତା। ରାଜ୍ୟର ଭୂମିକାକୁ ନେଇ କୋର୍ଟ କ୍ଷୁବ୍ଧ। ଟ୍ରାଫିକ୍ ନିୟନ୍ତ୍ରଣ ପଦକ୍ଷେପ ଅଭାବରୁ କୋଲକାତା ହାଇକୋର୍ଟ ବିରକ୍ତ। ରାଜ୍ୟ ଏବଂ ମେଟ୍ରୋ ମଧ୍ୟରେ ବୈଠକ ପରେ କାହିଁକି କିଛି ପ୍ରଭାବଶାଳୀ ହେଉନାହିଁ? ଏହି ପ୍ରକଳ୍ପ ରାଜ୍ୟବାସୀଙ୍କ ପାଇଁ ଲାଭଦାୟକ ହେବ। କିନ୍ତୁ ଆପଣ ଟ୍ରାଫିକ୍ ଅବରୋଧର କାରଣ ଦେଖାଉଛନ୍ତି କି? କୋଲକାତା ହାଇକୋର୍ଟର ଭାରପ୍ରାପ୍ତ ପ୍ରଧାନ ବିଚାରପତି ରାଜ୍ୟକୁ ଏଭଳି ପ୍ରଶ୍ନ ପଚାରିଛନ୍ତି। ତେବେ, ରାଜ୍ୟ ଏହି ପ୍ରଶ୍ନର ପ୍ରତିଉତ୍ତର ଦେଇଛନ୍ତି।

## କୋଇଲା ବୋଝେଇ ଡମ୍ଫରରେ ନିଆଁ

କୋଲକାତା, ୯।୧୨(ସଂଚାର ବ୍ୟୁରୋ): ଭୟାବହ ନିଆଁରେ ପୋଡିଗଲା ଏକ କୋଇଲା ବୋଝେଇ ଡମ୍ଫର। ମଙ୍ଗଳବାର ସକାଳେ ଓଡ଼ିଶାର ବାଲେଶ୍ୱରରୁ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାର ମୋଡଗ୍ରାମକୁ ଯାଉଥିବା ପୁରୁଣା ୬୦ ନମ୍ବର ଜାତୀୟ ସଡକରେ ଏହି ଦୁର୍ଘଟଣା ଘଟିଛି। ଜାଣିବାକୁ ମିଳିଛି ଯେ, ଡମ୍ଫରର ଆଗ ଚକର ଲୁହା ସ୍ପ୍ରିଙ୍ଗ ଭାଙ୍ଗି ଯାଇଥିଲା, ଯାହା ଫଳରେ ଦୁର୍ଘଟଣା ଘଟିଗଲା। ତା'ପରେ ଡମ୍ଫରରେ ନିଆଁ ଲାଗିଯାଇଥିଲା। ଡମ୍ଫର ଡ୍ରାଇଭର କୌଣସି ପ୍ରକାରେ କ୍ୟାବିନରୁ ବାହାରକୁ ଆସି ନିଜ ଜୀବନ ବଞ୍ଚାଇବାରେ ସଫଳ ହୋଇଥିଲେ। କିନ୍ତୁ ନିଆଁ ସମ୍ପୂର୍ଣ୍ଣ ଡମ୍ଫରକୁ ବ୍ୟାପି ଯାଇଥିଲା। ଖବର ପାଇ ଜାମୁଡିଆ ଥାନା ଅନ୍ତର୍ଗତ କେଣ୍ଡା ଫଣ୍ଡିର ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଦମକଳ ବିଭାଗକୁ ମଧ୍ୟ ଖବର ଦିଆଯାଇଥିଲା। ଏକ ଦମକଳ ଗାଡ଼ି ପହଞ୍ଚି ଫୋମ୍ ଏବଂ ପାଣି ବ୍ୟବହାର କରି ପ୍ରାୟ ଏକ ଘଣ୍ଟା ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲା।

## ବାଂଲାଦେଶରୁ ୪୭ ମତ୍ସ୍ୟଜୀବୀ ଫେରିଲେ

**କୋଲକାତା,୯।୧୨(ସଂଚାର ବ୍ୟୁରୋ):** ଅନ୍ତର୍ଜାତୀୟ ସାମୁଦ୍ରିକ ସୀମା ଉଲ୍ଲଂଘନ କରିବାରୁ ଦୁଇ ଦେଶରେ ଅଟକ ଥିବା ମୋଟ ୭୯ ଜଣ ଭାରତୀୟ ଏବଂ ବାଂଲାଦେଶୀ ମତ୍ସ୍ୟଜୀବୀଙ୍କୁ ସୋମବାର ମୁକ୍ତ କରାଯାଇଛି। ଏମାନଙ୍କ ମଧ୍ୟରୁ ୪୭ ଜଣ ଭାରତୀୟ ଏବଂ ୩୨ ଜଣ ବାଂଲାଦେଶୀ ମତ୍ସ୍ୟଜୀବୀ। ବନ୍ଦୀ ପ୍ରତ୍ୟର୍ପଣ ଚୁକ୍ତିନାମା ଅନୁଯାୟୀ, ଦୁଇ ଦେଶର ହାଇ କମିଶନ ମଧ୍ୟରେ ଆଲୋଚନା ଆଧାରରେ ସୋମବାର ରାତି ଏବଂ ମଙ୍ଗଳବାର ସକାଳେ ମତ୍ସ୍ୟଜୀବୀଙ୍କୁ ଦୁଇ ଦେଶର ତଟରକ୍ଷୀ ବାହିନୀକୁ ହସ୍ତାନ୍ତର କରାଯାଇଥିଲା। ପ୍ରାୟ ୫ ମାସ ଧରି ଅନ୍ତର୍ଜାତୀୟ ଜଳସୀମା ପାର କରି ବାଂଲାଦେଶୀ ଜଳସୀମାରେ ପ୍ରବେଶ କରିବାରୁ ଏକ ଟ୍ରଲରର ୪୭ ଜଣ ମତ୍ସ୍ୟଜୀବୀଙ୍କ ସମେତ ତିନି ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ବାଂଲାଦେଶ ଜେଲରୁ ମୁକ୍ତ କରାଯାଇଛି। ସେମାନେ ସମସ୍ତେ ଦକ୍ଷିଣ ୨୪ ପ୍ରଗଣାର କାକଦ୍ୱୀପର ବାସିନ୍ଦା। ଅନ୍ୟପକ୍ଷରେ, ବାଂଲାଦେଶର ଦୁଇଟି ଟ୍ରଲର ସମେତ ୩୨ ଜଣ ବାଂଲାଦେଶୀ ମତ୍ସ୍ୟଜୀବୀଙ୍କୁ ମଧ୍ୟ ମୁକ୍ତ କରାଯାଇଛି।

## ଚିଲିକାକୁ ବିପତ୍ତି ରାଜଧାନୀ ବର୍ଜ୍ୟ

**ଭୁବନେଶ୍ୱର,୯।୧୨:** ଏସିଆର ବୃହତ୍ତମ ପ୍ରାକୃତିକ ଲବଣାକ୍ତ ହ୍ରଦ ଚିଲିକା ପାଇଁ ରାଜଧାନୀ ଭୁବନେଶ୍ୱର ଏବେ ପାଲଟିଛି ପ୍ରମୁଖ ବିପତ୍ତିର କାରଣ। ଭୁବନେଶ୍ୱରରୁ ନିର୍ଗତ ନାଳ, ନର୍ଦ୍ଦମା ସମେତ ସହରର ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଗଙ୍ଗୁଆ ଓ ଦୟା ନଦୀ ବାଟ ଦେଇ ଚିଲିକାରେ ମିଶୁଥିବାରୁ ଏହାର ଜଳ ପ୍ରଦୂଷିତ ହେବାରେ ଲାଗିଛି।

ଏଠାରେ ଉଲ୍ଲେଖନୀୟ ଯେ ଗଙ୍ଗୁଆ ଓ ଦୟାର ଜଳ ବ୍ୟବହାର ଉପଯୋଗୀ ନୁହେଁ ବୋଲି କର୍ତ୍ତୃପକ୍ଷ ବାରମ୍ବାର ସତର୍କ କରାଇ ଆସୁଛନ୍ତି। ଗଙ୍ଗୁଆର ଜଳ ଏଭଳି ବିଷାକ୍ତ ହେଲାଣି ଯେ ଏଥିରେ ଆଉ ମାଛ ଓ ଅନ୍ୟ ଜଳଜୀବ ବଞ୍ଚିବା ମୁସ୍କିଲ। ସେହିପରି ଦୟା ନଦୀରେ ବି ପୂର୍ବ ତୁଳନାରେ ବିଶେଷ ମାଛ ଦେଖାଯାଉ ନାହାନ୍ତି। ଫଳରେ ରାଜଧାନୀବାସୀ ଏହାର ନିକଟରେ ପ୍ରବାହିତ ଗଙ୍ଗୁଆ, ଦୟା, କୁଆଖାଇ, ଭାର୍ଗବୀ ଆଦି ନଦୀର ମଧୁର ମାଛ ଖାଇବାରୁ ବଞ୍ଚିତ ହେଉଛନ୍ତି।

କେବଳ ରାଜଧାନୀର ବର୍ଜ୍ୟବସ୍ତୁ ନୁହେଁ, ଏହିସବୁ ନଦୀ ପ୍ରବାହିତ ହେଉଥିବା ଅଞ୍ଚଳରେ ବ୍ୟବହାର କରାଯାଉଥିବା ବିପଦଜନକ କୀଟନାଶକ ଓ ରସାୟନିକ ସାରର ପ୍ରଭାବ ବି ନଦୀଜଳରେ ରହୁଥିବା ପରିବେଶବିଜ୍ଞାନୀମାନେ ବାରମ୍ବାର କହୁଛନ୍ତି। ଦୟା ଓ ଗଙ୍ଗୁଆ ବଞ୍ଚାଅ ଅଭିଯାନ ପକ୍ଷରୁ ବି ଏହି ଦୁଇ ନଦୀର ପୁନରୁଦ୍ଧାର ଓ ସୁରକ୍ଷା ଲାଗି ବାରମ୍ବାର ଦାବି ହେଉଛି। ଉପରମୁଣ୍ଡରୁ ଜଳ ପ୍ରଦୂଷଣ ହେଉଥିବା ପରିପ୍ରେକ୍ଷୀରେ ତଳମୁଣ୍ଡରେ କଣାସ ଅଞ୍ଚଳରେ ବାରମ୍ବାର ଏହାର ପ୍ରଭାବରେ ଲୋକେ ରୋଗବ୍ୟାଧିରେ ପଡୁଥିବା ଘେନି ବି ନଜିର ରହିଛି। ଚିଲିକାରେ ମିଶିଥିବା ୧୩ଟି ନଦୀ ନାଳର ଉପରମୁଣ୍ଡରେ ବ୍ୟାପକ ମୃତ୍ତିକା କ୍ଷୟ ଲାଗି ରହିଛି। ବିଶେଷକରି ଉପର ଅଞ୍ଚଳରୁ ଜଙ୍ଗଲ ସଫା ହେବା ସହିତ କଂକ୍ରିଟ ନିର୍ମାଣ ବଢି ଚାଲିବା ଫଳରେ କ୍ଷୟ ହେଉଥିବା ମୃତ୍ତିକାର ପ୍ରମୁଖ ଅଂଶ ଏସବୁ ନଦୀ ନାଳ ଦେଇ ଚିଲିକା ହ୍ରଦରେ ଜମୁଥିବା ଘେନି ବାରମ୍ବାର ପରିବେଶ ବିଶେଷଜ୍ଞମାନେ ଚେତାବନୀ ଦେଇ ଆସୁଛନ୍ତି। ଚିଲିକାର ସାମୁଦ୍ରିକ ମୁହାଣ ପୋତିହୋଇ ଆସୁଥିବା ସହିତ ହ୍ରଦ ଭିତରେ ବି ବିଭିନ୍ନ ଗୁଳ୍ମରାଜି ପଡିବା କାରଣରୁ ହ୍ରଦ ପୋତିହୋଇ ପଡୁଛି। ଚିଲିକା ଉପରେ ନିର୍ଭର କରୁଥିବା ଲକ୍ଷାଧିକ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ଉପରେ ପ୍ରଶ୍ନ ଉଠୁଥିବାରୁ ଅନେକ ପାରମ୍ପାରିକ ମାଛଧରା କାମ ଛାଡି କାମଧନ୍ଦା ଅନ୍ୱେଷଣରେ ଅନ୍ୟତ୍ର ପଳାଉଛନ୍ତି। (ତଥ୍ୟ)



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୂର୍ଯ୍ୟ ବ୍ରିଗେଡ୍‌ଙ୍କ...

ଶିକାର ହୋଇଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୨ ରନ କରି ନିରାଶ କରିଥିଲେ। ଦ୍ରୁତ ବୋଲରଙ୍କୁ ସୁହାଉଥିବ ବାରବାଟୀ ପିଚରେ ଦକ୍ଷିଣ ଆଫ୍ରିକାର ବୋଲର ଭାରତୀୟ ବ୍ୟାଟରଙ୍କୁ ହାତ ଖୋଲିବାକୁ ସୁଯୋଗ ଦେଇ ନଥିଲେ। ଅଭିଷେକ ଶର୍ମା ୧୨ ବଲରୁ ୧୭ ରନ କରି ତୃତୀୟ ବ୍ୟାଟର ଭାବେ ପାଭିଲିୟନ ଫେରିଥିଲେ। ତିଳକ ବର୍ମା କ୍ରିଜରେ ଜମିଥିଲେ ହେଁ ୩୨ ବଲରୁ ୨୬ ରନର ଧିମା ଇନିଂସ ଖେଳିଥିଲେ।

ଭାରତ ଆଶା ଅନୁଯାୟୀ, ଦ୍ରୁତ ଗତିରେ ରନ କରିପାରି ନ ଥିଲା। କିନ୍ତୁ ହାର୍ଦ୍ଦିକ ପାଣ୍ଡ୍ୟା କ୍ରିଜକୁ ଆସିବା ମାତ୍ରେ ବିସ୍ଫୋରକ ବ୍ୟାଟିଂ କରିଥିଲେ। ତାଙ୍କ ସହ ଅକ୍ଷର ପଟେଲ୍ ଉତ୍ତମ ଯୋଗଦାନ ଦେଇଥିଲେ। କିନ୍ତୁ ଅକ୍ଷର ପଟେଲ୍ ୨୩ ରନ କରି ମିଳିଥିବା ଆରମ୍ଭର ଫାଇଦା ଉଠାଇ ପାରି ନ ଥିଲେ। ଶିବମ ଦୁବେ(୧୧ ରନ) କିଛି ଖାସ୍ କରି ପାରି ନ ଥିଲେ। ଅନ୍ୟପଟେ ହାର୍ଦ୍ଦିକ ପାଣ୍ଡ୍ୟା ନିଜର ବିସ୍ଫୋରକ ବ୍ୟାଟିଂ ଜାରି ରଖି ଚୌକା ଓ ଛକା ବର୍ଷା କରି ଚାଲିଥିଲେ। ପାଣ୍ଡ୍ୟା ବାରବାଟୀରେ ନିଜର ଟି-୨୦ ଅନ୍ତର୍ଜାତୀୟରେ ଷଷ୍ଠ ଅର୍ଦ୍ଧଶତକ ହାସଲ କରିଛନ୍ତି। ମାତ୍ର ୨୮ ବଲରୁ ୬ ଚୌକା ଓ ୪ ଛକା ସହ ଅପରାଜିତ ୫୯ ରନ କରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ଓଭରରେ ୬ ୱିକେଟ୍ ହରାଇ ୧୭୫ ରନ କରିଛି। ଜିତେଶ ଶର୍ମା ୧୦ ରନ କରିଥିଲେ। ବୋଲିଂରେ ଲୁଙ୍ଗି ଏନଗିଡି ୩୧ ରନ ଦେଇ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ସିପମ୍ଲା ୩୮ ରନ ଦେଇ ୨ଟି ୱିକେଟ୍ ଅକ୍ତିକାର କରିଛନ୍ତି।

### ଶିକ୍ଷା...

ନୂତନ ସ୍ତରକୁ ନେବା ପାଇଁ ସାଉଦି ଆରବରେ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଏବଂ ଭାରତରେ ସାଉଦି ବିଶ୍ୱବିଦ୍ୟାଳୟଗୁଡ଼ିକର ବିଦେଶୀ କ୍ୟାମ୍ପସ୍ ସ୍ଥାପନ କରିବା ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ଉଦୀୟମାନ ଏବଂ ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମିଳିତ ଗବେଷଣା ଆରମ୍ଭ କରିବା ପାଇଁ ଆଲୋଚନା ହୋଇଥିଲା। ସାଉଦି ଆରବରେ ଅଧିକ ସଂଖ୍ୟକ ସିବିଏସଇ ବିଦ୍ୟାଳୟ ଖୋଲିବାର ସମ୍ଭାବନା ଉପରେ ମଧ୍ୟ ବୈଠକରେ ଆଲୋକପାତ ହୋଇଥିଲା। ଶ୍ରୀ ପ୍ରଧାନ ସାଉଦି ଛାତ୍ରଛାତ୍ରୀମାନଙ୍କୁ ଭାରତରେ ଅଧ୍ୟୟନ କରିବା ପାଇଁ ଆମନ୍ତ୍ରଣ କରିଥିଲେ, ଯାହା ଉଭୟ ଦେଶ ମଧ୍ୟରେ ଜ୍ଞାନ ଏବଂ ସାଂସ୍କୃତିକ ଆଦାନପ୍ରଦାନକୁ ସୁଗମ କରିବ। ଶ୍ରୀ ପ୍ରଧାନ କହିଥିଲେ ଯେ ଭାରତର 'ବିକଶିତ ଭାରତ ୨୦୪୭' ଏବଂ ସାଉଦିର 'ଭିଜନ ୨୦୩୦'ର ଶିକ୍ଷାଗତ ପ୍ରାଥମିକତାରେ ଦୃଢ଼ ସମନ୍ୱୟ ରହିଛି। ଆଜିର ବୈଠକ ଭାରତ ଏବଂ ସାଉଦି ଆରବ ମଧ୍ୟରେ ଜ୍ଞାନ ଭାଗିଦାରୀକୁ ଆହୁରି ମଜବୁତ କରିବା, ସାଂସ୍କୃତିକ ଆଦାନପ୍ରଦାନକୁ ସୁବିଧାଜନକ କରିବା, ମିଳିତ ଆକାଂକ୍ଷାକୁ ସାକାର କରିବା ଏବଂ ଉଭୟ ଦେଶକୁ ଜ୍ଞାନ-ପରିଚାଳିତ ତଥା ବିଶ୍ୱ ସ୍ତରରେ ପ୍ରତିଯୋଗିତାମୂଳକ ସମାଜରେ ପରିଣତ କରିବା ପାଇଁ ଏକ ଉତ୍କୃଷ୍ଟ ସୁଯୋଗ ଥିଲା। ଏହି ଆଲୋଚନା ଦୁଇ ରାଷ୍ଟ୍ରର ଶିକ୍ଷା କ୍ଷେତ୍ରରେ ଏକ ଉଜ୍ଜ୍ୱଳ ଭବିଷ୍ୟତର ସଙ୍କେତ ଦେଉଛି ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରକାଶ କରିଛନ୍ତି।

### ପୂର୍ବତନ ବିଧାୟକଙ୍କୁ...

ସେ ବିଧାୟକ ଭାବେ କାର୍ଯ୍ୟ କରିଥିବେ ତାଙ୍କୁ ପ୍ରତି ଅତିରିକ୍ତ ବର୍ଷ ପାଇଁ ମାସିକ 3ହଜା ଟଙ୍କା ଲେଖାଏଁ ଅତିରିକ୍ତ ପେନସନ ମିଳବ। ପୂର୍ବରୁ ୨ ହଜାର ଟଙ୍କା ମିଳୁଥିଲା। ପୂର୍ବ ନିୟମ ଅନୁସାରେ ପେନସନ ସମେତ ଅତିରିକ୍ତ ପେନସନର ପରିମାଣ ମାସିକ ମୋଟ ୭୦ ହଜାରରୁ ଅଧିକ ହେବ ନାହିଁ ବୋଲି କୁହାଯାଇଥିଲା। ଏଥିସହ ସବୁ ପୂର୍ବତନ ବିଧାୟକଙ୍କୁ ମାସିକ ୧୨ ହଜାର ୫ ଶହ ଟଙ୍କା ଗସ୍ତ ଭତ୍ତା ଦିଆଯିବ। ଯେଉଁ ସଦସ୍ୟ ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି ଓ ସେହି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ହେଉଛି, ତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ଏକକାଳୀନ ୨୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଭାବେ ପ୍ରଦାନ କରାଯିବ। ଏହାଛଡ଼ା ପୂର୍ବତନ ବିଧାୟକଙ୍କୁ ଚିକିତ୍ସା ଭତ୍ତା ବାବଦରେ ମାସକୁ ୨ ହଜାର ବଦଳରେ ୨୫ ହଜାର ଟଙ୍କା ଦିଆଯିବ।

### ସ୍କୁଲ, କଲେଜ...

କରି ବହୁ କଂଗ୍ରେସ ନେତା ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳୀ ଦେଇଥିଲେ। ଏବେ କିନ୍ତୁ ବିଜେପି ଇତିହାସକୁ ବିକୃତ କରୁଛି ବୋଲି ସେ ଅଭିଯୋଗ କରିଥିଲେ। ଇଣ୍ଡିଗୋ କ୍ରାଇସିସ, ଏସଆଇଆର ବିବାଦ ଓ ଡଲାର୍‌ର ମୂଲ୍ୟ ବୃଦ୍ଧିରୁ ଦୃଷ୍ଟି ଅପସାରିତ କରିବାକୁ 'ବନ୍ଦେ ମାତରମ'କୁ ମାଧ୍ୟମ କରାଯାଇଛି ବୋଲି ସେ କହିଥିଲେ। ଶେଷରେ ବିଧାନସଭାରେ ସମ୍ପୂର୍ଣ୍ଣ ବନ୍ଦେ ମାତରମ ଗାନ କରାଯାଇଥିଲା। କିନ୍ତୁ ଏହି ସଙ୍ଗୀତର ସମ୍ବିଧାନ ସ୍ୱୀକୃତ ପ୍ରଥମ ଦୁଇ ପଦ ଗାନ ପର୍ଯ୍ୟନ୍ତ ବିରୋଧୀ ଗୃହରେ ସମୂହ ଗାନରେ ଯୋଗଦେଇଥିଲେ। ତା'ପରେ ବିରୋଧୀ କକ୍ଷ ତ୍ୟାଗ କରିଥିଲେ।

### ବିନା ହଟ୍ଟଗୋଳରେ...

ହିଁ ବିରୋଧୀ ବିଜେଡି ଓ କଂଗ୍ରେସ ବିଭିନ୍ନ ପ୍ରସଙ୍ଗରେ ଗୃହରେ ହଟଗୋଳ ଆରମ୍ଭ କରିଦେଇଥାନ୍ତି। କେତେବେଳେ ବ୍ୟାନର ତ ଆଉ କେତେବେଳେ ପୋଷ୍ଟର ପ୍ରଦର୍ଶନ କରିଥାନ୍ତି। ରିପୋର୍ଟଙ୍କ ଟେବୁଲ ଉପରେ ଚଢିବାକୁ ପଛାଇ ନଥାନ୍ତି। ଏଥିଯୋଗୁଁ ଅଧିକାଂଶ ଦିନ ପ୍ରଶ୍ନକାଳ ଚାଲିପାରେ ନାହିଁ। ବେଳେବେଳେ ଶୂନ୍ୟକାଳରେ ବି ବିରୋଧି ସଦସ୍ୟମାନେ ହଟଗୋଳ କରିଥାନ୍ତି। ଏଥିପାଇଁ ବାଚସ୍ପତିଙ୍କୁ ବାରମ୍ବାର ସର୍ବଦଳୀୟ ବୈଠକ ଡାକିବାକୁ ପଡିଥାଏ। ଆଲୋଚନରୁ ପ୍ରାୟତଃ କୌଣସି ନିଷ୍କର୍ଷ ବାହାରିନଥାଏ।

ବିରୋଧୀ ସଦସ୍ୟଙ୍କ ସହିତ ଆକ୍ଷେପ ପ୍ରତିଆକ୍ଷେପରେ ବି ଶାସକଦଳ ସଦସ୍ୟମାନେ ବେଳେବେଳେ ଗୃହରେ ଛିଡ଼ା ହୋଇ ଜୋରଦାର ପ୍ରତିବାଦ କରିଥାନ୍ତି। ଗୃହରେ ଅଧ୍ୟକ୍ଷତା କରୁଥିବା ବାଚସ୍ପତି କିମ୍ବା ଅଧିଷ୍ଠାତାମଣ୍ଡଳୀ ସଦସ୍ୟ ବାରମ୍ବାର ତାଗିଦା ସହିତ ଗୃହକୁ ମୁଲତବି ରଖିଥାନ୍ତି।

ଚଳିତ ଶୀତ ଅଧିବେଶନର ୧୧ଟି କାର୍ଯ୍ୟ ଦିବସରେ ପ୍ରଶ୍ନକାଳରେ ୨୮ଟି ପ୍ରଶ୍ନ ଉପରେ ସୁରୁଖୁରୁରେ ଆଲୋଚନା ହୋଇଥିବାବେଳେ ୬ଟି ମୁଲତବି ପ୍ରସ୍ତାବ ଉପରେ ବି ସରଗରମ ଆଲୋଚନା ହୋଇଥିଲା। ବିରୋଧିଦଳ ଦେଇଥିବା ସମସ୍ତ ମୁଲତବି ନୋଟିସ୍‌କୁ ବାଚସ୍ପତି ଗ୍ରହଣ କରିଥିଲେ। ସେହିଭଳି ୭ଟି ବିଲ୍ ଆଗତ ସହିତ ଗୃହର ମଞ୍ଜୁରୀ ଲାଭ କରିଥିଲା। ପାଞ୍ଚଟି ବିଭାଗର ଖର୍ଚ୍ଚଦାବି ଉପରେ ବି ଉଭୟ ଶାସକ ଓ ବିରୋଧି ସରଗରମ ଆଲୋଚନା କରିଥିଲେ।

ଏତେସବୁ ସତ୍ତ୍ୱେ ବି ବିଜେଡି ପକ୍ଷରୁ ଏଥର ସଦସ୍ୟମାନେ ଗୃହ ମଧ୍ୟଭାଗରେ ଆସି ପ୍ରତିବାଦ କରିବା ଦେଖାଯାଇନଥିଲା। କଂଗ୍ରେସ ସଦସ୍ୟମାନେ ଦେଇଥିବା ସଙ୍କଳ୍ପକୁ ଗ୍ରହଣ କରାଯାଇନଥିବାରୁ ସଦସ୍ୟମାନେ ଗୃହ ମଧ୍ୟକୁ ଆସିଥିଲେ ବି ତାହା ସ୍ୱଳ୍ପ ସମୟ ପାଇଁ ଥିଲା। ସେହିଭଳି ଜାତିର ପିତାଙ୍କ ଉପରେ ଶାସକଦଳ ବିଧାୟକଙ୍କ ଟିପ୍ପଣୀକୁ ନେଇ ଉଭୟ ବିଜେଡି ଓ କଂଗ୍ରେସ ଏକାଠି ହୋଇ ପ୍ରତିବାଦ କରିଥିବାବେଳେ ବାଚସ୍ପତି ସୁରମା ପାଢ଼ୀ ଅତ୍ୟନ୍ତ ସତର୍କତାର ସହ ଏହି ମାମଲାର ସମାଧାନ କରିଥିଲେ। ତୁରନ୍ତ ଶାସକଦଳ ବିଧାୟକଙ୍କ ମନ୍ତବ୍ୟକୁ ଗୃହର ବିବରଣୀରୁ ବାଦ୍ ଦେଉଥିବାବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏହି ପ୍ରସଙ୍ଗରେ ମନ୍ତବ୍ୟ ରଖି ଦୁଃଖ ପ୍ରକାଶ କରିଥିଲେ। ଏହାଛଡା ପାରମ୍ପାରିକ ଭାବେ ଅତିରିକ୍ତ ବଜେଟ୍ ଉପରେ ମୁଖ୍ୟମନ୍ତ୍ରୀ ଉତ୍ତର ରଖୁଥିବାବେଳେ ବିରୋଧି ସଦସ୍ୟଙ୍କ କକ୍ଷତ୍ୟାଗ ଦେଖିବାକୁ ମିଳିଥିଲା। ଏହାବାଦ୍ ଚଳିତ ଅଧିବେଶନରେ ଆଉ କୌଣସି ଅଘଟଣ ପରିଲକ୍ଷିତ ହୋଇନଥିଲା।

ଦୀର୍ଘଦିନ ପରେ ବିଧାନସଭାର ଶୀତ ଅଧିବେଶନର ପ୍ରଶ୍ନକାଳ ବିନା ବାଧାରେ ଚାଲିବା ଓ ଗୃହ ମଧ୍ୟରେ କୌଣସି ଅଘଟଣା ନଘଟିବା ଏକ ବିରଳ ଘଟଣା ବୋଲି ବରିଷ୍ଠ ସାମ୍ବାଦିକ ଓ ବିଧାୟକମାନେ ମତ ଦେଉଥିବାବେଳେ ଏହା କିନ୍ତୁ ରାଷ୍ଟ୍ରପତିର ଉପଦେଶର ଫଳ ବୋଲି ପ୍ରାୟତଃ ସମସ୍ତେ ମୁକ୍ତ କଣ୍ଠରେ କହୁଛନ୍ତି।

### ତିନିଗୁଣ...

ବ୍ୟବହାର ପାଇଁ ମାସିକ ୫ ହଜାର ବଦଳରେ ୨୦ ହଜାର ଟଙ୍କା ଦିଆଯିବ।

କୌଣସି ବିଧାୟକ ସରକାରୀ କ୍ୱାର୍ଟର ପାଇନଥିଲେ କ୍ୱାର୍ଟର ଦଖଲ ପର୍ଯ୍ୟନ୍ତ ଦୈନିକ ୨ ହଜାର ଟଙ୍କା ଆବାସ ଭତ୍ତା ପାଇବେ। ବିଧାୟକମାନେ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ କୌଣସ କମିଟି କାର୍ଯ୍ୟରେ ଗଲେ ଯାତ୍ରାଖର୍ଚ୍ଚ ବାବଦରେ ପୂର୍ବରୁ ୧୦ ହଜାର ଟଙ୍କା ମିଳୁଥିବା ବେଳେ ଏବେ ୫୦ ହଜାର ଟଙ୍କା ମିଳିବ। ଜିପ, ମୋଟର ସାଇକେଲ, ସ୍କୁଟର କିମ୍ବା ଅନୁରୂପ ଗାଡ଼ି କିଣିବା ପାଇଁ ସର୍ବାଧିକ ୧୦ ଲକ୍ଷ ଟଙ୍କା ଅଗ୍ରୀମ ପାଇପାରିବେ। ସେହିଭଳି ମନ୍ତ୍ରୀମାନଙ୍କ ଦରମା ଓ ଭତ୍ତା ମଧ୍ୟ ବଢ଼ିଛି। ମୁଖ୍ୟମନ୍ତ୍ରୀ ମାସିକ ୧ ଲକ୍ଷ, ଉପମୁଖ୍ୟମନ୍ତ୍ରୀ ୯୮ ହଜାର, ରାଷ୍ଟ୍ରମନ୍ତ୍ରୀ ୯୬ ହଜାର, ରାଷ୍ଟ୍ରମନ୍ତ୍ରୀ ୯୪ ହଜାର ଓ ଉପମନ୍ତ୍ରୀ ୯୨ ହଜାର ଦରମା ପାଇବେ। ପୂର୍ବରୁ ମୁଖ୍ୟମନ୍ତ୍ରୀ ୪୧ ହଜାର, ଉପମୁଖ୍ୟମନ୍ତ୍ରୀ ୪୦ ହଜାର, କ୍ୟାବିନେଟ ମନ୍ତ୍ରୀ ୪୦ ହଜାର, ରାଷ୍ଟ୍ରମନ୍ତ୍ରୀ ୩୮ ହଜାର, ଓ ଉପମନ୍ତ୍ରୀ ୩୬ ହଜାର ଟଙ୍କା ପାଉଥିଲେ।

ସେହିପରି କାର୍ ରକ୍ଷଣାବେକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀ ଏଣିକି ମାସିକ ୯୧ ହଜାର, ଉପମୁଖ୍ୟମନ୍ତ୍ରୀ ୮୯ ହଜାର, ମନ୍ତ୍ରୀ ୮୭ ହଜାର, ରାଷ୍ଟ୍ରମନ୍ତ୍ରୀ ୮୫ ହଜାର ଓ ଉପମନ୍ତ୍ରୀ ୮୩ ହଜାର ଟଙ୍କା ପାଇବେ। ପୂର୍ବରୁ ଏଥିପାଇଁ ମିଳୁଥିଲା ମାତ୍ର ୧୭ ହଜାର ଟଙ୍କା। ବ୍ୟକ୍ତିଗତ ବ୍ୟୟ ଭତ୍ତା ବାବଦରେ ମୁଖ୍ୟମନ୍ତ୍ରୀ ୧ ଲକ୍ଷ ୩୮ ହଜାର, ଉପମୁଖ୍ୟମନ୍ତ୍ରୀ ୧ ଲକ୍ଷ ୮୧ ହଜାର, କ୍ୟାବିନେଟ ମନ୍ତ୍ରୀ ୧ ଲକ୍ଷ ୭୯ ହଜାର, ରାଷ୍ଟ୍ରମନ୍ତ୍ରୀ ୧ ଲକ୍ଷ ୭୭ ହଜାର ଟଙ୍କା ପାଇବ। ପୂର୍ବରୁ ଏ ବାବଦରେ ୪୯ ହଜାର ଟଙ୍କା ଲେଖାଏଁ ମିଳୁଥିଲା। ବିଧାନସଭା ବୈଠକ ସମୟରେ ଦୈନିକ ୮୦୦ ବଦଳରେ ଏଣିକି ୨ ହଜାର ଟଙ୍କା ମିଳିବ।

ସେହିଭଳି ବାଚସ୍ପତି ଓ ଉପବାଚସ୍ପତିଙ୍କ ଦରମା ଓ ଭତ୍ତା ମଧ୍ୟ ବଢ଼ିଛି। ବାଚସ୍ପତି ପୂର୍ବରୁ ୪୦ ହଜାର ୫୦୦ ଟଙ୍କା ଦରମା ପାଉଥିଲେ। କିନ୍ତୁ ଏବେ ସେ ୯୮ ହଜାର ଟଙ୍କା ଦରମା ପାଇବେ। ବିଧାନସଭା ଓ ଏଥିସହ ଜଡ଼ିତ କମିଟିରେ ଯୋଗଦେବା ପାଇଁ ବୈଠକ ଭତ୍ତା ବାବଦରେ ଦୈନିକ ୮୦୦ ଟଙ୍କା ବଦଳରେ ୨ ହଜାର ଟଙ୍କା ମିଳିବ। କାର୍ ରକ୍ଷଣାବେକ୍ଷଣ ପାଇଁ ପୂର୍ବରୁ ୧୭ ହଜାର ମିଳୁଥିବା ବେଳେ ଏବେ ୫୨ ହଜାର ଟଙ୍କା ପାଇବେ। ବ୍ୟକ୍ତିଗତ ବ୍ୟୟ ଭତ୍ତା ବାବଦରେ ମାସିକ ୪୦ ହଜାର ବଦଳରେ ୧ ଲକ୍ଷ ୮୧ ହଜାର ଟଙ୍କା ପାଇବେ। ବାଚସ୍ପତି ତାଙ୍କ ପଦରେ ଥିବା କାର୍ଯ୍ୟକାଳ ମଧ୍ୟରେ ଏବଂ ଠିକ ପରବର୍ତ୍ତୀ ୧୫ ପାଇଁ ଆସବାବପତ୍ର ସଜ୍ଜିତ ଏକ ବାସଗୃହ ବିନା ଭଡ଼ାରେ ବ୍ୟବହାର ପାଇଁ ପାଇବେ। କିମ୍ବା ତା' ବଦଳରେ ଦୈନିକ ୨ ହଜାର ଟଙ୍କା ଦିଆଯିବ। ସେହିପରି ଉପବାଚସ୍ପତିଙ୍କ ଦରମା ୩୮ ହଜାରରୁ ୯୪ ହଜାରକୁ ବୃଦ୍ଧି କରାଯାଇଛି। ଉପବାଚସ୍ପତି ବୈଠକ ଭତ୍ତା ବାବଦରେ ଦୈନିକ ୨ ହଜାର ଟଙ୍କା, କାର ରକ୍ଷଣାବେକ୍ଷଣ ପାଇଁ ୮୫ ହଜାର ଟଙ୍କା ଓ ବ୍ୟକ୍ତିଗତ ଭତ୍ତା ୧ ଲକ୍ଷ ୭୭ ହଜାର ଟଙ୍କା ପାଇବେ।

### ସିଏଜି...

ଭାବେ ହ୍ରାସ ପାଇଛି। ନମୂନା ଜିଲ୍ଲାରେ ଏହି ୫ ବର୍ଷ ମଧ୍ୟରେ ଚିହ୍ନଟ ହୋଇଥିବା ୧୬,୪୧୦ ବିଶେଷ ଆବଶ୍ୟକତା ଥିବା ଶିଶୁଙ୍କ ମଧ୍ୟରୁ ବିଭାଗୀୟ ତ୍ରୁଟି ଯୋଗୁ ୩୮୦ ଜଣ ଶିଶୁଙ୍କ ଅଭିଭାବକଙ୍କୁ ପରିବହନ ଓ ସୁରକ୍ଷା ଭତ୍ତା ମିଳିପାରିନଥିଲା ଏବଂ ୩୧୧ ଜଣ ଶିଶୁଙ୍କୁ ସହାୟତା ଉପକରଣ ମିଳିପାରିନଥିଲା।

ନମୂନା ଜିଲ୍ଲାରେ ୨୬ ପ୍ରତିଶତ ସ୍କୁଲରେ ରାମ୍ପ ସୁବିଧା ନଥିବା ବେଳେ ୪୪ ପ୍ରତିଶତ ପର୍ଯ୍ୟନ୍ତ ସ୍କୁଲରେ ବିଶେଷ ଆବଶ୍ୟକତା ଥିବା ଶିଶୁଙ୍କ ପାଇଁ ଅନୁକୂଳ ଶୌଚାଳୟ ସୁବିଧା ନଥିଲା। ରାଜ୍ୟ ସରକାର ବାଳିକାଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ପାଇଁ ଦେଇଥିବା ପାଣ୍ଠି ଅଧିକାଂଶ ସ୍କୁଲରେ ପହଁଚିପାରିନଥିଲା। ବହୁ ସଂଖ୍ୟାରେ ବିଦ୍ୟାଳୟରେ ଭିତ୍ତିଭୂମି ନିୟମକୁ ମଧ୍ୟ ସଠିକ ଭାବେ ଅନୁପାଳନ କରାଯାଇନଥିଲା। ୨୩ ପ୍ରତିଶତ ସ୍କୁଲରେ ଏକାଧିକ ଶ୍ରେଣୀ ପାଇଁ ଗୋଟିଏ ଶ୍ରେଣୀଗୃହ ଥିବା ବେଳେ ୪୩ ପ୍ରତିଶତ ସ୍କୁଲରେ ବସିବା ଆସବାବପତ୍ର ନଥିବାରୁ ଛାତ୍ରଛାତ୍ରୀ ଚଟାଣରେ ବସୁଥିଲେ।

ଏଥିସହିତ ୨୧୮ ଲକ୍ଷ ୯୮ ହଜାର ଯୋଗ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ଲକ୍ଷ ୫୧ ହଜାର ଶିକ୍ଷାର୍ଥୀଙ୍କୁ ମାଗଣା ପୋଷାକ ପାଇବାରୁ ବଞ୍ଚିତ ହୋଇଥିବା ବେଳେ ୧ଲକ୍ଷ ୭୩ହଜାର ଛାତ୍ରଛାତ୍ରୀ ସାଇକେଲ ପାଇପାରିନଥିଲେ। ସରକାର ଜିଲ୍ଲା କି ବ୍ଲକ ଯୋଜନା କମିଟି ମଧ୍ୟ ଗଠନ କରିପାରିନଥିଲେ। ବହୁ ସ୍କୁଲରେ ପରିଚାଳନା କମିଟିରେ ଆବଶ୍ୟକ ସଂଖ୍ୟକ ସଦସ୍ୟ ମଧ୍ୟ ନଥିଲେ। ବିଜେଡି ସରକାର ଅମଳରେ ରାଜ୍ୟରେ ଶିକ୍ଷା ଓ ଭିତ୍ତିଭୂମି ବିକାଶର ଯେଉଁ ନାରା ଦିଆଯାଉଥିଲା ତାହା କେବଳ ରଙ୍ଗିନ ସ୍ୱପ୍ନ ଥିଲା, ତାହା ସିଏଜିଙ୍କ ଏହି ରିପୋର୍ଟରୁ ପ୍ରମାଣିତ ହୋଇଛି।

# ଯାଜପୁରରୁ ୩ ବିଜେପି ନେତାଙ୍କୁ ନୂଆ ଦାୟିତ୍ୱ



**ଯାଜପୁର,୯।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଦଳୀୟ ପୁନର୍ଗଠନ ଓ ସଙ୍ଗଠନ ଶକ୍ତିବୃଦ୍ଧି ମଧ୍ୟରେ, ଭାରତୀୟ ଜନତା ପାର୍ଟି ଯାଜପୁର ମାଟିକୁ ପୁଣି ଥରେ ଗୁରୁତ୍ୱର କେନ୍ଦ୍ରବିନ୍ଦୁରେ ଆଣିଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ ପରେ ଘୋଷିତ ତିନିଟି ମହତ୍ୱପୂର୍ଣ୍ଣ ଦାୟିତ୍ୱ, ଯାଜପୁରର ରାଜନୈତିକ ମାଟିରେ ଦଳର ଆଶା, ଆସ୍ଥା ଓ ଆଗାମୀ ରଣନୀତିକୁ ଜଣାଇ ଦେଇଛି। ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଭାବେ ଡ଼କ୍ଟର ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ପୁନର୍ବାର ନିଯୁକ୍ତି କେବଳ ପଦବୀ ମିଳିବା ନୁହେଁ, ଏହା ହେଉଛି ତାଙ୍କ ଦୀର୍ଘଦିନର ସଚଳ କାର୍ଯ୍ୟ, ସଂଗଠନାତ୍ମକ ପ୍ରଭାବ ଓ ମହିଳା ଶକ୍ତିକରଣ ପ୍ରତି ତାଙ୍କ ଅବିଚଳ ପ୍ରଚାର ଆଧାରରେ ଦଳର ପୁନର୍ବାର ଆସ୍ଥା ପ୍ରକଟିତ ହେବା। ଯାଜପୁରର ଝିଅ ରାଜ୍ୟ ସ୍ତରରେ ମହିଳା ମୋର୍ଚ୍ଚାକୁ ନେତୃତ୍ୱ ଦେଉଥିବା ପରିଚୟ, ସ୍ଥାନୀୟ କାର୍ଯ୍ୟକର୍ତ୍ତାଙ୍କୁ ପ୍ରେରଣା ଓ ଗର୍ବ ଦୁଇଟି ଦେଉଛି। ଅନ୍ୟପଟେ, ଯାଜପୁରର ପୂର୍ବତନ ଜିଲ୍ଲା ସଭାପତି ପବିତ୍ର ମୋହନ ଦାଶଙ୍କୁ ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ଓ ଗୌତମ ରାୟଙ୍କୁ ବାଲେଶ୍ୱର ଜିଲ୍ଲା ପ୍ରଭାରୀ ଭାବେ ଦାୟିତ୍ୱ ଦେବା ଦଳ ଯାଜପୁରର ପୁରୁଣା ଅଭିଜ୍ଞତାକୁ ଅନ୍ୟ ଜିଲ୍ଲାଗୁଡ଼ିକରେ କିପରି ବ୍ୟବହାର କରିବାକୁ ଚାହୁଁଛି, ତାହାର ସ୍ପଷ୍ଟ ସୂଚନା ମିଳିଛି। ଏହି ତିନୋଟି ନିଯୁକ୍ତି ଯାଜପୁର ବିଜେପିରେ ସ୍ୱାଭାବିକ ଭାବରେ ଉତ୍ସାହ ଓ ଆତ୍ମବିଶ୍ୱାସର ନୂଆ ଲହର ଆଣିଛି।

## ନାହିଁ ନାହିଁରେ ଚାଲିଛି ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ନିଶ୍ଚେତକ ଡାକ୍ତର ନଥିବାରୁ ଅସ୍ତ୍ରୋପଚାରରୁ ରୋଗୀ ବଞ୍ଚିତ

**ବୋରିଗୁମ୍ମା,୯।୧୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଶ୍ଚେତକ ଡାକ୍ତର ନଥିବାରୁ ରୋଗୀମାନେ ସାଧାରଣ ଅସ୍ତ୍ରୋପଚାର ପାଇଁ ଘରୋଇ ନର୍ସିଂହୋମକୁ ଯାଇ ଅଯଥା ଖର୍ଚ୍ଚାନ୍ତରେ ପଡୁଛନ୍ତି । ଡାକ୍ତରଖାନାରେ ରୋଗୀ ଚିକିତ୍ସା କେବଳ ବହିଃବିଭାଗ (ଓପିଡି) ସେବାରେ ସୀମିତ ରହିଛି। ସାଧାରଣରେ ଏଥିନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

ବୋରିଗୁମ୍ମା ସଦର ମହକୁମାରେ ୩୦ଶଯ୍ୟା ବିଶିଷ୍ଟ ପ୍ରସୂତିକାଳୀନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ତିନି ମହଲା ବିଶିଷ୍ଟ କୋଠରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ରହିଛି । ସେହିପରି ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବୋରିଗୁମ୍ମା ନବ ନିର୍ମିତ ପ୍ରସୂତିକାଳୀନ ଓ ଶିଶୁ ସ୍ୱାସ୍ଥ୍ୟ ଚିକିତ୍ସାଳୟ କୋଠା ନିର୍ମାଣ ହୋଇଛି । ତିନି



ମହଲା ବିଶିଷ୍ଟ ଏହି ଅତ୍ୟାଧୁନିକ କୋଠା ୨୦୨୪ ଫେବୃୟାରୀରେ ଉଦ୍‌ଘାଟିତ ହୋଇଥିଲା । ତେବେ ଚିକିତ୍ସା ସେବାକୁ ଦେଖି ଏଠାକୁ ଆସୁଥିବା ଲୋକେ ବାହାର ଚକାଚକ୍ ଭିତରେ ଖାଲି ବୋଲି ଅଭିଯୋଗ କରୁଛନ୍ତି । ଉଦ୍‌ଘାଟନର ବର୍ଷେ ପୂରିବାକୁ ବସିଲାଣି ଅଥଚ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ନବନିର୍ମିତ କୋଠା ହସ୍ତାନ୍ତର ହୋଇନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ମନମାନୀ ଯୋଗୁଁ ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫରମର ବସିପାରୁନାହିଁ ଏବଂ ଲିଫ୍ଟ ବ୍ୟବସ୍ଥାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ । ବୋରିଗୁମ୍ମା ଡାକ୍ତରଖାନାରେ ଅଭିଜ୍ଞ ପ୍ରସୂତି ବିଭାଗ ଡାକ୍ତର ଥିବାସତ୍ତ୍ୱେ ନିଶ୍ଚେତକ ଡାକ୍ତର ନଥିବାରୁ ଗର୍ଭବତୀଙ୍କ ଅସ୍ତ୍ରୋପଚାର ମଧ୍ୟ ହୋଇପାରୁନି । ଖାଲି ସେତିକି ନୁହେଁ, ସାଧାରଣ ବଥଟିଏ ହୋଇଥଲେ ଅସ୍ତ୍ରୋପଚାର ହେଉନି, ହାତ କି ଗୋଡ ଭାଙ୍ଗିଥିଲେ ଅସ୍ଥିଶୋଲ୍ୟ ବିଶେଷଜ୍ଞ ନଥିବା କାରଣରୁ ବିଭିନ୍ନ ଆଳ ଦେଖାଇ ପ୍ଲାଷ୍ଟର ମଧ କରାଯାଉନି । ଏଭଳି ସ୍ଥିତିରେ ଗରିବ ରୋଗୀ ଚିକିତ୍ସା ସେବା ନପାଇ ହଡ଼ସନ୍ତ ହେଉଛନ୍ତି । ବୋରିଗୁମ୍ମାରେ ନିଶ୍ଚେତକ ଡାକ୍ତର, ଶିଶୁରୋଗ ବିଶେଷଜ୍ଞ, ଅସ୍ଥିଶଲ୍ୟ ଡାକ୍ତର ଓ ସର୍ଜରୀ ସ୍ପେସାଲିଷ୍ଟଙ୍କୁ ଆଣିବାରେ ପ୍ରଶାସନିକ କିମ୍ବା ରାଜନୈତିକସ୍ତରରେ ଅତୌ ଉଦ୍ୟମ ହେଉନି । ବ୍ଲକର ବୁଦ୍ଧିଜୀବୀ ମଧ ଏବାବଦରେ ସ୍ୱର ଉତ୍ତୋଳନ କରୁନାହାନ୍ତି ।

## ବ୍ରହ୍ମପୁରରେ ବୁଲା କୁକୁର ଆତଙ୍କ

# ଆବଶ୍ୟକୀୟ ପଦକ୍ଷେପ ନେବାକୁ କମିଶନରଙ୍କୁ ଚିଠି ଲେଖିଲେ ସାହିବାସିନ୍ଦା



**ବ୍ରହ୍ମପୁର,୯।୧୨ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ସହରରେ ଦିନକୁ ଦିନ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବଢ଼ୁଛି।ଯାହାକୁ ନେଇ ସହରବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସହରର ମୁଖ୍ୟ ରାସ୍ତାରୁ ଆରମ୍ଭ କରି ଗଳି କନ୍ଦି ଯାଏ, ସବୁଠି ବୁଲା କୁକୁର ମାନେ ଆତଙ୍କ ସୃଷ୍ଟି କରୁଛନ୍ତି। ପ୍ରତ୍ୟେକ ଦିନ କୁକୁର କାମୁଡ଼ା ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ସେହିପରି ଗୋଷାଣୀନୂଆଗାଁ ବିଲସାହି ଅଞ୍ଚଳରେ ଗତ କିଛି ଦିନ ମଧ୍ୟରେ ପ୍ରାୟ ୨୫ ଜଣ ଲୋକ ବୁଲା କୁକୁରଙ୍କ ଆକ୍ରମଣରେ ଆହତ ହୋଇଛନ୍ତି। ପୂର୍ବରୁ ୨୪ ଜଣ କୁକୁର କାମୁଡ଼ାର ଶିକାର ହୋଇଥିବା ହୋଇଥିବା ବେଳେ, ଆଜି ସକାଳ ସାଢେ ୯ଟା ସମୟରେ ଏହି ଅଞ୍ଚଳର ଜଣେ ମହିଳାଙ୍କୁ କୁକୁର କାମୁଡ଼ିଥିବା ଅଭିଯୋଗ ହୋଇଛି।

ବୁଲା କୁକୁରଙ୍କ ଉତ୍ପାତ ପାଇଁ ଅଞ୍ଚଳବାସୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ବିଶେଷ କରି ବାଇକ ଚାଳକ ଓ ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ଦିନକୁ ଦିନ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଅଞ୍ଚଳବାସୀଙ୍କ ପାଇଁ ଏବେ ଗୁରୁତର ମୁଣ୍ଡବଥାର କାରଣ ହୋଇପଡ଼ିଛି। ଘଟଣାକୁ ନେଇ ସ୍ଥାନୀୟ ଲୋକେ ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଏହାର ଏକ ନକଲ ଜିଲ୍ଲାପାଳ ଏବଂ ଗୋଷାଣୀନୂଆ ଗାଁ ଥାନାକୁ ପ୍ରେରଣ କରିଛନ୍ତି। ଏଭଳି ପରିସ୍ଥିତିରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ କାର୍ଯ୍ୟରେ ବ୍ରହ୍ମପୁର ମହାନଗର ନିଗମ ସମ୍ପୂର୍ଣ୍ଣ ଭାବେ ବିଫଳ ବୋଲି ଅଞ୍ଚଳବାସୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀ ଉଚ୍ଚ

# ୟୁଜିସି ଗ୍ରେଡ୍‌ରେ ତଳକୁ ଖସିଲା ଏନ୍‌ସି କଲେଜ

**ଯାଜପୁର,୯।୧୨ (ସଂଚାର ବ୍ୟୁରୋ):** ନରସିଂହ ଚୌଧୁରୀ (ଏନ୍‌ସି) ସ୍ୱୟଂଶାସିତ କଲେଜର ଦଶାକୁ ନୂଆ ଯୁଗର ଶିକ୍ଷା କ୍ୟାଲେଣ୍ଡରେ ଆଉ ଲୁଚାଇ ପାରିଲା ନାହିଁ। ୟୁଜିସି ମାନ୍ୟତା ତାଲିକାରେ ସର୍ବନିମ୍ନ 'ବି' ଗ୍ରେଡ୍ ପାଇ ସବା ପଛରେ ପଡ଼ିଛି ଏହି ୮୦ ବର୍ଷର ପୁରୁଣା ଅନୁଷ୍ଠାନ। ମୋଟ କେବଳ ୩୦ ନମ୍ବର ମିଳିଥିବାରୁ କୋଟିକୋଟି ଟଙ୍କାର ୟୁଜିସି ଅନୁଦାନ ହରାଇବା ନିଶ୍ଚିତ ହୋଇଛି। ନିକଟସ୍ଥ କେନ୍ଦ୍ରାପଡ଼ା, ଭଦ୍ରକ, କେନ୍ଦୁଝର ଓ ଗଞ୍ଜାମ ଜିଲ୍ଲାର ସ୍ୱୟଂଶାସିତ କଲେଜଗୁଡ଼ିକ ଯେଉଁଠି ଉନ୍ନତ ଗ୍ରେଡ୍ ସଂଗ୍ରହ କରିଛି,ସେଠି ଏନ୍‌ସି କଲେଜ ବହୁ ପଛକୁ ଖସିଛି।




କଲେଜର ଆଭ୍ୟନ୍ତରୀଣ ଅବ୍ୟବସ୍ଥା ନାକ୍ ଟିମ୍‌କୁ ସନ୍ତୁଷ୍ଟ କରିପାରିଲାନି। ୧୮ ଲକ୍ଷ ଟଙ୍କା ଖର୍ଚ୍ଚ କରି ନାକ୍ ଟିମ୍‌କୁ "ମନ୍ତ୍ରମୁଗ୍ଧ" କରିବାର ଚେଷ୍ଟା ଫଳ ଶୂନ୍ୟ ହେଲା। ଅବ୍ୟବସ୍ଥା, ଭଙ୍ଗାଉଥିବା ଢାଞ୍ଚା, ଦିବ୍ୟାଙ୍ଗମାନଙ୍କ ପାଇଁ ମୌଳିକ ବ୍ୟବସ୍ଥାର ଅଭାବ, ପାନୀୟଜଳ, ଶୌଚାଳୟ ସମସ୍ୟା ଏବଂ ସୁରକ୍ଷା ନେଇ ଗୁରୁତର ପ୍ରଶ୍ନ ଛତା ଭଳି ଝୁଲୁଥିଲା। ସେହିପରି ୧୮ ଲକ୍ଷର ଚକ୍‌ମକ ଚମକ କିଛି ଉପକାର କରିଲା ନାହିଁ ଗ୍ରେଡ୍ ତଳକୁ ଖସିଲା। ଯାହା ଫଳରେ ନିଜ ମାନକୁ ନିଜେ ଖୋଜୁଛି ଏନ୍‌ସି କଲେଜ। କିଛି ବର୍ଷ ପୂର୍ବରୁ କେନ୍ଦୁଝର, ଭଦ୍ରକ, କେନ୍ଦ୍ରାପଡ଼ାର ଛାତ୍ରଛାତ୍ରୀଙ୍କ ପାଇଁ ଏନ୍‌ସି କଲେଜ ଥିଲା ପ୍ରଥମ ପସନ୍ଦ। ଏବେ ପରିସ୍ଥିତି ପୂରା ଓଲଟା। ହୋଷ୍ଟେଲ, ଲାଇବ୍ରେରୀ,ସୁବିଧା, ପରୀକ୍ଷା ଫଳ ସବୁଦିନ ଗୋଟିଏ ପାଖରୁ ଦୋଷାରୋପ ଶବ୍ଦ ଶୁଣିବାକୁ ମିଳିଛି।

# ରୋଟାରୀ ପରିବାର ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

**ଖୋର୍ଦ୍ଧା, ୯।୧୨ (ସଂଚାର ବ୍ୟୁରୋ):** ରୋଟାରୀ କ୍ଲବର ସଭାପତି ଶ୍ରୀକାନ୍ତ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦଧିମାଛଗାଡ଼ିଆର ନିର୍ମଳ ପଟ୍ଟନାୟକ ଓ ତାଙ୍କ ସହଯୋଗୀ ମାନଙ୍କ ଦ୍ୱାରା ଅଭାବି ଲୋକମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହା ଏକ ସାଧାରଣ ଏବଂ ପୁନରାବୃତ୍ତି ସେବା ପ୍ରକଳ୍ପ ଯାହା ରୋଟାରୀ ପରିବାର ର ମୂଳମନ୍ତ୍ର "ନିଜ ଠାରୁ ଅଧିକ ସେବା"କୁ ପ୍ରତିପାଦନ କରେ।



ଖୋର୍ଦ୍ଧା ସହର ଏବଂ ଏହାର ଆଖ ପାଖ ଅଞ୍ଚଳରେ ରେ ଅସହାୟ ପରିବାର ଗୁଡ଼ିକୁ ଶୀତ ପ୍ରକୋପ ରୁ ରକ୍ଷା କରିବା ପାଇଁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା। ରୋଟାରୀ କ୍ଲବ ର ଉପ-ସଭାପତି ସୁଚିସ୍ମିତା ପରିଡା, ପୂର୍ବତନ ସଭାପତି ସୌମ୍ୟ ରଂଜନ ମହାନ୍ତି, ନରସିଂହ ପ୍ରସାଦ ପଟ୍ଟନାୟକ, ସଂପାଦକ ସଞ୍ଜୟ ବର୍ମନ, ଅଜୟ ଅଗ୍ରୱାଲ ଏବଂ ରୋଟ୍ରାକ୍ଟ କ୍ଲବ ର ସଦସ୍ୟ ମାନେ ଉପସ୍ଥିତ ରହି ସହାୟତା କରିଥିଲେ ।

# ନୂତନ ପଞ୍ଚାୟତ ଗଠନ ନିମନ୍ତେ ଦାବିପତ୍ର ପ୍ରଦାନ

**ନବରଙ୍ଗପୁର/ରାଇଘର,୯।୧୨ (ସଂଚାର ବ୍ୟୁରୋ):** ପରଚିପାରା ପଞ୍ଚାୟତ ଅଧୀନରେ ଥିବା ପାଞ୍ଚ ଖଣ୍ଡ ଗ୍ରାମର ଲୋକେ ଜିଲ୍ଲାପାଳ ଏବଂ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଧୋଡ୍ରାସିମଡାକୁ ଏକ ନୂତନ ପଞ୍ଚାୟତ ରୂପେ ଗଠନ କରିବା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଧୋଡ୍ରାସିମଡା, ଡୁମୁଡା, ମାଲାପାରା, ଧୋଡ୍ରାପାରା,



ଧୋଡ୍ରାପାରା କଲୋନୀର ଗ୍ରାମବାସୀ ସନ୍ତୋଷ ହାଲବା ,ଧର୍ମୁ ରାମ ଗଣ୍ଡ, ଶାଗ ଲାଲ ଗଣ୍ଡ, ନବରତ୍ନ ଗଣ୍ଡ, ଡମର ସିଂ ଭଣ୍ଡାରୀ, ପ୍ରଭୁ ଲାଲ ହାଲବା, ଦିଲୀପ କୁମାର ଗଣ୍ଡ, ପ୍ରେମ ଲାଲ ଗଣ୍ଡ, ମହାଙ୍ଗୁ ଗଣ୍ଡ, ରମେଶ ଗଣ୍ଡ, ସୋନୁ ଗଣ୍ଡ, କପିଳାସ ଗଣ୍ଡ, ବଡସନ ଗଣ୍ଡ, ମଳୟ ଗଣ୍ଡ ପ୍ରମୁଖ ବ୍ଲକ ଅଫିସ ପହଞ୍ଚି ବିଡିଓ ରିତୁ ସିଂଙ୍କୁ ଦାବିପତ୍ର ଦେବା ସହ ଧୋଡ୍ରାସିମଡା ପଞ୍ଚାୟତ ଗଠନ ହେବାପାଇଁ ଯୋଗ୍ୟ ହୋଇଥିବା ବେଳେ ଏଠାରେ ମିଶ୍ରିତ ଜନସଂଖ୍ୟା ପାଞ୍ଚହଜାରରୁ ଉର୍ଦ୍ଧ୍ୱ। ମାସିକ ଭତ୍ତା, ଆବାସ ଘର, ଜୀବିକା ଯୋଜନା, ରାସନ ଭଳି ସୁବିଧା ଅଞ୍ଚଳ ବସି ପାଇପାରିବେ ଏବଂ ସରକାରୀ ଉନ୍ନୟନ କାମ ସୁବିଧାରେ ହୋଇପାରିବା ନେଇ ଦାବୀପତ୍ରରେ ଉଲ୍ଲେଖ ଥିଲା। ତେଣୁ ପଞ୍ଚାୟତ ହେବାପାଇଁ ସମସ୍ତ ସର୍ତ୍ତାବଳି ଅନୁଯାଇ ଯୋଗ୍ୟ ହୋଇଥିବାରୁ ଏହାକୁ ପଞ୍ଚାୟତ ମାନ୍ୟତା ଦେବାକୁ ଦାବି କରିଥିଲେ।

# ଜିଲ୍ଲାସ୍ତରୀୟ ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଭୁବନେଶ୍ୱର,୯।୧୨ (ସଂଚାର ବ୍ୟୁରୋ):** ସରକାରୀ ଉଚ୍ଚ ବିଦ୍ୟାଳୟ ୟୁନିଟ-୧ ଭୁବନେଶ୍ୱର ପରିସରରେ ଆଜି ମୁଖ୍ୟ ଅତିଥି ପ୍ରଶାନ୍ତ କୁମାର ଜଗଦେବ, ଖୋର୍ଦ୍ଧା ବିଧାୟକଙ୍କ କରକମଳରେ ଜୁନିଅର ରେଡ଼କ୍ରସ ପତାକା ଉତ୍ତୋଳନ ତଥା ପ୍ରଦୀପ ପ୍ରଜ୍ଜଳନ ସହ ଆୟୋଜିତ ହେବାକୁ ଥିବା ତିନି ଦିନିଆ ପ୍ରଶିକ୍ଷଣ ଶିବିରକୁ ଉଦଘାଟିତ କରିଥିଲେ । ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜୁନିଅର ରେଡ଼କ୍ରସ ଖୋର୍ଦ୍ଧା ଶାଖାର ଚେୟାରମ୍ୟାନ ସୋନାମିକା ରାୟ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ମୁଖ୍ୟ ବକ୍ତା ଭାବେ ମେଜର ଡ଼ଃ କଳ୍ପନା ଦାସ, ସମ୍ମାନୀତ ଅତିଥି ଭାବେ ଏଡିଇଓ ଖୋର୍ଦ୍ଧା ଡ଼ଃ ପ୍ରଜ୍ଞା ପାରମିତା ଜେନା ଓ ରଶ୍ମିବାଳା ପରିଡ଼ା, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଭାସ୍କର ଲେଙ୍କା, ବରିଷ୍ଠ




ବିଇଓ ତ ତଥା ସାଂଗଠନିକ ସଂପାଦକ, ଜେଆରସିଓ ତୋଫାନ କୁମାର ରାଉତରାୟ ଓ ଯୁଗ୍ମ ସମ୍ପାଦକ ମୁରଲୀଧର ପରିଡ଼ା ଯୋଗ ଦେଇଥିଲେ ।

ଏହି ସଭାରେ ଅତିଥିବୃନ୍ଦଙ୍କୁ ଉପଢୌକନ, ବୃକ୍ଷ, ଜେଆରସି ଟୋପି ଓ ବ୍ୟାଚ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶିବିର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ରହିବ। ଜିଲ୍ଲାର ୧୦ଟି ବ୍ଲକ ଓ ୧ଟି ବିଏମ୍‌ସି ଅଞ୍ଚଳକୁ ନେଇ ମୋଟ ପ୍ରାୟ ପ୍ରାୟ ୧୮୭ ଟି ବିଦ୍ୟାଳୟରୁ ୮୫୦ ଜଣ ଶିକ୍ଷାର୍ଥୀ ଓ କାଉନସେଲର ଅଂଶ ଗ୍ରହଣ କରିଛନ୍ତି । ଏହିଁ କାର୍ଯ୍ୟକ୍ରମରେ ବିଭିନ୍ନ ଭିନ୍ନ ପ୍ରତିଯୋଗିତା, ପ୍ରଦର୍ଶନୀ, ରଙ୍ଗୋଲୀ ଓ ଅଞ୍ଚଳ ପରିଭ୍ରମଣ କାର୍ଯ୍ୟକ୍ରମ ରହିଛି । ମୁଖ୍ୟ ଅତିଥି ଶ୍ରୀ ଜଗଦେବ, ବିଶେଷ ଅତିଥି ଶ୍ରୀ ସିଂ ଓ ସମ୍ମାନିତ ଅତିଥି ଡ଼ଃ ଦାସ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ରାୟଙ୍କୁ 'ସେବକ ସମ୍ମାନ'ରେ ସମ୍ବର୍ଦ୍ଧିତ ହୋଇଥିଲେ ।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଳ ବୈଜ୍ଞାନିକ ପ୍ରଦର୍ଶନୀ

# ଆଜିର କୁନି ବୈଜ୍ଞାନିକ କାଲି ଦେଶର ଶ୍ରେଷ୍ଠ ବୈଜ୍ଞାନିକ: ମୁଖ୍ୟ ଅତିଥି

**ନୀଳଗିରି,୯।୧୨ (ସଂଚାର ବ୍ୟୁରୋ):** ଆଜି ନୀଳଗିରି ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଓ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଗଡ଼ିହି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି



ଭାବେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ମୁଖ୍ୟ ବକ୍ତା ଭାବେ ରତ୍ନାକର ଟାଉନ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବିଧାୟକ ପ୍ରତିନିଧି ବିନୋଦ ବିହାରୀ ପଣ୍ଡା ଯୋଗଦେଇ ଆନୁଷ୍ଠାନିକ ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟ ଆଜିର କୁନି ବୈଜ୍ଞାନିକ କାଲି ଦେଶର ଶ୍ରେଷ୍ଠ ବୈଜ୍ଞାନିକ ହୋଇପାରିବେ ନାହିଁ ବୋଲି କେହି କହି ପାରିବେ ନାହିଁ। ଉକ୍ତ ବିଜ୍ଞାନ ମେଳା ପାଇଁ ବ୍ଲକର ୧୫୦ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ପ୍ରାଥମିକ ସ୍ତରରୁ ୨୧ ଏବଂ ମାଧ୍ୟମିକ ସ୍ତରରୁ ୮୭ ଷ୍ଟଲ ମିଶି ସମୁଦାୟ ୧୦୮ ଗୋଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଅଂଶଗ୍ରହଣ କରିଥିବା ଛାତ୍ର ଛାତ୍ରୀ ଙ୍କୁ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ଦିଆଯାଇ ପୁରସ୍କୃତ କରାଯାଇଥିଲା।

# ଅଚଳ ସୋଲାର ଜଳ ଅମଳ ପ୍ରକଳ୍ପକୁ ତୁରନ୍ତ ମରାମତି ଦାବି

**ଫୁଲବାଣୀ,୯।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଲାଠିକୁପା ଗାଁରେ ନିର୍ମାଣ କରାଯାଇଥିବା ସୋଲାର ଜଳ ପ୍ରକଳ୍ପ ଏକ ମାସ ପୂର୍ବରୁ ଅଚଳ ହୋଇ ପଡିଛି। ସୂଚନା ଅନୁସାରେ ଏହି ଲାଠିକୁପା ଗାଁରେ ପିଇବା ପାଣି ପାଇଁ ଅନ୍ୟ ବ୍ୟବସ୍ଥା ନଥିବାରୁ ଅଞ୍ଚଳବାସୀ ପାଣି ଯୋଗାଇବାକୁ ବାରମ୍ବାର ଅଭିଯୋଗ କରିବା ସହ ସାହିବାସିନ୍ଦା ଲିଖିତ ଭାବରେ ଜଣାଇଥିଲେ । ସମସ୍ୟାକୁ ଦୃଷ୍ଟି ଦେଇ ପ୍ରଶାସନ ତରଫରୁ ଏକ ସୋଲାର ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ନିର୍ମାଣର ଏକ ମାସ ବିତିଯାଇଥିବା ବେଳେ ତାହା ଅଳ୍ପ ଦିନ ମଧ୍ୟରେ ଭାଙ୍ଗି ନଷ୍ଟ ହୋଇଛି। ଯାହାଦ୍ୱାରା ଗତ ଏକ ମାସରୁ ଅଧିକ ହେବ ଏହା ଅଚଳ ହୋଇ ପଡିଛି ।



ଏହି ସୋଲାର ପ୍ରକଳ୍ପ ଉପରେ ନିର୍ଭର କରୁଥିବା ୱାର୍ଡର ୪୦ରୁ ଅଧିକ ଘର ଲୋକେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଲାଠିକୁପା ଓ ଲୁହୁରାସାହି ଓ ବଦସାହି ଗାଁ ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳ ଏବଂ ଜଙ୍ଗଲ ପରିବେଷ୍ଟିତ ଭିତରେ ରହିଥିବାରୁ ନିର୍ମାଣ କରିଥିବା ଠିକାଦାର ସୋଲାର ପ୍ରକଳ୍ପ ଠିକ ଭାବରେ କରିନଥିବାରୁ ଏଭଳି ଅବସ୍ଥା ହୋଇଥିବା ଅଭିଯୋଗ କରିଛନ୍ତି ସମୂହ ଗ୍ରାମବାସୀ ପାହାଡ଼ ଉପରେ ଏବଂ ଉଚ୍ଚ ସ୍ଥାନରେ ଏହି ଗାଁ ରହିଥିବା ବେଳେ ସୋଲାର ପ୍ରକଳ୍ପ ଲୋକଙ୍କୁ ବହୁ ସୁବିଧା ଯୋଗାଉଥିଲା ଯାହାଦ୍ୱାରା ଲୋକେ ପାଣି ସୁବିଧା ପାଇ ପାରୁଥିଲେ। ବର୍ତ୍ତମାନ ପାଣି ପାଇଁ ସମସ୍ୟା ଭୋଗୁଥିବା ବେଳେ ତୁରନ୍ତ ଏହି ସୋଲାର ପ୍ରକଳ୍ପକୁ ତୁରନ୍ତ ମରାମତି କରିବା ସହ ଅଞ୍ଚଳବାସୀଙ୍କୁ ପିଇବା ପାଣି ଯୋଗାଇ ଦେବାକୁ ଜିତେନ୍ଦ୍ର କହଁର ହରପ୍ରସାଦ କହଁର ସରପଞ୍ଚ ସୁଦର୍ଶନ କହଁର ଙ୍କ ସହ ଗ୍ରାମବାସୀ ଦାବୀ କରିଛନ୍ତି।

# ବାଇକ ଚୋରକୁ ୯ ମାସ କାରାଦଣ୍ଡାଦେଶ

**ରାଇଘର,୯।୧୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ଜେଏମଏଫସି କୋର୍ଟରେ କୁନ୍ଦେଇ ଥାନା ଅଧୀନରେ ଥିବା ମାରିଗାଁ ଗ୍ରାମର ଟିକେଶ କୁମାର ମାଳି କୁ ବାଇକ ଚୋରି ଅଭିଯୋଗରେ ୯ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସୂଚନା ଅନୁଯାୟୀ ଗତ ତିନି ମାସ ତଳେ କୁନ୍ଦେଇ ଥାନାରେ ୨୦/୦୮/୨୫ରେ କେଶ ନମ୍ବର ୧୧୧/୨୫ ରେ ବାଇକ ଚୋରି କରିଥିବା ନେଇ ଏକ ଅଭିଯୋଗ ହୋଇଥିଲା। ଚୋର ବିରୁଦ୍ଧରେ ପୋଲିସ ୩୦୨(୨) ଦଫା ଲଗାଇ କୋର୍ଟ ଚାଲାଣ କରିଥିଲା। କୋର୍ଟରେ କେଶ ବିଚାରଧୀନ ଅବସ୍ଥାରେ ଥିବାବେଳେ ଆଜି ତାହା ମାଜିଷ୍ଟ୍ରେଟ ଆଦିତ୍ୟ ନାରାୟଣ ମହାରଣା ଦୋଷୀ ଟିକେଶକୁ ୯ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପବ୍ଲିକ ପ୍ରସିକ୍ୟୁଟର୍ ତପନ ଗାଇନ ପରିଚାଳନା କରିଥିଲେ। ମାତ୍ର ତିନି ମାସ ୧୯ ଦିନରେ ଦୋଷୀ କୋର୍ଟରେ ଦଣ୍ଡିତ ହୋଇଥିବାରୁ ଅଞ୍ଚଳବାସି ଶ୍ରୀ ଗାଇନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାର୍ମିକ ସଦଭାବନାକୁ ନେଇ ହିନ୍ଦୁ ଓ ମୁସଲମାନ ମୁହାଁମୁହିଁ

**କାକଟପୁର/ଅସ୍ତରଙ୍ଗ,୯।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାରର ହାଟ ଗଳିରେ କେଉଁ ପୂର୍ବ ପୁରୁଷରୁ ଗୋଟେ ତ୍ରିନାଥ ମଣ୍ଡପଟିଏ ରହିଥିଲା ଯେଉଁଠି ପୂର୍ବ ସମୟରୁ ଏକ ବେଲ ଗଛ ଓ ତୁଳସୀ ଗଛ ରହିଥିଲା। ସ୍ଥାନୀୟ ଲୋକମାନେ ସେହିସ୍ଥାନରେ ତ୍ରିନାଥ ମେଳା କରିବା ସହିତ ଉକ୍ତ ବେଲ ଗଛ ଓ ତୁଳସୀ ଗଛକୁ ପୂଜା କରି ଆସୁଥିଲେ ମାତ୍ର କିଛି ବର୍ଷ ପୂର୍ବେ କିଛି ମୁସଲମାନ ସମ୍ପ୍ରଦାୟ ଲୋକ ସେଠି ପୀର ବାବାଙ୍କର ସ୍ଥାନ ଦର୍ଶାଇ ତାହାକୁ କବ୍‌ଜା କରି ମସଜିଦ ବନାଇବାକୁ ପ୍ରୟାସ କରିଥିଲେ। ସେହି ସମୟରେ ଦୁଇ ଧର୍ମ ଭିତରେ ବାଦ ବିବାଦ ହେବାରୁ ଆଇନ ଅନୁସାରେ ପ୍ରଶାସନ ଦ୍ୱାରା ଉକ୍ତ ସ୍ଥାନକୁ ବନ୍ଦ କରାଯାଇଥିଲା। ଯାହା ୨୦୧୨ ମସିହାର କଥା ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବୀ କରୁଛନ୍ତି।

ମାତ୍ର ଏବେ କିଛି ଦିନ ହେବ କିଛି ମୁସଲମାନ ସମ୍ପ୍ରଦାୟ ବ୍ୟକ୍ତି ବନ୍ଦ ଥିବା ଉକ୍ତ ସ୍ଥାନକୁ ମନମୁଖି ଭାବେ ଖୋଲି ସେଠାରେ ତୁଳସୀ ଗଛ କାଟି ସେଇଟା ହିନ୍ଦୁଙ୍କ ପାର୍ଥନା ଜାଗା ନୁହେଁ ଏଇଟା ମଜାର ବୋଲି ଦାବୀ କରୁଛନ୍ତି। ଯାହାକୁ ନେଇ ବିଶ୍ୱ ହିନ୍ଦୁ ପରିଷଦର ସଭ୍ୟମାନେ ମଙ୍ଗଳବାର ଦିନ ତୀବ୍ର ବିରୋଧ ପଦର୍ଶନ କରିବା ସହ ଆଇନର ହସ୍ତକ୍ଷେପ ଲୋଡି ଉକ୍ତ ସ୍ଥାନକୁ ଆଇରନ ଓଲଡିଂ କରି ସବୁଦିନ ପାଇଁ ବନ୍ଦ କରିବାକୁ ନିଷ୍ପତି ନେଇଥିବା ବେଳେ କିଛି ମୁସଲିମ ଲୋକେ ଆସି ଏହା ପିର ବାବାଙ୍କ ସ୍ଥାନ ବୋଲି ଦାବୀ କରି ଖୋଲିବାକୁ ଥାନାର ଦ୍ୱାରସ୍ତ ହୋଇଛନ୍ତି।ଏହି ବିଷୟରେ ଅସ୍ତରଙ୍ଗ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର ଙ୍କୁ ପଚାରିବାରେ ସେକହିଛନ୍ତି ତଦନ୍ତ ପରେ ନିଷ୍ପତି ନିଆଯିବ।

# ବାଲକୋନୀରୁ ଖସି ଶିଶୁ ପୁତ୍ର ମୃତ

**ନୟାଗଡ଼,୯।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ସହରରେ ଅବସ୍ଥିତ ନବୋଦୟ ବିଦ୍ୟାଳୟ ପରିସରରେ ଆଜି ଏକ ଅଘଟଣ ଘଟିଛି । ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ରୋଷେୟା ବିକ୍ରମ କୁମାର ସିଂ ତାଙ୍କ ପରିବାର ସହ ବିଦ୍ୟାଳୟ ପରିସର କ୍ୱାର୍ଟରରେ ରୁହନ୍ତି । ଆଜି ତାଙ୍କ ପୁଅ ସାଇ ସୁବଜିତ୍ ସିଂ(୭) ବାଲକୋନୀରେ ଖେଳୁଥିବା ସମୟରେ ଅସାବଧାନତା ଯୋଗୁଁ ତଳକୁ ଖସି ପଡ଼ିଥିଲେ । ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ଡାକ୍ତର ସେଠାରେ ଶିଶୁଟିକୁ ମୃତ ଘୋଷଣା କରିଛନ୍ତି । ଏହାକୁ ନେଇ ଟାଉନଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ




**କାକଟପୁର/ଅସ୍ତରଙ୍ଗ,୯।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ମଙ୍ଗଳବାର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ୨୦୨୫କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଛାତ୍ର, ଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ମଣ୍ଡଳଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବରିଷ୍ଠ ଶିକ୍ଷକ ତଥା ପ୍ରାକ୍ତନ ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କର, ମୁଖ୍ୟବକ୍ତା ସୁଶାନ୍ତ ପରିଡା, ସମ୍ମାନିତ ଅତିଥି ସମାଜସେବୀ ଦୁଷ୍ମନ୍ତ କୁମାର ପରିଡା, ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା, ସହଶିକ୍ଷାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ମଣ୍ଡଳଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ୧୩୧ଟି ବିଦ୍ୟାଳୟରୁ ୨ଶହରୁ ଉର୍ଦ୍ଧ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୯ଜଣ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ତୃତୀୟରୁ ପଞ୍ଚମ ଗୋଟିଏ ବିଭାଗ କରାଯାଇଥିବା ବେଳେ ଷଷ୍ଠରୁ ଅଷ୍ଟମ ଓ ନବମ ଏବଂ ଦଶମ କୁ ନେଇ ୩ଟି ବିଭାଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର, ଛାତ୍ରୀ ଜିଲ୍ଲାସ୍ତର କାର୍ଯ୍ୟକ୍ରମ ଭାଗ ନେବେ।

## ହ୍ରାସ ପାଉଛି ପନିପରିବା ଚାଷ

# ନାହିଁ ଜଳସେଚନ ସୁବିଧା, ମୁହଁ ଫେରାଉଛି ଚାଷୀ



**କାକଟପୁର/ଅସ୍ତରଙ୍ଗ,୯।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଅଞ୍ଚଳ ଭାବେ ସାମ୍ନା କରିଥାଏ। ଯାହାକି ଅସ୍ତରଙ୍ଗ ବ୍ଲକରେ ପନିପରିବା ଚାଷ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଅତୀତରେ ପନିପରିବା ଚାଷ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅସ୍ତରଙ୍ଗ ଅଞ୍ଚଳରେ ସେ ଭଳି ଆଉ ପନିପରିବା ଚାଷ ଦେଖିବାକୁ ମିଳୁନାହିଁ। ଯାହାର ପ୍ରଭାବ ଲୋକଙ୍କ ଉପରେ ପଡୁଛି।

ନଦୀ ନାଳ ଘେରା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଦେବୀ ନଦୀର ଶାଖା ନଦୀ ଚତୁପାର୍ଶ୍ୱରେ ପ୍ରବାହିତ ହୋଇଛି। ପ୍ରତିବର୍ଷ ବର୍ଷା ଋତୁରେ ଉପରୋକ୍ତ ନଦୀରେ ବନ୍ୟା ଆସି ଚାଷବାସକୁ କ୍ଷତି ପହଞ୍ଚାଇଥାଏ। ବର୍ଷା ପରବର୍ତ୍ତୀ ସମୟରେ ବ୍ଲକର ବିସ୍ତୃତ ଅଞ୍ଚଳରେ ଏକ ଅନୁକୂଳ ପରିବେଶ ସୃଷ୍ଟି ହେବା ଦ୍ୱାରା ବ୍ୟାପକ ଶୀତ ଦିନିଆ ପନିପରିବା ଚାଷ ହୋଇଥାଏ। ମୁଖ୍ୟତଃ ଓସିଆଁ, ନଈଗୁଆଁ, ବେଣୀପୁର, ଖଣ୍ଡାସାହି, ବେଗୁନିଆବସ୍ତ, ଝାରିଆ, କେନ୍ଦ୍ରାପଟି, ମାଣ୍ଡୁକି, ସରିପୁର, ଶିଶୁଅ ଆଦି ଗ୍ରାମରେ ଏକର ଏକର ଜମିରେ ଶୀତଦିନେ ଫୁଲକୋବି, ବନ୍ଧା କୋବି, ଝୁଡ଼ଙ୍ଗ, ବାଇଗଣ, ମୂଳା, କାକୁଡି, କଲରା, ବିଲାତି ବାଇଗଣ ଭଳି ଅନେକ ପନିପରିବା ଚାଷ ହୁଏ। କିନ୍ତୁ ଯାହା ବର୍ତ୍ତମାନ ଦେଖିବାକୁ ମିଳିଛି ଯଦିଓ ଚାଷ ହୋଇଛି ଏହା କ୍ରମଶଃ ହ୍ରାସ ପାଇଛି।

ଅତୀତରେ ଏହି ଅଞ୍ଚଳରୁ ଗାଡି ଗାଡି ପନିପରିବା ଅସ୍ତରଙ୍ଗ ସମେତ ବିଭିନ୍ନ ଜାଗାକୁ ପଠାଇ ଚାହିଦା ପୂରଣ କରୁଥିଲେ। ଗତ କିଛି ବର୍ଷ ହେଲା ଅସ୍ତରଙ୍ଗ ବ୍ଲକରେ ଚାଷ ପରିମାଣ କମୁଥିବା ଦେଖିବାକୁ ମିଳିଛି। ଅନେକ ନଦୀ ନାଳ ଥିଲେ ମଧ ଚାଷକୁ ଉପଯୁକ୍ତ ଜଳସେଚନ ସୁବିଧା ମିଳିପାରୁନାହିଁ। କ୍ରମଶଃ ଭୂତଳ ଜଳସ୍ତରର ହ୍ରାସ ହେତୁ ପୂର୍ବପରି ଜଳ ପ୍ରବାହିତ ହେଉନାହିଁ। ସେହିପରି ଅନେକ ଅଂଚଳରେ ଉଠା ଜଳସେଚନ ପ୍ରକଳ୍ପ ସୁବିଧା ସୁଯୋଗ ଉପଲବ୍ଧ ନଥିବାରୁ ଚାଷ ଜମିକୁ ପାଣି ମଡାଇବା ସମ୍ଭବ ହେଉନାହିଁ। ସେହିପରି ବର୍ତ୍ତମାନ ବୁଲା ଗାଈ ଗୋରୁ, ଷଣ୍ଡ ଓ ମାଙ୍କଡ଼ ଉପଦ୍ରବ ଚାଷକୁ ଅନେକାଂଶରେ କ୍ଷତି ଆଣିଛି।

ଏଭଳି ଅନେକ ସମସ୍ୟା ପାଇଁ ଚାଷୀ ପାରମ୍ପରିକ ପନିପରିବା ଚାଷ ଠାରୁ ମୁହଁ ଫେରାଇ ନେଇଛନ୍ତି।

# ଇତିହାସ ରଚିଲା ଟିମ୍ ଇଣ୍ଡିଆ















### ନକଲି ସୁନା ବିସ୍କୁଟ କାରବାର ଘଟଣାର ପର୍ଦ୍ଦାଫାସ

# ୬ ଅଭିଯୁକ୍ତ କୋର୍ଟ ଚାଲାଣ



ନୀଳଗିରି, ୯।୧୨(ସଂଚାର ବ୍ୟୁରୋ) : ନୀଳଗିରି ଅଞ୍ଚଳରେ ନକଲି ସୁନା ବିସ୍କୁଟ କାରବାରରେ ୬ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ମଙ୍ଗଳବାର ଥାନା ପରିସରେ ଏକ ସାମ୍ବାଦିକ ସମ୍ମିଳନୀରେ ନିଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ନିକଟରୁ ତିନି ଲକ୍ଷ ୨୯ ହଜାର ୫୦୦ ଟଙ୍କା ସହ ୬ଟି ମୋବାଇଲ୍, ଏକ କଳା ରଙ୍ଗର ବୁଲେଟ୍, ଗୋଟାଏ ବାଜାଜ୍ ପଲ୍ସର ବାଇକ୍ ଜବତ କରାଯାଇଛି।

ସୂଚନାଯୋଗ୍ୟ ପୁରୀ ଜିଲ୍ଲାର ବ୍ରହ୍ମଗିରି ଥାନା ଅନ୍ତର୍ଗତ ଡିମିରିସେନା ଗ୍ରାମର ସରକାରୀ ପ୍ରାଥମିକ ଶିକ୍ଷକ ସଂଗ୍ରାମ କେଶରୀ ବେହେରା ଯିଏ କି କଳାହାଣ୍ଡିରେ ଚାକିରି କରନ୍ତି, ତାଙ୍କ ସହିତ ତିନି ମାସ ପୂର୍ବରୁ ରେମୁଣା ଥାନା ଅନ୍ତର୍ଗତ ବଢୁଆ ଗ୍ରାମର ଜୟନ୍ତ ମଲ୍ଲିକ ଦୁଇଟି ସୁନା ବିସ୍କୁଟ ନୀଳଗିରି ଥାନା ଅନ୍ତର୍ଗତ ମାନଗଡ ଗ୍ରାମର ଭୁଗୁଲା ମାଝିଙ୍କଠାରୁ ଆଣିଥିବା ବେଳେ ଆହୁରି କିଛି ସୁନା ବିସ୍କୁଟ ରହିଛି, ସେଗୁଡିକୁ ଆଣି ବିକ୍ରି କର ବୋଲି କହିଥିଲା। ଏବାବଦରେ ବାପି ମଲ୍ଲିକ, ଭୁଗୁଲା ସହ କଥା ହେବା ପରେ ଗତ ୭ ତାରିଖ ଦିନ ଶିକ୍ଷକ ସଂଗ୍ରାମ କେଶରୀ ବେହେରା ଓ ତାଙ୍କ ଶଳା ଖୋର୍ଦ୍ଧା ଜିଲ୍ଲାର ବେଗୁ ଥାନା ଅନ୍ତର୍ଗତ ଦଲକ୍ ଗ୍ରାମର ଜମେଶ୍ୱର୍ ବେହେରାଙ୍କୁ ଧରି ଏକ କାର ଯୋଗେ ନିଳଗିରି ବିଦୁ-ସନ୍ତାରାଗଡିଆ ରାସ୍ତାର ପିତାମସାହି ଛକ ନିକଟରେ ଥିବା ଅରବିନ୍ଦ ପୃଙ୍ଗ ନିକଟରେ ପହଞ୍ଚିଥିଲେ। ପୂର୍ବ ଯୋଜନା ଅନୁସାରେ ଏହି ସମୟରେ ଛଦ୍ମନାମୀ ରୁହୀୟା ସିଂ ଏକ ନିଛାଟିଆ ସ୍ଥାନକୁ ଡାକି ତୁମେ ଟଙ୍କା ଆଣିଛନା ବୋଲି ପଚାରିଥିଲା। ଶଳା ଭିଣୋଇ ଆଣିଥିବା କହିଥିଲେ। ଯୋଜନା ଅନୁସାରେ ରୁହୀୟା ସିଂ ତା'ର ଭାଇକୁ ଘଟଣାସ୍ଥଳକୁ ଡାକିଥିଲେ। ଦୁଇଟି ସୁନା ବିସ୍କୁଟ ବଦଳରେ ଆମେ ପାଞ୍ଚ ଲକ୍ଷ ଟଙ୍କା ନେବୁ ବୋଲି ନିଷ୍ପତ୍ତି ହୋଇଥିଲା। ଆଲୋଚନା ଭିତରେ ହଠାତ ଅନ୍ୟ ଚାରିଜଣ ଯୁବକ ମିଲିଟାରୀ ଡ୍ରେସ ପିନ୍ଧି ଦୁଇଟି ବାଇକରେ ଘଟଣାସ୍ଥଳରେ ପହଞ୍ଚି ଶଳା ଓ ଭିଣୋଇଙ୍କୁ ଧମକ ଦେବା ସହ ତାଙ୍କଠାରୁ ନଗଦ ୪.୨୦ ଲକ୍ଷ ଟଙ୍କା ସହ ଶଳା ବେକରେ ଥିବା ସୁନା ହାରକୁ ନେଇ ଯାଇଥିଲେ। ଏନେଇ ଦୁଇ ଜଣ ଈଶ୍ୱରପୁର ଫାଣ୍ଡିରେ ଅଭିଯୋଗ କଲା ପରେ ୬ଜଣ ଅଭିଯୁକ୍ତଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ୩ ଲକ୍ଷ ୨୯ ହଜାର ୫ ଶହ ଟଙ୍କା ଜବତ କରିବା ସହ ଛଅଟି ମୋବାଇଲ୍, ଏକ କଳା ରଙ୍ଗର ବୁଲେଟ, ଗୋଟାଏ ବାଜାଜ ପୋଲ୍ସର ଗାଡ଼ି ଜବତ କରିଥିଲେ। ଅଭିଯୁକ୍ତ ୬ ଜଣ ହେଲେ ନିଳଗିରି ଥାନା ଅନ୍ତର୍ଗତ ମାନଗଡ ଗ୍ରାମର ଭୁଗୁଲା ମାଝି (୩୫) ଯିଏକି ନିଜକୁ ରୁହୀୟା ସିଂ ବୋଲି ପରିଚୟ ଦେଇଥିଲା। ଅନ୍ୟମାନେ ହେଲେ ନୀଳଗିରି ଥାନା ଅନ୍ତର୍ଗତ ଟଣକା ଗ୍ରାମର ନରେନ୍ଦ୍ର ମଲ୍ଲିକ ପୁତ୍ର ମହେଶ୍ୱର ମଲ୍ଲିକ(୩୮), ମାନଗଡ଼ ଗ୍ରାମର ଗୁରୁ ମାଝୀର ପୁତ୍ର ଭୁଗୁଲୁ ମାଝୀ(୩୫) ଓ ସୋର ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ମୋହନ ଜେନା ପୁତ୍ର ବାପି ଓରଫ୍ ଜୟନ୍ତ ଜେନା (୨୫) ଓ କଣ୍ଡୁରି ମଲ୍ଲିକର ପୁତ୍ର ପପୁ ମଲ୍ଲିକ (୩୫), ରେମୁଣା ଥାନା ଅନ୍ତର୍ଗତ ବଢୁଆ ଗ୍ରାମର ଉଦୟ ମଲ୍ଲିକର ପୁତ୍ର ସୁଶାନ୍ତ ମଲ୍ଲିକ (୩୨) ଓ ଜୟନ୍ତ ମଲ୍ଲିକ (୩୫) ବିରୋଧରେ ଏନେଇ ନିଳଗିରି ଥାନାରେ ବିଏନ୍ଏସ ଧାରାରେ ମାମଲା ରୁଜୁ କରାଯାଇଛି।

### ଏମ୍ଭି-୨୬ରେ ସୁଧୁରୁଛି ସ୍ଥିତି

# ଆଦିବାସୀଙ୍କ ଉପସ୍ଥିତରେ ଶବ ସତ୍କାର



**ଆଉ ୧୮ ଘଣ୍ଟା ଇଣ୍ଟରନେଟ୍ କଟକଣା ବୃଦ୍ଧି**

ମାଲକାନଗିରି,୯।୧୨ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାର କୋରକୋଣ୍ଡା ବ୍ଲକର ଏମଭି-୨୬ ଗ୍ରାମରେ ଧୀରେଧୀରେ ପରିସ୍ଥିତି ସୁଧୁରିବାକୁ ଲାଗିଛି। ଗାଁରେ ପୁଲିସ, ଡିଭିଏଫ ଏବଂ ବିଏସଏଫ ଯବାନଙ୍କ ଛାଉଣୀ କରାଯାଇଛି। ଗତ ରବିବାର ଦିନ ହଜାର ହଜାର ଆଦିବାସୀ ଗାଁରେ ପଶି ଶତାଧିକ ଘରକୁ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ନିଆଁ ଦାଉରୁ ଗୋଟିଏ ବି ଘର ବର୍ତ୍ତି ନଥିଲା।

ଆଜି ସକାଳୁ ଗାଁରୁ ଚାଲି ଯାଇଥିବା ଲୋକେ ଫେରି ବଳକା ଥିବା ଜିନିଷ ରୁଣ୍ଡ କରୁଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଗୋଟିଏ ବି ଜିନିଷ ନିଆଁ ଦାଉରୁ ରକ୍ଷା ପାଇନଥିଲା। ଗାଁରେ ସିସିଟିଭି ପ୍ରଶାସନ ଲଗାଇଲା। ଗାଁର ୧୮୮ଟି ଗୃହରୁ ୧୬୩ ଗୃହ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଅନ୍ୟ ଦିଗରେ ମେଡିକାଲରୁ ଶବକୁ ଆଦିବାସୀ ସଂଘ ନେଇ ଗାଁରେ ଶବ ସତ୍କାର କରିଥିଲେ। ହଜାର ହଜାର ଲୋକେ ମୃତ ଲାକେ ପୋଡ଼ିଆମୀଙ୍କୁ ଶେଷ ଦର୍ଶନ ପାଇଁ ଉପସ୍ଥିତ ଥିଲେ। ଲାକେ ପୋଡ଼ିଆମୀଙ୍କ ଜମିରେ ହିଁ ଶବକୁ ପୋତା ଯାଇଥିଲା। ମୁଣ୍ଡ ବିହୀନ ଥିବାରୁ ମାଟିରେ ମୁଣ୍ଡ ତିଆରି କରାଯାଇ ରଖାଯାଇଥିଲା। ଜିଲ୍ଲାପାଳ ଲୋକେଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ଏଥିସହ ଆଦିବାସୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ୭ ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସ ଡିଜି ୱାଇ ବି ଖୁରାନୀୟା, ଏଡିଜି ସଂଜୀବ ପଣ୍ଡା, ଗୁଇନ୍ଦା ଡ଼ିଆଇଜି ଆଖିଲେଶ ସିଂ, ଦକ୍ଷିଣ ପଶ୍ଚିମାଞ୍ଚଳ ଡ଼ିଆଇଜି କେ ବି ସିଂ, ଏସପି ବିନୋଦ ପାଟିଲ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଉପସ୍ଥିତ ଥିଲେ। ସେପଟେ ପରିସ୍ଥିତିକୁ ଦେଖି ମାଲକାନଗିରିରେ ବଢ଼ିଛି ଇଣ୍ଟରନେଟ୍ କଟକଣା। ଆଉ ୧୮ ଘଣ୍ଟା ଇଣ୍ଟରନେଟ୍ କଟକଣା ବୃଦ୍ଧି କରିଛଇ ପ୍ରଶାସନ। ବୁଧବାର ଦିନ ୧୨ଟା ପର୍ଯ୍ୟନ୍ତ କଟକଣା ବୃଦ୍ଧି ନେଇ ସୂଚନା ଜାରି କରାଯାଇଛି। ଆରଡିସି ଓ ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ଇଣ୍ଟରନେଟ୍ କଟକଣା ବୃଦ୍ଧି କରାଯାଇଛି। ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶନାମା ଜାରି କରିଛନ୍ତି। ହେଲେ ସରକାରୀ, ବ୍ୟାଙ୍କ ଓ ରେଲୱେ ସେବା ପାଇଁ ଇଣ୍ଟରନେଟ୍ କଟକଣା ମନା।

## ବ୍ରିଜ ତଳକୁ ବାଇକ୍ ଖସି ୨ ମୃତ



ନୟାଗଡ଼,୯।୧୨(ସଂଚାର ବ୍ୟୁରୋ): ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବା ସହ ବ୍ରିଜ ତଳକୁ ଖସି ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ବାହାଡ଼ା ଝୋଲା ଫାଣ୍ଡି ନିକଟସ୍ଥ ବେରୁଆବାରୀ ପଞ୍ଚାୟତର ତୋରିଗାଡିଆ ବ୍ରିଜ ନିକଟରେ ଦୁର୍ଘଟଣା ଘଟିଛି। ଗତ ରାତିରେ ୨ ଜଣ ଯୁବକ ବାଇକ ଯୋଗେ ଓଡଗାଁ ଅଭିମୁଖେ ଆସୁଥିଲେ। ନିଶାସକ୍ତରେ ଥିବାରୁ ବ୍ରିଜରେ ବାଇକ ଦୁର୍ଘଟଣା ଘଟାଇ ବ୍ରିଜ ତଳେ ପଡି ମୃତ୍ୟୁବରଣ କରିଥିବା ସୂଚନା ରହିଛି। ଯୁବକ ପୋଲ ତଳେ ପଡିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ମୃତକ ହେଲେ ଗିରିଡିପଲ୍ଲୀ ପଞ୍ଚାୟତର ଢୋଉଝୋଲା ଗାଁର। ଖବର ପାଇ ବାହାଡ଼ା ଝୋଲା ଫାଣ୍ଡି ଅଧିକାରୀ ଓ ଓଡ଼ଗାଁ ଅଗ୍ନିଶମ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ଓଡ଼ଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

## ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ହୀରାକୁଦ,୯।୧୨(ସଂଚାର ବ୍ୟୁରୋ): ସମ୍ବଲପୁର ଉପକଣ୍ଠରେ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ହୀରାକୁଦ ନିକଟ କ୍ଷେତରାଜପୁର ଥାନା ଅଧୀନ ଲକ୍ଷ୍ମୀଡୁଙ୍ଗୁରି ପାହାଡ଼ ପାଖରେ ଜଣେ ଯୁବକଙ୍କ ମୃତଦେହ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତି ହେଲେ ଅଭୟ କୁମାର ଦାସ। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ସୂଚନା ଅନୁସାରେ ହୀରାକୁଦ ଆଇଟିଆଇ ଅଞ୍ଚଳର ଅଭୟ କୁମାର ଦାସ ଗତକାଲି ଅପରାହ୍ଣରେ ସମ୍ବଲପୁର ଯାଇଥିଲେ। ତାଙ୍କର ବଡ଼ବାପାଙ୍କର ଏକ ଘରୋଇ ହସ୍ପିଟାଲରେ ଅପରେସନ୍ ହୋଇଥିବାରୁ ସେ ଭେଟିବାକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ବାରମ୍ବାର ଫୋନ୍ କଲ ଆସିଥିଲା। ଶେଷରେ ଫୋନ୍ କଲ କରିଥିବା ବ୍ୟକ୍ତିଙ୍କ ପାଖକୁ ଅଭୟ ଯାଇଥିଲେ। ଆଜି ଅପରାହ୍ଣରେ ଅଭୟଙ୍କର ମୃତଦେହ ଠାବ ହୋଇଥିଲା। ସ୍ଥାନୀୟ ଲୋକେ ମୃତଦେହ ଦେଖି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

● ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

କନ୍ଧମାଳ, ୯।୧୨ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ଫୁଲବାଣୀ ଫାଷ୍ଟ୍ ଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି ମନୋରଞ୍ଜନ ଦାଶ ଆଜି ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ୧୨ ଜଣ ସାକ୍ଷୀଙ୍କ ଡାକ୍ତରୀ ରିପୋର୍ଟ ଓ ପୀଡ଼ିତାଙ୍କ ବୟାନ ଆଧାରରେ ବିଚାର କରି, ମାମଲାର ଅଭିଯୁକ୍ତ ସୁନୀଲ କୁମାର ନାୟକକୁ ଦୋଷୀ ସାବ୍ୟସ୍ତ କରି ତାକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି।
ଜରିମାନା ଅନାଦେୟ ଆଉ ଅଧିକ ୧୦ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ବିଚାରପତି। ସରକାରଙ୍କ ତରଫରୁ ଫାଷ୍ଟ୍ ଟ୍ରାକ୍ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲାକୁ ପରିଚାଳନା କରୁଥିଲେ। ସୂଚନା ଅନୁସାରେ ଗତ ୨୦୨୦ ମସିହା, ମାର୍ଚ୍ଚ ମାସ ୯ ତାରିଖରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଖଜୁରୀପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଖଜୁରୀପଡ଼ା ଥାନାଧିକାରୀ ଏକ ମାମଲା ୨୫/ ୨୦୨୦ ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ। ଆଜି ବିଚାରପତି ଉକ୍ତ ମାମଲାର ରାୟ ପ୍ରକାଶ କରିଛନ୍ତି। ପୀଡ଼ିତାକୁ କ୍ଷତିପୂରଣ ବାବଦକୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

### ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲା

## ବିକ୍ରମ ପଣ୍ଡାଙ୍କ ସମେତ ୫ ଜଣଙ୍କ ଜାମିନ ରାୟ ସଂରକ୍ଷିତ



ବ୍ରହ୍ମପୁର ୯।୧୨(ସଂଚାର ବ୍ୟୁରୋ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ବିକ୍ରମ ପଣ୍ଡାଙ୍କ ସମେତ ୫ ଜଣଙ୍କ ଜାମିନ ଆବେଦନର ରାୟ ସଂରକ୍ଷିତ ରହିଛି। ମଙ୍ଗଳବାର ସିଡି ଦାଖଲ କରିଛି ପୁଲିସ। ଜିଲ୍ଲା ଦୌରା ଜଜ୍ କୋର୍ଟରୁ ଏଡିଜେ-୩କୁ ମାମଲା ସ୍ଥାନାନ୍ତରିତ ହୋଇଛି। ଆସନ୍ତା ୧୨ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଏ ନେଇ ବିକ୍ରମ ପଣ୍ଡାଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି। ପୂର୍ବରୁ ଜାମିନ ଆବେଦନ ଖାରଜ କରିଥିଲେ ବ୍ରହ୍ମପୁର ଏସଡିଜେଏମ୍ କୋର୍ଟ। ଏହାକୁ ଚ୍ୟାଲେଞ୍ଜ କରି ଜିଲ୍ଲା ଜଜ୍‌ଙ୍କ କୋର୍ଟରେ ଆବେଦନ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, କୁମାରପୂର୍ଣ୍ଣିମା ରାତିରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଥିଲା। ଅଭିଯୁକ୍ତ କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନ ଏକ ବାଇକ୍‌ରେ ବୈକୁଣ୍ଠନଗର ଅଞ୍ଚଳକୁ ଯାଇ ତାଙ୍କୁ ଅତି ନିକଟରୁ ଗୁଳିକରି ହତ୍ୟା କରିଥିଲେ। ଏନେଇ ବୈଦ୍ୟନାଥପୁର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା । ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବୈଦ୍ୟନାଥପୁର ଥାନା ପୋଲିସ ମୋଟ୍ ୧୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ୧୬ ଜଣଙ୍କ ମଧ୍ୟରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ, ମଦନ ଦଳେଇ, କର୍ପୋରେଟର ମଳୟ ବିଷୋୟୀ ମଧ୍ୟ ରହିଛନ୍ତି। ସେପଟେ ୮ ଅଭିଯୁକ୍ତଙ୍କର ଟିଆଇ ପରେଡ୍ ସରିଛି। ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଭିଯୁକ୍ତ ମାନଙ୍କର ହୋଇଥିଲା ଟିଆଇ ପରେଡ୍। ପୀତବାସ ପଣ୍ଡା ହତ୍ୟା ମାମଲାରେ ମୋଟ୍ ୧୬ ଅଭିଯୁକ୍ତ ଗିରଫ ହୋଇ ଜେଲ୍‌ରେ ଅଛନ୍ତି। ସାର୍ପସୁଟର କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନ, ବିହାରର ଶିଶୁପାଳ ପାସୱାନ ଓ କୁନ୍ଦନ କୁମାର, ଷଡଯନ୍ତ୍ରକାରୀଙ୍କ ମୁଖ୍ୟ ସହଯୋଗୀ ଉମା ବିଷୋୟୀ, ଯୋଗୀ ରାଉତ, ସୀମାଞ୍ଚଳ ନାୟକ ଏବଂ ବିପିନ ସ୍ୱାଇଁଙ୍କର ଟିଆଇ ପରେଡ୍ କରିବାକୁ ଅନୁମତି ଦେବାକୁ ମାମଲାର ତଦନ୍ତ ଅଧିକାରୀ ତଥା ବ୍ରହ୍ମପୁର ଟାଉନ ଏସଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ ଏସଡିଜେଏମ କୋର୍ଟକୁ ଅନୁମତି ମାଗିଥିଲେ। କୋର୍ଟ ପକ୍ଷରୁ ଅନୁମତି ମିଳିବା ପରେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଭିଯୁକ୍ତଙ୍କର ଟିଆଇ ପରେଡ୍ ହୋଇଥିଲା।

## ବିଜେପି ମୋର୍ଚ୍ଚା ସଭାପତି ଓ ଜିଲ୍ଲା ପ୍ରଭାରୀ ନିଯୁକ୍ତ

ଭୁବନେଶ୍ୱର,୯।୧୨(ସଂଚାର ବ୍ୟୁରୋ): ରାଜ୍ୟ ବିଜେପିରେ ବିଭିନ୍ନ ମୋର୍ଚ୍ଚାର ନବକଳେବର କରାଯାଇଛି। ମନମୋହନ ଗଢ଼ିଛନ୍ତି ନୂଆ ଯୁବ ଟିମ୍। କେବଳ ଯୁବ ମୋର୍ଚ୍ଚା ଓ ମହିଳା ମୋର୍ଚ୍ଚା ସଭାପତିଙ୍କୁ ପୁନଃନିଯୁକ୍ତି ଦିଆଯାଇଛି। ବିଜେପିର ବିଭିନ୍ନ ମୋର୍ଚ୍ଚା ସଭାପତି, ଜିଲ୍ଲା ପ୍ରଭାରୀଙ୍କ ନାଁ ଘୋଷଣା କରାଯାଇଛି। ମହିଳା ଓ ଯୁବ ମୋର୍ଚ୍ଚା ସଭାପତି ପୁଣି ଭରସା କରିଛି ବିଜେପି। ଅଭିଲାଷ ପଣ୍ଡା ପୁଣି ଥରେ ଯୁବ ମୋର୍ଚ୍ଚା ସଭାପତି ହୋଇଥିବା ବେଳେ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ ମହିଳା ମୋର୍ଚ୍ଚା ସଭାପତି ଭାବେ ପୁନଃନିଯୁକ୍ତି ପାଇଛନ୍ତି। କିନ୍ତୁ କୃଷକ ମୋର୍ଚ୍ଚା ସଭାପତି ହୋଇଛନ୍ତି ଶୁଭ୍ରାଂଶ ପାଢ଼ୀ। ତା'ଛଡ଼ା ଏସ୍‌ସି ମୋର୍ଚ୍ଚା ସଭାପତି ପଦରେ ବାଇଧର ମଲ୍ଲିକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଏସ୍‌ଟି ମୋର୍ଚ୍ଚା ସଭାପତି ହୋଇଛନ୍ତି କାନ୍ଦରା ସୋରେନ୍। ଆହୁରି ପ୍ରଦ୍ୟୁମ୍ନ ନାୟକଙ୍କୁ ଓବିସି ମୋର୍ଚ୍ଚା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଗୁରିନ୍ଦର ସିଂଙ୍କୁ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ଗୁରୁଦାୟିତ୍ୱ ମିଳିଥିବା ବେଳେ ବିଜେପି ସେଲ ଇନ୍‌ଚାର୍ଜ ଭାବେ ରଞ୍ଜନ କୁମାର ପଟେଲ, ରାଜ୍ୟସଭା ସାଂସଦ ସୁଜିତ୍ କୁମାର ଓ ସୁଦୀପ୍ତ କୁମାର ରାୟଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

## ଶିକାରୀ ଫାସରେ କଲରାପତରିଆ ବାଘ

ଅନୁଗୁଳ,୯।୧୦(ସଂଚାର ବ୍ୟୁରୋ): ଅନୁଗୁଳ ରେଞ୍ଜ କରତପଟା ସେକ୍ସନ ଜଙ୍ଗଲରେ ଫାସରେ ପଡ଼ିଛି କଲରାପତରିଆ ବାଘ। ଗତକାଲି ରାତିରେ ଏହି ବାଘ ଶିକାରୀ ଫାସରେ ପଡ଼ିଥିବା ବେଳେ ଆଜି ସକାଳେ ଘଟଣା ସମ୍ପର୍କରେ ଜଣା ପଡିଥିଲା। ତେବେ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡିଛି। ସୂଚନା ମୁତାବକ, ଅନୁଗୁଳ ରେଞ୍ଜ କରତପଟା ସେକ୍ସନର ଜଙ୍ଗଲରେ ବିଭିନ୍ନ ସମୟରେ ବନ୍ୟଜନ୍ତୁ ବିପଦରେ ପଡୁଛନ୍ତି। ଗତକାଲି ରାତିରେ ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀ ଫାସ ବିଛାଇ ଥିବା ବେଳେ ବିଳମ୍ବିତ ରାତିରେ କଲରାପତରିଆ ବାଘ ଫାସରେ ପଡିଥିଲା। ଆଜି ବାଘର ଗର୍ଜନ ଶୁଣି ସ୍ଥାନୀୟ ଲୋକମାନେ ବନ ବିଭାଗକୁ ଖବର ଦେଇଥିଲେ। ତେବେ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

## ୩ ହଜାର ହେଲା ପାଚିକାଙ୍କ ଦରମା

● ଆଉ ଆନ୍ଦୋଳନ ଅନାବଶ୍ୟକ: ମନ୍ତ୍ରୀ



ଭୁବନେଶ୍ୱର,୯।୧୨(ସଂଚାର ବ୍ୟୁରୋ): ରାଜ୍ୟ ସରକାର ପାଚିକାଙ୍କ ଦୁଃଖ ବୁଝିଛନ୍ତି। ଚଳିତ ଶୀତ ଅଧିବେଶନରେ ପାଚିକାଙ୍କ ଦରମା ବୃଦ୍ଧି ହୋଇଛି। ଏନେଇ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେବା ସହ ଏ ସଂକ୍ରାନ୍ତରେ କହିଛନ୍ତି ଯେ ସ୍କୁଲ ଓ ଅଙ୍ଗନବାଡ଼ିରେ କାର୍ଯ୍ୟ କରୁଥିବା ପାଚିକାଙ୍କ ଦରମାରେ ୧ ହଜାର ଟଙ୍କା ବୃଦ୍ଧି କରାଯାଇଛି। ଅର୍ଥାତ୍ ପୂର୍ବରୁ ଏମାନେ ୨ ହଜାର ଟଙ୍କା ଦରମା ବାବଦରେ ପାଉଥିବା ବେଳେ ଏଣିକି ସେମାନେ ୩ ହଜାର ଟଙ୍କା ପାଇବେ। ତେଣୁ ଗତ କିଛି ଦିନ ହେଲା ୭ ଦଫା ଦାବି ନେଇ ଲୋୟର୍ ପିଏମ୍‌ଜିରେ ଧାରଣା ଦେଇଆସିଥିବା ପାଚକ ପାଚିକା ମହାସଂଘ ଆଉ ଆନ୍ଦୋଳନକୁ ଆସିବାର ଆବଶ୍ୟକତା ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେସବୁବେଳେ ଆନ୍ଦୋଳନରେ ବସିଲେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବ। ସରକାର ଦରମା ବୃଦ୍ଧି କରିସାରିଥିବାରୁ ଆନ୍ଦୋଳନ ଜାରି ରଖିବା ଆଦୌ ଯୁକ୍ତିଯୁକ୍ତ ହେବ ନାହିଁ। ଏବେ ସେମାନେ କିଛି ଦିନ କାମ କରନ୍ତୁ, ସବୁବେଳେ ଆନ୍ଦୋଳନ କରିବା ଉଚିତ୍ ନୁହେଁ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି। ଅନ୍ୟପକ୍ଷରେ ଅନ୍ୟାନ୍ୟ ଦାବି ପୂରଣ ଦିଗରେ ସରକାର ପଦକ୍ଷେପ ନ ନେଲେ ଆନ୍ଦୋଳନ ପ୍ରତ୍ୟାହାର ହେବ ନାହିଁ ବୋଲି ମହାସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ୪୪,୭୭୧ କୋଟି ଟଙ୍କାର ରାସ୍ତା ପ୍ରକଳ୍ପ ଅନୁମୋଦିତ

### ଭୁବନେଶ୍ୱରରୁ ପାରାଦୀପକୁ ସଂଯୋଗ ହେବ ନୂତନ ଗ୍ରୀନ ଫିଲ୍ଡ ରାସ୍ତା



ଭୁବନେଶ୍ୱର, ୯।୧୨(ସଂଚାର ବ୍ୟୁରୋ): ରାଜ୍ୟରେ ଥିବା ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥର ଉନ୍ନତିକରଣ ଏବଂ ପ୍ରସ୍ତାବିତ ନୂତନ ପ୍ରକଳ୍ପକୁ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଅନୁମୋଦନ ମିଳିଛି। ନୂଆଦିଲ୍ଲୀ ଗସ୍ତରେ ଥିବା ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି କେନ୍ଦ୍ରମନ୍ତ୍ରୀ, ସଡ଼କ ପରିବହନ ଓ ରାଜମାର୍ଗ ନିତିନ ଗଡ଼କରିଙ୍କ ସହ ସାକ୍ଷାତ ଆଲୋଚନା କରିବା ସହ ରାଜ୍ୟରେ ଥିବା ବିଭିନ୍ନ ରାସ୍ତା ପ୍ରକଳ୍ପ ବିଷୟରେ ଆଲୋଚନା କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟରେ ୫ଟି ଜାତୀୟ ରାଜପଥ ପ୍ରକଳ୍ପ, ୫ଟି ରାଜ୍ୟ ରାଜପଥ ଓ ସିଆର୍‌ଆଇଏଫ୍ ପ୍ରକଳ୍ପ ପାଇଁ ମୋଟ ୪୪,୭୭୧ କୋଟି ଟଙ୍କାର ଅନୁମୋଦନ ମିଳିଛି। ଏଥିରେ ଭୁବନେଶ୍ୱର-ପୁରୀ ରାସ୍ତାକୁ ୮ ଲେନ୍ କରିବା, ୧୪୦ କିଲୋମିଟର ଦୀର୍ଘ ଟାଙ୍ଗୀ-ପୁଇଁତୋଳା-ଇଚ୍ଛାପୁରମ୍ ରାସ୍ତାକୁ ୬ ଲେନ୍ ବିଶିଷ୍ଟ କରିବା ପାଇଁ ଅନୁମୋଦନ ମିଳିଛି। ସେହିପରି ୪୦୦ କିଲୋମିଟର ଦୀର୍ଘ ରାଉରକେଲା-ବଡବିଲ୍-ପାରାଦୀପ ଭାୟା ଡୁବୁରି ରାସ୍ତାକୁ ୮ ଲେନ କରିବା ପାଇଁ ଏବଂ ଏନ୍‌ଏଚ୍-୧୪୯ ଅଧୀନରେ ଥିବା ୬୮ କିଲୋମିଟର ଦୀର୍ଘ ପାଲଲହଡ଼ା-ପିଟିରି ରାସ୍ତାକୁ ୪ ଲେନ୍ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିଛି। ଅନ୍ୟପକ୍ଷରେ ୨୦୨୫ ନଭେମ୍ବର ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ଇଣ୍ଡିଆନ୍ ରୋଡ୍ କଂଗ୍ରେସ ଅବସରରେ ସଡ଼କ ପରିବହନ ଓ ଜାତୀୟ ରାଜମାର୍ଗ ମନ୍ତ୍ରାଳୟର ମନ୍ତ୍ରୀଙ୍କ ପ୍ରତିଶ୍ରୁତି ମୁତାବକ ୧୫୦୦ କୋଟି ଟଙ୍କା ସିଆର୍‌ଆଇଏଫ୍ ଯୋଜନା ଅଧୀନରେ ଅନୁମୋଦନ ମିଳିଛି।

## ବାଇକ୍ ଦୁର୍ଘଟଣାରେ ଦୁଇ ମୃତ, ଜଣେ ଗୁରୁତର

କନ୍ଧମାଳ,୯।୧୨ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବିରାଗୁଡ଼ା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ ଗଛରେ ପିଟି ହେଲା ବାଇକ୍। ଘଟଣାସ୍ଥଳରେ ଦୁଇ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ପ୍ରକାରେ ଅପରାହ୍ନ ସମୟରେ ତିନିଜଣ ଯୁବକ ଏକ କେଟିଏମ୍ ବାଇକ୍ ରେ ବାରଖମା ଅଞ୍ଚଳରୁ ବାଲିଗୁଡ଼ା ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ବେଳେ ବିରାଗୁଡ଼ା ନିକଟସ୍ଥ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛକୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ବାଟଗୁଡ଼ା ଗ୍ରାମର ଜୀବନ ନାୟକ, ଆଜାଦ ମଲିକ, ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଖବରପାଇ ଘଟଣାସ୍ଥଳରେ ବାଲିଗୁଡ଼ା ପୁଲିସ୍ ପହଁଚି ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିବା ସହ ଗୁରୁତର ବାଇକ୍ ଆରୋହୀଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୦,୦୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୯,୨୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୦,୦୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୯,୨୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୦,୦୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୯,୨୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୦,୨୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୯,୪୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୦,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୦,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୦,୦୯୦ ଓ ୧,୧୯,୨୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୯୦,୦୦୦ ଟଙ୍କା ହୋଇଛି।




## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପେଟ୍ରୋଲ ଏବଂ ଡିଜେଲ ଦାମରେ ପରିବର୍ତ୍ତନ ହୋଇଥାଏ। ଅଏଲ ମାର୍କେଟିଂ କମ୍ପାନୀମାନେ ଦେଶର ସମସ୍ତ ରାଜ୍ୟ ପାଇଁ ପେଟ୍ରୋଲ-ଡିଜେଲ ଦାମ୍ ଜାରି କରିଦେଇଛନ୍ତି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ ବଢ଼ିଲା ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୯୨ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୨ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୦ ପଇସା ରହିଛି।

# କମିଲା ସୁନା ଓ ରୁପା



ନୂଆଦିଲ୍ଲୀ, ୯।୧୨: କମିଲା ସୁନା ଦର। ରୁମା ଦାମ୍ ବି ହ୍ରାସ ପାଇଲା। ମଙ୍ଗଳବାର ମଲ୍ଟି କମୋଡିଟି ମାର୍କେଟ୍ ବା ଏମସିଏକ୍ସରେ ସୁନା-ରୁପା ଦରରେ ଅହେତୁକ ହ୍ରାସ ପରିଲକ୍ଷିତ ହୋଇଛି। ସୁନା ୮୦୦ଟଙ୍କା ଖସି କାରବାର କରୁଥିବା ବେଳେ ରୁପା ମଧ୍ୟ ୧୪୦୦ ଟଙ୍କା କମିଛି। ସାରା ବିଶ୍ୱରେ ସେୟାର ବଜାରକୁ ନେଇ ଦେଖାଦେଇଥିବା ଅନିଶ୍ଚିତତା ମଧ୍ୟରେ ଦୁଇ ଦାମୀ ଧାତୁର ଦାମ୍ କମିଛି।

ଏମସିଏକ୍ସରେ ସୁନା ମଙ୍ଗଳବାର ୮୦୦ଟଙ୍କା କମି୧,୨୯,୧୦୧ଟଙ୍କାରେ କାରବାର କରୁଛି। ସେହିପରି ରୁପା ଲକ୍ଷେ ୮୦ହଜାର୧୦୦ଟଙ୍କାରେ କାରବାର ଜାରି ରଖିଛି। ଆଇବିଜିଏ ବା ଇଣ୍ଡିଆନ ବୁଲିୟନ ମାର୍କେଟ୍ ଅନୁସାରେ, ଆଜି୨୪କ୍ୟାରେଟ୍ ସୁନାର ଦାମ୍ ୮୦୦ଟଙ୍କା ହ୍ରାସ ପାଇ୧,୨୭,୪୦୯ରେ ପହଁଚିଛି। ୨୩ କ୍ୟାରେଟ୍ ସୁନାର ଦାମ୍ ଭରି ପିଛା ୧,୨୬,୮୯୯ ଏବଂ ୨୨କ୍ୟାରେଟ୍ ସୁନାର ଦାମ୍ ୧,୧୬,୭୦୭ ଟଙ୍କା ରହିଛି। ସେହିପରି ୧୮ କ୍ୟାରେଟ୍ ସୁନାର ଦାମ୍ ୯୫,୫୫୭ ଟଙ୍କା ରହିଛି। ରୁପା ମଧ୍ୟ ୧୪୦୦ରୁ ୨୦୦୦ଟଙ୍କା କମି କେଜି ପିଛା୧,୭୭,୦୫୪ ଟଙ୍କାରେ ପହଁଚିଛି।

ଏମସିଏକ୍ସର ତଥ୍ୟକୁ ଦେଖିଲେ ଗତ କିଛି ଦିନ ଥଲେ ସୁନା ଏବଂ ରୁପାର ଦାମ୍ ରେକର୍ଡ ସ୍ତରରେ ପହଁଚିଥିଲା।ସୁନା ୧୦ଗ୍ରାମ୍ ପ୍ରତି ଲକ୍ଷେ ୩୪ହଜାର ୨୪ଟଙ୍କା ଛୁଇଁଥିଲା। ଯାହା ଏବେ ଲକ୍ଷେ ୨୯ହଜାର ଶହେ ଟଙ୍କା ରହିଛି। ଦେଖିବାକୁ ଗଲେ ଦାମ୍ ପୂର୍ବ ଅପେକ୍ଷା ୪୯୦୦ ଟଙ୍କା ଖସିଛି।

### ଆପଲ୍ ଜାରି କଲା ବଡ଼ ସତର୍କତା

# ଏସବୁ ଉପଭୋକ୍ତାଙ୍କ ପାଇଁ ସୁରକ୍ଷିତ ନୁହେଁ ଗୁଗଲ୍ କ୍ରୋମ୍

ନୂଆଦିଲ୍ଲୀ,୯।୧୨: ଗୁଗୁଲର ସବୁଠାରୁ ଲୋକପ୍ରିୟ ଉତ୍ପାଦ ବିରୋଧରେ ଆପଲ୍ ଏକ ବଡ଼ ସତର୍କତା ଜାରି କରିଛି। ଆପଲ୍ ପକ୍ଷରୁ କୁହାଯାଇଛି ଯେ, ଆଇଫୋନ୍ ଏବଂ ମ୍ୟାକ୍ ଉପଭୋକ୍ତାମାନେ ଗୁଗୁଲ୍ କ୍ରୋମ୍ ଏବଂ ଗୁଗୁଲ୍ ଆପ୍ ଉପରେ ନିର୍ଭର କରିବା ଉଚିତ୍ ନୁହେଁ, କାରଣ ଏହି ଟୁଲ୍‌ଗୁଡ଼ିକ ଉପଭୋକ୍ତାଙ୍କୁ ଟ୍ରାକିଂ ପଦ୍ଧତିରେ ପକାଉଛି, ଯାହାକୁ ବନ୍ଦ କରିବାର ବିକଳ୍ପ ଉପଲବ୍ଧ ନାହିଁ। କମ୍ପାନୀ ବିଶେଷ ଭାବରେ 'ଡିଜିଟାଲ୍ ଫିଙ୍ଗରପ୍ରିଣ୍ଟିଂ' ନାମକ ଏକ ଟ୍ରାକିଂ ପଦ୍ଧତି ଉପରେ ଧ୍ୟାନ ଦେଇଛି। ଆପଲ୍ ଅଭିଯୋଗ କରିଛି ଯେ, ଏହି କୌଶଳ ଉପଭୋକ୍ତାଙ୍କ ଡିଭାଇସର ବିଭିନ୍ନ ବିବରଣୀକୁ ଏକାଠି କରି ଏକ ଅନନ୍ୟ ପ୍ରୋଫାଇଲ୍ ତିଆରି କରେ, ଯାହାକୁ ବିଜ୍ଞାପନଦାତାମାନେ ୱେବ୍‌ରେ ଅନୁସରଣ କରିପାରନ୍ତି। କୁକିଜ୍ ପରି ଏଥିରେ ବାହାରିବାର କୌଣସି ବିକଳ୍ପ ନାହିଁ। ଅପରପକ୍ଷରେ, ଆପଲ୍ କହିଛି ଯେ ତାହାର ନିଜସ୍ୱ ବ୍ରାଉଜର୍ ସଫାରି ଏହି ପ୍ରକାର ଟ୍ରାକିଂକୁ ରୋକିବାରେ ସଫଳ ହେଉଛି ଏବଂ ଉପଭୋକ୍ତାଙ୍କ ଡିଭାଇସର ସରଳୀକୃତ ସଂସ୍କରଣ ଦେଖାଇ ଟ୍ରାକର୍‌ମାନଙ୍କ ପାଇଁ ଜଣେ ବ୍ୟକ୍ତିଙ୍କୁ ଚିହ୍ନଟ କରିବା କଷ୍ଟକର ହେଉଛି। ଆପଲ୍ ସ୍ପଷ୍ଟ କରିଛି ଯେ ଯେଉଁ ଉପଭୋକ୍ତାମାନେ ସେମାନଙ୍କର ଗୋପନୀୟତାକୁ ପ୍ରାଧାନ୍ୟ ଦେଉଛନ୍ତି, ସେମାନେ ଗୁଗୁଲ୍ କ୍ରୋମ୍ କିମ୍ବା ଗୁଗୁଲ ଆପ୍ ବ୍ୟବହାର କରିବା ପୂର୍ବରୁ ଦୁଇଥର ଚିନ୍ତା କରିବା ଉଚିତ।

# ଭାରତ ଉପରେ ପୁଣି ଟାରିଫ୍ ଲଗାଇବେ ଟ୍ରମ୍ପ

ନୂଆଦିଲ୍ଲୀ, ୯।୧୨: ଅତିରିକ୍ତ ଶୁଳ୍କ ଯୋଗୁ ଭାରତ-ଆମେରିକାର ମଧ୍ୟରେ ବ୍ୟବସାୟ ବେଶ୍ ପ୍ରଭାବିତ ହୋଇଛି। ଏପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ କୌଣସି ବାଣିଜ୍ୟିକ ଡିଲ୍ ଚୂଡ଼ାନ୍ତ ହୋଇପାରିନାହିଁ। ହେଲେ ଏହାରି ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଟାରିଫ୍ ବଢ଼ାଇବା ନେଇ ଏକ ସଙ୍କେତ ଦେଇଛନ୍ତି। ଏହି ଟାରିଫ୍ ବୃଦ୍ଧି ଆମେରିକାକୁ ଆସୁଥିବା ଚାଉଳ ଉପରେ ଲାଗିପାରେ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଆମଦାନୀ ହେଉଥିବା କୃଷି ଉତ୍ପାଦ ଉପରେ ନୂଆ ଟାରିଫ୍ ଲଗାଯାଇପାରେ। ବିଶେଷକରି ଭାରତରୁ ଆସୁଥିବା ଚାଉଳ ଏବଂ କାନାଡାରୁ ଆମଦାନୀ ହେଉଥିବା ସାର ଉପରେ। ଟ୍ରମ୍ପ କହିଛନ୍ତି ଏହି ଆମଦାନୀ ଯୋଗୁ ଆମେରିକା ଚାଷୀଙ୍କ ପାଇଁ ଚାଲେଞ୍ଜ ସୃଷ୍ଟି ହେଉଛି। ତେଣୁ ଏହାର ସମାଧାନ ପାଇଁ ଜରୁରୀ ପଦକ୍ଷେପ ନେବା ଆବଶ୍ୟକ।

କାନାଡାରୁ ଆମଦାନୀ ହେଉଥିବା ସାର ଉପରେ ଟ୍ରମ୍ପ ନୂଆ ଶୁଳ୍କ ଲାଗୁ କରିବା ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି, ''ଅନେକ ସାର କାନାଡାରୁ ଆସିଥାଏ। ଆବଶ୍ୟକ ହେଲେ, ସ୍ଥାନୀୟ ଉତ୍ପାଦନକୁ ଉତ୍ସାହିତ କରିବା ପାଇଁ ଆମେ ସେମାନଙ୍କ ଉପରେ କଠୋର ଶୁଳ୍କ ଲାଗୁ କରିବୁ।''



ଟ୍ରମ୍ପଙ୍କ ମନ୍ତବ୍ୟ ଏଭଳି ସମୟରେ ଆସିଛି ଯେତେବେଳେ ଆମେରିକାର ଅର୍ଥନୀତି ମନ୍ଥର ହେଉଛି ଏବଂ ଚାଷୀମାନେ ଅଧିକ ଉତ୍ପାଦନ ଖର୍ଚ୍ଚ ଏବଂ କଠିନ ବଜାର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି, ପୂର୍ବ ଶୁଳ୍କ ନିଷ୍ପତ୍ତି ଦ୍ୱାରା ଚାପ ବୃଦ୍ଧି ପାଇଛି। ସୂଚନାଥାଉକି, ଚଳିତ ବର୍ଷ ଆରମ୍ଭରେ ଟ୍ରମ୍ପ, ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ। ଟ୍ରମ୍ପ ଅଭିଯୋଗ କରିଥିଲେ ଯେ, ଭାରତ ରୁଷରୁ ଅଶୋଧିତ ତେଲ କିଣି ଯୁଦ୍ଧକୁ ବଢ଼ାଉଛି। ତଥାପି, ଉଭୟ ଦେଶ ସେବେଠାରୁ ବାଣିଜ୍ୟ ଆଲୋଚନା ଆଗକୁ ବଢ଼ାଇବାକୁ ଚେଷ୍ଟା କରିଛନ୍ତି।

ଆମେରିକୀୟ ପ୍ରତିନିଧି ଦଳ ଡିସେମ୍ବର ୭ ତାରିଖରେ ଭାରତ ପହଞ୍ଚିଥିଲେ ଏବଂ ଆଉ ଏକ ପର୍ଯ୍ୟାୟ ଆଲୋଚନା କରିଥିଲେ। ଆମେରିକାର ଉପ-ବିଦେଶ ସଚିବ ଆଲିସନ ହୁକର ଦ୍ୱିପାକ୍ଷିକ ରଣନୈତିକ ଏବଂ ଅର୍ଥନୈତିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ୫ ଦିନିଆ ଗସ୍ତରେ ଭାରତ ଆସିଛନ୍ତି। ତେବେ ଏଥର ମଧ୍ୟ ଏଥର କୌଣସି ବଡ଼ ଚୁକ୍ତି ନହେବା ନେଇ ଅନୁମାନ କରାଯାଉଛି।

# ଅନିଲ ଅମ୍ବାନୀଙ୍କ ପୁଅ ଜୟ ଅନମୋଲଙ୍କ ବିରୋଧରେ ରୁଜୁ ହେଲା ସିବିଆଇ ମାମଲା



ନୂଆଦିଲ୍ଲୀ ୯।୧୨: ଉଦ୍ୟୋଗପତି ଅନିଲ ଅମ୍ବାନୀଙ୍କ ପୁଅ ଜୟ ଅନମୋଲ ଅମ୍ବାନୀଙ୍କ ନାମ ୨୨୮ କୋଟି ଟଙ୍କାର ବ୍ୟାଙ୍କିଙ୍ଗ ଦୁର୍ନୀତ ସମ୍ପର୍କିତ ମାମଲାରେ ସାମ୍ନାକୁ ଆସିଛି। ସିବିଆଇ ରିଲାଏନ୍ସ ହାଉସିଂ ଫାଇନାନ୍ସ ଲିମିଟେଡ (ଆରଏଚଏଫଏଲ) ମାମଲାରେ ଅପରାଧିକ ମୋକଦ୍ଦମା ରୁଜୁ କରିଛି। ଅନିଲ ଅମ୍ବାନୀଙ୍କ ପୁଅଙ୍କ ନାମରେ ଏତଲା ହେବାର ଏହା ପ୍ରଥମ ଘଟଣା। ଅଭିଯୋଗରେ ଆରୋପ ଲଗାଯାଇଛି ଯେ କମ୍ପାନୀଦ୍ୱାରା କରାଯାଇଥିବା ଅନିୟମିତତା କାରଣରୁ ବ୍ୟାଙ୍କକୁ ୨୨୮.୦୬କୋଟି ଟଙ୍କାର କ୍ଷତି ହୋଇଛି। ସିବିଆଇ ଅନୁସାରେ ଏହି ମାମଲା ଆରଏଚଏଫଏଲ, ଏହାର ପୂର୍ବତନ ସିଇଓ ତଥା ଫୁଲଟାଇମ ଡାଇରେକ୍ଟର ରବିନ୍ଦ୍ର ସୁଧାଲକର, ଜୟ ଅନମୋଲ ଅମ୍ବାନୀ ଓ ଅନ୍ୟ ଅଜ୍ଞାତ ଲୋକଙ୍କ ବିରୋଧରେ ରୁଜୁ ହୋଇଛି। ଅଭିଯୋଗରେ କୁହାଯାଇଛି ଯେ ଏମାନଙ୍କ ବିରୋଧରେ ଠକେଇ ଓ ଅପରାଧିକ ଷଡ଼ଯନ୍ତ୍ର ଅଭିଯୋଗ ରହିଛି। ଲୋନ ଦିଆଯିବା ଓ ରିକୋଭରି ସମ୍ପର୍କିତ ଅନିୟମିତତା ଯୋଗୁ ବ୍ୟାଙ୍କକୁ ବଡ଼ ଧରଣର ଆର୍ଥିକ କ୍ଷତି ହୋଇଥିବା ଅଭିଯୋଗରେ କୁହାଯାଇଛି।

ସିବିଆଇରେ ହୋଇଥିବା ଲିଖିତ ଅଭିଯୋଗରେ କୁହାଯାଇଛି ଯେ ଜୟ ଅନମୋଲ ଅମ୍ବାନୀ ଓ ରବିନ୍ଦ୍ର ସୁଧାଲକରଙ୍କ ସହିତ ଅନ୍ୟ ଲୋକେ ନେଇଥିବା ଭୁଲ ନିଷ୍ପତ୍ତି ଯୋଗୁ ଭୁଲ ଲୋକଙ୍କୁ ଲାଭାନ୍ୱିତ କରାଯାଇଛି ଓ ବ୍ୟାଙ୍କର କ୍ଷତି ହୋଇଛି। ଅଭିଯୋଗରେ ଏହା ମଧ୍ୟ କୁହାଯାଇଛି ଯେ କମ୍ପାନୀର ଅନ୍ତରୀଣ ନିୟମକୁ ଟାଳି ଋଣ ଦେବା ଓ ଫେଠ କରିବାରେ ଗଡବଡ଼ କରାଯାଇଛି। ତେବେ ଅନିଲ ଅମ୍ବାନୀ ସମୂହ ପକ୍ଷରୁ ଏପର୍ଯ୍ୟନ୍ତ ମାମଲାରେ ବିସ୍ତୃତ ସାର୍ବଜନିକ ବୟାନ ଜାରି କରାଯାଇ ନାହିଁ। ତେବେ ଆଶା କରାଯାଉଛି ସମୂହ ଖୁବ୍ ଶୀଘ୍ର ନିଜର ଅଧିକାରୀକ ପ୍ରତିକ୍ରିୟା ଜାରି କରିପାରେ।

### ଗୁଳିକାଣ୍ଡ ପରେ ଟ୍ରମ୍ପ ଭୟଭୀତ

# ଏକାଥରକେ ୮୫ ହଜାର ଭିସା କଲେ ରଦ୍ଦ



ନୂଆଦିଲ୍ଲୀ,୯।୧୨: ଆମେରିକାର ରାଜଧାନୀ ୱାଶିଂଟନ ଡିସିରେ ଗୁଳିକାଣ୍ଡ ପରେ, ଟ୍ରମ୍ପ ପ୍ରଶାସନ ଚଳିତ ବର୍ଷ ପ୍ରାୟ ୮୫ ହଜାର ଭିସା ବାତିଲ କରିଛି। ଏହାର କାରଣ ହେଉଛି ଜାତୀୟ ସୁରକ୍ଷା । ଷ୍ଟେଟ୍ ଡିପାର୍ଟମେଣ୍ଟର ଜଣେ ବରିଷ୍ଠ ଅଧିକାରୀ କହିବା ଅନୁସାରେ, ଏତେ ସଂଖ୍ୟକ ଭିସା ବାତିଲ କରିବାର ଉଦ୍ଦେଶ୍ୟ ଆମେରିକୀୟ ସମ୍ପ୍ରଦାୟ ଏବଂ ସାଧାରଣ ଜନତାଙ୍କୁ ସୁରକ୍ଷା ଦେବା। ଟ୍ରମ୍ପ ସରକାର ଏହି ପଦକ୍ଷେପ ଭାରତୀୟ ବୃତ୍ତିଗତ ଏବଂ ଛାତ୍ରମାନଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରିଛି। ଯେଉଁମାନଙ୍କର ଭିସା ବାତିଲ କରାଯାଇଛି ସେମାନଙ୍କ ମଧ୍ୟରେ ୮୦୦୦ ରୁ ଅଧିକ ଛାତ୍ର ମଧ୍ୟ ଅନ୍ତର୍ଭୁକ୍ତ, ଯାହା ଗତ ବର୍ଷ ତୁଳନାରେ ଦୁଇଗୁଣ ଅଧିକ। ଜଣେ ଅଧିକାରୀ କହିଛନ୍ତି,ଏହି ଭିସା ଏଭଳି ବିଦେଶୀଙ୍କ ରହିଛି, ଯେଉଁମାନେ ଚୋରି, ଆକ୍ରମଣ କିମ୍ବା ଅନ୍ୟାନ୍ୟ ଅପରାଧରେ ସମ୍ପୃକ୍ତ ଅଛନ୍ତି। ଏପରି ଲୋକଙ୍କୁ ଆମେରିକୀୟ ସୁରକ୍ଷା ପାଇଁ ବିପଦ ବୋଲି ବିବେଚନା କରାଯାଏ, ତେଣୁ ସେମାନଙ୍କର ଭିସା ବାତିଲ କରାଯାଇଛି। ଟ୍ରମ୍ପ ପ୍ରଶାସନ ବିଶେଷକରି ଅଧିକ ବିପଦପୂର୍ଣ୍ଣ ଅଞ୍ଚଳରୁ ଆସୁଥିବା ଲୋକଙ୍କ ପାଇଁ ଭିସା ଯାଞ୍ଚକୁ କଡ଼ାକଡ଼ି କରିଛି। ଆଫଗାନିସ୍ତାନ ସମ୍ପର୍କରେ ଅଧିକାରୀ କହିଛନ୍ତି. ଆଫଗାନିସ୍ତାନରୁ ଆମେରିକାର ସୈନ୍ୟ ପ୍ରତ୍ୟାହାର ପରେ ସୁରକ୍ଷା ଚିନ୍ତା ବୃଦ୍ଧି ପାଇଛି। ତେଣୁ, ଭିସା ଆବେଦନକାରୀମାନେ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ନ କରନ୍ତି ତାହା ନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ। ଭିସା ଯାଞ୍ଚରେ କୌଣସି ତରବରିଆ ନିଷ୍ପତ୍ତି ନିଆଯିବନି। ଏହା ଯେତେ ଅଧିକ ସମୟ ନେବ, ଯାଞ୍ଚ ସେତେ ଅଧିକ ଭଲ ଭାବରେ ହେବ ହେବ। ଜଣେ ଆବେଦନକାରୀ ଆମେରିକା ପାଇଁ ବିପଦ ନୁହଁନ୍ତି ବୋଲି ସମ୍ପୂର୍ଣ୍ଣ ନିଶ୍ଚିତ ନହେଲେ ଭିସା ଜାରି କରାଯିବ ନାହିଁ। ଭିସା ପ୍ରତ୍ୟାଖ୍ୟାନର କାରଣ ବିଷୟରେ ପଚରାଯିବାରୁ, ଅଧିକାରୀ ଜଣକ କହିଥିଲେ ଯେ ଟ୍ରମ୍ପ ପ୍ରଶାସନର ନୂତନ ନୀତି ଅନୁଯାୟୀ ଭିସା ପ୍ରତ୍ୟାଖ୍ୟାନ ହୋଇପାରେ। ଏପରି ନିଷ୍ପତ୍ତି ଗୋଟିଏ କାରଣ ନୁହେଁ, ବହୁବିଧ କାରଣ ଉପରେ ଆଧାରିତ।

# ୨୦୨୬ରେ ଲଞ୍ଚ ହେବାକୁ ଯାଉଛି ୪ ନୂଆ ଏସୟୁଭି ଇଭି

ନୂଆଦିଲ୍ଲୀ, ୯।୧୨: ଦିନକୁ ଦିନ ଏସୟୁଭି ପାଇଁ ଲୋକଙ୍କ କ୍ରେଜ୍ ବଢୁଛି। ଯେଉଁଥିପାଇଁ ଅଟୋ କମ୍ପାନୀଗୁଡିକ ମଧ୍ୟ ଏହି ସେଗମେଣ୍ଟରେ ଫୋକସ କରି ନୂଆ ନୂଆ ଗାଡି ଲଞ୍ଚ କରୁଛନ୍ତି। ୨୦୨୫ ମସିହାରେ ଅନେକ ଏସୟୁଭି ମଡେଲ ଲଞ୍ଚ ହୋଇଛି ଏବଂ ବର୍ତ୍ତମାନ କମ୍ପାନୀଗୁଡିକ ଆସନ୍ତା ବର୍ଷ ପାଇଁ ପ୍ରସ୍ତୁତି କରୁଛନ୍ତି, ଯଦି ଆପଣ ମଧ୍ୟ ଆସନ୍ତା ବର୍ଷ ଏକ ନୂଆ ଇଲେକ୍ଟ୍ରିକ୍ ଏସୟୁଭି କିଣିବାକୁ ପ୍ଲାନିଂ କରୁଛନ୍ତି, ତେବେ ଆପଣ ଜାଣିବା ଉଚିତ ଯେ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ରେ ଗ୍ରାହକଙ୍କ ପାଇଁ କେଉଁ ଏସୟୁଭି ଲଞ୍ଚ ହେବାକୁ ଯାଉଛି? ଯାହା ବିଷୟରେ ଆଜି ଆମେ ଆପଣଙ୍କୁ ଜଣାଇବୁ। ଏକ ରିପୋର୍ଟ ଅନୁଯାୟୀ, ଟୟୋଟା ଆସନ୍ତା ବର୍ଷ ଅର୍ବାନ କ୍ରୁଜର୍ ବିଇଭି ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। କେଉଁ ପ୍ଲାଟଫର୍ମରେ ଏହି ଗାଡ଼ି ପ୍ରସ୍ତୁତ ହେବ ଏବଂ ଏହି ଇଲେକ୍ଟ୍ରିକ୍ ଏସୟୁଭିରେ କେତେ କ୍ଷମତା ବିଶିଷ୍ଟ ବ୍ୟାଟେରୀ ଦିଆଯିବ ତାହା ବର୍ତ୍ତମାନ ସୁଦ୍ଧା ଦିଆଯାଇ ନାହିଁ। ଟାଟା ମୋଟର୍ସର ନୂଆ ଏସୟୁଭି ସିଏରାର ଆଇସିଇ ଭର୍ସନ ଲଞ୍ଚ କରିବା ପରେ, କମ୍ପାନୀ ବର୍ତ୍ତମାନ ୨୦୨୬ ଆରମ୍ଭରେ ଏହି କାରର ଅଲ୍-ଇଲେକ୍ଟ୍ରିକ୍ ଭର୍ସନ ଲଞ୍ଚ କରିପାରିବ। ସିଏରା ଇଭି କିଛି ବିଶେଷ ଫିଚର୍ସ ପାଇପାରେ ଯେପରିକି କର୍ଭ ଇଭି ଏବଂ ହାରିଅର୍ ଇଭି ଭଳି କିଛି ଖାସ ଫିଚର୍ସ ଯେପରିକି ବ୍ୟାଟେରୀ ସିଷ୍ଟମ୍ ଏବଂ ଇଲେକ୍ଟ୍ରିକାଲ୍ ସେଟଅପ୍ ଇତ୍ୟାଦି। ମହିନ୍ଦ୍ରା ଆସନ୍ତା ବର୍ଷ ଏକ୍ସୟୁଭି ୩ଏକ୍ସଓ ଇଭି ସହିତ କମ୍ପାକ୍ଟ ଇଲେକ୍ଟ୍ରିକ୍ ଲାଇନଅପ୍ ଏକ୍ସପାଣ୍ଡ କରିବ ବୋଲି ଆଶା କରାଯାଉଛି। ଏହି ଗାଡି ଟାଟା ପଞ୍ଚ ଇଭି ସହିତ ପ୍ରତିଦ୍ୱନ୍ଦ୍ୱିତା କରିବ ଏବଂ ବ୍ରାଣ୍ଡର ସବୁଠାରୁ ସୁଲଭ ଇଲେକ୍ଟ୍ରିକ୍ ଭାବରେ ପ୍ରଦାନ କରାଯିବ ବୋଲି ଆଶା କରାଯାଉଛି। ଏହି ଗାଡ଼ିକୁ ଦୁଇଟି ବ୍ୟାଟେରୀ ଅପ୍ସନରେ ଲଞ୍ଚ କରାଯାଇପାରିବ। ଏହି ଇଲେକ୍ଟ୍ରିକ୍ ଏସୟୁଭି ଥରେ ଚାର୍ଜ ହେଲେ ୪୫୦ କିଲୋମିଟରରୁ ଅଧିକ ଡ୍ରାଇଭିଂ ରେଞ୍ଜ ଦେଇପାରେ। ମହିନ୍ଦ୍ରା ବିଇ ରଲ-ଇ ହେଉଛି ଏକ ଆଡଭେଞ୍ଚର-ସେଣ୍ଟ୍ରିକ୍ ଇଲେକ୍ଟ୍ରିକ୍ ଏସୟୁଭି ଯାହାର ପ୍ରଡକ୍ସନ ଭର୍ସନ ୨୦୨୬ ସୁଦ୍ଧା ଆସିବ ବୋଲି ଆଶା କରାଯାଉଛି। ବ୍ରାଣ୍ଡର ଇଙ୍ଗଲୋ ପ୍ଲାଟଫର୍ମରେ ନିର୍ମିତ ଏହି ଏସୟୁଭିରେ ଅଫ୍-ରୋଡ୍-ଅନୁପ୍ରାଣିତ ଡିଜାଇନ୍ ଏଲିମେଣ୍ଟସ୍ ସହିତ ଖାସ ମେକାନିକାଲ୍ ଅପଡେଟ୍ ମିଳିବ ବୋଲି ଆଶା କରାଯାଉଛି, କିନ୍ତୁ ଏହାର ଇଣ୍ଟେରିୟର ବିଇ ୬ ସହିତ ସମାନ ହେବ।



# ଭଲ ରାସ୍ତା ଉପରେ ହେଲା ସାନି ଢଳେଇ କାମ



**ତିର୍ତ୍ତୋଲ,୯।୧୨(ସଂଚାର ବ୍ୟୁରୋ):** ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତ ର ନରୁଆ ଗ୍ରାମ ଆର୍ଡି ରାସ୍ତା ଠାରେ ଶ୍ମଶାନ ଗୃହକୁ କୁ ହୋଇଥିବା ରାସ୍ତା ଭଲ ଥାଇ ମଧ୍ୟ ରିପାରିଂ ହେବା ବଦଳରେ ପୁଣି ହେଲା ସାନିକାମ। ବିଜେଡ଼ି ସରକାର ସମୟରେ କିଛି ପେଟି ଠିକାଦାର ଏହି କାମକୁ ଗତ ନିର୍ବାଚନ କିଛି ଦିନ ପୂର୍ବରୁ ଏହି କାମ କରିଥିବା ବେଳେ ନିର୍ବାଚନ କେଇଟା ବର୍ଷ ନ ପୁରୁଣୁ ଡବଲ ଇଞ୍ଜିନ ସରକାର ର କିଛି କୁଜି ନେତା ମାନେ ବ୍ଲକ ର ଅଧିକାରୀ ଙ୍କୁ ଧରି ସେହି କାମକୁ ଫୁଣୀ କରିଛନ୍ତି ବୋଲି ଚର୍ଚ୍ଚାକୁ ଖୋରାକ ଯୋଗାଇଛି। କେବଳ ସେତିକି ନୁହେଁ କାମ ସମୟରେ ଯନ୍ତ୍ରୀ ଉପସ୍ଥିତ ରହିବା ତ ଦୂରର କଥା କିନ୍ତୁ ସରକାର ଙ୍କ ନିୟମ କୁ ଫୁ କରି ରାସ୍ତାରେ ଏଟିମେଣ୍ଟ ରୁ ବାହାରକୁ ଯାଇ ସୋଠ ପକାଇଥିବା ବେଳେ, ସିମେଣ୍ଟ ମିଶ୍ଚର ମେସିନ୍ ରେ ରାସ୍ତା କାମ କରାଯାଉଛି। ଏଠି ପ୍ରଶ୍ନ ଉଠୁଛି ଯେ ପୁରୁଣା କାମ ରିପାରିଂ ବଦଳରେ ସାନି କାମ କରିବାକୁ କିଭଳି ଭାବରେ ବିଡ଼ିଓ ମହାଶୟ ଅର୍ଡର୍ ଦେଲେ ଯାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେଇଭଳି ଭାବରେ ତିର୍ତ୍ତୋଲ ବ୍ଲକ ନାମରେ ବାରମ୍ବାର ଅଭିଯୋଗ ଦୈନିକ ଗଣମାଧ୍ୟମ ରେ ପ୍ରକାଶ ପାଉଥିବା ବେଳେ। କିଛି ବରିଷ୍ଠ ନାଗରିକ ଏଭଳି ଅଧିକାରୀଙ୍କୁ ତିର୍ତ୍ତୋଲ ଭଳି ସମ୍ବେଦନ ଶିଳ ବ୍ଲକ ରୁ ତୁରନ୍ତ ବଦଳି କରିବାକୁ ମୁଖ୍ୟମନ୍ତ୍ରୀ ଙ୍କୁ ନିବେଦନ କରିବେ ବୋଲି ଜଣାପଡ଼ିଛି।

## ଅସହାୟଙ୍କୁ କମ୍ବଳ ବଣ୍ଟନ



**କଟକ,୯।୧୨(ସଂଚାର ବ୍ୟୁରୋ):** ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭଏସ୍ ଫର ଭଏସ୍‌ଲେସ ଓ ମହାକାନ୍ତାର ଫାଉଣ୍ଡେସନ ତରଫରୁ ଶୀତର ପ୍ରକୋପକୁ ଲକ୍ଷ୍ୟକରି ଆଇନଜିବି ତାରାନନ୍ଦ ପଟ୍ଟନାୟକଙ୍କ ନେତୃତ୍ୱରେ କଟକ ସହରର ବିଭିନ୍ନ ସ୍ଥାନରେ ଅସହାୟ ମାନଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାସ୍ତାପାର୍ଶ୍ୱ, ରେଳ ଷ୍ଟେସନ, ମେଡିକାଲ ରୋଡ, ବସଷ୍ଟାଣ୍ଡରେ ବିଶ୍ରାମ ନେଉଥିବା ଅସହାୟ ଲୋକମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଅଭିଷେକ ଆଚାର୍ଯ୍ୟ, ମୌସୁମି ପ୍ରଧାନ, ରେଣୁବାଳା ବାରିକ, ଡ. ଦ୍ୱୀପାୟନ ପଟ୍ଟନାୟକ, ସତ୍ୟନାରାୟଣ ଦାସ, ସମ୍ବିତ ରାୟ, ଡ. ଦୀପକ କୁମାର ଦାଶ, ପ୍ରଚେତା ଦାସ, ଅଶୋକ କୁମାର ସାହୁ, ସାଇଲୋକନାଥ ସେଠୀ, ସନ୍ତୋଷ କୁମାର ପାଲ, ଡ. ବିଭୁଦତ୍ତ ଖଣ୍ଡାୟତ ରାୟ, ରଞ୍ଜିତ୍ ସା ପ୍ରମୁଖ ଯୋଗ ଦେଇଥିଲେ।

# ଡମପିଡ଼ିଆ ସାହି ପାଇଁ ବିଶୁଦ୍ଧ ପାନୀୟ ଜଳ ସତସପନ



**କନ୍ଧମାଳ,୯।୧୨(ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାର ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ଗରିବ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ଅନେକ ଯୋଜନା କରି ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେଉଥିବା ବେଳେ ଆଜି ପର୍ଯ୍ୟନ୍ତ ଏହି ଡମପଡ଼ିଆ ସାହି କୁ କୌଣସି ସରକାର ଯୋଜନା ପହଞ୍ଚି ପାରୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସରକାର ପରେ ସରକାର ବଦଳଉଛି ହେଲେ ସରକାର ଯୋଜନା ସଠିକ୍ ଭାବରେ ଲୋକ ଙ୍କ ପାଖରେ ପହଞ୍ଚିବାକୁ ଅସୁବିଧା ରହିଛି କେଉଁଠି, ନା ଜାଣି ଶୁଣି ପ୍ରଶାସନ ନିରବ ରହୁଛି ବୋଲି ଅଞ୍ଚଳରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତ କଟାପଙ୍ଗା ୱାର୍ଡ଼ (ଡମପିଡ଼ିଆ)ସାହି ରେ। ଏହି ସାହିର ଜନସାଧାରଣ ବିଶୁଦ୍ଧ ପାନୀୟ ଜଳ ପାଇବା ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ କହିଛନ୍ତି।ଭାରତ ସ୍ୱାଧୀନତା ର ଦୀର୍ଘ ୭୮ ବର୍ଷ ବିତିଯାଇଥିଲେ ସୁଦ୍ଧା କୌଣସି ମୌଳିକ ସୁବିଧା ତଥା ବିଶୁଦ୍ଧ ପାନୀୟ ଜଳ ପାଇବାରେ ବଞ୍ଚିତ ଅଛନ୍ତି। ଏଠି ଯାହା ପ୍ରଶ୍ନ ଉଠୁଛି ସ୍ଥାନୀୟ ପ୍ରତିନିଧି ଓ ବ୍ଲକ ପ୍ରଶାସନ ଇଚ୍ଛାଶକ୍ତି ଅଭାବ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ବିଶୁଦ୍ଧ ପାନୀୟ ଜଳ ପାଇବାରେ ବଞ୍ଚିତ ଅଛନ୍ତି। ଯାହା ଫଳରେ ଜନସାଧାରଣ ମନରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଚୁଆ ନାଳ ପାଣି ଉପରେ ନିର୍ଭର କରୁଥିବାବେଳେ ବର୍ଷା ମାସ ବେଳକୁ ଗୋଳିଆ ପାଣି ବ୍ୟବହାର କରି ନାନା ପ୍ରକାର ରୋଗ କାଡୁ କୁଣ୍ଡିଆ ଝାଡ଼ା ବାନ୍ତି ହେଉଥିବା ଗ୍ରାମବାସୀ ଅଭିଯୋଗଛନ୍ତି। ଚଳିତ ବର୍ଷ ସମିତି ସଭ୍ୟା ଚିଙ୍କି କହଁର କଟାପଙ୍ଗା (ଡମପିଡ଼ିଆ) ସାହିକୁ ସମସ୍ୟା ବୁଝିବା ପାଇଁ ଯାଇଥିବା ସମୟରେ ଡମପିଡ଼ିଆ ସାହି ର ୧୨ ଘର ପରିବାର ଲୋକେ ସମିତି ସଭ୍ୟା ଙ୍କୁ ଗୋଟିଏ ନୂତନ ନଳକୂପ ଖନନ କରିବା ପାଇଁ ଅଭିଯୋଗ କରିଥିଲେ। ସେହି ସାହିର ଦୁଃଖ ଶୁଣି ସମିତି ସଭ୍ୟା ଚିଙ୍କି କହଁର ସଙ୍ଗେ ସଙ୍ଗେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ରେ ଏକ ନୂତନ ନଳକୂପ ଖୋଳିବା ପାଇଁ ଅଭିଯୋଗ କରିଥିଲେ। ହେଲେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ କନିଷ୍ଠ ଯନ୍ତ୍ରୀ ଏସି ରୁମରେ ବସି କାଗଜ, କଲମ୍ ଉପରେ କାମ ସରେଇ ଦେଉଛନ୍ତି ଡମପିଡ଼ିଆ ସାହି ବାସିନ୍ଦା କହିଛନ୍ତି।ସର୍ଭେ କରିବା ପରେ ତାହା ବର୍ତ୍ତମାନ ଫଇସଲା କରିଛନ୍ତି। କଟାପଙ୍ଗା ୱାର୍ଡ଼ (ଡମପିଡ଼ିଆ) ସାହି ଦେଇ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରେ ପକ୍କା ରାସ୍ତା ନିର୍ମାଣ ହେଉଥିବା ବେଳେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ କନିଷ୍ଠ ଯନ୍ତ୍ରୀ ରାସ୍ତା ନାହିଁ ବୋଲି ଦର୍ଶାଇ ଦେଇଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଗୋଆରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ




**ଗଜପତି,୯।୧୨(ସଂଚାର ବ୍ୟୁରୋ):** କାମଧନ୍ଦା ନ ପାଇ ଗୋଆକୁ ଦାଦନ ଖଟିବାକୁ ଯାଇ ଜଣେ ଓଡ଼ିଆ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ମୋହନା ଥାନା ଅନ୍ତର୍ଗତ ଲିଲିଗଡ଼ ପଞ୍ଚାୟତ ଡେଙ୍ଗାଆମ୍ବ ଗାଁର ସନ୍ୟା ମଲ୍ଲିକଙ୍କ ପୁଅ ଜୟ ମଲ୍ଲିକ। ମିଳିଥିବା ସୂଚନା ମୁତାବକ, ୧ ବର୍ଷ ତଳେ ଜୟ ଗୋଆ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେ ଏକ ହୋଟେଲରେ ୱେଟର୍ ଭାବେ କାମ କରୁଥିଲେ। ହେଲେ ଗତ ୬ ତାରିଖ ସାରେ ଓଲ୍ଡ ଗୋଆ ପୋଲିସ ଷ୍ଟେଶନ ନିକଟରେ ଥିବା ସାମ୍ବାର ରେଷ୍ଟୁରାଣ୍ଟ ନାମକ ଏକ ହୋଟେଲ ବାଥରୁମରୁ ଝୁଲନ୍ତା ଅବସ୍ଥାରେ ଜୟଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏପରିକି ପୋଲିସ ଘଟଣା ସଂକ୍ରାନ୍ତରେ ପରିବାର ଲୋକଙ୍କୁ ଜଣାଇଥିଲା। ହେଲେ ଜୟଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରୁ ନ ଥିବା ବେଳେ ଏହା ହତ୍ୟା ନା ଆତ୍ମହତ୍ୟା ମାମଲାର ତଦନ୍ତ କରିବାକୁ ପରିବାର ଲୋକେ ଦାବି କରିଛନ୍ତି।

## ସାଂସଦ ଖେଳ ମହୋତ୍ସବର ପ୍ରସ୍ତୁତି ବୈଠକ




**ସୁନ୍ଦରଗଡ଼,୯।୧୨(ସଂଚାର ବ୍ୟୁରୋ):** ଆସନ୍ତା ତା ୧୩. ୧୨. ୨୦୨୫ ରିଖ. ଠାରୁ ତା ୧୬. ୧୨. ୨୦୨୫ ରିଖ ତିନି ଦିନ ପର୍ଯ୍ୟନ୍ତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ସାଂସଦ ଖେଳ ମହୋତ୍ସବ ସୁନ୍ଦରଗଡ଼, ଭବାନୀପୁର ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଆୟୋଜିତ ହେବ। ଏହି ଅବସରରେ ମଙ୍ଗଳବାର ବିଜେପି ସୁନ୍ଦରଗଡ଼ ଓ ରାଉରକେଲା ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଆୟୋଜିତ ସାଂସଦ ଖେଳ ମହୋତ୍ସବର ପ୍ରସ୍ତୁତି ବୈଠକ ବିଜେପି ଜିଲ୍ଲା କାର୍ଯ୍ୟାଳୟ ଭୋଜପୁର ଠାରେ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଗତ ତା ୦୪. ୧୨. ୨୦୨୫ ରିଖ ଠାରୁ ୧୦. ୧୨. ୨୦୨୫ ରିଖ ପର୍ଯ୍ୟନ୍ତ ପଞ୍ଚାୟତ, ବ୍ଲକ ଏବଂ ବିଧାନସଭା ସ୍ତରରେ ଚୟନ ହୋଇଥିବା ୫୦୦୦ରୁ ଉର୍ଦ୍ଧ୍ୱ ଉଭୟ ବାଳକ ଓ ବାଳିକା ଖେଳାଳି ମାନେ ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଦଳଗତ ଖେଳ ମଧ୍ୟରେ ତୀରନ୍ଦାଜ, ହକି, ଫୁଟବଲ, ଭଲିବଲ, ଖୋଖୋ, କବାଡି, ହ୍ୟାଣ୍ଡବଲ, ବ୍ୟାଡ଼ମିଣ୍ଟନ, ବକ୍ସିଂ, ସାଇକେଲିଙ୍ଗ, ଆଥଲେଟିକ ମଧ୍ୟରେ ୧୦୦, ୨୦୦, ୪୦୦, ୮୦୦ ଏବଂ ୧୫୦୦ ମିଟର ଦୌଡ଼, ଡ଼ିସକସ ଥ୍ରୋ, ଜାଭଲିଙ୍ଗ ଥ୍ରୋ, ସଟପୁଟ, ହାଇଜମ୍ପ, ଲଙ୍ଗଜମ୍ପ ଏବଂ ପାରମ୍ପରିକ ଖେଳ ମଧ୍ୟରେ ରଙ୍ଗୋଲି, ପୁଚି, ଦୌଡ଼ ଡିଆଁ ଓ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଣୁ ଏହି ଜିଲ୍ଲା ସ୍ତରୀୟ ଖେଳ ମହୋତ୍ସବକୁ କିଭଳି ସୁଚାରୁରୂପେ ସଫଳ ରୂପାୟନ ଦେବେ ସେହି ଉଦ୍ଦେଶ୍ୟରେ ଉପସ୍ଥିତ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କୁ ମଂଚାସୀନ ଅତିଥିବୃନ୍ଦ ଅବଗତ କରାଇଥିଲେ।

## ଶୋଇଥିଲେ ଘରଲୋକ, ଫାଟିଲା ସିଲିଣ୍ଡର

**ଦେବଗଡ,୯।୧୨(ସଂଚାର ବ୍ୟୁରୋ):** ଦେବଗଡ ଜିଲ୍ଲା ବାରକୋଟ ବ୍ଲକ ସଦର ରେ ଗ୍ୟାସ ସିଲିଣ୍ଡର ଫାଟି ବ୍ୟାପକ କ୍ଷୟକ୍ଷତି, ଅଳ୍ପକେ ବର୍ତ୍ତିଲେ ପରିବାର। ଦେବଗଡ ଜିଲା ବାରକୋଟ ବ୍ଲକ ସଦର ମହକୁମାରେ ସୋମବାର ବିଳମ୍ବିତ ରାତି ଏଭଳି ଅଘଟଣ ଦେଖାଦେଇଛି । ବାରକୋଟ ମେଡିକାଲ ପଛ ପଟେ ରହୁଥିବା ଅନୂଲ୍ୟ ନାଥଙ୍କ ଘରେ ଏଭଳି ଅଘଟଣ ଘଟିଛି । ଘର ସମ୍ମୁଖ ପୋର୍ଟିକୋ ତଳେ ଏକ ଇଣ୍ଡିଆନ ଗ୍ୟାସ ସିଲିଣ୍ଡର ରଖାଯାଇଥିଲା। କୌଣସି କାରଣରୁ ସେଥିରେ ଅଗ୍ନି ସଂଯୋଗ ହୋଇ ଫାଟି ଯାଇଥିବା ଜଣାପଡିଛି । ବିଳମ୍ବିତ ରାତି ପରିବାର ଲୋକ ଘର ଭିତରେ ଶୋଇଥିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । କିନ୍ତୁ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ପରେ ସିଡି ଘରର ଆଜବେଷ୍ଟ ଛାତ ଉଡିଯିବା ସହିତ କାନ୍ଥରୁ ପ୍ଲାଷ୍ଟର ଖସି ପଡିଛି ।



## ଧାନମଣ୍ଡି ଉଦ୍‌ଘାଟନ ସହ ଖରିଫ ଋତୁର ଧାନକିଣା ଆରମ୍ଭ



**ସୁବର୍ଣ୍ଣପୁର,୯।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ପଞ୍ଚାୟତ ସମିତି ଅନ୍ତର୍ଗତ ସିଲାଟି ଗ୍ରାମପଞ୍ଚାୟତର ସିଲାଟି ପ୍ରାଥମିକ ସେବା ସମବାୟ ସମିତିଠାରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ ଦ୍ୱାରା ଜିଲ୍ଲା ସ୍ତରୀୟ ଧାନମଣ୍ଡିର ଶୁଭ ଉଦଘାଟନ ଓ ୨୦୨୫ ବର୍ଷର ଖରିଫ ଋତୁ ଧାନକ୍ରୟ କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। ଏହି ଧାନ ମଣ୍ଡି ଉଦଘାଟନ ସମୟରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ବେସାମାରିକ ଯୋଗାଣ ଅଧିକାରୀ ସୁବର୍ଣ୍ଣପୁର ଶ୍ରୀ ନିରୋଦ କୁମାର ଦାସ, ସିଲାଟି ପ୍ରାଥମିକ ସେବା ସମିତିର ସଭାପତି, ବାବଲୁ ବିଶି ଓ ସମ୍ପାଦକ, ବଳରାମ ପଣ୍ଡା, ଉପ ନିବନ୍ଧକ, ସମବାୟ ସେବା ସମିତି, ସୁବର୍ଣ୍ଣପୁର ସହକାରୀ ନିବନ୍ଧକ, ସେବା ସମବାୟ ସମିତି, ସୁବର୍ଣ୍ଣପୁର, ଉଭୟ ବେସାମାରିକ ଯୋଗାଣ ବିଭାଗ ଓ ସମବାୟ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କ ସମେତ ସିଲାଟି ଗ୍ରାମପଞ୍ଚାୟତ ଓ ବିନିକା ପଞ୍ଚାୟତ ସମିତି ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ। ପ୍ରଥମେ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ଦ୍ୱାରା ମଣ୍ଡି ପ୍ରାଗଣରେ ପୂଜାର୍ଚ୍ଚନା ପରେ ଉଦଘାଟନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଚାଷୀମାନଙ୍କୁ ମଣ୍ଡିରେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ସଙ୍ଗେ ସଙ୍ଗେ ସୁବିଧାରେ ଚାଷୀମାନଙ୍କ ଠାରୁ ଯେପରି ସହଜରେ ଓ ସୁବିଧାରେ ଧାନ ବିକ୍ରୟ କରାଯାଇପାରିବ ସେଥି ପାଇଁ ଉଭୟ ଯୋଗାଣ ଓ ସମବାୟ ବିଭାଗର ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

● ଧାନ କିଣାବିକାରେ ଅଚଳାବସ୍ଥା

## ଧାନବସ୍ତା ସହ ରାଜରାସ୍ତାକୁ ଓହ୍ଲାଇଲେ ଚାଷୀ



**ଅତାବିରା/ଗୋଡ଼ଭଗା,୯।୧୨(ସଂଚାର ବ୍ୟୁରୋ):** ବରଗଡ଼ ଜିଲାରେ ଗତମାସ ୨୮ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଧାନ ସଂଗ୍ରହ ପ୍ରକ୍ରିୟା ୧୨ଦିନରେ ପହଞ୍ଚିଛି। ହେଲେ ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହୋଇପାରିନାହିଁ। ଜିଲାର ଗୋଡଭଗା, ଅତାବିରା ସମେତ ବିଭିନ୍ନ ମଣ୍ଡିରେ ବିକ୍ରି ଅପେକ୍ଷାରେ ହଜାର ହଜାର ବସ୍ତା ଧାନ ପଡି ରହିଛି। ଚାଷୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ଧାନ ଉଠାଣ ସ୍ୱାଭାବିକ ହୋଇ ପାରି ନାହିଁ।ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଏହି କ୍ରମରେ ଅସନ୍ତୁଷ୍ଟ ଚାଷୀମାନେ ମଙ୍ଗଳବାର ଗୋଡଭଗା ମଣ୍ଡିରେ ସମବେତ ହୋଇଥିଲେ। ସେଠାକୁ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ବିଫଳ ହୋଇଥିଲା। ଫଳରେ ଚାଷୀମାନେ ଗୋଡଭଗା ମଣ୍ଡି ସମ୍ମୁଖ ୫୩ନମ୍ବର ଜାତୀୟ ରାଜପଥକୁ ଓହ୍ଲାଇଛନ୍ତି। ଚାଷୀଙ୍କ ରାସ୍ତା ଅବରୋଧ ଯୋଗୁ ଯାନବାହାନ ଚଳାଚଳ ବ୍ୟାହତ ହୋଇଛି।

## ଯୁବ ରେଡ୍‌କ୍ରସର ତ୍ରିଦିବସୀୟ ଅଧ୍ୟୟନ ଓ ପ୍ରଶିକ୍ଷଣ ସମ୍ମିଳନୀ

**ଧାମନଗର,୯।୧୨(ସଂଚାର ବ୍ୟୁରୋ):** ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ଅଧ୍ୟକ୍ଷତାରେ ଯୁବ ରେଡ କ୍ରସ ତ୍ରିଦିବସୀୟ ଜିଲ୍ଲା ସ୍ତରୀୟ ଅଧ୍ୟୟନ ଓ ପ୍ରଶିକ୍ଷଣ ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ଡକ୍ଟର ସମ୍ମାନିତ ଅତିଥି ଭାବେ ଦେବାଶିଷ ମଲ୍ଲିକ, ଭଦ୍ରକ ଜିଲ୍ଲାର ଯୁବ ରେଡ୍ କ୍ରସ୍ ସଂଯୋଜିକା ଡକ୍ଟର ସୁକାନ୍ତି ମହାପାତ୍ର, କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀଧର ବେହେରା ଯୁବ ରେଡ୍ କ୍ରସ ସଦସ୍ୟା କଲ୍ୟାଣୀ ଦାସ, ଶ୍ୱେତା ସାମିନୀ ପ୍ରମୁଖ ଅତିଥି ମାନେ ସାମିଲ ହୋଇ ଯୁବକ ମାନଙ୍କ ଦେଶ ଭାରତରେ ନିଷ୍ଠା, ନିସ୍ୱାର୍ଥପର, ନିଶା ମୁକ୍ତ ଓ ସମାଜ ମନସ୍କ ହୋଇ କର୍ତ୍ତବ୍ୟ ସମ୍ପାଦନ ହିଁ ଏକମାତ୍ର ଲକ୍ଷ ହେବା ଆବଶ୍ୟକ





ବୋଲି ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଶେଷ ଦିନରେ ଶତାଧିକ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ଯୋଗ ଶିବିର ଆୟୋଜନ କରାଯାଇଥିଲା

## ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ ସାକ୍ଷାତ କଲେ ସ୍ୱାକ ସଦସ୍ୟ

**କନ୍ଧମାଳ,୯।୧୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଘୁ. ଉଦୟଗିରି ବ୍ଲକ ଓ ଟିକାବାଲି ବ୍ଲକର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ବହୁତ ମାତ୍ରାରେ ଖରାପ ଥିବା ହେତୁ ଜିଲ୍ଲାପାଳଙ୍କୁ ପୁନର୍ବାର ଦାବି ଉପସ୍ଥାପନ କରାଯାଇଛି। ସେହିପରି ରଟିଙ୍ଗିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମପଦା ଛକ ଠାରୁ ଭାୟା ରଟିଙ୍ଗିଆ ଦେଇ ଗ୍ରେସିଙ୍ଗିଆ ପର୍ଯ୍ୟନ୍ତ, ମାଳିକାପଡ଼ି ପଞ୍ଚାୟତର ବାଡେନାଯୁ ଛକ ଠାରୁ ଭାୟା ସୁଜେଲି ଗ୍ରାମ ଦେଇ ରାଇପଦା ପର୍ଯ୍ୟନ୍ତ, ରାଇକଲା ପଞ୍ଚାୟତର ଶ୍ରିକଲା ଠାରୁ ଭାୟା ରାଇକଲା, ଖାରିଆପଡ଼ା ଦେଇ ଯାକାମାହା ପର୍ଯ୍ୟନ୍ତ ଏବଂ ଘୁ.ଉଦୟଗିରି ନିକଟସ୍ଥ ସୁକାନାଣ୍ଡା ଛକ ଠାରୁ ଭାୟା ତେଲିଙ୍ଗିଆ, ଗଦଗୁଡ଼ା, ଗସାଗୁଡ଼ା, ବ୍ରେକା ଓ ପିକରଡ଼ି ଦେଇ ଟିକାବାଲି ପର୍ଯ୍ୟନ୍ତ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ମୁଖ୍ୟ ରାସ୍ତା ନିର୍ମାଣ କରିବା ନିମନ୍ତେ ଦାବି କରାଯାଇଛି। ରାଜ୍ୟରେ ସବୁଠାରୁ ଥଣ୍ଡାର ସହର ଭାବେ ପରିଚିତ ଘୁ.ଉଦୟଗିରି ସହର ଯାହାକୁ ଓଡ଼ିଶାର ଦର୍ଜେଲିଂ ମଧ୍ୟ କୁହାଯାଏ।

## ରାଜ୍ୟସ୍ତରୀୟ କନିଷ୍ଠ ବାଳକ ବାଳିକା ସିପକଟାକ୍ରୋ ତାଲିମ ଶିବିର

**ସୁନ୍ଦରଗଡ଼,୯।୧୨(ସଂଚାର ବ୍ୟୁରୋ):** ଯୋଗୀମାଲ ଗ୍ରାମ ପଞ୍ଚାୟତ ନିକଟସ୍ଥ ତେନ୍ତୁଳିଢିପା ହନୁମାନ ମନ୍ଦିର ପ୍ରାଙ୍ଗଣରେ ରାଜ୍ୟ ସ୍ତରୀୟ କନିଷ୍ଠ ବାଳକ ବାଳିକା ସିପକଟାକ୍ରୋ ତାଲିମ ଶିବିର ମଙ୍ଗଳ ବାର ଅପରାହ୍ନ ୫ ଟାରେ ଉଦ୍ଘାଟିତ ହୋଇ ଯାଇଛି। ଯୋଗୀମାଲ ଗ୍ରାମ ପଞ୍ଚାୟତ ସରପଞ୍ଚ ସୌଦାମିନୀ ଭୋଇ ଉପସ୍ଥିତ ରହି କହିଥିଲେ ମୋ ପଞ୍ଚାୟତରେ ରାଜ୍ୟ ସ୍ତରୀୟ ସିପକଟାକ୍ରୋ ତାଲିମ ଶିବିର ହେଉଥିବାରୁ ନିଜକୁ ମୁଁ ଗର୍ବ ଅନୁଭବ କରୁଛି ଏବଂ ଖେଳାଳି ମାନଙ୍କ ଉତ୍ତୋରତ୍ତର କାମନା କରୁଛି। ଗ୍ରାମାଞ୍ଚଳରେ ରାଜ୍ୟ ସ୍ତରୀୟ ସିପକଟାକ୍ରୋ ତାଲିମ ଶିବିର ଆୟୋଜନ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିବା ସହିତ ଖେଳାଳି ମାନେ ଜାତୀୟ ସ୍ତରରେ ପଦକ ହାସଲ କରି ରାଜ୍ୟର ଗର୍ବ ଆଣନ୍ତୁ ବୋଲି କହିଥିଲେ। ଓଡ଼ିଶା ରାଜ୍ୟ ସିପକଟାକ୍ରୋ ସଂଘ ସାଧାରଣ ସମ୍ପାଦକ ପୃଥିରାଜ ସାହୁଙ୍କ ନିର୍ଦ୍ଦେଶରେ ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସଂଘ ସେକ୍ରେଟାରୀ ସୁଶାନ୍ତ କୁମାର ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୮ ତାରିଖ ପର୍ଯ୍ୟନ୍ତ ଏହି ତାଲିମ ଶିବିର ଚାଲିବ।

# ପୋଲ ତଳକୁ ଖସି ଦୁଇ ମୃତ



**ନୟାଗଡ଼,୯।୧୨(ସଂଚାର ବ୍ୟୁରୋ):** ପୋଲ ତଳକୁ ଖସି ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ବ୍ୟକ୍ତି ମାନେ ହେଲେ ଫକୀର ନାୟକ ଓ ରାଜେନ୍ଦ୍ର ନାୟକ। ଉଭୟ ମୃତ ଶରୀର ପୋଲ ତଳେ ପଡ଼ିଥିବା ଦେଖିବାକୁ ମିଳିଛି। ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ବାହାଡ଼ାଝୋଲା ଫାଣ୍ଡି ଅନ୍ତର୍ଗତ ବେରୁଆବାରୀ ପଞ୍ଚାୟତ ତୋଡ଼ିଗାଡିଆ ପୋଲ ତଳେ ଦୁଇ ଜଣଙ୍କର ମୃତ ଶରୀର ପଡ଼ିଥିବା ଆଜି ସକାଳୁ ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ମୃତ ଶରୀର ଦେଖିବା ପରେ ସ୍ଥାନୀୟ ଲୋକ ନିକଟସ୍ଥ ଫାଣ୍ଡିକୁ ଖବର ଦେଇଥିଲେ। ବାହାଡ଼ା ଖୋଲା ଫାଣ୍ଡି ଅଧିକାରୀ ପହଞ୍ଚି ମୃତ ଶରୀର ଜବତ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାଥମିକ ସୂଚନାନୁସାରେ, ମୃତକ ମାନେ ହେଲେ ଗିରିଡିପଲ୍ଲି ପଞ୍ଚାୟତ ଢ଼ଉଝୋଲା ଉପର ସାହିର ସୁଦର୍ଶନ ନାୟକଙ୍କ ପୁଅ ଫକୀର ନାୟକ (୪୦) ଓ ସ୍ୱର୍ଗତ କୈଳାସ ନାୟକଙ୍କ ପୁଅ ରାଜେନ୍ଦ୍ର ନାୟକ(୩୮)। ଉଭୟ ବାହାଡ଼ାଝୋଲା କୌଣସି କାମରେ ଆସିଥିଲେ କିନ୍ତୁ ବିଳମ୍ବିତ ରାତିରେ ଘରକୁ ଫେରିଲା ସମୟରେ ତୋଡ଼ିଗାଡିଆ ପୋଲ ତଳକୁ ଖସି ପଡ଼ିଥିଲେ। ଯାହାଫଳରେ ସକାଳୁ ଲୋକ ଦେଖିଲା ବେଳକୁ ଉଭୟଙ୍କ ଚେତା ନଥିଲା। ଖବର ପାଇ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ପହଞ୍ଚି ଉଦ୍ଧାର କରି ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ରଖିଥିବା ଜଣାପଡ଼ିଛି।

## ଜିଲ୍ଲା ମହୋତ୍ସବ ସାଂସ୍କୃତିକ କମିଟି ବୈଠକ

**ନୟାଗଡ଼,୯।୧୨ (ସଂଚାର ବ୍ୟୋରୋ):** ନୟାଗଡ଼ ଜିଲ୍ଲା ମହୋତ୍ସବ ଆସନ୍ତା ୨୪ ତାରିଖରୁ ୨୮ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଏଥିପାଇଁ ଆଜି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଅତିଥି ଭାବେ ବୈଠକରେ ଯୋଗ ଦେଇ ଆଲୋଚନା କରିଥିଲେ। ବୈଠକରେ ଓରମାସ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ ଶିବିୟାନ୍ ପ୍ରଧାନ, ଏଡିଇଓ ଗୀତାଞ୍ଜଳୀ ସାହୁ ଉପସ୍ଥିତ ରହିଥିଲେ। ସାଂସ୍କୃତିକ କମିଟି ସଦସ୍ୟ ଭାବେ ରଜତ ଚମ୍ପତରାୟ, ରଜତ ପଟ୍ଟନାୟକ, ସାମ୍ବାଦିକ ବୈଦ୍ୟଭୂଷଣ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର, ଶରତ ଚନ୍ଦ୍ର ଆଚାର୍ଯ୍ୟ, ପ୍ରଭାସିନୀ ନନ୍ଦ, ବିଭୂତି ଭୂଷଣ ମହାପାତ୍ର, ବିଭୂତି ଭୂଷଣ ସ୍ୱାଇଁଙ୍କ ସମେତ ବହୁ ବ୍ୟକ୍ତି ସାମିଲ ହୋଇଥିଲେ। ଚଳିତ ବର୍ଷ ମହୋତ୍ସବରେ ବ୍ୟଙ୍ଗ କବି ଆସର, ମେଲୋଡ଼ି, ଡ୍ୟାନ୍ସ ଗ୍ରୁପ ସହ ରାଜ୍ୟ ଓ ରାଜ୍ୟ ବାହାରର ସାଂସ୍କୃତିକ ଦଳକୁ ସୁଯୋଗ ମିଳିବ ବୋଲି ସୂଚନା ମିଳିଛି।

## ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା



**ଲାଞ୍ଜିଗଡ଼,୯।୧୨ (ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ଠାରେ ବ୍ଲକ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ୨୦୨୫-୨୬ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି।ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶାଙ୍କ ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଢ଼ଳଦେବ ମୁଣ୍ଡ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାରତ ଭୂଷଣ ସାହୁ ଯୋଗ ଦେଇଥିଲେ।ଦ୍ୱିତୀୟ ପର୍ଯ୍ୟାୟରେ ଅତିଥି ଭାବେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନନ୍ଦୀ କିଶୋର ନାଏକ, ସମସ୍ତ କ୍ଲଷ୍ଟରର ସଂଯୋଜକ, କୁମାର ଗୌରବ ପରିଡା, ପ୍ରକାଶ ପ୍ରଧାନ, ସୌଭାଗ୍ୟ ରଞ୍ଜନ ସାହୁ, ଜଳନ୍ଧର ମାଝୀ, ଗୁଣମଣୀ ଭୋଇ, ସଞ୍ଜୀବ କୁମାର ସାହୁ, ଦୁଃଖୀ ଶ୍ୟାମ ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗକରିଥିଲେ।ଏହି ପ୍ରତିଯୋଗିତାରେ ୨୨୬ ବିଦ୍ୟାଳୟର ୩୨୦ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ।

## ଶିକ୍ଷୟିତ୍ରୀଙ୍କୁ ହତ୍ୟା ଧମକ, ଥାନାରେ ମାମଲା

**ବୈଶିଙ୍ଗା,୯।୧୨(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ତିଳଦା ଗ୍ରାମ ର ଜନୈକା ବିବାହିତା ମହିଳା ଶିକ୍ଷୟତ୍ରୀ ଙ୍କୁ ବର୍ଷ ବର୍ଷ ଧରି ନାନାଦି ପ୍ରକାର ହଇରାଣ କରିବା ତଥା ଜୀବନରୁ ମାରିଦେବାର ଧମକ ଦେଉଥିବା ଯୁବକଙ୍କ ବିରୁଦ୍ଧରେ ଶିକ୍ଷୟତ୍ରୀ ବୈଶିଙ୍ଗା ଥାନାରେ ମଙ୍ଗଳବାର ସନ୍ଧ୍ୟାରେ ଅଭିଯୋଗ କରିଥିବା ଜଣାଯାଇଛି। ଖବରରୁ ପ୍ରକାଶ ତିଳଦା ଗ୍ରାମର ଭାଗିରଥି ମହାନ୍ତଙ୍କ କନ୍ୟା ବିମଳା ମହାନ୍ତ ସଂସ୍କୃତରେ ଏମଫିଲ ହାସଲ କରି କୁଆମରା ସରକାରୀ ହାଇସ୍କୁଲରେ ୨୦୧୨ ମସିହାରେ ନିଯୁକ୍ତି ପାଇ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ବୃଦ୍ଧ ବାପା ମାଆ ଙ୍କ ସେବା କରି ଦୈନିକ ୭୦ କିମି.ସ୍କୁଟରରେ ଯିବାଆସିବା କରୁଛନ୍ତି। ତାଙ୍କ ବଡ ଭଉଣୀ ର ଦିଅର ଚିତ୍ରଡା ଗ୍ରାମର ବାୟା ମହାନ୍ତ ଙ୍କ ପୁତ୍ର କେଦାରେଶ୍ୱର ମହାନ୍ତ (୩୮) ବିମଳା ଙ୍କୁ ବିବାହ କରିବାର ପ୍ରସ୍ତାବ ଦେଇ ବିମୁଖ ହେବା ପରେ ନାନାଦି ହଇରାଣ କରିବାକୁ ପଛାଉ ନାହିଁ ବୋଲି ଥାନାରେ ଅଭିଯୋଗରେ ଦର୍ଶାଇଛନ୍ତି। ବିମଳା ଙ୍କ ବିରୁଦ୍ଧରେ ଶିକ୍ଷା ବିଭାଗ ଉଚ୍ଚ ଅଧିକାରୀଙ୍କ ନିକଟରେ ମିଥ୍ୟା ଅଭିଯୋଗ କରିବା ପରେ ଅଧିକାରୀଙ୍କ ଦ୍ୱାରା ତଦନ୍ତ ମଧ୍ୟ କରାଇଛନ୍ତି। ସେଥିରେ ମଧ୍ୟ ବିଫଳ ହେବା ପରେ ଏବେ ରାସ୍ତାରେ ମାରିଦେବାର ଧମକ ଦେଇଛନ୍ତି କେଦାରେଶ୍ୱର। ଜୀବନ ପ୍ରତି ବିପଦ ଥିବାରୁ ଏହାର ପ୍ରତିକାର ପାଇଁ ବୈଶିଙ୍ଗା ଥାନାରେ ଅଭିଯୋଗ କରିଛନ୍ତି ଶିକ୍ଷୟତ୍ରୀ ନିମଳା ମହାନ୍ତ। ଅଭିଯୋଗ ପାଇବା ପରେ ତଦନ୍ତ କରିବାର ପ୍ରତିଶ୍ରୁତି ଦେଇଛନ୍ତି ବୈଶିଙ୍ଗା ଥାନାଧିକାରୀ।

# ସରକାରୀ ଯୋଜନାରୁ ବଞ୍ଚିତ ଅସହାୟ ବୃଦ୍ଧ ଦମ୍ପତି



**କଳାହାଣ୍ଡି,୯।୧୨(ସଂଚାର ବ୍ୟୁରୋ):** ଆମର୍ ଆରୁ କିଏ ନାଇଁ ବାବୁ। ଆମର୍ ଦୁଃଖ୍ କିଏ ନାଇଁ ବୁଝୁଛନ୍। ଇ ସରକାର କି ନେତା ମନ୍ତ୍ରୀ କିଏ ବି ଆମର୍ ଗୁହାରୀ ନାଇଁ ଶୁଣୁଛନ୍। ସରକାର ଚାଉଲ୍ କାର୍ଡ ନାଇଁ ଦେଇ କି ଆବାସ୍ ଘର୍ ବି ନାଇଁ ମିଳି। ଏନ୍ତାକି ଆମେ ଦୁଇ ବୁଢାବୁଢୀ ଭିତରେ ଜଣକେ ଏକା ଭତ୍ତା ଦେଉଛେ ସରକାର୍। ଆମେ କେତେ ଗୁଲଗୁଲା ନେ ଚଲୁଛୁ କହେଲେ ନାଇଁ ସରେ ବାବୁ।ଚାଉଲ୍ କାର୍ଡ ନାଇଁ ବଲି ଲୁକର୍ ଘର୍ ଘର୍ ବୁଲି ଭିଖ ମାଗି ଚଲୁଛୁ ବାବୁ। କେବେ କେବେ ବେଶୀ ଅସୁବିଧା ହେଲେ ଭୁଖେ ଭି ରହେବାକେ ପଡୁଛେ। ଗୋଟିଏ ଅସହାୟ ବୃଦ୍ଧ ଦମ୍ପତିଙ୍କ କଣ୍ଠରୁ ଏମିତି କୋହଭରା କାହାଣୀ ଶୁଣିବାକୁ ମିଳିଥିଲା। ଏହି ବାସ୍ତବ ଘଟଣା ହେଉଛି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ପାଡେପଦର ପଞ୍ଚାୟତ ଅଧୀନସ୍ଥ ଖମାରପଦର ତୋଟାପଡ଼ାରେ ବସବାସ କରୁଥିବା ବୃଦ୍ଧ ଦମ୍ପତି ଗଦା ମାଝୀ ଏବଂ କେମେଲ୍ ଦେଇଙ୍କ ଜୀବନର କାହାଣୀ। ଉଭୟ ବୟସର ଅପରାହ୍ନରେ। ଅସହାୟ ଅବସ୍ଥାରେ ଏକ ଚାଳମାଟିର କୁଡିଆରେ ଦୁର୍ବିସହ ଜୀବନ କାଟୁଛନ୍ତି। ସ୍ୱାମୀ ଗଦା ମାଝୀଙ୍କ ବୟସ ୭୫ ଏବଂ ତାଙ୍କ ସ୍ତ୍ରୀ କେମେଲ୍ ଦେଇଙ୍କ ବୟସ ୭୦। ପରିବାର କହିଲେ ଆଉ କେହି ନଥିବା ବେଳେ ଦୁହେଁ ଦୁହିଁଙ୍କ ପାଇଁ ଆଶା ଓ ଭରସା। ଏମାନଙ୍କ ପାଇଁ ସରକାରୀ ଯୋଜନା ସାତସପନ ହୋଇପଡ଼ିଛି। ସରକାରୀ ଯୋଜନା କହିଲେ ସ୍ତ୍ରୀ କେମେଲ ଦେଇଙ୍କୁ ସାମାଜିକ ସୁରକ୍ଷା ଯୋଜନାରୁ ୧ ହଜାର ଟଙ୍କା ମିଳୁଛି। ହେଲେ ସ୍ୱାମୀ ଗଦା ମାଝୀ ଏହି ଯୋଜନାରୁ ବଞ୍ଚିତ ରହିଛନ୍ତି। ଦେଶରେ କୌଣସି ଲୋକ ଯେମିତି ଭୋକିଲା ନରହିବେ ସେଥିପାଇଁ ସରକାର ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ଚାଉଳ, ଗହମ ଏବଂ ମାଣ୍ଡିଆ ଯୋଗାଇବା ବ୍ୟବସ୍ଥା କରିଛନ୍ତି ଓ କିନ୍ତୁ ଏହି ବୃଦ୍ଧ ଦମ୍ପତିଙ୍କ ପାଇଁ ଏହି ଯୋଜନା ମଧ୍ୟ ମରୀଚିକା ସାଜିଛି। ଅନ୍ୟ ପଟରେ ଆବାସ ଯୋଜନାରୁ ବଞ୍ଚିତ ରହୁଥିବା ବେଳେ ଚାଳଛପର ସେଇ କୁଡିଆ ହିଁ ମୁଣ୍ଡ ଗୁଞ୍ଜିବାର ଆଶ୍ରୟ ସ୍ଥଳ ପାଲଟିଛି।

SANCHAR
ସଂଚାର
ବୁଧବାର ୧୦ ଡିସେମ୍ବର ୨୦୨୫






# ସକାଳେ ଖାଲି ପେଟରେ ପିଅନ୍ତୁ ଗରମ ପାଣି



**ଉଷୁମ ପାଣି ସହ ଦିନ ଆରମ୍ଭ କରିବା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ବିବେଚନା କରାଯାଏ। ବିଶେଷକରି ଶୀତଦିନେ ଉଷୁମ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ କୌଣସି ଔଷଧଠାରୁ କମ୍ ନୁହେଁ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସକାଳେ ସର୍ବଦା ଉଷୁମ କିମ୍ବା ଗରମ ପାଣି ପିଇବାକୁ ପରାମର୍ଶ ଦିଅନ୍ତି। ଏକ ରିପୋର୍ଟ ଅନୁଯାୟୀ, ସକାଳେ ଉଷୁମ ପାଣି ପିଇବା ଦ୍ୱାରା ହଜମ ପ୍ରକ୍ରିୟାରେ ସାହାଯ୍ୟ, ରକ୍ତ ସଞ୍ଚାଳନରେ ଉନ୍ନତି ଏବଂ ଷ୍ଟ୍ରେସ କମ୍ ହେବା ଭଳି ଅନେକ ଲାଭ ମିଳିଥାଏ। ସକାଳୁ ଉଷୁମ ପାଣି ପିଇବା ଦ୍ୱାରା ପେଟ ଭଲ ଭାବେ ସଫା ହୋଇଥାଏ ଏବଂ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ।**

**ବଡି ଡିଟକ୍ସ:** ଯଦି ଆପଣ ପ୍ରତିଦିନ ସକାଳେ ଉଠି ଗରମ ପାଣି ପିଅନ୍ତି, ତେବେ ଆପଣଙ୍କ ବଡି ଡିଟକ୍ସିଫିକେସନ୍ ହୋଇଥାଏ। ଗରମ ପାଣି ଲସିକା ପ୍ରଣାଳୀକୁ ଆକ୍ଟିଭ କରିଥାଏ ଏବଂ ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ବାହାର କରିବା ପାଇଁ କାମ କରିଥାଏ। ସକାଳେ ଉଷୁମ ପାଣି ପିଇବା ଏକ ପାୱାରଫୁଲ ନ୍ୟାଚୁରାଲ ଡିଟକ୍ସ ପରି କାମ କରେ।

**ଫ୍ୟାଟ କମ୍ ହୁଏ:** ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ସକାଳେ ଗରମ ପାଣି ପିଇବା ଦ୍ୱାରା ଓଜନ କମ୍ ହୋଇଥାଏ। ଯେତେବେଳେ ଆପଣ ନିୟମିତ ଉଷୁମ ପାଣି ପିଇବା ଆରମ୍ଭ କରନ୍ତି, କିଛି ଦିନ ମଧ୍ୟରେ ଆପଣ ଓଜନରେ ପାର୍ଥକ୍ୟ ଲକ୍ଷ୍ୟ କରିବା ଆରମ୍ଭ କରିବେ। ଖାଦ୍ୟରେ ପରିବର୍ତ୍ତନ ନକରି ମଧ୍ୟ ଆପଣଙ୍କ ଶରୀର ଶୀଘ୍ର ଫ୍ୟାଟ ବର୍ନ ପ୍ରକ୍ରିୟା ଆରମ୍ଭ କରେ। ଉଷୁମ ପାଣି ପିଇବା ଦ୍ୱାରା ମେଟାବୋଲିଜିମ୍ ତ୍ୱରାନ୍ୱିତ ହୋଇଥାଏ, ଯାହା ଗଚ୍ଛିତ ଫ୍ୟାଟ ବର୍ନରେ ସାହାଯ୍ୟ କରିଥାଏ।

**ରକ୍ତ ସଞ୍ଚାଳନରେ ଉନ୍ନତି ଆଣେ:** ପ୍ରତିଦିନ ଉଷୁମ ପାଣି ପିଇବା ଦ୍ୱାରା ଶରୀରରେ ଅନେକ ଉନ୍ନତି ଆସିଥାଏ। ଆପଣ ଖାଲି ପେଟରେ ଉଷୁମ ପାଣି ପିଇବାର ଏକ ସପ୍ତାହ ପରେ ଆପଣଙ୍କ ରକ୍ତ ସଞ୍ଚାଳନରେ ଉନ୍ନତି ଦେଖିପାରିବେ। ରକ୍ତବାହୀ ବିସ୍ତାର ହେବ ଏବଂ ଶରୀରରେ ଭଲ ଭାବରେ ରକ୍ତ ପ୍ରବାହିତ ହେବ। ପୋଷକ ତତ୍ତ୍ୱ ଶରୀରରେ ଶୀଘ୍ର ପହଞ୍ଚିବ ଏବଂ ଶରୀରରୁ ମେଟାବୋଲିକ୍ ବର୍ଜ୍ୟବସ୍ତୁ ନିର୍ଗତ ହେବ।

**ହଜମ ପ୍ରକ୍ରିୟାରେ ଉନ୍ନତି ଆଣେ:** ସକାଳୁ ଉଷୁମ ପାଣି ପିଇବା ଦ୍ୱାରା ହଜମ ପ୍ରକ୍ରିୟାରେ ଉନ୍ନତି ଆସେ। ଏହା ଆପଣଙ୍କ ପେଟକୁ ଭଲ ଭାବରେ ସଫା କରିଥାଏ। ଏହା ଶରୀରକୁ ଅଧିକ ସୁସ୍ଥ ଏବଂ ଅଧିକ ଶକ୍ତିଶାଳୀ ରଖେ। ଉଷୁମ ପାଣି ପିଇବା ଦ୍ୱାରା ହଜମ ପ୍ରକ୍ରିୟା ମଧ୍ୟ ଉନ୍ନତ ହୁଏ ଏବଂ ଶରୀରକୁ ପୋଷକ ତତ୍ତ୍ୱ ଯୋଗାଇବାରେ ସହାୟକ ହୁଏ।

**ମୁଣ୍ଡବିନ୍ଧା ଉପଶମ:** ଉଷୁମ ପାଣି ପିଇବା ଦ୍ୱାରା ମୁଣ୍ଡବିନ୍ଧା ମଧ୍ୟ ଦୂର ହୋଇଯାଏ। ଯଦି ଆପଣଙ୍କର ମାଇଗ୍ରେନ୍ କିମ୍ବା ଡିହାଇଡ୍ରେସନ୍ ଯୋଗୁଁ ମୁଣ୍ଡ ବିନ୍ଧା ହେଉଛି ତେବେ ଗରମ ପାଣି ଏକ ପ୍ରାକୃତିକ ଚିକିତ୍ସା ପରି କାମ କରେ। ନିୟମିତ ଭାବରେ ଉଷୁମ ପାଣି ପିଇବା ଦ୍ୱାରା ଆଣ୍ଟି-ଏଜିଂ ପ୍ରଭାବ ମଧ୍ୟ ବଢ଼ିଥାଏ ଯେପରିକି ତ୍ୱଚାକୁ ସଫା ରଖିବା ଏବଂ ତ୍ୱଚା ନରମ ହୋଇଥାଏ। ସକାଳେ ୧ ଗ୍ଲାସ୍ ଉଷୁମ ପାଣି ପିଇବା ଭଲ। ସମସ୍ତେ ଅତି କମରେ ୧ ଗ୍ଲାସ୍ ଉଷୁମ ପାଣି ପିଇବା ଜରୁରୀ। ଯଦି ଆପଣ ପିଇପାରିବେ, ତେବେ ଆପଣ ଏହାକୁ ୨ ଗ୍ଲାସକୁ ବୃଦ୍ଧି କରିପାରିବେ। ଧୀରେ ଧୀରେ ପାଣି ପିଅନ୍ତୁ। ସକାଳୁ ପାଣି ପିଇବା ସମୟରେ ଆଣ୍ଠୁକୁ ଭୂମିରେ ବଙ୍କା କରି ପାଦର ଆଙ୍ଗୁଠି ଉପରେ ବସିବାକୁ ଚେଷ୍ଟା କରନ୍ତୁ। ଯେପରି ସ୍କ୍ୱାଟ୍ କରନ୍ତି। ଏହାଦ୍ୱାରା ପିଇବା ପାଣିର ଲାଭ ଆହୁରି ବୃଦ୍ଧି ପାଇବ।



# ଆଜ୍‌ମା ଆଶଙ୍କା କମାଏ ସନ୍ତୁଳିତ ଓଜନ

ଆଜ୍‌ମା ଏଭଳି ଏକ ସସମ୍ୟା, ଯାହାକୁ ଔଷଧ ଖାଇବା ସହ ଆଉ କେତୋଟି ବିଷୟ ପ୍ରତି ଧ୍ୟାନ ଦେଲେ ତାହା ନିୟନ୍ତ୍ରଣରେ ରହିଥାଏ। ତେବେ ଏଥିରୁ ଦୂରେଇ ରହିବାର ଏକ ସହଜ ତଥା ସରଳ ଉପାୟ ରହିଛି। ତାହା ପୁଣି ହାତ ପାଆନ୍ତାରେ। ଯଦି ଜଣେ ନିଜର ଓଜନକୁ ସନ୍ତୁଳିତ ରଖନ୍ତି ତେବେ ସେ ନିଜକୁ ଆଜ୍‌ମା ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିପାରିବେ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। 'ଆଜ୍‌ମା ଏବଂ ସନ୍ତୁଳିତ ଓଜନ' ଶୀର୍ଷକ ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିଜର ଓଜନ ସନ୍ତୁଳିତ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ଏମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା। ପରିଶେଷରେ ଜଣାପଡ଼ିଲା ଯେ, ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତଙ୍କଠାରେ ଆଜ୍‌ମା ଲକ୍ଷଣ ଦେଖିବାକୁ ମିଳି ନ ଥିଲା। ଏହାର ସଂଯୋଗ ଓଜନ ନିୟନ୍ତ୍ରଣ ସହ ରହିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ସକାଳୁ ଉଠି ଫୋନ୍ ଚଳାଉଛନ୍ତି କି ? ବିଗିଡ଼ିପାରେ ମାନସିକ ସ୍ୱାସ୍ଥ୍ୟ

ଦିନ ସାରା ଫୋନରେ ଲାଗି ରହିବା କେବଳ ଏକ ଅଭ୍ୟାସ ନୁହେଁ, ବରଂ ଏହା ସୁସ୍ଥତା, ଉତ୍ପାଦ କ୍ଷମତା ଓ ନିଦ୍ରାକୁ କ୍ଷତି ପହଞ୍ଚାଇଥାଏ ବୋଲି ଏମ୍ସର ନ୍ୟୁରୋଲୋଜିଷ୍ଟ ଡାକ୍ତର ପ୍ରିୟଙ୍କା ଶେରାୱତ୍ କହିଛନ୍ତି।ଆଜିର ଅତ୍ୟାଧୁନିକ ଦୁନିଆରେ ଆମ ମଧ୍ୟରୁ ଅନେକ ଲୋକ ସକାଳୁ ଉଠିବା ମାତ୍ରେ ଫୋନ୍ ସ୍କ୍ରୋଲ୍ ଆରମ୍ଭକରି ରାତିରେ ଶୋଇବା ସହ ହିଁ ଶେଷ କରିଥାନ୍ତି। ଯଦିଓଏହି କ୍ଷତିକାରକ ଅଭ୍ୟାସ ମନୋରଞ୍ଜନ ଧର୍ମୀ ମନେ ହେଉଥାଏ, କିନ୍ତୁ ଚୁପ୍‌ଚାପ ଭାବେ ଏହା ବ୍ୟକ୍ତିଠାରେ ଉତ୍ପାଦନ କ୍ଷମତା, ମାନସିକ ସ୍ୱାସ୍ଥ୍ୟ ଓ ନିଦ୍ରାର ଚକ୍ରକୁ ନଷ୍ଟକରିଚାଲେ।ଡାକ୍ତର ପ୍ରିୟଙ୍କା ତାଙ୍କ ଇନଷ୍ଟାରେ ଏହି ଅଭ୍ୟାସ ପଛରେ ଥିବା ବିଜ୍ଞାନକୁ ଦର୍ଶାଇବା ସହ ଏହି ଚକ୍ରକୁ ଭାଙ୍ଗିବାର ସରଳ ଉପାୟ ଜଣାଇଛନ୍ତି। ଯଦି ସକାଳେ ଉଠି ତୁରନ୍ତ ମୋବାଇଲ୍ ଦେଖିବା ଆରମ୍ଭ କରୁଥାନ୍ତି, ତେବେ ଅନେକ ଅନାବଶ୍ୟକ ଜିନିଷ ଗ୍ରହଣ କରୁଛନ୍ତି। ଫଳରେ ବ୍ୟକ୍ତି ତା' ଜୀବନର ଦୈନନ୍ଦିନଯୋଜନା, ସାରାଦିନର କାର୍ଯ୍ୟ ଦକ୍ଷତା ଓ ଦୈନନ୍ଦିନଜୀବନର ଚକ୍ରକୁ ପ୍ରଭାବିତ କରିଥାନ୍ତି। ଫଳରେ ବ୍ୟକ୍ତିଦିନରେ କରିବାକୁ ଥିବା ବିଭିନ୍ନ କାମ ତାଲିକାକୁ ଗୁରୁତ୍ୱଦେଇପାରି ନଥାନ୍ତି ବୋଲି ଡାକ୍ତର ପ୍ରିୟଙ୍କା କହିଛନ୍ତି। ଡାକ୍ତରଙ୍କ ଅନୁସାରେ,ଏହି ଅଭ୍ୟାସ ସମଗ୍ର ସୁସ୍ଥତାକୁ ପ୍ରଭାବିତ କରିଥାଏ। ଏହି ସମୟରେ ଚିନ୍ତା ବଢିବାସହ ମୁଣ୍ଡବିନ୍ଧା ମଧ୍ୟ ବଢିଥାଏ। ଡାକ୍ତରଙ୍କ ମତରେ ଏହି ଚକ୍ରକୁ ଭାଙ୍ଗିବା ପାଇଁ ଏକ ସଂରଚିତ ରୁଟିନ୍ ସୃଷ୍ଟି କରିବା ଦରକାର। ଏହି ରୁଟିନରେ ସକାଳ ସ୍କ୍ରିନ୍ ମୁକ୍ତ ହେବାଜରୁରି। ବରଂ ଦିନର ଆଲୋକ ସହ ଘରର ବିଭିନ୍ନ କୋଣ ଅନୁକୋଣକୁ ଦେଖିବା ଓ ପରିବାର ସହ ସମୟବିତାନ୍ତୁ। ପରିବାର ସଦସ୍ୟଙ୍କ ଗତିବିଧି ଲକ୍ଷ୍ୟ କରନ୍ତୁ।ରାତିରେ ସ୍କ୍ରିନ୍ ଏକ୍ସପୋଜକୁ ସୀମିତ କରନ୍ତୁ। ବିଶେଷକରି ଶୋଇବା ପୂର୍ବରୁ ସ୍କ୍ରିନ୍‌ରୁ ଦୂରେଇ ରହିବା ଦ୍ୱାରା ନିଦ୍ରାରଗୁଣବତ୍ତା ବଢିବା ଓ ଚାପ ହ୍ରାସ କରିପାରିବେ।



# କଞ୍ଚା ଭୁର୍ସଙ୍ଗ ପତ୍ର ଚୋବାନ୍ତୁ କେଶ ଝଡ଼ିବା ବନ୍ଦ ହେବ

ଆଜିକାଲିର ଦୈନିକ ଜୀବନଚର୍ଯ୍ୟା ବଦଳୁଛି। ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଯୋଗୁଁ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବିଭିନ୍ନ ରାସାୟନିକ ପଦାର୍ଥର ବ୍ୟବହାର ହେତୁ ଆମ ତ୍ୱଚା ଓ କେଶରେ ମଧ୍ୟ ପ୍ରଭାବ ପରିଲକ୍ଷିତ ହେଉଛି। ଏବେ କେଶ ଝଡ଼ିବା ଯୁବପିଢ଼ିଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ। ତେବେ ଭୁର୍ସଙ୍ଗ ପତ୍ର ଖାଲି ରୋଷେଇରେ ବ୍ୟବହାର ହୁଏନି, ଏହାକୁ ସୌନ୍ଦର୍ଯ୍ୟ ଓ ପ୍ରସାଧନରେ ମଧ୍ୟ ବ୍ୟବହାର କରାଯାଏ। ଏହା ଶରୀର ସାଙ୍ଗକୁ କେଶ ଓ ତ୍ୱଚାର ସ୍ୱାସ୍ଥ୍ୟ ପାଇଁ ବି ଉପକାରୀ। କାରଣ ଭୁର୍ସଙ୍ଗ ପତ୍ରରେ ଭରି ରହିଛି ପ୍ରଚୁର ପରିମାଣର ଭିଟାମିନ୍ ଏ, ବି, ସି ଓ ଡି ଏବଂ ଏହାସହିତ କ୍ୟାଲ୍‌ସିୟମ୍, ଆଇରନ୍ ଓ ଫସ୍‌ଫରସ୍ ପରି ମିନେରାଲ୍‌ସ। ବିଭିନ୍ନ ପୋଷକ ତତ୍ତ୍ୱରେ ଭରି ରହିଥିବାରୁ ଏହାକୁ ଖାଦ୍ୟରେ ସାମିଲ କରିବାକୁ ଅନେକ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦିଅନ୍ତି। ତେବେ କଞ୍ଚା ଭୁର୍ସଙ୍ଗ ପତ୍ର ଚୋବାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ହୁଏ। ଏଥିରେ ଥିବା ବିଟା-କାରୋଟିନ୍ ଓ ପ୍ରୋଟିନ୍ କେଶକୁ ମୋଟା ଓ ଚିକ୍କଣ କରିବା, କେଶ ଝଡ଼ିବା ବନ୍ଦ, କେଶ ମୂଳ ଶକ୍ତ କରିବାରେ ସାହାଯ୍ୟ କରେ। ଖାଲି ସେତିକି ନୁହେଁ ତ୍ୱଚାର କୋଷ ବୃଦ୍ଧି, ରକ୍ତ ସଂଚାଳନ ବଢ଼ାଇବା ସହିତ ତ୍ୱଚା ସମସ୍ୟାରୁ ମୁକ୍ତିଦିଏ ବୋଲି କିଛି ବିଶେଷଜ୍ଞ ମତ ଦିଅନ୍ତି। ଭୁର୍ସଙ୍ଗ ପତ୍ରକୁ ପ୍ରଥମେ ପ୍ରଥମେ କମ୍ ପରିମାଣର ଚୋବାଇ ଖାଆନ୍ତୁ। ଅଧିକ ପରିମାଣର ଖାଇଲେ ହୁଏତ ଆଲର୍ଜି ରିଆକ୍ସନ୍, ହଜମ ଜନିତ ସମସ୍ୟା ପରି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ଏଣୁ ଏହାକୁ ଖାଇବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରି ଖାଇବା ଉଚିତ୍। ବିଶେଷ କରି ଗର୍ଭବତୀ ମହିଳାମାନେ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଆବଶ୍ୟକ।



## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ

**ସୁବର୍ଣ୍ଣପୁର,୯।୧୨ (ସଂଚାର ବ୍ୟୁରୋ):** ବରିଷ୍ଠ ନାଗରିକ ସଂଗଠନ ଖଣ୍ଡହତାର ସାପ୍ତାହିକ ବଜାର ପ୍ରାଙ୍ଗଣରେ ବରିଷ୍ଠ ନାଗରିକ ମାନଙ୍କର ପରିଚୟ ପତ୍ର ବଣ୍ଟନ ତଥା ସାଇବର୍ କ୍ରାଇମ୍ ଉପରେ ଏକ ଉତ୍ସବ କରାଯାଇଥିଲା । ବୈଠକ ରେ ସଭାପତିତ୍ୱ କରିଥିଲେ ଉପସଭାପତି କେଶବ ପଧାନ, ମୁଖ୍ୟ ବକ୍ତା ଭାବରେ ଶ୍ରୀ କୃଷ୍ଣଚନ୍ଦ୍ର ପାଢ଼ୀ, ସମ୍ମାନୀତ ଅତିଥି ଭାବରେ ଡ଼ ପ୍ରଫୁଲ୍ଲ କୁମାର ରଥ ଓ ଦୟାନିଧି ହୋତା,ମୁଖ୍ୟ ଅତିଥି ଭାବରେ ପୋଲିସ୍ ଅଧିକାରୀ ହେମନ୍ତ ରାଓ ଯୋଗ ଦେଇଥିଲେ । ସମ୍ପାଦକ ଶ୍ରୀଯୁକ୍ତ ଘାସିରାମ ମଲ୍ଲିକ୍ ଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ତଥା ଅନ୍ୟାନ୍ୟ କାର୍ଯ୍ୟ କରାଯାଇଥିଲା । ମଞ୍ଚ ପରିଚାଳନା କରିଥିଲେ ଶ୍ରିଯୁକ୍ତ ଅକ୍ଷୟ କୁମାର ମିଶ୍ର ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀ ମୁରାରୀ କୁମାର ମିଶ୍ର । ୭୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ମାନଙ୍କର ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଏସ୍‌ଡିପିଓ ଶ୍ରୀ ରାଓ ସ୍ତାଇବର କ୍ରାଇମ୍ ଉପରେ ସମସ୍ତଙ୍କୁ ସଚେତନ କରାଥିଲେ ।

# ଜିଲ୍ଲା ଖଣିଜ ପାଣ୍ଠିରେ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

### ପ୍ରଶାସନ ନୀରବ କାହିଁକି ?



**କଳିଙ୍ଗନଗର,୯।୧୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପଞ୍ଚାୟତରେ ଜିଲ୍ଲା ଖଣିଜ ପାଣ୍ଠି ରେ ନିର୍ମିତ ଷ୍ଟାଡିୟମ, ଶିକ୍ଷା ବିକାଶ ଗୃହ, ସମୁଦାୟ ଭବନ ଓ ଅନ୍ୟାନ୍ୟ ବିକାଶ ପ୍ରକଳ୍ପର ଗୁଣମାନ ନେଇ ଗମ୍ଭୀର ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ବାସିନ୍ଦାଙ୍କ କଥାରେ "ଅର୍ଦ୍ଧ ନିର୍ମିତ କାମ, ନିମ୍ନମାନର ସାମଗ୍ରୀ ଓ ନିରୀକ୍ଷଣର ପୂର୍ଣ୍ଣ ଅଭାବ ଏଇଠି ଜିଲ୍ଲା ଖଣିଜ ପାଣ୍ଠି ବ୍ୟୟ ର ପ୍ରକଳ୍ପର ଯଥାର୍ଥ ଚିତ୍ର।" ଅନେକ ନୂଆ ଷ୍ଟାଡିୟମରେ ଫାଟ ପଡ଼ିବା, ବାଲିର ମାଟିରେ ଭରା କାମ, ଡ୍ରେନେଜ୍ ଅପୂର୍ଣ୍ଣ ଓ ଗ୍ୟାଲେରୀ- ଚେଞ୍ଜିଂ ରୁମରେ ତ୍ରୁଟି— ଏସବୁ ଦୃଶ୍ୟ ନେଇ ସ୍ଥାନୀୟ ଲୋକ ତୀବ୍ର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ସାମାଜିକ କର୍ମୀଙ୍କ ଦାବି "ଏହା ଶସ୍ତା କାମ ନୁହେଁ, ଜିଲ୍ଲା ଖଣିଜ ପାଣ୍ଠି ଲୋକଙ୍କ ଅଧିକାରର ଟଙ୍କା। ଏଥିରେ ତ୍ରୁଟି ହେଲେ ସେଥିରେ ଦୋଷୀଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ଦରକାର।" କିନ୍ତୁ ପ୍ରଶାସନ ନୀରବ ରହିବାର କାରଣ କଣ ? ଗୁଣମାନ ଯାଞ୍ଚ, ମେଜରମେଣ୍ଟ ବୁକ୍ ପରୀକ୍ଷା, ସ୍ଥଳ ନିରୀକ୍ଷଣ ଏସବୁ ମୁଖ୍ୟ ପ୍ରକ୍ରିୟାରେ ଅନିୟମିତି ସ୍ପଷ୍ଟ ହୋଇଥିବା ସତ୍ୱେ ଯାଜପୁର ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଏପର୍ଯ୍ୟନ୍ତ କୌଣସି କଠୋର ପଦକ୍ଷେପ ନେଇନାହାନ୍ତି। ଏହାକୁ ନେଇ ଜନମତରେ ପ୍ରଶ୍ନ ଉଠୁଛି।

ବିଭାଗୀୟ ଅଧିକାରୀ ମଧ୍ୟ କହୁଛନ୍ତି ଯେ ଏହା କେନ୍ଦ୍ରସରକାରଙ୍କ ଦ୍ୱାରା ଅନୁବନ୍ଧିତ କମ୍ପାନୀ ହୋଇଥିବାରୁ ଜିଲ୍ଲା ସ୍ତରର କୌଣସି ବିଭାଗ କାର୍ଯ୍ୟ ତଦାରଖ କରୁନାହାନ୍ତି। ଏହି ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାର ଫଳରେ ପୂର୍ବ ସରକାର ସମୟରେ ନିର୍ମିତ ୫ଟି ବିଦ୍ୟାଳୟ ଅଧକଚରା କାମ ହୋଇଥିବା ଉଦାହରଣ ଆଜିଯାଏ ଦେଖିବାକୁ ମିଳୁଛି।

ତେବେ ପ୍ରଶ୍ନ ଗୁଡ଼ିକ— ଜିଲ୍ଲା ଖଣିଜ ପାଣ୍ଠି ଅର୍ଥରେ ହେଉଥିବା ପ୍ରକଳ୍ପର ଗୁଣମାନ ଯାଞ୍ଚ କିଏ କରୁଛି? କେଉଁଠି ଅଟେ ସ୍ଥଳ ନିରୀକ୍ଷଣ ରେକର୍ଡ? ଅନିୟମିତିର ଅଭିଯୋଗ ଉଠିଲେ ମଧ୍ୟ ପ୍ରଶାସନ କାହିଁକି ନୀରବ? ଜିଲ୍ଲା ଖଣିଜ ପାଣ୍ଠି ରେ ହେଉଥିବା ଦୁରୁପଯୋଗକୁ ରୋକିବା ପାଇଁ କେବେ ହେବ ଉଚ୍ଚସ୍ତରୀୟ ତଦନ୍ତ?

## ୪ କୁଖ୍ୟାତ ଅପରାଧୀ ଗିରଫ, ବଲେରୋ ଓ ମଟର ସାଇକେଲ ଜବତ



**କଣାସ,୯।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକରୁ ବୋଲେରୋ, ମଟର ସାଇକେଲ, ମେଣ୍ଢା, ଛେଳି, ଗାଈଗୋରୁ, ଚୋରି କରି ପୋଲିସ ର ନିଦ ହଜାଇଦେଇଥିଲେ, ଗତ ୬ତାରିଖି ଦିନ କଣାସ ଥାନା କଣାସ ହାଟ ବଜାର ଚାଲିଆ ମଧ୍ୟରେ ଥିବା ବୋଲେରୋ ଏବଂ ବାଲିପାଟଣା ଗ୍ରାମରୁ ଚୋରି ଯାଇଥିବ, ପଲସର ମଟର ସାଇକେଲର ଦୁଇ ମାଲିକ କଣାସ ଥାନାରେ ଏତଲା ଦେବାପରେ ପୁରୀ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚିନ ପଟେଲଙ୍କ ତତ୍ତ୍ୱାବଧାନରେ କଣାସ ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ, ପିପିଲି ଏସ ଡି ପି ଓ ଦେବାଶିଷ ମିଶ୍ର ଓ କେତେକ ପୋଲିସ ଅଧିକାରୀ ଏକ ଟିମ ଗଢି ଅନୁସନ୍ଧାନ କରି ପିପିଲି ଟୋଲ ଗେଟ ନିକଟରୁ କଣାସରୁ ଚୋରି ଯାଇଥିବା ବୋଲେରୋ ଏବଂ ପଲସର ମଟର ସାଇକେଲ କୁ ଜବତ କରି ଚାରି ଜଣଙ୍କୁ ଗିରଫ କରିଥିଲେ। କଣାସ ଥାନା କେସ ନଂ ୨୮୧/୨୫ ଏବଂ ୨୮୨/୨୫ ଦୁଇଟି ମକଦମା ରୁଜୁ କରି ଆସାମୀ ମାନଙ୍କୁ ଆଜି କୋର୍ଟ ଚାଲାଣ କରିଛନ୍ତି. ଏହି ଆସାମୀ ମାନେ ବହୁ ଚୋରି ରେ ସମ୍ପୃକ୍ତ ଥିବା ଅତିରିକ୍ତ ଏସ ପି ଶ୍ରୀ ପଟେଲ ଆଜି ଏକ ସାମ୍ବାଦିକ ସମିଳନୀରେ ପ୍ରକାଶ କରିଥିଲେ. ଏହି ଚୋରି ରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ସମ୍ପର୍କରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଶ୍ରୀ ପଟେଲ ପ୍ରକାଶ କରିଥିଲେ।

# ୧୬ରୁ ହେବ ଗୃହରକ୍ଷୀ ଶାରୀରିକ ପରୀକ୍ଷା

**ସୁବର୍ଣ୍ଣପୁର,୯।୧୨ (ସଂଚାର ବ୍ୟୁରୋ):** ଆସନ୍ତା ୧୬ ତାରିଖରୁ ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମ୍ ଠାରେ ଆରମ୍ଭ ହେବାକୁ ଥିବା ଗୃହରକ୍ଷୀ ଶାରିରିକ ପରୀକ୍ଷା ପାଇଁ ଜିଲ୍ଲା ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଏଥିପାଇଁ ସର୍ବ ମୋଟ ୪୭୯୮ଜଣ ଆବେଦନ କାରୀଙ୍କ ମଧ୍ୟରୁ ୩୨୪୮ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଯୋଗଦେଇ ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ୧୬୫୪ଜଣ ପ୍ରାର୍ଥୀ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ୧୬ ତାରିଖରେ ଆରମ୍ଭ ହେବାକୁ ଥିବା ଶାରିରୀକ ପରୀକ୍ଷା ପାଇଁ ବିବେଚିତ ହୋଇଥିବା ବିଷୟ ଆଜି ଜିଲ୍ଲା ପୋଲିସ ଅଫିସ ସଭା ଗୃହ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୁବର୍ଣ୍ଣପୁର ଏସପି ଶ୍ରୀ ନାରାୟଣ ନାଏକ ସୂଚନା ଦେଇଛନ୍ତି । ସମସ୍ତ ପରୀକ୍ଷାର୍ଥୀଙ୍କୁ ୧୬ ତାରିଖରୁ ୨୦ ତାରିଖ ଯାଏ ମେଡିକାଲ୍ ଓ ଫିଜିକାଲ୍ ଟେଷ୍ଟ କରାଯିବାକୁ ସ୍ଥିର ହୋଇଥିବା ବେଳେ ମହିଳା ପରିକ୍ଷାର୍ଥୀଙ୍କ ପାଇଁ ସମସ୍ତ ଥାନା ଅଞ୍ଚଳରେ ୧୯ ତାରିଖରେ



ସ୍ୱତନ୍ତ୍ର ଭାବେ ପରୀକ୍ଷା ପାଇଁ ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ନାଏକ ସୂଚନା ଦେଇଥିଲେ। ଶାରିରୀକ ପରୀକ୍ଷା ପରେ ଜିଲ୍ଲାରେ ମୋଟ ୯୨ ଗୋଟି ଗୃହରକ୍ଷୀ ପଦବୀ ପୂରଣ ପାଇଁ ଖୁବ ଶୀଘ୍ର ନିଯୁକ୍ତି ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ମେରିଟ ପରିକ୍ଷାର୍ଥୀ ମାନେ କୌଣସି ପ୍ରକାର ପ୍ରଲୋଭନର ଶିକାର ନ ହୋଇ ଶେଷ ପର୍ଯ୍ୟାୟର ଶାରିରିକ ପରୀକ୍ଷା ରେ କୃତ କାର୍ଯ୍ୟ ହେବାକୁ ପ୍ରୟାସ କରିବାକୁ ଓ ପୁରା ସ୍ୱଚ୍ଛତାର ସହିତ ଏ ପରୀକ୍ଷାର ଫଳାଫଳ ପ୍ରକାଶ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ବିଷୟ ଆଜି ମିଡ଼ିଆ ମାଧ୍ୟମ ରେ ଏହାର ପ୍ରଚାର ପ୍ରସାର ପାଇଁ ଏସପି ଶ୍ରୀ ନାଏକ ଅନୁରୋଧ କରିଛନ୍ତି ।

## ମୟୂରଭଞ୍ଜ ବୁଦ୍ଧିଜୀବୀ ମଣ୍ଡଳୀ ତରଫରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



**ବାରିପଦା, ୯।୧୨ (ସଂଚାର ବ୍ୟୁରୋ):** ଆଜି ମୟୁରଭଞ୍ଜ ଜିଲ୍ଲା ତଥା ବାରିପଦାର ବୁଦ୍ଧିଜୀବୀ ମଣ୍ଡଳୀ ତରଫରୁ ମୟୁରଭଞ୍ଜର ସବୁଅଞ୍ଚଳକୁ ନେଇ ସାମଗ୍ରୀକ ବିକାଶ ପାଇଁ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଅଛି। ଦାବୀ ମୁତାବକ ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଚାରି ଗୋଟି ବିଶ୍ୱସ୍ତରୀୟ ଅନୁଷ୍ଠାନ ରାଇରଙ୍ଗପୁର ଠାରେ ଉଦଘାଟନ କରିବାର ସ୍ଥିର କରିଛନ୍ତି ବୋଲି ବିଭିନ୍ନ ଗଣମାଧ୍ୟମରୁ ଜଣାଯାଇଛି। ତେବେ ମୟୁରଭଞ୍ଜ ୪ଟି ସବଡ଼ିଭିଜନ ଥିବା ଓଡ଼ିଶାର ସର୍ବ ବୃହତ୍ତ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ଏହା ପୂର୍ବରୁ ଏକ ଗଡ଼ଜାତ ରାଜ୍ୟ ଥିବାରୁ ବିଭିନ୍ନ ଉପଖଣ୍ଡର ଅଧିବାସୀଙ୍କ ଭିତରେ ବିଭିନ୍ନତା ପରିଲକ୍ଷିତ ହୋଇଥାଏ। ମୟୁରଭଞ୍ଜର ସବୁ ଅଞ୍ଚଳକୁ ନେଇ ଏହାର ସାମଗ୍ରୀକ ବିକାଶ ପାଇଁ ରାଇରଙ୍ଗପୁର ଠାରେ ଭିତ୍ତିପ୍ରସ୍ତର ସ୍ଥାପିତ ହେବାକୁ ଥିବା ୪ଟି ବୃହତ ପ୍ରକଳ୍ପ ମଧ୍ୟରୁ ୨ଟି ପ୍ରକଳ୍ପ ରାଇରଙ୍ଗପୁର ଠାରେ ସ୍ଥାପନ କରାଯାଇ ଅନୁନ୍ୟ ଗୋଟିଏ କରଞ୍ଜିଆ ଏବଂ ଗୋଟିଏ ଉଦଳା ଠାରେ ସ୍ଥାପନ କରାଯିବା ସହ ବାରିପଦା ଉପଖଣ୍ଡର ବିକାଶ ପାଇଁ ମଧ୍ୟ ସ୍ୱତନ୍ତ୍ର ପ୍ରକଳ୍ପ ସ୍ଥାପନ କରାଯିବାକୁ ଦାବୀ କରାଯାଇଛି. ଦାବିପତ୍ର ପ୍ରଦାନ ବେଳେ ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସଭାପତି ଶରତ ଚନ୍ଦ୍ର ନାୟକ, ଆଇନଜୀବୀ ଅରବିନ୍ଦ ଦାସ, ମୃତ୍ୟୁଞ୍ଜୟ ଦିଢ଼େଦି, ପୂର୍ଣ୍ଣ ଚନ୍ଦ୍ର ଜେନା, ରାଜେନ୍ଦ୍ର ମହାନ୍ତ, ପିତାମ୍ବର ମଲ୍ଲିକ, ନନ୍ଦଲାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ନିମ୍ନମାନର ପାଣିଟାଙ୍କି ନିର୍ମାଣକୁ ସ୍ଥାନୀୟ ଲୋକଙ୍କ ବିରୋଧ



**ବାଲିଆପାଳ,୯।୧୨ (ସଂଚାର ବ୍ୟୁରୋ):** ଦୁର୍ନୀତିର ଗନ୍ତାଘର ପାଲଟିଛି ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଜଳ ଯୋଗାଣ ଓ ପରିମଳ ବିଭାଗ। ବିଭାଗୀୟ ଯନ୍ତ୍ରୀ ଆଉ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ନିର୍ମାଣ ହେଉଛି ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ। ବିଭିନ୍ନ ସ୍ଥାନରେ ନିମ୍ନମାନରେ ପାଣି ଟାଙ୍କି ନିର୍ମାଣ ହୋଇଥିବାରୁ ଲୋକେ ଠିକ ଭାବରେ ସ୍ୱଚ୍ଛ ଜଳ ବ୍ୟବହାର କରି ପାରୁ ନାହାନ୍ତି। ସେଥି ପାଇଁ ବାଲିଆପାଳ ବ୍ଲକରେ ଫେଲ ମରିଥିଲା ପାନୀୟ ଜଳ ଯୋଗାଣ ପ୍ରକଳ୍ପ। ମେଗା ପ୍ରକଳ୍ପ ପାଇଁ ଅସ୍ତି ଗ୍ରାମପଞ୍ଚାୟତ ଠାରେ ଏକ କୋଟି କୋଟି ଟଙ୍କାରେ ତିଆରି ହୋଇଥିବା ଓଭର ହେଡ ପାଣି ଟାଙ୍କି କାମ ନିମ୍ନମାନର ଚାଲିଛି।

ଅସ୍ତି ପଞ୍ଚାୟତର ଡାଲୁଆ ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପର ବିକଳ ଚିତ୍ର। ଓଭରହେଡ ଟାଙ୍କି କାମରେ ନିମ୍ନମାନର ବାଲି, ସିମେଣ୍ଟ ଓ ଚିପ୍ସ ବ୍ୟବହାର ହେଉଥିବା ବେଳେ ସଠିକ ଭାଗ ମାପରେ କାମ ହେଉନି ବୋଲି ୱାର୍ଡ ମେମ୍ବର ସାହିତ୍ୟ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାରେବି କାର୍ଯ୍ୟ ସେମିତି ନିମ୍ନ ମାନର ଚାଲିଛି। ତେବେ ପ୍ରଶ୍ନ ଉଠୁଛି କୋଟି କୋଟି ଟଙ୍କାର ପାଣି ଟାଙ୍କି ହୋଇଛି କାହା ସ୍ୱାର୍ଥରେ? ଟାଙ୍କିର ଏଭଳି ନିମ୍ନମାନର ନିର୍ମାଣ ପାଇଁ ଦାୟୀ କିଏ?ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ସହ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ମେ

ଗା ପ୍ରକଳ୍ପ ପାଇଁ ବିଛାଯାଇଥିବା ପାଇପ ଗୁଡିକ ନିୟମ ମୁତାବକ ୩ଫୁଟ ଗଭୀର ତଳେ ପୋତା ନଯାଇ କେଉଁଠାରେ ଏକଫୁଟ ତ ଅନ୍ୟ କେଉଁଠାରେ ୨ ଫୁଟ ଗଭୀର କରି ପାଇପ ଗୁଡାକ ପୋତାଯାଇଅଛି। ପାନୀୟ ଜଳ ଯୋଗାଇବା ପାଇଁ ବିଭିନ୍ନ ଯାଗାରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ପାଇଁ ବ୍ୟବସ୍ଥା ଥିଲେ ବି ସେସବୁ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯାଇନାହିଁ। ଏହି କାର୍ଯ୍ୟ ରେ ମଧ୍ୟ ମହା ଦୁର୍ନୀତି ହୋଇଛି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି।

## ବିଦ୍ୟାଳୟ ହତାରେ ଛାତ୍ରକୁ ମରଣାତ୍ମକ ଆକ୍ରମଣ, ହସ୍ପିଟାଲରେ ଭର୍ତ୍ତି



**ବାଲିଆପାଳ,୯।୧୨ (ସଂଚାର ବ୍ୟୁରୋ):** ରାଇବଣିଆ ଥାନା ଚମାର ପଞ୍ଚାୟତ ସ୍ଥିତ ଗୋପୀନାଥ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାରପିଟ୍ ହୋଇ ଜଣେ ଦଶମ ଶ୍ରେଣୀ ଗୁରୁତର ଆହତ ହୋଇଛନ୍ତି।ସୂଚନା ଅନୁସାରେ ସୋମବାର ୩ଟା ବେଳେ ବିଦ୍ୟାଳୟ ଚାଲିଯିବା ବେଳେ, ଆହତ ଛାତ୍ର ର ବାପା ପଞ୍ଚାନନ ଦେ ଙ୍କ ବିଷୟରେ କାଛରେ ଆପତ୍ତି ଜନକ ଶବ୍ଦ ଦେଖି ପ୍ରତିବାଦ କରିଥିଲେ।ଫଳରେ ନିକଟରେ ଥିବା ଦୁଇ ସହପାଠୀ ଛାତ୍ର ତାକୁ ନିର୍ଦ୍ଧୁମ ମାଡ଼ ମାରିଥିଲେ। ସଂଗେ ସଂଗେ ପରିବାର କୁ ଜଣାଇ ହିନ୍ଦି ଓ କଳା ଶିକ୍ଷକ ଟୋଟ ଯୋଗେ ଜିକେ ଭଞ୍ଜର ହସ୍ପିଟାଲ କୁ ଆଣିଥିଲେ।ଆହତ ଛାତ୍ର ଚିକିତ୍ସାଧୀନ ଥିବା ବେଳେ ସକାଳେ ବିଭିନ୍ନ ପରୀକ୍ଷା ହେବ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ ଯୋଗ୍ୟ ୨ମାସ ପୂର୍ବେ ସେହି ବିଦ୍ୟାଳୟରେ ଉକ୍ତ ଛାତ୍ର ମଧ୍ୟ ସହପାଠୀଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ, ପରିଚାଳନା କମିଟି ଓ ଛାତ୍ର ପରିବାରକୁ ବସାଇ ସମାଧାନ ହୋଇଥିଲା। ଟିୟୁସନ ପଢାକୁ ନେଇ ଗଣ୍ଡଗୋଳର ସୁତ୍ରପାତ କଥା ଆସୁଥିବା କୁହାଯାଉଛି। ଉକ୍ତ ବିଦ୍ୟାଳୟରେ ବାରମ୍ବାର ଛାତ୍ର ଗୋଷ୍ଠଗୋଳକୁ ନେଇ ଅଭିଭାବକ ମହଲରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଯାଜପୁର ଜିଲ୍ଲା ଜୁନିୟର କବାଡ଼ି ଖେଳାଳି ଚୟନ ୧୧ରେ

**ଯାଜପୁର ରୋଡ଼,୯।୧୨(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ପାଣିକୋଇଲିସ୍ଥିତ କାଙ୍କଲ ଖେଳ ପଡ଼ିଆଠାରେ ବାସୁଦେବ କ୍ଲବ୍ ସହଯୋଗରେ ଯାଜପୁର ଜିଲ୍ଲା ପାଇଁ ଜୁନିୟର ବିଭାଗର (ଉଭୟ ବାଳକ ଓ ବାଳିକା) କବାଡ଼ି ଖେଳାଳୀ ଚୟନ କରାଯିବ। ଉକ୍ତ ଖେଳରୁ ଖେଳାଳୀ ଚୟନ କରାଯାଇ ଆସନ୍ତା ୧୪ ରିଖରେ କଟକ ଠାରେ ହେବାକୁ ଥିବା ରାଜ୍ୟ ଦଳ ଚୟନ ଶିବିରକୁ ପ୍ରେରଣ କରାଯିବ। ଏହି ଖେଳରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଖେଳାଳୀ ମାନଙ୍କ ବୟସ ଯଥା ବାଳିକା ମାନଙ୍କର ତା-୨୮.୧୨.୨୦୨୫ରିଖ ସୁଧା ୨୦ ବର୍ଷରୁ କମ୍ ଏବଂ ଓଜନ ୬୫ ରୁ କମ୍ ହୋଇଥିବା ଆବଶ୍ୟକ ବେଳେ ବାଳକ ମାନଙ୍କର ବୟସ ତା-୧୮.୦୧.୨୦୨୬ରିଖ ସୁଧା ୨୦ ବର୍ଷରୁ କମ୍ ଏବଂ ଓଜନ ୭୫ ରୁ କମ୍ ହୋଇଥିବା ଆବଶ୍ୟକ। ଏଣୁ ସମସ୍ତ ଖେଳାଳୀମାନେ ନିଜର ବୟସଗତ ପ୍ରମାଣ ପତ୍ର, ଆଧାର କାର୍ଡ଼ ସହିତ ଦିବା ୨ ଘଟିକାରେ ପହଞ୍ଚିବାକୁ କୁହାଯାଇଛି।

## କଣାସ ରୋଡ଼ ଷ୍ଟେସନ ସମସ୍ୟା ନେଇ ଖୋର୍ଦ୍ଧାରୋଡ଼ ଡିଆରଏମଙ୍କ ସହ ପ୍ରତିନିଧି ମଣ୍ଡଳଙ୍କ ଆଲୋଚନା

## ଭୁଲ ପରିସଂଖ୍ୟାନ ଦର୍ଶାଇଛନ୍ତି ରେଳ କର୍ତ୍ତୃପକ୍ଷ



**କଣାସ,୯।୧୨ (ସଂଚାର ବ୍ୟୁରୋ):** ପୂର୍ବ ତଟ ରେଳପଥର ଖୋର୍ଦ୍ଧାରୋଡ଼ -ପୁରୀ ମଧ୍ୟବର୍ତ୍ତୀ କଣାସ ରୋଡ଼ ଷ୍ଟେସନ ସମସ୍ୟା ସମାଧାନ ନେଇ କଣାସ ଓ ଡେଲାଙ୍ଗ ବ୍ଲକର ବିଶିଷ୍ଟ ବ୍ୟକ୍ତି ତଥା ବରିଷ୍ଠ ରେଳ ଯାତ୍ରୀଙ୍କୁ ନେଇ ଗଠିତ କଣାସରୋଡ଼ ରେଳ ଉପଭୋକ୍ତା ପରିଷଦର ପ୍ରତିନିଧି ମଣ୍ଡଳ ମଙ୍ଗଳବାର ଖୋର୍ଦ୍ଧାରୋଡ଼ ଡିଭିଜନାଲ ରେଳପଥ ମ୍ୟାନେଜର ଆଲୋକ ତ୍ରିପାଠୀଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହ ତଥ୍ୟ ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। କଣାସରୋଡ଼ ଷ୍ଟେସନରେ ଯାତ୍ରୀ ସଂରକ୍ଷଣ ସେବା ଉଚ୍ଛେଦ ପ୍ରତିବାଦ ସହ ବହୁ ଦିନର ଦାବି ପୁରୀ-ବଡ଼ବିଲ- ପୁରୀ ଇଣ୍ଟର ସିଟି ଏକ୍ସପ୍ରେସ ଟ୍ରେନ ରହଣି ସମ୍ପର୍କରେ ପ୍ରତିନିଧିମାନେ ଆଲୋଚନା କରିଥିଲେ। ଖୋର୍ଦ୍ଧାରୋଡ଼ କମରସିଆଲ ଡିଭିଜନାଲ ମ୍ୟାନେଜର କଣାସ ରୋଡ଼ ଷ୍ଟେସନରେ ଦୈନିକ ହାରାହାରି ୧୧ ଟି ସଂରକ୍ଷଣ ଟିକେଟ ବିକ୍ରି ହେଉଥିବା ଦର୍ଶାଇ ଏହି ସେବା ଉଚ୍ଛେଦ ପାଇଁ ଆଦେଶ ପତ୍ର ଜାରି କରିଥିଲା ବେଳେ ରେଳ ଉପଭୋକ୍ତା ପରିଷଦ ୨୦୨୫ ଜାନୁଆରୀ ରୁ ଅକ୍ଟୋବର ୧୦ ମାସ ମଧ୍ୟରେ ୭୭୮୦ ସଂରକ୍ଷଣ ଟିକେଟ ବିକ୍ରି ହୋଇ ୯୧ ଲକ୍ଷ ୮୮ ହଜାର ୩ ଶହ ଟଙ୍କା ରେଳ ରାଜସ୍ୱ ସଂଗ୍ରହ ହୋଇଥିବା ତଥ୍ୟ ଉପସ୍ଥାପନ କରିଥିଲେ। ଏହା ଦୈନିକ ହାରାହାରି ୨୫.୫୯ ଟିକେଟ ବିକ୍ରି ହେଉଥିଲା ବେଳେ ରେଳ କର୍ତ୍ତୃପକ୍ଷ ଦୈନିକ ହାରାହାରି ୧୧ ଦର୍ଶାଇବା ଦୁର୍ଭାଗ୍ୟଜନକ ବୋଲି ପ୍ରତିନିଧିମାନେ ଆରୋପ କରିଥିଲେ। ଏହି ତଥ୍ୟକୁ ଡି ଆର ଏମ ଶ୍ରୀ ତ୍ରିପାଠୀ ପରୀକ୍ଷା କରି ଉପଯୁକ୍ତ ପଦକ୍ଷେପ ନେବେ ଓ ପୁରୀ -ବଡ଼ବିଲ- ପୁରୀ ଟ୍ରେନ କଣାସ ରୋଡ଼ରେ ରହଣି ପାଇଁ ସୁପାରିଶ କରିବେ ପ୍ରତିନିଧି ମଣ୍ଡଳଙ୍କୁ ଆଶ୍ୱାସନା ଦେଇଥିଲେ।

# ଅପମିଶ୍ରିତ ଛତୁଆ ; ତଦନ୍ତ ବାଟବଣା

**କଣାସ,୯।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର କଣାସ ବ୍ଲକରେ ନିମ୍ନମାନର ଛତୁଆ ଯୋଗାଣ କରାଯାଉଥିବା କିଛିଦିନ ତଳେ ଗଣମାଧ୍ୟରେ ପ୍ରଚାର କରାଯାଇଥିଲା। ଏହି ଅଭିଯୋଗ ଦୀର୍ଘ ଦିନ ତଳେ ପୁରୀ ଜିଲ୍ଲାପାଳ, ଉପଜିଲ୍ଲାପାଳ, କଣାସ ବିଡିଓ ଏବଂ କଣାସ ବ୍ଲକ ଶିଶୁ ବିକାଶ ଅଧିକାରିଣୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଛତୁଆ ନିମ୍ନମାନର ହେବା ସଂଗେ ସଂଗେ ପୋକ ସାଲୁବାଲ ହେଉଥିବା ଫୋଟ ପ୍ରକାଶ ପାଇଥିଲା। ନିମ୍ନମାନର ଛତୁଆ ଯୋଗାଣ ଅଭିଯୋଗକୁ ଉଚ୍ଚ ଅଧିକାରୀମାନେ ଗୁରୁତ୍ୱର ସହ ନେଇ ନାହାନ୍ତିବୋଲି ପୁରୀ ଜିଲ୍ଲା ଆପ୍ ଆଦମ୍ ପାର୍ଟି (ଆପ୍) ଆଭିଯୋଗ ଜିଲ୍ଲାପାଳଙ୍କ ନିକଟରେ କରିଥିବା ଜଣାପଡ଼ିଛି।

ଅଭିଯୋଗପରେ ଅଭିଯୋଗର ଦୀର୍ଘଦିନ ପରେ ମହିଳା ଓ ଶିଶୁ ବିକାଶ ତରଫରୁ ଏକ ତଦନ୍ତ ଦଳ ଶନିବାର ଦିନ ଆସି ତଦନ୍ତ କରି ଛତୁଆ ସାମ୍ପୁଲ ନେଇ ପରୀକ୍ଷା ପାଇଁ ତଦନ୍ତକାରୀ ଦଳ ପଠାଇଥିବା ଜଣାପଡ଼ିଛି। ଏହି ଛତୁଆ ପ୍ରସଂଗରେ ବିଧାନସଭାରେ ମଧ୍ୟ ପ୍ରଶ୍ନ କରାଯାଇଥିଲା। ଆପ୍ ଜିଲ୍ଲା ସଭାପତି ସଞ୍ଜିବ୍ କୁମାର ମହାନ୍ତି କହିଛନ୍ତି ଗତ ମାସୟରେ ଅପମିଶ୍ରତ ଛତୁଆକୁ ନେଇ ଅଭିଯୋଗ ହୋଇଥିଲା। କଣାସ ଅଞ୍ଚଳର ମା ଚଣ୍ଡି ସ୍ୱଂୟ ସହାୟକ ଗୋଷ୍ଠୀ ଏହି ଛତୁଆ ନିର୍ମାଣ କରି କଣାସ ବ୍ଲକର ୮୫ଟି ଅଙ୍ଗନବାଡି କେନ୍ଦ୍ରକୁ ପଠାଉଛନ୍ତି। ଯେଉଁମାନେ ଯାଞ୍ଚ କରିବା ଆସିଥିଲେ। ସେମାନେ ଛତୁଆ ପ୍ରସ୍ତୁତି ଚାଲିଥିବା ବେଳେ ପହଞ୍ଚି ଥିଲେ ପ୍ରକୃତ ରହସ୍ୟ ଉନ୍ମୋଚିତ ହୋଇପାରିଥାନ୍ତା। କିଛି ଦିନ ତଳେ କଣାସ ବ୍ଲକ ଶିଶୁ ମଙ୍ଗଳ ଅଧିକାରିଣୀ ରେଣୁବାଳା ମହାନ୍ତି କୁହନ୍ତି ପ୍ରତି ମାସ ୨୩ତାରିଖ ଦିନ ଛତୁଆର ସମସ୍ତ ପଦାର୍ଥ ମିଶ୍ରଣ କରାଯାଇ ଆମ ଉପସ୍ଥିତିରେ କରାଯାଉଛି। କିନ୍ତୁ ୨୩ତାରିଖ ଦିନ ତଦନ୍ତ ନ କରି ଅନ୍ୟଦିନ କିପରି ତଦନ୍ତ କରାଗଲା ଚୋରହାତରେ ଚାବିକାଠି ସଦୃଶ୍ୟ ବୋଲି ଆପ୍ ସଭାପତି ଅବିଯୋଗରେ ଦର୍ଶାଇଛନ୍ତି।

ଏ ସମ୍ପର୍କରେ କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ ସେ କୁହନ୍ତି ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ତଦନ୍ତକାରୀ ଦଳ ଆସିଥିଲେ। ଯେଉଁ ଦିନ ଛତୁଆ ପ୍ରସ୍ତୁତ କରାଯିବ ସେହିଦନ ମୁଁ ଯାଇ ତଦନ୍ତ କରିବି।

## ସୀମାନ୍ତ ଗ୍ରାମାଞ୍ଚଳରେ ୟୁଏଆଇଏଲ୍ ଆଣିଛି ସକାରାତ୍ମକ ପରିବର୍ତ୍ତନ

**ରାୟଗଡ଼ା,୯।୧୨ (ସଂଚାର ବ୍ୟୁରୋ):** ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ସୀମାନ୍ତ ଗ୍ରାମାଞ୍ଚଳରେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍ ଲିମିଟେଡ୍ ୟୁଏଆଇଏଲ୍‌ଙ୍କ ସିଏସଆର୍ ପଦକ୍ଷେପରେ ଗୁରୁତ୍ୱପୂର୍ଣ୍ଣ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି। କମ୍ପାନୀ ପକ୍ଷରୁ ଚାଲୁଥିବା ଉଦ୍ୟମି ପ୍ରକଳ୍ପ ଗ୍ରାମୀଣ ଅଞ୍ଚଳରେ ଆତ୍ମନିର୍ଭରତା ଓ ଅର୍ଥନୈତିକ ସ୍ୱାବଲମ୍ବନକୁ ବଳିୟାନ କରିଛି। ଏହି ପ୍ରକଳ୍ପ ଜରିଆରେ ରାୟଗଡା ଜିଲ୍ଲାର କାଶୀପୁର,ଓ କଳାହାଣ୍ଡି ଜିଲ୍ଲା ଥୁଆମୁଲ ରାମପୁର ବ୍ଲକର ୧୦୫ଟି ଗ୍ରାମରେ ସର୍ବମୋଟ ୩୦୧ଟି କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟି ହୋଇଛି। ଏହାଦ୍ୱାରା ସିଧାସଳଖ ଓ ପରୋକ୍ଷ ଭାବରେ ୨୪୮ଜଣଙ୍କୁ ନିଯୁକ୍ତିର ସୁଯୋଗ ମିଳିଛି।




ପୂର୍ବରୁ ଦାଦନ ଖଟିବାକୁ ବାହାରକୁ ଯାଉଥିବା ୩୭ଜଣ ଲୋକ ଏବେ ନିଜ ଗାଁରେ ରହି ରୋଜଗାର କରୁଥିବାରୁ ପାଳାୟନ ପ୍ରବୃତ୍ତିରେ ଲକ୍ଷଣୀୟ ହ୍ରାସ ଦେଖାଦେଇଛି। ଉଦ୍ୟମି ପ୍ରକଳ୍ପ ଅନ୍ତର୍ଗତ ଉଦ୍ୟୋଗୀମାନଙ୍କୁ ପ୍ରଶିକ୍ଷଣ, ପ୍ରାରମ୍ଭିକ ପାଣ୍ଠି, ଯାନ୍ତ୍ରିକ ଉପକରଣ, କଞ୍ଚାମାଲ୍ ଓ ବଜାରିକରଣ ସହାୟତା ଦିଆଯାଉଛି। ସେବା ଖଣ୍ଡରେ ୧୩୪ଟି, ଉତ୍ପାଦନ ଖଣ୍ଡରେ ୭୦ଟି ଓ ବ୍ୟବସାୟ ଭିତ୍ତିକ ଖଣ୍ଡରେ ୯୭ଟି ଉଦ୍ୟୋଗ ସଫଳତାର ସହିତ କାର୍ଯ୍ୟ କରୁଛି। ଟିକିରି ଅଞ୍ଚଳର ବ୍ୟବସାୟୀ ବାସୁଦେବ ବିଶୋଇ ଓ ମହିଳା ଉଦ୍ୟୋଗୀ ରୋଜାଲିନ ଖୋରା ପରି ଅନେକ ଲୋକ ଏହି ପ୍ରକଳ୍ପରୁ ଲାଭାନ୍ୱିତ ହୋଇ ଆଜି ସ୍ୱାବଲମ୍ବୀ ହୋଇପାରିଛନ୍ତି।

## ଲକ୍ଷ୍ମୀସାଗର ପୋଖରୀ ପୁନରୁଦ୍ଧାର ପାଇଁ ସିପିଆଇ ପକ୍ଷରୁ ଦାବିପତ୍ର ପ୍ରଦାନ



**ନୀଳଗିରି,୯।୧୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାର ନୀଳଗିରି ଏନ.ଏ,ସିର ସର୍ବ ପୁରାତନ ପୋଖରୀ ଲକ୍ଷ୍ମୀସାଗର ପୋଖରୀ କୁ ସୋର କେନାଲ ଡିଭିଜନ ପୋତି ଦେଇଥିଲା। ଉକ୍ତ ଘଟଣା କୁ ନିନ୍ଦା କରାଯାଇ ପୋଖରୀକୁ ପୁନରୁଦ୍ଧାର ପାଇଁ ସି ପି ଆଇ (ଏମ) ଦଳ ତରଫରୁ ଜିଲ୍ଲାପାଳ ବାଲେଶ୍ୱରଙ୍କ ଠାରେ ଦାବୀ କରାଯାଇଥିଲା। ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ ନୀଳଗିରି ତହସିଲଦାର ଙ୍କୁ ଲକ୍ଷ୍ମୀ ସାଗର ପୋଖରୀକୁ ପୁନରୁଦ୍ଧାର ପାଇଁ ଦାୟିତ୍ୱ ଦେଇଥିଲେ। ନୀଳଗିରି ତହସିଲଦାର ଉଭୟ ପକ୍ଷଙ୍କ କଥାକୁ ଆଲୋଚନା କରି ଲକ୍ଷ୍ମୀ ସାଗର ପୋଖରୀର ପୁନରୁଦ୍ଧାର ପାଇଁ ସୋର କେନାଲ ଡିଭିଜନକୁ ନିର୍ଦ୍ଦେଶ ଦେଇଥିଲେ। ସୋର କେନାଲ ଡିଭିଜନ ଉକ୍ତ କାର୍ଯ୍ୟକୁ ନଭେମ୍ବର ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବେ ବୋଲି ପ୍ରତିଶ୍ରୁତି ଦେଇ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର୪ଦିନ କାର୍ଯ୍ୟ କଲା ପରେ ବନ୍ଦ କରି ଦେଇଥିଲେ। ଦୁଃଖ ପରିତାପର ବିଷୟ ବର୍ତ୍ତମାନ ସୁଦ୍ଧା ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ। ଲକ୍ଷ୍ମୀ ସାଗର ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସିପିଆଇ (ଏମ) ର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ଯ ବିଜୟ କୁମାର ପାତ୍ର ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ଉପଜିଲ୍ଲାପାଳ ନୀଳଗିରି ଙ୍କୁଭେଟି ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି।

## ବର୍ଣ୍ଣପୁର ଲୋକ ମହୋତ୍ସବ ଓ ରାଜ୍ୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ

**ସୁବର୍ଣ୍ଣପୁର,୯।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଲୋକ ମହୋତ୍ସବ ଓ ରାଜ୍ୟ ସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୨୬ର ସଫଳ ଆୟୋଜନ ଓ ଅନୁଷ୍ଠିତ କରିବା ପାଇଁ ସଂସ୍କୃତି କମିଟିର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ଆଗାମୀ ସୁବର୍ଣ୍ଣପୁର ଲୋକ ମହୋତ୍ସବରେ ବିଭିନ୍ନ ଜିଲ୍ଲାର ସାଂସ୍କୃତିକ ଦଳ ଗୁଡିକ ଆମନ୍ତ୍ରଣ କରିବା ପାଇଁ ଚୟନ କରାଯାଇଥିଲା ଏବଂ ସମ୍ଭାବ୍ୟ ସାଂସ୍କୃତିକ ଦଳ ଗୁଡିକ ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଅର୍ଜୁନ ମାଝୀଙ୍କ ସମେତ ଅନେକ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



# ବିରଜା ମନ୍ଦିର ଅସୁରକ୍ଷିତ

**ଯାଜପୁର,୯।୧୨ (ସଂଚାର ବ୍ୟୁରୋ):** ଯାଜପୁରର ଗର୍ବ, ଆସ୍ଥା ଓ ଐତିହ୍ୟର ସଂଜୀବନୀ ମାଆ ବିରଜାଙ୍କ ମନ୍ଦିର। କିନ୍ତୁ ଏହି ତୀର୍ଥକ୍ଷେତ୍ରର ସୁରକ୍ଷା ଆଜି କାଗଜର ମିଥ୍ୟା ଆଶ୍ୱାସନ ଭିତରେ ବନ୍ଦୀ। ସରକାର ଯେତେ ସୁନ୍ଦର ପ୍ରକଳ୍ପ ଘୋଷଣା କରିଥାଉ, ବାସ୍ତବରେ ମନ୍ଦିର ଅଞ୍ଚଳର ଚିତ୍ର,ଅବହେଳା, ଅସୁରକ୍ଷା ଓ ଦାୟିତ୍ୱହୀନତାର ଜୀବନ୍ତ ଦଲିଲ। ଦେଖାଗଲା,ବିରଜା ମନ୍ଦିର ପୋଲିସ ଆଉଟ୍‌ପୋଷ୍ଟ କାଗଜରେ ଅଛି, କିନ୍ତୁ ତାହାର ଘର, ସଂରଚନା, ବ୍ୟବସ୍ଥା ସବୁ କିଛି ମୃତ୍ୟୁ ଶଯ୍ୟାରେ। ଏହି କ୍ଷେତ୍ରରେ ଥିବା କଥା ଜଣେ ହାବିଲଦାର ଓ ୧୦ ଜଣ କନେଷ୍ଟବଳ। ବାସ୍ତବରେ କେବଳ ୧ ଜଣ କନେଷ୍ଟବଳ ହାତରେ ସମସ୍ତ ମନ୍ଦିର ସୁରକ୍ଷା। ଥାନାରୁ ଦୁଇଜଣ କନେଷ୍ଟବଳ କେବେ କେବେ ଆସନ୍ତି ଏବଂ ସେଥିରେ ପ୍ରଶାସନର ଧାରଣା "ସୁରକ୍ଷା ଅଛି"। ହଜାରେ ହଜାରେ ଭକ୍ତ କେବଳ ୨—୩ ଗୋଟି କନେଷ୍ଟବଳ। ଏହା କେବଳ ଅସଫଳତା ନୁହେଁ, ଏହା ପ୍ରଶାସନୀୟ ପତନ। ମହିଳା ଶ୍ରଦ୍ଧାଳୁଙ୍କ ପାଇଁ ନିରାପତ୍ତା ଶବ୍ଦରେ ଅଛି, ବ୍ୟବହାରରେ ନାହିଁ। ମନ୍ଦିରରେ ମହିଳା କନେଷ୍ଟବଳ ସଂଖ୍ୟା ଶୂନ୍ୟ। ଏହାର ଫଳ ମହିଳା ଭକ୍ତଙ୍କ ପାଇଁ ଅସୁରକ୍ଷା,ଅପ୍ରିୟ ଘଟଣାର ଆଶଙ୍କା ପରିବାର ନେଇ ଆସୁଥିବା ଭକ୍ତମାନଙ୍କ ମନରେ ଭୟ।

ସ୍ଥାନୀୟ ଲୋକଙ୍କ କଥା ଏହି ପରିସ୍ଥିତିରେ ମହିଳା ଶ୍ରଦ୍ଧାଳୁଙ୍କୁ ଆତଙ୍କିତ କରିବା ଘଟଣା ଘଟିପାରେ,ପରେ କାହାର ଦାୟିତ୍ୱ ରହିବ?

ମନ୍ଦିର ସୌନ୍ଦର୍ଯ୍ୟକରଣ ଓ ପରିକ୍ରମା ପ୍ରକଳ୍ପ ଅଧାରୁ ରହି ଯାଇଛି। ପରିକ୍ରମା ପଥ, ସୌନ୍ଦର୍ଯ୍ୟକରଣ, ମନ୍ଦିର ବେଢ଼ା ସଜା, ପଥର ଖଞ୍ଜା ସବୁ କାମ ବର୍ଷ ହେଲା ପଡ଼ିରହିଛି। ମୁଖଶାଳା ସମ୍ମୁଖରେ ଭାଙ୍ଗିଥିବା ଖମ୍ବରେ ଖୋଲା ରଡ଼ ଦେଖା ହେଲାଣି। କିନ୍ତୁ ପ୍ରଶ୍ନ- ସରକାର କାହିଁକି ଦେଖୁନାହିଁ? ବିରୋଧୀମାନେ କାହିଁକି ନିରବ ମା' ବିରଜାଙ୍କ ସୁରକ୍ଷା କାହା ପାଇଁ ପ୍ରାଥମିକତା କାହିଁକି ନୁହେଁ? ମନ୍ଦିର ବେଢ଼ା ଓ ପରିସର ଫୋକ୍ସଲାଇଟ୍ ଦୀର୍ଘଦିନ ଧରି ବନ୍ଦ। ଏହା ମହିଳା ଶ୍ରଦ୍ଧାଳୁଙ୍କ ପାଇଁ ଅଧିକ ସୁରକ୍ଷା ଜଟିଳତା ସୃଷ୍ଟି କରୁଛି।